# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, August 1/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





## ସଂକ୍ଷେପରେ

### କରୋନା ସଂକ୍ରମିତ ଅନ୍ୟ କାରଣରୁ ମଲେ ଏହା କୋଭିଡ୍ ମୃତ୍ୟୁ: ହାଇକୋର୍ଟ

ପ୍ରୟାଗରାଜ,୩୧।୭(ପି.ଟି.): ଜଣେ ବ୍ୟକ୍ତି କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତ କିମ୍ବା ଶରୀରର ଅଙ୍ଗ ଅଚଳ ଅଥବା ଅନ୍ୟ ଯେକୌଣସି କାରଣରୁ ଯଦି ମୃତ୍ୟୁ ଘଟିଥାଏ, ତେବେ ତାହାକୁ କୋଭିଡ୍ ମୃତ୍ୟୁ ବିବେଚନା କରାଯିବ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୁସୁମଲତା ଯାଦବ ଓ ଅନ୍ୟମାନଙ୍କ ରିଟ୍ ପିଟିଶନଙ୍କୁ କାଏମ ରଖି ଜଷ୍ଟିସ ଏ.ଆର୍. ମାସୁଦି ଏବଂ ବିକ୍ରମ ଡି ଚୌହାନଙ୍କ ଖଣ୍ଡପୀଠ କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ ଅର୍ଥ ମାସେ ମଧ୍ୟରେ ପ୍ରଦାନ କରିବା ଲାଗି ରାଜ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବ ହେଲେ ୯ ପ୍ରତିଶତ ସୁଧ ସହ ଅର୍ଥ ପୈଠ କରିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ରାୟ ଦେଲା ବେଳେ କୋର୍ଟ କହିଥିଲେ, ରୋଗୀଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି ଓ ସେ କୋଭିଡ୍ ସଂକ୍ରମିତ ଥିବାର ପରୀକ୍ଷା ପ୍ରମାଣପତ୍ର ରହିଛି। ମେଡିକାଲ ରିପୋର୍ଟରେ ହୃଦ୍‌ଘାତ କିମ୍ବା ଅନ୍ୟ କିଛି ଉଲ୍ଲେଖ ଥିବାରୁ ମୃତ୍ୟୁ ପାଇଁ କୋଭିଡ୍-୧୯କୁ ଦାୟୀ କରାଯାଇପାରିବ ନାହିଁ ବୋଲି ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ଅଦାଲତ ଗ୍ରହଣ କରି ନ ଥିଲେ। କୋଭିଡ୍ ଏକ ସଂକ୍ରମଣ ଯାହା ରୋଗୀର ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଆଦି ଅଙ୍ଗକୁ ପ୍ରଭାବିତ କରି ମାରିପାରେ ବୋଲି କୋର୍ଟ କହିଥିଲେ।

### ସଞ୍ଜୟ ଅରୋରା ଦିଲ୍ଲୀ ପୋଲିସ କମିଶନର

ନୂଆଦିଲ୍ଲୀ, ୩୧।୭: ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ସଞ୍ଜୟ ଅରୋରାଙ୍କୁ ରବିବାର ଦିଲ୍ଲୀ ପୋଲିସ କମିଶନର ଭାବେ ନିଯୁକ୍ତ କରାଯାଇଛି। ଗୁଜରାଟ କ୍ୟାଡରର ରାକେଶ ଅସ୍ଥାନାଙ୍କ ସ୍ଥାନରେ ସଞ୍ଜୟ ଏହି ଦାୟିତ୍ୱ ଗ୍ରହଣ କରିବେ। ତାମିଲନାଡୁ କ୍ୟାଡରର ଆଇପିଏସ୍ ଅଫିସର ସଞ୍ଜୟ ଏବେ ଇଣ୍ଡୋ ତିବେତାନ୍ ବର୍ଡର ପୋଲିସ (ଆଇଟିବିପି) ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ।



ଅଗଷ୍ଟ ୧ରେ ସେ ଦିଲ୍ଲୀ ପୋଲିସ କମିଶନର ଭାବେ ଯୋଗଦେବେ। ସଞ୍ଜୟଙ୍କ ସ୍ଥାନରେ ସଶସ୍ତ୍ର ସୀମା ବଳର ମହାନିର୍ଦ୍ଦେଶକ ଏସ୍.ଏଲ୍ ଥୋମାସ୍ ଅତିରିକ୍ତ ଭାବେ ଆଇଟିବିପି ମହାନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ଜଙ୍ଗଲଦସ୍ୟୁ ବିରାପ୍ପାନଙ୍କୁ ଧରିବା ପାଇଁ ତାମିଲନାଡୁ ପୋଲିସ ଏସ୍‌ଟିଏଫ୍‌ରେ ସାମିଲ ହୋଇଥିବା ସଞ୍ଜୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବୀରତ୍ୱ ମେଡାଲ ପ୍ରଦାନ କରାଯାଇଥିଲା।

### ଚଳିତ ସପ୍ତାହରେ ନାନ୍ସିଙ୍କ ଏସିଆ ଗସ୍ତ

**ତାଇୱାନ କଥା ସ୍ପଷ୍ଟ କଲେନି**

ୱାଶିଂଟନ୍, ୩୧।୭: ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତକୁ ନେଇ ଚାଇନା ସହ ବିବାଦ ବଢ଼ିଥିବାବେଳେ ଚଳିତ ସପ୍ତାହରେ ସେ ଏସିଆ ଗସ୍ତ କରିବେ ବୋଲି ରବିବାର ସ୍ପଷ୍ଟ କରିଛନ୍ତି। ତେବେ ଏହି ଗସ୍ତସୂଚୀରେ ତାଇୱାନ କଥା ସେ ଉଠାଇନାହାନ୍ତି। ନାନ୍ସିଙ୍କ ସହ ଏକ ପ୍ରତିନିଧି ଦଳ ସିଙ୍ଗାପୁର, ମାଲେସିଆ, ଦକ୍ଷିଣ କୋରିଆ ଏବଂ ଜାପାନ ଗସ୍ତ କରି ବାଣିଜ୍ୟ କାରବାର, କୋଭିଡ୍-୧୯ ମହାମାରୀ, ଜଳବାୟୁ ପରିବର୍ତ୍ତନ, ସୁରକ୍ଷା, ଗଣତାନ୍ତ୍ରିକ ଶାସନ ଆଦି ପ୍ରସଙ୍ଗରେ ଆଲୋଚନା ହେବ ବୋଲି ନାନ୍ସି କହିଛନ୍ତି।



ନାନ୍ସି ପେଲୋସି



ରୁଷିଆର ନୌସେନା ଦିବସ ପାଳନ ଅବସରରେ ରବିବାର ସେଣ୍ଟ ପିଟର୍ସବର୍ଗରେ ଏସ୍ୟୁ ୨୫ ଜେଟ୍ ଯୁଦ୍ଧ ବିମାନର ସାମରିକ କୌଶଳ ପ୍ରଦର୍ଶନ।

## ପ୍ରତି ନାଗରିକ ସମ୍ବିଧାନ ଜାଣିବା ଜରୁରୀ

ନୂଆଦିଲ୍ଲୀ, ୩୧।୭

ସମ୍ବିଧାନ ସମସ୍ତଙ୍କ ପାଇଁ। ଏକ ସାମ୍ବିଧାନିକ ଗଣତନ୍ତ୍ର ସେତେବେଳେ ଅଗ୍ରଗତି କରିପାରିବ ଯେତେବେଳେ ନାଗରିକମାନେ ସେମାନଙ୍କ ସମ୍ବିଧାନ ପ୍ରଦତ୍ତ ଅଧିକାର ଏବଂ କର୍ତ୍ତବ୍ୟ ବାବଦରେ ଅବଗତ ହେବେ। କିନ୍ତୁ ଦୁଃଖର କଥା ଦେଶରେ ଅଧିକାଂଶ ଲୋକଙ୍କ ନିକଟରେ ସମ୍ବିଧାନ ବାବଦରେ କମ୍ ଜ୍ଞାନ ରହିଛି। ଏହା କେବଳ ଆଇନ ଛାତ୍ରୀଛାତ୍ର, ଓକିଲାତି କରୁଥିବା ବ୍ୟକ୍ତିବିଶେଷ ତଥା ଦେଶର ଏକ କ୍ଷୁଦ୍ର ବର୍ଗଙ୍କ ମଧ୍ୟରେ ସୀମିତ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏନ୍. ଭି. ରମନା କହିଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ ଅବଗତ କରାଯିବା ଉଚିତ। ସରଳ ଭାଷାରେ ଲୋକଙ୍କୁ ସମ୍ବିଧାନ ବିଷୟରେ ବୁଝାଇବା ଆବଶ୍ୟକ ବୋଲି ରବିବାର ଛତିଶଗଡ଼ର ରାୟପୁରସ୍ଥିତ ହିଦାୟାତୁଲ୍ଲା ନ୍ୟାଶନାଲ ଲ' ୟୁନିଭର୍ସିଟିରେ ଆୟୋଜିତ ଏକ ସମାରୋହରେ ଯୋଗ ଦେଇ ସିଜେଆଇ ରମନା କହିଛନ୍ତି।



ଜଷ୍ଟିସ୍ ଏନ୍. ଭି. ରମନା

ଏହି ଅବସରରେ ଜଷ୍ଟିସ୍ ରମନା ଆହୁରି କହିଥିଲେ, ସାମ୍ବିଧାନିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ସଚେତନତା ସୃଷ୍ଟି କରିବା ଆମ ସାମୂହିକ କର୍ତ୍ତବ୍ୟ। ଆଇନ ସାମାଜିକ ପରିବର୍ତ୍ତନର ଏକ ସାଧନ। ଆଇନ ଛାତ୍ରୀଛାତ୍ର ଏବଂ ଆଇନଜୀବୀମାନେ ସାମାଜିକ ନ୍ୟାୟର ଆଲୋକବର୍ତ୍ତିକା ହେବା ଉଚିତ। ସେମାନେ ସ୍ୱରହୀନଙ୍କ ସ୍ୱର ହୋଇ ଅସମାନତା ଦୂର କରିବାର ଯୋଗସୂତ୍ର ସ୍ଥାପନ କରିବା ଜରୁରୀ। ଏହି ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ ଯୁବ ପ୍ରତିଭାସମ୍ପନ୍ନ ମନ ଆବଶ୍ୟକ। ଜ୍ଞାନ ଓ ସୂଚନା ଜଣଙ୍କ ସବୁଠୁ ବଡ଼ ସମ୍ପତ୍ତି ବୋଲି ସିଜେଆଇ ପ୍ରକାଶ କରିଥିଲେ।

# ଝାଡ଼ଖଣ୍ଡ ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର

## ୩ ବିଧାୟକ ଗିରଫ, କଂଗ୍ରେସରୁ ନିଲମ୍ବିତ

**ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମ୍ଏମ୍-କଂଗ୍ରେସ ମେଣ୍ଟ ସରକାରକୁ ଭାଙ୍ଗିବା ପାଇଁ ଭାଜପା ଷଡ଼ଯନ୍ତ୍ର ରଚିଛି। ଏଥିପାଇଁ କଂଗ୍ରେସ ବିଧାୟକମାନଙ୍କୁ ୧୦ କୋଟି ଟଙ୍କା ଲାଞ୍ଚ ସହ ମନ୍ତ୍ରୀପଦ ଲୋଭ ଦେଖାଇଥିବା କଂଗ୍ରେସ ପକ୍ଷରୁ ରବିବାର ଅଭିଯୋଗ ଅଣାଯାଇଛି।**

ହାୱଡ଼ା/ରାଞ୍ଚି,୩୧।୭

ଝାଡ଼ଖଣ୍ଡର ୩ କଂଗ୍ରେସ ବିଧାୟକ ଇର୍ଫାନ ଅନସାରୀ, ରାଜେଶ କଚ୍ଛପ ଏବଂ ନମନ ଭିକ୍ସେଲ କୋଙ୍ଗାରି କାର୍‌ରେ ପାଖାପାଖି ୫୦ ଲକ୍ଷ ଟଙ୍କା ନେଇ ଝାଡ଼ଖଣ୍ଡର ଜମତରାରୁ ପଶ୍ଚିମବଙ୍ଗର ପୂର୍ବ ମେଦିନିପୁରକୁ ଯାଉଥିବାବେଳେ ଶନିବାର ପୋଲିସ ସେମାନଙ୍କୁ ହାୱଡ଼ା ଜିଲାରୁ ଧରିବା ସହ ଟଙ୍କା ଜବତ କରିଥିଲା। ୩ ବିଧାୟକଙ୍କ ସହ କାର୍ ଡ୍ରାଇଭର ଏବଂ ଅନ୍ୟ ଜଣେ ସହଯୋଗୀଙ୍କୁ ରବିବାର ଗିରଫ କରାଯାଇ ହାୱଡ଼ା ଜିଲା ଅଦାଲତରେ ହାଜର କରାଯାଇଛି।



ରାଜେଶ କଚ୍ଛପ



ଇର୍ଫାନ ଅନସାରୀ



ନମନ ଭିକ୍ସେଲ କୋଙ୍ଗାରି

**୫୦ ଲକ୍ଷ ସହ ଧରାପଡ଼ିଥିଲେ**

ହାୱଡ଼ା ଗ୍ରାମାଞ୍ଚଳ ପୋଲିସଠାରୁ ରାଜ୍ୟ ସିଆଇଡି ଘଟଣାର ତଦନ୍ତ ଦାୟିତ୍ୱ ନେଇଛି।

ଇତିମଧ୍ୟରେ କଂଗ୍ରେସ ୩ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିଛି। କୌଣସି ଦଳ ବିରୋଧୀ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଝାଡ଼ଖଣ୍ଡ ବ୍ୟାପାର ଦାୟିତ୍ୱରେ ଥିବା ଅବିନାଶ ପାଣ୍ଡେ କହିଛନ୍ତି। ଜାମତରା ବିଧାୟକ ଇର୍ଫାନ୍ ଅନସାରୀଙ୍କ ଭାଇ ଇମ୍ରାନ୍ କହିଛନ୍ତି, ପ୍ରତିବର୍ଷ ବିଧାୟକ ଆଦିବାସୀଙ୍କ ପାଇଁ ଉପହାର କିଣିଥାନ୍ତି। ଏଥର ସେ ସେମାନଙ୍କ ପାଇଁ ଶାଢ଼ି କିଣିବା ନିମନ୍ତେ କୋଲକାତାର ବଡ଼ ବଜାର ଯାଉଥିଲେ। ଭାଇଙ୍କୁ ଫସାଇ ଦିଆଯାଇଛି ବୋଲି ଇମ୍ରାନ ଅଭିଯୋଗ କରିଛନ୍ତି। ତେବେ ଏତେ ପରିମାଣର ଅର୍ଥ ସାଙ୍ଗରେ ନେଇ ଯିବାର କାରଣ ବିଧାୟକମାନେ ଦର୍ଶାଇ ପାରି ନ ଥିଲେ ବୋଲି ପୋଲିସ କହିଛି। ସେମାନଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର ସମେତ ଆଇପିସିର ବିଭିନ୍ନ ଧାରା ଏବଂ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଭାଜପା ଝାଡ଼ଖଣ୍ଡ ସରକାର ଭାଙ୍ଗିବା ପାଇଁ ଉଦ୍ୟମ ଚଳାଇଥିବା କଂଗ୍ରେସ ଅଭିଯୋଗ କରିଛି।

### ଯଚାଯାଇଥିଲା ୧୦ କୋଟି, ମନ୍ତ୍ରୀପଦ

ଝାଡ଼ଖଣ୍ଡରେ ଜେଏମ୍ଏମ୍ ନେତୃତ୍ୱାଧୀନ ମେଣ୍ଟ ସରକାର ଭାଙ୍ଗିବା ପାଇଁ ଭାଜପା ଉଦ୍ୟମ ଚଳାଇଥିବା କଂଗ୍ରେସ ରବିବାର ଅଭିଯୋଗ କରିଛି। ପଶ୍ଚିମବଙ୍ଗରେ ଝାଡ଼ଖଣ୍ଡର ୩ କଂଗ୍ରେସ ବିଧାୟକ ବିପୁଳ ଟଙ୍କା ସହ ଧରାପଡ଼ିବା ପରେ ଦଳ ପକ୍ଷରୁ ଏହା କୁହାଯାଇଛି। ରାଞ୍ଚିରେ ଏକ ଖବରଦାତା ସମ୍ମିଳନୀ କରି କଂଗ୍ରେସ ମନ୍ତ୍ରୀ ଆଲାମଗିର ଆଲାମ କହିଛନ୍ତି, ସରକାର ଭାଙ୍ଗିବା ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ କଂଗ୍ରେସର କେତେଜଣ ବିଧାୟକଙ୍କୁ ୧୦ କୋଟି ଲେଖାଏଁ ଟଙ୍କା ଯଚାଯିବା ସହ ଭାଜପା ସରକାର ଗଢ଼ିଲେ ମନ୍ତ୍ରୀପଦ ମିଳିବ ବୋଲି କୁହାଯାଇଥିଲା।



ଆଲାମଗିର ଆଲାମ

ହାୱଡ଼ାରେ ଗିରଫ ହୋଇଥିବା ୩ କଂଗ୍ରେସ ବିଧାୟକ ଇର୍ଫାନ ଅନସାରୀ, ରାଜେଶ କଚ୍ଛପ ଏବଂ ନମନ ଭିକ୍ସେଲ କୋଙ୍ଗାରି ଦଳର ଅନ୍ୟ ବିଧାୟକମାନଙ୍କୁ ଟଙ୍କା ଯାଚି ପ୍ରଲୋଭିତ କରିବାକୁ ଉଦ୍ୟମ କରୁଥିବାବେଳେ ବେର୍ମୋ ବିଧାୟକ କୁମାର ଜୟମଙ୍ଗଳ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ସୂଚନା ପାଇଁ ପଶ୍ଚିମବଙ୍ଗ ପୋଲିସ ଶନିବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକଙ୍କ ଏସ୍‌ୟୁଭିକୁ ପିଛା କରି ସେମାନଙ୍କୁ ଧରିଥିଲା। କୁମାର ଜୟମଙ୍ଗଳ କହିଛନ୍ତି, ତାଙ୍କୁ କୋଲକାତା ଆସିବାକୁ ରାଜେଶ ଏବଂ ନମନ କହିବା ସହ ଟଙ୍କା ଯାଚିଥିଲେ। ଇର୍ଫାନ୍ ଏବଂ ରାଜେଶ ତାଙ୍କୁ କୋଲକାତାରୁ ଗୁଆହାଟୀ ନେଇଥାନ୍ତେ। ସେଠାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ବୈଠକ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା ବୋଲି ଜୟମଙ୍ଗଳ ଅଭିଯୋଗ କରିଛନ୍ତି। ସେ ୩ ବିଧାୟକଙ୍କ ନାମରେ ଆର୍ଗୋରା ଥାନାରେ ଏତଲା ଦେବା ସହ ସେମାନଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଓ ଆଇପିସିର ଧାରା ୧୨୦ରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ପ୍ରୋଫାଇଲ ଫଟୋରେ ତ୍ରିରଙ୍ଗା ରଖ: ମୋଦି

ନୂଆଦିଲ୍ଲୀ,୩୧।୭

ଆଗକୁ ସ୍ୱାଧୀନତା ଦିବସ ଥିବାବେଳେ ଦେଶବାସୀ ଅଗଷ୍ଟ ୨ରୁ ୧୫ ମଧ୍ୟରେ ସେମାନଙ୍କ ସୋସିଆଲ ମିଡିଆ ପ୍ରୋଫାଇଲରେ ଜାତୀୟ ପତାକା ତ୍ରିରଙ୍ଗାକୁ ଡିସ୍‌ପ୍ଲେ ପିକ୍ଚର ଭାବେ ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ରବିବାର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ କହିଥିଲେ, ଅଗଷ୍ଟ ୧୩ରୁ ୧୫ ପ୍ରତ୍ୟେକଙ୍କ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ଅଭିଯାନ ଆୟୋଜିତ ହେବ। ସ୍ୱାଧୀନତାର ୭୫ ବର୍ଷ ଅବସରରେ ପାଳିତ ହେଉଥିବା ଆଜାଦୀ କା ଅମୃତ ମହୋତ୍ସବର ଏହା ଏକ ଅଂଶ।



ଜାତୀୟ ପତାକାର ଡିଜାଇନ କରିଥିବା ପିଙ୍ଗଲି ଭେଙ୍କାୟାଙ୍କ ଜନ୍ମବାର୍ଷିକୀ ଅଗଷ୍ଟ ୨ରୁ ସୋସିଆଲ ମିଡିଆ ପ୍ରୋଫାଇଲ ଫଟୋ ବଦଳାଇବା କାର୍ଯ୍ୟ ଆରମ୍ଭ କରିବାକୁ ଧାର୍ଯ୍ୟ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ହର୍ ଘର ତିରଙ୍ଗା ଅଭିଯାନରେ ପଲିଷ୍ଟର, ସୂତା, ରେଶମ, ସିଲ୍କ, ଖଦିରେ ପ୍ରସ୍ତୁତ ଜାତୀୟ ପତାକା ବ୍ୟବହାର କରାଯାଇପାରିବ। ୩ ଦିନ ପାଇଁ ୨୦ କୋଟିରୁ ଊର୍ଦ୍ଧ୍ୱ ଜାତୀୟ ପତାକା ଘର ଉପରେ ଉଡ଼ାଇବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ଭାରତ ଖେଳନା ଉତ୍ପାଦନର କେନ୍ଦ୍ରସ୍ଥଳ ପାଲଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପୂର୍ବରୁ ବିଦେଶରୁ ୩ ହଜାର କୋଟି ଟଙ୍କାର ଖେଳନା ଆମଦାନି ହେଉଥିବାବେଳେ ଏହା ୭୦ ପ୍ରତିଶତ ହ୍ରାସ ପାଇଛି। ଅନ୍ୟପକ୍ଷରେ ଭାରତ ୨୬୦୦ କୋଟି ଟଙ୍କାର ଖେଳନା ରପ୍ତାନି କରୁଛି ବୋଲି ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ କହିଛନ୍ତି।

### ଆଇଏସ୍ ଲିଙ୍କ୍: ୬ ରାଜ୍ୟରେ ଏନ୍‌ଆଇଏ ଚଢ଼ାଉ

ନୂଆଦିଲ୍ଲୀ,୩୧।୭(ପି.ଟି.)

ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ ସହ ସମ୍ପୃକ୍ତିକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ରବିବାର ମଧ୍ୟପ୍ରଦେଶ, ଗୁଜରାଟ, ବିହାର, କର୍ନାଟକ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶର ୧୩ଟି ସ୍ଥାନରେ ଚଢ଼ାଉ କରିଛି। ମଧ୍ୟପ୍ରଦେଶର ଭୋପାଳ ଏବଂ ରାଇସେନ ଜିଲା, ଗୁଜରାଟର ଭରୁଚ, ସୁରଟ, ନଭସାରି ଓ ଅହମଦାବାଦ ଜିଲା, ବିହାରର ଅରାରିଆ, କର୍ନାଟକର ଭଟକଲ ଓ ଟୁମକୁର, ମହାରାଷ୍ଟ୍ରର କୋହ୍ଲାପୁର ଓ ନାଣ୍ଡେଡ୍ ଏବଂ ଉତ୍ତରାଖଣ୍ଡର ଦେଓବନ୍ଦ ଜିଲାରେ ଚଢ଼ାଉ ବେଳେ କେତେକ ଆପରାଧିକ ଦସ୍ତାବିଜ ଜବତ ହୋଇଛି।

### ଶାରୀରିକ ସ୍ପର୍ଶରୁ ମଙ୍କିପକ୍ସ ସଂକ୍ରମଣ ହୋଇପାରିବ: ବିଶେଷଜ୍ଞ

ନୂଆଦିଲ୍ଲୀ,୩୧।୭(ପି.ଟି.)

ଯୌନ ଅଭିଳାଷ ନ ଥାଇ ମଧ୍ୟ ଘନିଷ୍ଠ ଶାରୀରିକ ସ୍ପର୍ଶରୁ ମଙ୍କିପକ୍ସ ସଂକ୍ରମଣ ହୋଇପାରେ। ସଂକ୍ରମଣ ପାଇଁ ସମୁଦାୟ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟକୁ ଦାୟୀ କରାଯିବା ଏଡ୍ସ ମହାମାରୀ ସମୟର ଭୁଲ୍‌ର ପୁନରାବୃତ୍ତି ହେବ ବୋଲି ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଏବଂ ଅଧିକାର କର୍ମୀମାନେ ମତ ଦେଇଛନ୍ତି। ପୁରୁଷଙ୍କର ଅନ୍ୟ ପୁରୁଷ ସହ ଯୌନ ସମ୍ପର୍କରୁ ମଙ୍କିପକ୍ସ ହେଉଥିବା ଖବର ପ୍ରକାଶ ପାଇବା ପରେ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଏହି ରୋଗ କେବଳ ଏଲ୍‌ଜିବିଟିକ୍ୟୁଙ୍କ ମଧ୍ୟରେ ସଂକ୍ରମିତ ହେଉନାହିଁ ବୋଲି ସମାନ ଅଧିକାର କର୍ମୀ ହରିଶ ଆୟାର କହିଛନ୍ତି। ପ୍ରାଇଡ୍ ମାସରେ ଉକ୍ତ ସମ୍ପ୍ରଦାୟ ବିଭିନ୍ନ ଉତ୍ସବରେ ଏକାଠି ହେଉଥିବାରୁ ସଂକ୍ରମଣ ବଢ଼ିଥାଏ। ଏଥିପାଇଁ ସେମାନଙ୍କୁ ଦାୟୀ କରିବା ଠିକ୍ ନୁହେଁ ବୋଲି ଆୟାର କହିଛନ୍ତି।

## ଭାରତ ମହାସାଗରରେ ଖସିଲା ଚାଇନା ରକେଟ ଭଗ୍ନାଂଶ

ୱାଶିଂଟନ୍, ୩୧।୭

ଚାଇନା ଗତ ସପ୍ତାହରେ ମହାକାଶକୁ ଛାଡ଼ିଥିବା 'ଲଙ୍ଗ୍ ମାର୍ଚ ୫ବି'(ସିଜେଡ୍-୫ବି) ରକେଟର ଭଗ୍ନାବଶେଷ ଶନିବାର ବିଳମ୍ବିତ ରାତିରେ ଭାରତ ମହାସାଗରରେ ଖସିଛି। ଏହି ସ୍ପେସ୍ ଆବର୍ଜନାର ଓଜନ ପ୍ରାୟ ୨୫ ଟନ୍ ହେବ। ଆମେରିକା ସ୍ପେସ୍ ଏଜେନ୍ସି ନାସା ଏବଂ ଚାଇନା ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ରକେଟ ଭଗ୍ନାଂଶର ଅଧିକାଂଶ ଭାଗ ବାୟୁମଣ୍ଡଳରେ ହିଁ ଜଳିଯାଇଥିଲା। ପରେ ତାହା ଫିଲିପାଇନ୍ସରେ ସମୁଦ୍ର ମଧ୍ୟକୁ ଖସିଥିଲା। ମାଲେସିଆ ଆକାଶରେ ରକେଟ ଭଗ୍ନାବଶେଷ ଜଳୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଚାଇନା ପକ୍ଷରୁ ଆଗୁଆ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା ବୋଲି ନାସା ଆଡମିନିଷ୍ଟ୍ରେଟର ବିଲ୍ ନେଲସନ୍ ବେଜିଂକୁ ସମାଲୋଚନା କରିଛନ୍ତି। ଏପରି ହେଲେ ସତର୍କତାମୂଳକ ପଦକ୍ଷେପ ଅଭାବରୁ ମହାକାଶୀୟ ଆବର୍ଜନା ପୃଥିବୀ ପୃଷ୍ଠରେ ଖସି ଧନଜୀବନ ନଷ୍ଟ କରିବାର ଆଶଙ୍କା ବଢ଼ିବ ବୋଲି ସେ କହିଛନ୍ତି।





ପ୍ରକାଶ ଯେ, ଚାଇନା ନିଜ ମହତ୍ତ୍ୱାକାଂକ୍ଷୀ ମହାକାଶ ଅଭିଯାନ ଭାବେ ସ୍ପେସ୍‌ରେ ତିଆଙ୍ଗଓଙ୍ଗ୍ ଷ୍ଟେଶନ ନିର୍ମାଣ କରୁଛି। ଏକ ଲାବୋରେଟୋରି ମଡ୍ୟୁଲକୁ ଉକ୍ତ ସ୍ପେସ୍ ଷ୍ଟେଶନକୁ ପଠାଇବା ପାଇଁ ଚାଇନା ଗତ ସପ୍ତାହରେ ଲଙ୍ଗ୍ ମାର୍ଚ୍ଚ ୫ବି ରକେଟ ଉତ୍କ୍ଷେପଣ କରିଥିଲା।

## ଲାଡେନଙ୍କ ଦାନ ଗ୍ରହଣ କରିଛନ୍ତି ଚାର୍ଲ୍ସ

ଲଣ୍ଡନ, ୩୧।୭

ବ୍ରିଟେନ ପ୍ରିନ୍ସ ଚାର୍ଲ୍ସ ଆମେରିକାରେ ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଓସାମା ବିନ୍ ଲାଡେନ୍‌ଙ୍କ ଠାରୁ ଦାନ ଅର୍ଥ ଗ୍ରହଣ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଅଲ୍-କାଏଦା ସଙ୍ଗଠନର ଏହି ନିହତ ଆତଙ୍କବାଦୀଙ୍କ ପରିବାର ୨୦୧୩ରେ ଚାର୍ଲ୍ସଙ୍କ ଏକ ଦାତବ୍ୟ ସଂସ୍ଥାକୁ ପ୍ରାୟ ୧.୧୯ ନିୟୁତ ଡଲାର ଦେଇଥିଲେ। ଏପରି କି ୭୩ ବର୍ଷୀୟ ଚାର୍ଲ୍ସ ଅଲ୍-କାଏଦା ପ୍ରତିଷ୍ଠାତା ଲାଡେନ୍‌ଙ୍କ ସାବତ ଭାଇ ବକର(୭୬)ଙ୍କୁ ଲଣ୍ଡନରେ ଭେଟି ତାଙ୍କଠାରୁ ଏହି ଦାନ ଗ୍ରହଣ କରିବା ପାଇଁ ରାଜି ହୋଇଥିଲେ ବୋଲି ସନ୍‌ଡେ ଟାଇମ୍ସରେ ପ୍ରକାଶିତ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ କୌଣସି ମନ୍ଦ ଉଦ୍ଦେଶ୍ୟରେ ଲାଡେନ୍‌ଙ୍କ ପରିବାର ଅର୍ଥ ଦାନ କରିଥିଲେ କି ନା ସେ ସମ୍ପର୍କରେ ରିପୋର୍ଟରେ ଦର୍ଶାଯାଇନାହିଁ।



ପ୍ରିନ୍ସ ଚାର୍ଲ୍ସ



ଓସାମା ବିନ୍ ଲାଡେନ୍

ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଚାର୍ଲ୍ସଙ୍କ କେତେଜଣ ବରିଷ୍ଠ ପରାମର୍ଶଦାତା ଉକ୍ତ ଦାନଅର୍ଥକୁ ଫେରାଇ ଦେବା ପାଇଁ ତାଙ୍କୁ କହିଥିଲେ। ହେଲେ ଏହା ପ୍ରିନ୍ସଙ୍କ ବ୍ୟକ୍ତିଗତ ନିଷ୍ପତ୍ତି କହି ଚାର୍ଲ୍ସଙ୍କ ହାଉସ୍ ଅଫିସ୍ ଏହି ପରାମର୍ଶ ଗ୍ରହଣ କରିବାକୁ ମନା କରିଥିଲା। ପ୍ରିନ୍ସ ଅଫ୍ ୱେଲ୍ସ ଚାରିଟେବୁଲ ଫଣ୍ଡ (ପିଡବ୍ଲ୍ୟୁସିଏଫ୍) ଅଧ୍ୟକ୍ଷ ଇଆନ୍ ଚେଶିରେ କହିଛନ୍ତି, ସେତେବେଳେ ୫ ଟ୍ରଷ୍ଟି ସଦସ୍ୟ ଏହି ଡୋନେଶନ ରଖିବାକୁ ସହମତ ହୋଇଥିଲେ। ଚାର୍ଲ୍ସଙ୍କ ଆଉ ଏକ ଦାତବ୍ୟ ସଂସ୍ଥା ଜଣେ ସାଉଦି ବ୍ୟବସାୟୀଙ୍କୁ 'ସମ୍ମାନ ପାଇଁ ଟଙ୍କା' ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଗତ ଫେବୃୟାରୀରୁ ବ୍ରିଟିଶ ପୋଲିସ ଏହାର ତଦନ୍ତ କରୁଛି। ଏ ନେଇ ଉକ୍ତ ଦାତବ୍ୟ ସଂସ୍ଥା ପ୍ରିନ୍ସ ଫାଉଣ୍ଡେଶନର ମୁଖ୍ୟ ଗତବର୍ଷ ଇସ୍ତଫା ଦେଇଥିଲେ।

**ପ୍ରିନ୍ସଙ୍କ ଦାତବ୍ୟ ସଂସ୍ଥାକୁ ୧.୧୯ ନିୟୁତ ଡଲାର ଦେଇଛନ୍ତି ଓସାମାଙ୍କ ପରିବାର**

ଧରିତ୍ରୀ
DHARITRI
ସୋମବାର, ଅଗଷ୍ଟ ୧/୨୦୨୨ Monday, August 1/2022



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କନିଅାଁ ମାଆ;**
**କାଟିବାକୁ ଦିଏ ଦାଆ,**
**ଯହସତ କରି ଖରାବେଳେ କହେ**
**ବେଣା କାଟି ଯାଆ।**

ମା' ଯେମିତି ପିଲାଙ୍କ ଯତ୍ନ ନେଇଥାଏ ଓ ସ୍ନେହ ଶ୍ରଦ୍ଧା କରିଥାଏ, ତାହା ସେମିତି ଆଉ କେହି କରିପାରି ନ ଥାନ୍ତି। ସାବତ ମା' କେବେ ଜନ୍ମଦାତ୍ରୀ ମା ପରି ହୋଇପାରି ନ ଥାଏ। କେବେ ବି ସେ ଜନ୍ମକଲା ମା' ପରି ପିଲା ମନର ଭାବ, ଆବେଗ ବୁଝିପାରି ନ ଥାଏ। ଅନେକ ସମୟରେ ଏଭଳି ମା' ଠାରୁ ହତାଦର ବା ଅବହେଳାର ଶିକାର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କପଟ ବଚନ ପିତା ତିଅଣ ଲୋ**
**ପାସୋର ନ ଯାଏ ମନୁ**
**ଦିନ ଦିନ କଥା ମନରେ ପଡ଼ିଲେ**
**ଘାରି ହେଉଥାଏ ତନୁ।**

କପଟ ବଚନ ମନକୁ ଭାରାକ୍ରାନ୍ତ କରିଥାଏ। କପଟ ବଚନ ଦ୍ୱାରା ଆଘାତପ୍ରାପ୍ତ ତନୁମନ ବହୁକାଳ ଧରି ଅବିସ୍ମୃତ ରୁହେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜିର ମନ୍ତବ୍ୟ

"ମହିଳାଙ୍କୁ ସଶକ୍ତ କରିବାକୁ ହେଲେ କାର୍ଯ୍ୟସ୍ଥଳରେ ସେମାନଙ୍କ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ବାତାବରଣ ସୃଷ୍ଟିକରି ସମାନ ସୁଯୋଗ ପ୍ରଦାନ କରାଯିବା ଜରୁରୀ।
–ଭୂପେନ୍ଦ୍ର ଯାଦବ, କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ

# ଘର ଆଗରେ ଗହଳି ନ କରିବାକୁ ଅନୁରୋଧ କଲେ ଅପରାଜିତା

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ଅଭିନେତା ବାବୁସାନ ମହାନ୍ତି, ସ୍ତ୍ରୀ ତୃପ୍ତି ଓ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ଏବେ ବି ଚର୍ଚ୍ଚା ଲାଗି ରହିଛି। ଏଥିସହ ଷ୍ଟାର୍ ପରିବାରରେ ସୃଷ୍ଟି ହୋଇଥିବା ଅଶାନ୍ତିର ସମାଧାନ ପାଇଁ ଉଦ୍ୟମ ଚାଲିଛି। ଅପଡେଟ୍ ଜାଣିବା ଲାଗି ରାଜ୍ୟବାସୀ ଉତ୍ସୁକତାର ସହ ଚାହିଁ ରହିଥିବାବେଳେ ଗଣମାଧ୍ୟମ ପ୍ରତିନିଧି ଷ୍ଟାର୍‌ଙ୍କ ଘର ଆଗରେ ଭିଡ଼ ଲଗାଉଛନ୍ତି। ଏପରିସ୍ଥିତିରେ ବାବୁସାନ୍‌ଙ୍କ ମା' ତଥା ବରିଷ୍ଠ ଅଭିନେତ୍ରୀ ଅପରାଜିତା ମହାନ୍ତି ଏକ ଭିଡିଓ ଜାରି କରି କହିଛନ୍ତି, ପରିବାରକୁ ଏକୁଟିଆ ଛାଡ଼ି ଦିଅନ୍ତୁ। ସାହାଯ୍ୟ ସହଯୋଗ ପାଇଁ ସବୁ ମିଡିଆକୁ ଆମ ପରିବାର ତରଫରୁ ଧନ୍ୟବାଦ ଜଣାଉଛୁ। ଏବେ ଉତ୍ତମ ବାବୁ ଓ ବଡ଼ ଭିଣୋଇଙ୍କ ଦେହ ଭଲ ନାହିଁ। କେତେବେଳେ ଆମ୍ବୁଲାନ୍ସ ଦରକାର ପଡ଼ିବ କହିହେବ ନାହିଁ। ୧୦ ଦିନ ହେଲାଣି ମିଡିଆ ଆମ ଘର ସାମ୍ନାରେ ଛିଡ଼ା ହୋଇଥିବାରୁ ଗହଳି ହେଉଛି । ଲୋକେ ଠିକ୍‌ରେ ଯିବା ଆସିବା କରି ନ ପାରି ହଇରାଣ ହେଉଛନ୍ତି। ତେଣୁ ଆମକୁ ଏକୁଟିଆ ଛାଡ଼ି ଦିଅନ୍ତୁ ବୋଲି ଅପରାଜିତା ଅନୁରୋଧ କରିଛନ୍ତି। ସେପଟେ ଅଭିନେତା ରବି ମିଶ୍ର ମଧ୍ୟ ଗଣମାଧ୍ୟମକୁ ବିରତ ରହିବାକୁ ଅପିଲ୍ କରିଛନ୍ତି । ବାବୁ-ତୃପ୍ତି କଥା ହୋଇଛନ୍ତି, ସବୁ ଠିକଠାକ୍ ଅଛି। ଶନିବାର ବାବୁସାନଙ୍କ ବାର୍ଥଡେ'ରେ ତାଙ୍କ ଶ୍ୱଶୁର ସାମିଲ ହେବା ଏହାର ପ୍ରମାଣ ବୋଲି କହିଛନ୍ତି ରବି ମିଶ୍ର।

### ବାବୁସାନ୍-ତୃପ୍ତି-ପ୍ରକୃତି ବିବାଦ

ଏପଟେ ପୂରା ଘଟଣାକ୍ରମକୁ ଦେଖିଲେ ପୁଅବୋହୂଙ୍କ ସଂସାର ସଜାଡିବାରେ ନାୟିକା ଭୂମିକା ନିର୍ବାହ କରୁଛନ୍ତି ଅପରାଜିତା ମହାନ୍ତି। ଜୁଲାଇ ୨୩ ସତ୍ୟନଗର ରାସ୍ତାରେ ହାଇଡ୍ରାମା ଘଟଣା ପରେ ଅପରାଜିତା ବୋହୂ ତୃପ୍ତି ଶତପଥୀଙ୍କ ବାପଘରକୁ ଯାଇ ତାଙ୍କୁ ସମର୍ଥନ ଦେଇଥିଲେ। ଏପରିକି ତୃପ୍ତିଙ୍କ ସହ ନିଜେ ଖାରବେଳନଗର ଥାନାକୁ ଯାଇଥିଲେ। ସେଠାରେ ଅପରାଜିତାଙ୍କ ଉପସ୍ଥିତିରେ ତୃପ୍ତି ସ୍ୱାମୀ ବାବୁସାନ ଓ ପ୍ରକୃତିଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଅପରାଜିତାଙ୍କ ଏପରି ପଦକ୍ଷେପକୁ ଲୋକେ ସାବାସି ଦେବାସହ ଜଣେ ଭଲ ଶାଶୁ ଭାବେ ପ୍ରଶଂସା କରିଥିଲେ। ସେହିପରି ବାବୁସାନ ଚେନ୍ନାଇରେ ଥିବାବେଳେ ପୁଅ ଭଲରେ ଫେରିଆସୁ ବୋଲି ସେ ସମସ୍ତଙ୍କୁ ଆକୁଳ ନିବେଦନ କରିଥିଲେ। ବାବୁସାନ ଫେରିଆସିବା ପରେ ପୁଅକୁ ଯେମିତି ପାଖରୁ ଛାଡୁ ନାହାନ୍ତି ମା' ଅପରାଜିତା। ପୁଅବୋହୂଙ୍କ ସଂସାରକୁ ଯୋଡ଼ିବା ପାଇଁ ଉଦ୍ୟମ ଚଳାଇଛନ୍ତି। ପୁଅ ଜନ୍ମଦିନରେ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ବାବୁସାନଙ୍କ ସହ ଖାରବେଳନଗର ଥାନାକୁ ଯାଇଥିଲେ ଅପରାଜିତା। ଫଳରେ ଅପରାଜିତାଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ରାସ୍ତାରେ ବୁଲୁଛି ବାଘ: ଲୋକେ ଆତଙ୍କିତ

**ରିଆମାଳ, ୩୧।୭(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳରେ ବାଘ ଆତଙ୍କ ସୃଷ୍ଟି ହୋଇଛି। ଏକ କଲରାପତରିଆ ବାଘ ଶନିବାର ସନ୍ଧ୍ୟାରେ ରିଆମାଳ-ରାମପାଲି ଜଙ୍ଗଲ ରାସ୍ତାର କ୍ରଶର ନିକଟରେ ଦେଖାଯାଇଥିଲା। କାରରେ ଯାଉଥିବା ଲୋକ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଏହି ବାଘ ବୁଲୁଥିବା ଦେଖି ଫଟୋ ଉଠାଇ ପୋଲିସକୁ ଦେଇଥିଲେ। ରିଆମାଳ ଥାନା ଅଧିକାରୀ ଲଳିତା ପ୍ରଧାନ ଏବାବଦରେ ବନ ବିଭାଗକୁ ଜଣାଇଛନ୍ତି। ଗତିବିଧି ନିରୀକ୍ଷଣ ପାଇଁ ପୋଲିସ କର୍ମଚାରୀଙ୍କୁ ପଠାଇଥିଲେ। ଖବରପାଇ ବନବିଭାଗର ରେଞ୍ଜର ନିରଞ୍ଜନ ଧରୁଆ ସଦଳବଳ ପହଞ୍ଚି ପାଟ୍ରୋଲିଂ କରୁଛନ୍ତି। ତେବେ ଏହି ରାସ୍ତାରେ ରାତିରେ ଲୋକମାନଙ୍କୁ ଯିବାକୁ ମନା କରାଯାଇଛି। ଜଙ୍ଗଲକୁ ଯିବା ପାଇଁ ମଧ୍ୟ ମନା କରାହୋଇଛି। ବାଘ ଦେଖାଯିବା ଖବର ଚାରିଆଡ଼େ ଆତଙ୍କ ଖେଳିଯିବାରୁ ସମସ୍ତେ ଭୟଭୀତ ହୋଇଛନ୍ତି। ଏହି ରାସ୍ତା ସଂଲଗ୍ନ ଜଙ୍ଗଲରେ ପୂର୍ବରୁ କେବେ ବାଘ ଦେଖାଯାଇ ନ ଥିବାବେଳେ ବାଘ କେଉଁଆଡୁ ଆସିଲା ତାହା ଜଣାପଡ଼ିନାହିଁ।


ପୋଲିସଠାରୁ ମିଳିଥିବା ରାସ୍ତା ପାର୍ଶ୍ୱ ଜଙ୍ଗଲରେ ବାଘ ବୁଲୁଥିବାର ଫଟୋ।

# ଆଜିଠୁ ୬,୮୯୧ ନବନିଯୁକ୍ତ ଶିକ୍ଷକଙ୍କୁ ମିଳିବ ପ୍ରଶିକ୍ଷଣ

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ରାଜ୍ୟ ସରକାର ୬,୮୯୧ ମାଧ୍ୟମିକ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ଉକ୍ତ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବା ଲାଗି ଏକ ୨ ଦିନିଆ ଶିବିର ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ସୋମବାର ଅପରାହ୍ଣ ୫ଟା ୧୦ ମିନିଟ୍‌ରେ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ଆସିବା ଲାଗି ବସ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏପରିକି ସରକାରଙ୍କ ତରଫରୁ ସେମାନଙ୍କ ରହଣୀ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ କେତେଜଣଙ୍କୁ ନିଯୁକ୍ତି ପତ୍ର ମଧ୍ୟ ପ୍ରଦାନ କରିବେ। ଏହାପରେ ନୂତନ ଭାବେ ନିଯୁକ୍ତି ପାଇଥିବା ସମସ୍ତଙ୍କୁ ସେମାନଙ୍କ ଆଗାମୀ ଯୋଜନା ବିଷୟରେ କହିବାକୁ ସୁଯୋଗ ଦିଆଯିବ। ଏହାସହ ପିଲାମାନଙ୍କୁ ପାଠ ପଢାଇବା କ୍ଷେତ୍ରରେ ୫-ଟି ସ୍କୁଲରେ ଯେଉଁସବୁ ବ୍ୟବସ୍ଥା ହୋଇଛି ତା'ର ଉପଯୁକ୍ତ ବ୍ୟବହାର ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାପଡିଛି।

# ହସ୍ପିଟାଲରୁ ଚିକିତ୍ସାଧୀନ କଏଦୀ ଫେରାର

**ଝାରସୁଗୁଡ଼ା ଅଫିସ,୩୧।୭**

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ବିଚାରାଧୀନ କଏଦୀ ଶନିବାର ବିଳମ୍ବିତ ରାତିରେ ଜେଲ ୱାର୍ଡରଙ୍କୁ ଚକ୍‌ମା ଦେଖାଇ କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ସେ ହେଲେ ବିହାର ରାଜ୍ୟ ମାଧୋପୁର ଥାନା ବୋଥନା ଗ୍ରାମର ଇନ୍ଦ୍ରଜିତ ସାହାଣୀ(୨୫)। ଏହା ଜଣାପଡିବା ପରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀକାନ୍ତ ଧାଙ୍ଗଡ଼ା ମାଝି ଝାରସୁଗୁଡ଼ା ଟାଉନ ଥାନାରେ ଇନ୍ଦ୍ରଜିତଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୪୩୬/୨୨) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ମାଝି ହସ୍ପିଟାଲରେ କଏଦୀଙ୍କୁ ଜଗିରହିଥିବା ଜେଲ ୱାର୍ଡର କିଶୋର କୁମାର ଯୋଶୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେହିପରି ଏହି ଦାୟିତ୍ୱରେ ଥିବା ଅନ୍ୟ ୨ଜଣ ୱାର୍ଡର ରାଜେଶ କୁଲୁ ଓ ସନ୍ତୋଷ ମିଞ୍ଜଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ଫେରାର କଏଦୀଙ୍କୁ ଧରିବା ପାଇଁ ଜେଲ କର୍ତ୍ତୃପକ୍ଷ ଓ ପୋଲିସ ତରଫରୁ ତନାଘନା ଚାଲିଥିବା ସୁପରିଣ୍ଟେଣ୍ଡେଣ୍ଟ ମାଝି କହିଛନ୍ତି। ସୂଚନାଯୋଗ୍ୟ ବ୍ରଜରାଜନଗରରୁ ଏକ ଟ୍ରକ୍ ଚୋରି ଅଭିଯୋଗରେ ଓରିଏଣ୍ଟ ଥାନା ପୋଲିସ ଇନ୍ଦ୍ରଜିତଙ୍କୁ ଗିରଫ କରି ଗତ ୨୬ତାରିଖରେ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ହାଜର ହେବା ପରେ ମାଜିଷ୍ଟ୍ରେଟ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦେଇଥିଲେ। ଝାରସୁଗୁଡ଼ା ସବ୍‌ଜେଲରେ ସେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ଗତ ୨୭ତାରିଖରେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରି ଅସୁସ୍ଥ ହୋଇପଡିଥିଲେ। ପରେ ଜେଲ କର୍ତ୍ତୃପକ୍ଷଙ୍କ ତରଫରୁ ତାଙ୍କର ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ଜେଲ୍ ୱାର୍ଡର ନିଲମ୍ବିତ, ୨ଜଣଙ୍କୁ କାରଣଦର୍ଶାଅ ନୋଟିସ୍


ଫେରାର କଏଦୀ ଇନ୍ଦ୍ରଜିତ ସାହାଣୀ।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବାରିପଦା ଅଫିସ,୩୧।୭**

ମୟୂରଭଞ୍ଜ ଜିଲା ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜରେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁସୁମୀ ବ୍ଲକ ବାଦାମପାହାଡ଼ ଥାନା ଅଧୀନ ବଣପୋଖରିଆ ଗ୍ରାମର ବାଜ ହେମ୍ବ୍ରମ(୩୪)। ସେ ଏକ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଭାବେ ଚଳିତମାସ ୧ତାରିଖରୁ ବାରିପଦା ଭଞ୍ଜପୁରସ୍ଥିତ ମଣ୍ଡଳ କାରାଗାରରେ ବିଚାରାଧୀନ କଏଦୀ ଥିଲେ। ଶନିବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ରବିବାର ପୂର୍ବାହ୍ଣ ପ୍ରାୟ ୧୧ଟା ବେଳେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦୭/୨୨) ରୁଜୁ କରି ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନିଶା ବେପାରୀ ଜାମସେଦଙ୍କ ୧.୩୨ କୋଟିର ସମ୍ପତ୍ତି ବାଜ୍ୟାପ୍ତି ହେବ

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ନିଶା ବେପାର କରି ୬ ମାସ ମଧ୍ୟରେ ବହୁ କୋଟିର ସମ୍ପତ୍ତି ଠୁଳ କରିଥିଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ହଳଦୀପଡିଆ ବସ୍ତିର ଏସ୍‌କେ ଜାମସେଦ। ସେ ଏବେ ଜେଲରେ ଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଜବତ କରିଥିବା ତାଙ୍କର ୧ କୋଟି ୩୨ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ହେବ। ଏଥିରେ ରହିଛି ତିନି ମହଲା ବିଲ୍ଡିଂ ସହ ଏକାଧିକ ପ୍ଲଟ। ଉକ୍ତ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଅର୍ଥମନ୍ତ୍ରଣାଳୟ ରାଜସ୍ୱ ବିଭାଗର କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟିଙ୍କଠାରୁ ଏସ୍‌ଟିଏଫ ଅନୁମତି ଲୋଡିଥିଲା। ଏବେ ଅନୁମତି ମିଳିବା ପରେ ଏସ୍‌ଟିଏଫ୍ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗତ ୨୦ ଫେବୃୟାରୀରେ ରାଜଧାନୀ ଉପକଣ୍ଠ ପାହାଳ ନିକଟରେ ଶିବୁ ଓ ଜାମସେଦ ବ୍ରାଉନସୁଗାର ନେଇ ଯାଉଥିବାବେଳେ ଏସ୍‌ଟିଏଫ ଚଢାଉ କରିଥିଲା। ତେବେ ଘଟଣାସ୍ଥଳରେ ଶିବୁ ଧରାପଡିଥିବାବେଳେ ଫେରାର ହୋଇଥିଲେ ଜାମସେଦ। ତେବେ ଏସ୍‌ଟିଏଫ୍ ଶିବୁଙ୍କ ନିକଟରୁ ୧ କେଜି ୨୨୭ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଏସ୍‌ଟିଏଫ ଏକ ମାମଲା (ନଂ. ୫/୨୦୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଜାମସେଦଙ୍କୁ ଧରିବା ଲାଗି ଏସ୍‌ଟିଏଫ ବିଭିନ୍ନ ସ୍ଥାନରେ ଚଢାଉ କରି ଏପ୍ରିଲ ୨୨ରେ ତାଙ୍କୁ ଗିରଫ କରିଥିଲା। ପୂର୍ବରୁ ତାଙ୍କ ବିରୋଧରେ ବାଲିଅନ୍ତା ଓ କଟକ ଲାଲବାଗ ଥାନାରେ ଏନ୍‌ଡିପିଏସ୍ ମାମଲା ରହିଥିଲା। ନିଶା କାରବାର କରି ଜାମସେଦ ଝାରପଡା ଅଞ୍ଚଳରେ ୩ ମହଲା କୋଠା ସହ ବହୁ କୋଟିର ସମ୍ପତ୍ତି ଅର୍ଜନ କରିଥିବା ଜଣାପଡିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାହୁ ଓ ମଙ୍ଗଳଜନିତ ଲକ୍ଷ୍ମୀଯୋଗ ଯୋଗୁ ଅର୍ଥ, ଜମିଜମା ଲାଭ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବେ। ଅଟକିଥିବା କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି। ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ଏବଂ ଯାତ୍ରା, ଆଲୋଚନା କ୍ଷେତ୍ର ମଧ୍ୟ ଭଲ ରହିବ।

**ବୃଷ**
ରାଶ୍ୟାଧିପ ତୃତୀୟରେ ରହି ଆପଣଙ୍କୁ ସେବା, ପରୋପକାର, ସଙ୍ଗୀତାଦି କ୍ଷେତ୍ରରେ ଲୋକପ୍ରିୟ କରାଇବେ। ବୃଥା ଖର୍ଚ୍ଚାନ୍ତ ସାଙ୍ଗକୁ ଭୁଲ୍ ଧାରଣାଜନିତ ନିନ୍ଦା ଶୁଣିପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ ଓ ରାଜନୈତିକ କ୍ଷେତ୍ର ସମସ୍ୟାବହୁଳ ରହିବ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ମିଥୁନ**
ଶୁକ୍ରଙ୍କ ସୁପ୍ରଭାବରେ ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟସାଧନ କରିବା ପାଇଁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ସାମାଜିକ ସ୍ତରରେ ତଥା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ**
ରବିଙ୍କ ପ୍ରତି ଶନିଙ୍କ ଦୃଷ୍ଟି ପିତା କିମ୍ବା ଶ୍ୱଶୁରଙ୍କ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପାଇବେ। ପାରିବାରିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ୍ୟ ନିଜ ଲୋକ ଜଣେ ସମସ୍ୟା ସୃଷ୍ଟି କରିପାରନ୍ତି। ଦକ୍ଷତାଜନିତ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବାର ସୁଯୋଗ ଜୁଟିପାରେ।

**ସିଂହ**
ଚନ୍ଦ୍ର ଓ ବୁଧଙ୍କ ସଂଯୋଗରୁ ଆଜି ଯେତିକି ପାଇବେ ତାହାର ଦୁଇଗୁଣ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିବଶତଃ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି।

**କନ୍ୟା**
ବୃହସ୍ପତିଙ୍କ ଶୁଭଦୃଷ୍ଟି ଆପଣଙ୍କୁ ଆରୋଗ୍ୟଲାଭ, ପାରିବାରିକ ଶାନ୍ତି ଏବଂ ବ୍ୟବସାୟିକ ସଫଳତା ମିଳିବ। କର୍ମଜଞ୍ଜାଳ ବୃଦ୍ଧିଜନିତ ଆପଣ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବିବାଦୀୟ ଘଟଣାରୁ ଦୂରେଇ ରହିବା ପ୍ରାୟତଃ ଭଲ ହେବ। ଆକସ୍ମିକ ଭାବରେ ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ ।

**ତୁଳା**
ରାଶିରେ କେତୁ ମୂଲ୍ୟହୀନ କଥାରେ ବିଭ୍ରାନ୍ତ କରାଇ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅବଶ୍ୟ ଭାଗ୍ୟସ୍ଥାନରେ ରାଶ୍ୟାଧିପ ଆପଣଙ୍କୁ ସମସ୍ତ ସୌଭାଗ୍ୟର ମାର୍ଗଦର୍ଶନ କରାଇବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଆଜି ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ।

**ବିଛା**
ଧନସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି ହେତୁ ଅର୍ଥଲାଭ, ମନୋରଞ୍ଜନର ମଉକା, କଳା ସାହିତ୍ୟରେ ଅଭିରୁଚି ପ୍ରଦାନ କରିବ। କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧୁରେ, ଲେଖାପଢ଼ାରେ ସଫଳତା ହାସଲ କରିବେ। ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି। ପେଟଗୋଳମାଳ, ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ବୃହସ୍ପତି ଓ ଶନିଙ୍କ ସ୍ଥିତି ଆପଣଙ୍କୁ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ପ୍ରଦାନ କରିବ। ବନ୍ଧୁମାନଙ୍କ ସାହାଯ୍ୟରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ିପାରିବେ। ବ୍ୟବସାୟିକ ସ୍ତରରେ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ଆଜିର ଯାତ୍ରା, ନିର୍ମାଣ, ପ୍ରକାଶନ, ପ୍ରଶାସନ ତଥା ରାଜନୈତିକ ସ୍ଥିତି ଉନ୍ନତମାନର ରହିବ।

**ମକର**
ଆଜିର ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କ ଏକଜିଦିଆ ମନୋବୃତ୍ତିରୁ ପାରିବାରିକ କ୍ଷେତ୍ର ଅଶାନ୍ତ ରହିବ। ସ୍ୱାମୀ/ସ୍ତ୍ରୀରେ ବୁଝାମଣାର ଅଭାବଜନିତ ମନର ଅମେଳ ରହିପାରେ। ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅବଶ୍ୟ ପ୍ରକାଶନ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇପାରିବ ।

**କୁମ୍ଭ**
ଆପଣଙ୍କର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଅଭିବ୍ୟକ୍ତି ପରକୁ ଆପଣାର କରିବାରେ ସାହାଯ୍ୟ କରିବ। ଅଭାବ ରହିବନି, କାର୍ଯ୍ୟସିଦ୍ଧି ପରିପ୍ରେକ୍ଷୀରେ ମନ ମଧ୍ୟ ଖୁସି ରହିବ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଶନିଙ୍କ ସୁପ୍ରଭାବରୁ ଆକସ୍ମିକ ଭାବରେ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ।

**ମୀନ**
ଶୁକ୍ର ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରି ଆପଣଙ୍କୁ ସମସ୍ତ ସୁଖ, ସୌଭାଗ୍ୟ ପ୍ରଦାନ କରିବେ। ପାରିବାରିକ ଶାନ୍ତି, ଯାତ୍ରାରେ ଲକ୍ଷ୍ୟପୂରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନୋରଞ୍ଜନାଦି ରୁଚିବୋଧକ ସ୍ଥିତି ଉତ୍ପନ୍ନ କରିବେ। ଅଚାନକ ଭାବରେ ଶୁଭ ଖବର ଶୁଣି ଖୁସି ହେବେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସ୍ୱଜନ ଶତ୍ରୁତା ଘଟିପାରେ।


## classifieds Everyday 0674-2580101, 2549302

real estate

**SALE**

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

BDA Yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି । 9556840491. D-73628

**A prime location commercial building near Ekamra College, BBSR for sale. Interested parties contact: 7008168643.** D-1162

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone-sqft.-650/-,** ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73946

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

**ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। 9437765989.** D-73289

healthcare

Newly open SPA Offer @799/-, positively health benefits, Kalpana. 7846814019. D-73627

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly opened full body massage center by expert therapist. 7381172169. D-73629

Fullbody massage relax your body, mind by best therapist. 7008773793. D-73626

Newly open full body massage ladies and gents. 8327740003, 8093860513. D-73947

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

astrology

ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

**AFFIDAVIT**

I, Kalandi Charan Biswal, age 36yrs, S/o- Daitari Biswal, of C3L-102, RDA Colony, Chhend, Rourkela-769015, declare that in my Passport No.-J0816569 my name wrongly entered as KALANDI BISWAL instead of my full name is KALANDI CHARAN BISWAL according to my Aadhaar Card & PAN Card, now I intend to rectify my name as KALANDI CHARAN BISWAL instead of KALANDI BISWAL in my above Passport.
Deponent
D-1163

By virtue of an affidavit dt 12.04.1983 before the Court of Executive Magistrate, Bhubaneswar. I Smt. Girija Dash, W/o- Gyana Chandra Mohapatra. After marriage have changed my surname Smt. Girija Dash to Girija Mohapatra for all future purposes. D-59547

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ସୋମବାର, ଅଗଷ୍ଟ ୧/୨୦୨୨ | Monday, August 1/2022 | ପୃଷ୍ଠା-୧



## ନିଖତ ଜରିନ କ୍ୱାର୍ଟର ଫାଇନାଲରେ

ଭାରତୀୟ ବକ୍ସର ନିଖତ ଜରିନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୫୦ କେଜି ଶ୍ରେଣୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୦ | ୦୬

## ପଞ୍ଜାବୀ ଫିଲ୍ମରେ ଅମୀରା

ଏକାଧିକ ହିନ୍ଦୀ ଓ ତାମିଲ ଫିଲ୍ମରେ କାମ କରିବା ପରେ ବଲିଉଡ୍ ନାୟିକା ଅମୀରା ଦସ୍ତୁର ପଞ୍ଜାବୀ ଫିଲ୍ମରେ କାମ କରିବାକୁ ଯାଉଛନ୍ତି।






ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରବିବାର ଭାରୋତ୍ତୋଳନ ଅବସରରେ ଭାରତର ଜେରେମି ଲାଲରିନୁଙ୍ଗା। ଜେରେମି ପୁରୁଷ ୬୭ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଇଡିରେ ସଞ୍ଜୟ ଅଟକ

## 'ଭୁଲ୍ କରିନି, ମୁଣ୍ଡ ନୁଆଁଇବିନି'

**ମୁମ୍ବାଇ,୩୧।୭**

ମୁମ୍ବାଇର ବହୁଚର୍ଚ୍ଚିତ ପାତ୍ର ଚଲ୍ ଦୁର୍ନୀତି ମାମଲାରେ ରବିବାର ଶିବସେନା ନେତା ସଞ୍ଜୟ ରାଉତ୍‌ଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି। ସଞ୍ଜୟ ତଦନ୍ତରେ ସହଯୋଗ କରି ନ ଥିବା ଦର୍ଶାଇ ଅଧିକ ଜେରା ପାଇଁ ତାଙ୍କୁ ମୁମ୍ବାଇର ଭାଣ୍ଡୁପସ୍ଥିତ 'ମୈତ୍ରୀ' ବାସଭବନରୁ ଇଡି ଅଫିସକୁ ନିଆଯାଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ମହାରାଷ୍ଟ୍ର ଓ ଶିବସେନାକୁ ଦୁର୍ବଳ କରିବା ପାଇଁ ଏହା କେନ୍ଦ୍ର ସରକାରଙ୍କ ଷଡ଼ଯନ୍ତ୍ର ଭାବେ ଅଭିହିତ କରି ସେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ସଞ୍ଜୟ କହିଛନ୍ତି।

ଶିବସେନାର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ ଜୁଲାଇ ୧ରେ ଇଡି ଅଫିସରେ ହାଜର ହୋଇଥିବାବେଳେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହା ପରେ ଇଡି ପକ୍ଷରୁ ତାଙ୍କୁ ୨ଥର ସମନ କରାଯାଇଥିଲା। କିନ୍ତୁ ସେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଯୋଗଦେଇଥିବା ଦର୍ଶାଇ ଗତ ୨୭ରେ ଆଉ ହାଜର ହୋଇ ନ ଥିଲେ। ରବିବାର ସକାଳ ୭ଟାରେ ବହୁସଂଖ୍ୟକ ପୋଲିସ ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ଯବାନମାନେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ୭ଟା ୩୦ରେ ଇଡିର ୧୦ ଜଣିଆ ଟିମ୍ ସଞ୍ଜୟଙ୍କ ଘରେ ଚଢ଼ାଉ କରି ତାଙ୍କୁ ୧,୦୪୦ କୋଟି ଟଙ୍କାର ପାତ୍ର ଚଲ ଦୁର୍ନୀତି ସମ୍ପର୍କରେ ପଚରାଉଚରା କରିଥିଲେ। ସଞ୍ଜୟଙ୍କ ଭାଇ ସୁନୀଲ ରାଉତ୍‌ଙ୍କ ଘରେ ମଧ୍ୟ ଇଡି ଅଧିକାରୀମାନେ ତଲାସି କରିବା ସହ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଜଣ ଜଣକରି ଜେରା କରିଥିଲେ। ସଞ୍ଜୟଙ୍କ ଘରେ ଇଡି ଚଢ଼ାଉ ନେଇ ଖବର ପାଇ ଶିବସେନା କର୍ମୀମାନେ ସେଠାରେ ଏକତ୍ରିତ ହୋଇ କେନ୍ଦ୍ର ସରକାର ଓ ଭାଜପା ବିରୋଧୀ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରାହ୍ଣ ☞ପୃଷ୍ଠା–୩



### ୧,୦୪୦ କୋଟିର ପାତ୍ର ଚଲ୍ ଦୁର୍ନୀତି

**ମୁମ୍ବାଇ,୩୧।୭:** ଉତ୍ତର ମୁମ୍ବାଇର ଗୋରେଗାଓଁ ଅଞ୍ଚଳରେ ଅବସ୍ଥିତ ସିଦ୍ଧାର୍ଥ ନଗର 'ପାତ୍ର ଚଲ୍' ନାମରେ ପରିଚିତ। ୪୭ ଏକର ଜମି ଥିବା ଏହି ଏରିଆରେ ମୋଟ ୬୭୨ଟି ଘର ରହିଥିଲା। ୬୭୨ ପରିବାରକୁ ସେଠାରେ ପୁନଃ ଥଇଥାନ କରିବା ଲାଗି ୨୦୦୮ରେ ମହାରାଷ୍ଟ୍ର ଗୃହନିର୍ମାଣ ଓ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ଏଚ୍‌ଏଡିଏ) ପକ୍ଷରୁ ଏହାର ପୁନଃନିର୍ମାଣ ପ୍ରକଳ୍ପ ଆରମ୍ଭ ☞ପୃଷ୍ଠା–୩



ନିର୍ମଳା ମିଶ୍ର

# ଚିର ନିଦ୍ରାରେ ନିର୍ମଳା

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

### ନବୀନ ପଟ୍ଟନାୟକ, ମମତା ବାନାର୍ଜୀଙ୍କ ଶୋକ

ବିଶିଷ୍ଟ ବଙ୍ଗୀୟ ତଥା ଓଡ଼ିଆ ଗାୟିକା ନିର୍ମଳା ମିଶ୍ରଙ୍କ ଶନିବାର ରାତିରେ କୋଲକାତାର ଚେତଲାସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ପୂର୍ବରୁ ତାଙ୍କୁ ୩ଥର ହୃଦ୍‌ଘାତ ହୋଇଥିଲା। ବାରମ୍ବାର ଦେହଖରାପ ଯୋଗୁ ହସ୍ପିଟାଲ ଯାଉଥିଲେ। ଗତ କିଛିଦିନ ହେବ ସେ ହସ୍ପିଟାଲ ଯିବାକୁ ଇଚ୍ଛା ପ୍ରକାଶ ନ କରିବାରୁ ଘରେ ଚିକିତ୍ସା ଚାଲୁଥିଲା। ଶନିବାର ରାତିରେ ଚତୁର୍ଥଥର ପାଇଁ ହୃଦ୍‌ଘାତ ହୋଇଥିଲା। ରାତି ପ୍ରାୟ ୨ଟା ୫ରେ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିଲେ।

ପଶ୍ଚିମବଙ୍ଗର ମଜିଲପୁର (ଜୟନଗର)ଠାରେ ପିତା ପଣ୍ଡିତ ମୋହିନୀମୋହନ ମିଶ୍ର ଓ ମାତା ଭବାନୀ ଦେବୀଙ୍କଠାରୁ ୧୯୩୮ ଅକ୍ଟୋବର ୨୧ରେ ନିର୍ମଳା ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ଚାକିରି ପାଇଁ ତାଙ୍କ ପରିବାର କୋଲକାତା ଚେତଲାରେ ବସବାସ କରୁଥିଲେ। ତାଙ୍କ ପରିବାରରେ ☞ପୃଷ୍ଠା–୩

**ଆଜିର ସମ୍ପାଦକୀୟ**
କୋହ୍ଲାପୁରୀ ଚପଲ

# ଜେରେମିଙ୍କୁ ସ୍ୱର୍ଣ୍ଣ, ବିନ୍ଦ୍ୟାରାଣୀ ରୌପ୍ୟ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ବର୍ମିଂହାମ୍, ୩୧।୭ (ପି.ଟି.)**

ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଭାରୋତ୍ତୋଳକଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ତାରକା ଭାରୋତ୍ତୋଳିକା ମୀରାବାଈ ଚାନୁ ସ୍ୱର୍ଣ୍ଣିମ ସଫଳତା ପାଇବାର ଗୋଟିଏ ଦିନ ପରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି ଯୁବ ଭାରୋତ୍ତୋଳକ ଜେରେମି ଲାଲରିନୁଙ୍ଗା। ସେହିପରି ବିନ୍ଦ୍ୟାରାଣୀ ଦେବୀ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରୋତ୍ତୋଳନରେ ଭାରତର ପଦକ ସଂଖ୍ୟା ୫ରେ ପହଞ୍ଚିଛି। ପଦକ ହାସଲକାରୀ ଜେରେମି ଓ ବିନ୍ଦ୍ୟାରାଣୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି।

ପୁରୁଷ ୬୭ କେଜି ବିଭାଗରେ ୨୦୧୮ ଯୁଥ୍ ଅଲିମ୍ପିକ୍ ଚାମ୍ପିୟନ ମିଜୋରାମର ଜେରେମି ଏଠାରେ ୨ଟି ଗେମ୍ସ ରେକର୍ଡ ସୃଷ୍ଟି କରିବା ସହ ମୋଟ ୩୦୦ କେଜି ଉତ୍ତୋଳନ କରି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୪୦ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୬୦ କେଜି ଭାର ଉଠାଇବାରେ ସକ୍ଷମ ହୋଇଥିଲେ। ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସେ ସାମୋଆର ଭୈପାଭା ନେଭୋ ଲୋଆନେଙ୍କୁ ପଛରେ ପକାଇ ଦେଇଥିଲେ। ଲୋଆନେ ମୋଟ ୨୯୩ (୧୨୭+୧୬୬) କେଜି ଉତ୍ତୋଳନ କରିଥିଲେ। ନାଇଜେରିଆର ଇଡିଅଙ୍ଗ ଜୋସେଫ ଉମୋଆଫିଆ ୨୯୦ (୧୩୦+୧୬୦) କେଜି ସହ ରୌପ୍ୟ ପଦକ ପାଇଥିଲେ। ଆଇଜଲ ବାସିନ୍ଦା ୧୯ ବର୍ଷୀୟ ଜେରେମି ସ୍ନାଚ୍‌ରେ ୧୪୦ ଓ ମୋଟ ୩୦୦ କେଜି ଭାର ଉଠାଇବାଦ୍ୱାରା ୨ଟି ଗେମ୍ସ ରେକର୍ଡର ଅଧିକାରୀ ହୋଇଥିଲେ। କ୍ଲିନ୍ ଆଣ୍ଡ ଜର୍କ ଅବସରରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ ହେଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ।

ଜେରେମି ପ୍ରଥମ ଉଦ୍ୟମରେ ୧୩୬ ଏବଂ ଦ୍ୱିତୀୟ ଉଦ୍ୟମରେ ୧୪୦ କେଜି ଉତ୍ତୋଳନ ☞ପୃଷ୍ଠା–୩

# ଆର୍‌ଏମ୍‌ଆର୍‌ସିରେ ହେବ ମଙ୍କିପକ୍ସ ପରୀକ୍ଷା

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

### କେନ୍ଦ୍ର ଅନୁମତିକୁ ଅପେକ୍ଷା

ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି)ରେ ମଙ୍କିପକ୍ସ ଟେଷ୍ଟିଂ ହେବ। ଏ ସମ୍ପର୍କରେ ରବିବାର ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସୂଚନା ଦେଇ କହିଛନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆର୍‌ଏମ୍‌ଆର୍‌ସିକୁ ମଙ୍କିପକ୍ସ ଟେଷ୍ଟିଂ ଲାବ୍‌ରେ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଆଇସିଏମ୍‌ଆର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଅନୁମତି ମାଗିବୁ। ରାଜ୍ୟ ସରକାର ଚିଠି କରିବେ। ଅନୁମତି ମିଳିଲେ ଖୁବ୍‌ଶୀଘ୍ର ଆର୍‌ଏମ୍‌ଆର୍‌ସିରେ ପରୀକ୍ଷା ହେବ ବୋଲି ଡା. ପତି କହିଛନ୍ତି।

ସୂଚନାଯୋଗ୍ୟ, ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ମଙ୍କିପକ୍ସ ୭୮ଟି ଦେଶରେ କାୟା ବିସ୍ତାର କରି ସାରିଛି। ବିଶ୍ୱରେ ୨୧ ହଜାର ରୋଗୀ ମଙ୍କିପକ୍ସରେ ଆକ୍ରାନ୍ତ ହୋଇଥିବାବେଳେ ଭାରତରେ ୪ ଜଣ ଚିହ୍ନଟ ☞ପୃଷ୍ଠା–୩

## ଓଡ଼ିଶାର ୮ ବର୍ଷର ବାଳକଙ୍କୁ ମଙ୍କିପକ୍ସ ସନ୍ଦେହ: ଗୁଣ୍ଟୁର ହସ୍ପିଟାଲରେ ଭର୍ତ୍ତି

**ହାଇଦ୍ରାବାଦ,୩୧।୭**

ଓଡ଼ିଶାର ଜଣେ ୮ ବର୍ଷର ବାଳକଠାରେ ମଙ୍କିପକ୍ସ ଲକ୍ଷଣ ଦେଖାଦେବାରୁ ତାଙ୍କୁ ଆନ୍ଧ୍ରପ୍ରଦେଶ ଗୁଣ୍ଟୁରର ଗଭର୍ନମେଣ୍ଟ ଜେନେରାଲ ହସ୍ପିଟାଲ (ଜିଜିଏଚ୍)ରେ ଭର୍ତ୍ତି କରାଯାଇ ଆଇସୋଲେଶନରେ ରଖାଯାଇଛି। ଶନିବାର ଏ ସମ୍ପର୍କରେ ଜଣାପଡ଼ିବା ପରେ ଗୁଣ୍ଟୁର ଜିଲାରେ ମଙ୍କିପକ୍ସକୁ ନେଇ ଆତଙ୍କ ଖେଳିଯାଇଛି। ଓଡ଼ିଶାର ଏହି ବାଳକ ୧୫ ଦିନ ପୂର୍ବରୁ ଗୁଣ୍ଟୁର ଆସିଥିଲେ। ସପ୍ତାହେ ପରେ ତାଙ୍କଠାରେ ଜ୍ୱର ଏବଂ କୁଣ୍ଡେଇ ହେବା ଆଦି ମଙ୍କିପକ୍ସ ଲକ୍ଷଣ ଦେଖାଦେଇଥିଲା ବୋଲି ହସ୍ପିଟାଲର ପ୍ରଶାସନିକ ଅଧିକାରୀ ଡ. ପ୍ରବୀଣ କୁମାର କହିଛନ୍ତି। ତୁରନ୍ତ ତାଙ୍କୁ ଜିଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ତାଙ୍କ ନମୁନା ସଂଗ୍ରହ କରାଯାଇ ପୁଣେର ଏନ୍‌ଆଇଭିକୁ ☞ପୃଷ୍ଠା–୩

# ୨୪ ଘଣ୍ଟାରୁ କମିଲା ଦିନ

**ପୃଥିବୀ ନିଜ କକ୍ଷପଥରେ ଘୂରିବା ସମୟର ପୂର୍ବ ରେକର୍ଡକୁ ଭାଙ୍ଗିଛି। ୨୦୨୦ ଜୁଲାଇ ୧୯ରେ ୨୪ ଘଣ୍ଟାରୁ ୧.୪୭ ମିଲିସେକେଣ୍ଡ କମ୍ ଅବଧିରେ ପୃଥିବୀ ନିଜ ଚାରିପଟେ ଘୂରିଥିବାବେଳେ ଗତ ଶୁକ୍ରବାର ୧.୫୯ କମ୍ ମିଲିସେକେଣ୍ଡ ମଧ୍ୟରେ ଘୂର୍ଣ୍ଣନ କରିଛି। ନିୟମିତ ଦିନିକିଆ ଘୂର୍ଣ୍ଣନ ସମୟରେ ହ୍ରାସ ଫଳରେ ସ୍ମାର୍ଟଫୋନ୍, କମ୍ପ୍ୟୁଟର ଏବଂ ଦୂର ସଞ୍ଚାର କ୍ଷେତ୍ର ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି ବୈଜ୍ଞାନିକମାନେ ଚିନ୍ତାବ୍ୟକ୍ତ କରିଛନ୍ତି।**

**ନୂଆଦିଲ୍ଲୀ, ୩୧।୭**

### କକ୍ଷପଥରେ ପୃଥିବୀର ଘୂର୍ଣ୍ଣନ ସମୟ ୧.୫୯ ମିଲିସେକେଣ୍ଡ ହ୍ରାସ



ପୃଥିବୀ ନିଜ କକ୍ଷ ଚାରିପାଖେ ବୁଲିବା ସହ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ମଧ୍ୟ ଘୂରିଥାଏ। ନିଜ କକ୍ଷ ଚାରିପାଖେ ଘୂରିବା କାରଣରୁ ପୃଥିବୀ ପୃଷ୍ଠରେ ଦିନରାତି ସମ୍ଭବ ହୋଇଥାଏ, ଯେଉଁଥିଲାଗି ପୃଥିବୀକୁ ୨୪ ଘଣ୍ଟା ସମୟ ଲାଗେ। ସୂର୍ଯ୍ୟ ଚତୁଃପାର୍ଶ୍ୱ ଅତିକ୍ରମ କରିବା ପାଇଁ ପୃଥିବୀକୁ ୩୬୫ ଦିନ ବା ୧ ବର୍ଷ ଲାଗିଥାଏ। ପୃଥିବୀ ନିଜକକ୍ଷ ପଥରେ ଘୂର୍ଣ୍ଣାୟମାନ ବେଗରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୨୯ ତାରିଖରେ ପୃଥିବୀ ୧.୫୯ ମିଲିସେକେଣ୍ଡରୁ କମ୍ ସମୟ ମଧ୍ୟରେ ନିଜ କକ୍ଷ ଚାରିପାଖେ ଭ୍ରମଣ କରିଛି। ଏଥିଲାଗି ପୃଥିବୀକୁ ୨୪ ଘଣ୍ଟାରୁ କମ୍ ସମୟ ଲାଗିଛି। 'ଇଣ୍ଡିପେଣ୍ଡେଣ୍ଟ' ପତ୍ରିକାରେ ପ୍ରକାଶିତ ଖବର ଅନୁସାରେ ପୃଥିବୀର ଘୂର୍ଣ୍ଣାୟମାନ ବେଗରେ ବୃଦ୍ଧି ଘଟିଛି। ଏ କାରଣରୁ ୨୦୨୦ରେ ପୃଥିବୀରେ ସବୁଠାରୁ ଛୋଟ ମାସ ଦେଖିବାକୁ ମିଳିଥିଲା। ଏହାପୂର୍ବରୁ ୧୯୬୦ ଦଶକରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ୨୦୨୦ ଜୁଲାଇ ୧୯ରେ ସବୁଠାରୁ କମ୍ ସମୟ ୧.୪୭ ମିଲିସେକେଣ୍ଡରେ ପୃଥିବୀ ନିଜକକ୍ଷ ଚାରିପାଖେ ଘୂରିଥିଲା। ୨୦୨୧ରେ ପୃଥିବୀର ଘୂର୍ଣ୍ଣାୟମାନ ବେଗରେ ବୃଦ୍ଧି ଘଟିଥିଲେ ହେଁ କୌଣସି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ଏହା ପଛର କାରଣ ବିଷୟରେ କୌଣସି ସ୍ପଷ୍ଟ ତଥ୍ୟ ମିଳି ନ ଥିବାବେଳେ ମହାସାଗରୀୟ ପରିବେଶ, ଢେଉ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଏ ପ୍ରକାର ପରିବର୍ତ୍ତନ ଦେଖାଦେଇଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି। ଅନ୍ୟପଟେ ପୃଥିବୀର କକ୍ଷପଥ ଘୂର୍ଣ୍ଣାୟମାନ ବେଳେ ପୃଷ୍ଠଭାଗରୁ ଏହାର ଭୌଗୋଳିକ ରେଖା ପର୍ଯ୍ୟନ୍ତ ହେଉଥିବା ମୁଭ୍‌ମେଣ୍ଟରେ ହେଉଥିବା ☞ପୃଷ୍ଠା–୩



# କୋହ୍ଲାପୁରୀ ଚପଲ

ଭାରତରେ ରାଜ୍ୟପାଳଙ୍କ ପଦବୀ ଏକ ସାମ୍ବିଧାନିକ ମର୍ଯ୍ୟାଦା ବହନ କରୁଥିବାରୁ ତାହା ବିବାଦରୁ ଊର୍ଦ୍ଧ୍ୱରେ ରହିବା କଥା। ହେଲେ ଦେଖାଯାଉଛି, କିଛି ବର୍ଷ ହେବ ବିଭିନ୍ନ ରାଜ୍ୟରେ ନିଯୁକ୍ତ କେତେକ ରାଜ୍ୟପାଳ କେନ୍ଦ୍ରରେ ଶାସିତ ସରକାରଙ୍କ ରାଜନୈତିକ ଏଜେଣ୍ଟ ଭଳି କାମ କରିବାକୁ 'ଅହୋ ଭାଗ୍ୟ' ଭାବେ ଧରିନେଇଛନ୍ତି। ରାଜ୍ୟପାଳଙ୍କ ଦ୍ୱାରା ରାଜନୈତିକ ସ୍ୱାର୍ଥସାଧନ କେବଳ ଭାଜପା ନୁହେଁ, ପୂର୍ବରୁ କଂଗ୍ରେସ ସରକାର ସମୟରେ ଅନେକ ଥର ଦେଖିବାକୁ ମିଳିଛି। ଓଡ଼ିଶା ମଧ୍ୟ ୭୦ ଦଶକରେ ଏହାକୁ ଦେଖିଛି। କିନ୍ତୁ ବର୍ତ୍ତମାନ ରାଜ୍ୟପାଳମାନେ ଅତ୍ୟଧିକ ମାତ୍ରାରେ ସରକାରଙ୍କ ଦ୍ୱାରା ଅସ୍ତ୍ର ଭାବେ ବ୍ୟବହାର ହେବା ସକାଶେ ଆଗଭର ହୋଇପଡୁଛନ୍ତି। ୨୯ ଜୁଲାଇରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଅନ୍ଧେରୀର ଜେକେ ରୋଡ୍‌ଠାରେ ଏକ ଛକର ନାମକରଣ ଲାଗି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଥିଲେ, ମହାରାଷ୍ଟ୍ର ବିଶେଷକରି ମୁମ୍ବାଇ ଓ ଠାଣେରୁ ଗୁଜରାଟୀ ଓ ରାଜସ୍ଥାନୀମାନେ ପଳାଇଗଲେ ଏହାର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ। ଅର୍ଥାତ୍ ଏହା ଘଟିଲେ ମୁମ୍ବାଇ ଆଉ ଦେଶର ଆର୍ଥିକ ରାଜଧାନୀ ହୋଇ ରହିପାରିବ ନାହିଁ। କୋଶିୟାରୀ କେଉଁ ଉଦ୍ଦେଶ୍ୟ ରଖି ଏଭଳି ମନ୍ତବ୍ୟ ଦେଇଛନ୍ତି, ତାହା ଯେଉଁମାନେ ମୁମ୍ବାଇ ସହ ଅଳ୍ପବହୁତେ ସମ୍ପୃକ୍ତ ସେମାନେ ବୁଝିପାରିବେ। ବାସ୍ତବ କ୍ଷେତ୍ରରେ ପୂର୍ବର ବମ୍ବେ ସମ୍ଭବତଃ ଭାରତର ଏକମାତ୍ର ନଗର ଯେଉଁଠାରେ ଏହି ଦେଶର ପ୍ରତ୍ୟେକ ଜିଲାରୁ ଲୋକ ଯାଇ ରହୁଛନ୍ତି। ସେହି ସହର, ଅନେକ ଅନ୍ତର୍ଦ୍ୱନ୍ଦ୍ୱ ସତ୍ତ୍ୱେ ସବୁ ପ୍ରାନ୍ତର ଓ ସବୁ ଧର୍ମର ଲୋକଙ୍କୁ କୋଳେଇ ନେଇପାରିଛି। ବାସ୍ତବରେ ମୁମ୍ବାଇ ହେଉଛି ଭାରତର ପ୍ରଥମ 'କସ୍‌ମୋପଲିଟାନ ନଗର'।

**କୋଶିୟାରୀଙ୍କ ମନ୍ତବ୍ୟକୁ ନେଇ ମରାଠୀମାନେ ତାଙ୍କ ଉପରେ ଖପ୍ପା ହୋଇଛନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି, ଏଭଳି ରାଜ୍ୟପାଳଙ୍କୁ ପ୍ରସିଦ୍ଧ କୋହ୍ଲାପୁରୀ ଚପଲ ଦେଖାଇ ଦିଆଯିବା ଉଚିତ।**

ଏହି ପରିପ୍ରେକ୍ଷୀରେ ଦେଖିଲେ କୋଶିୟାରୀଙ୍କ ମନ୍ତବ୍ୟକୁ ନେଇ ମରାଠୀମାନେ ତାଙ୍କ ଉପରେ ଖପ୍ପା ହୋଇଛନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି, ଏଭଳି ରାଜ୍ୟପାଳଙ୍କୁ ପ୍ରସିଦ୍ଧ କୋହ୍ଲାପୁରୀ ଚପଲ ଦେଖାଇ ଦିଆଯିବା ଉଚିତ। ସେହିପରି କଂଗ୍ରେସ ନେତା ମିଲିନ୍ଦ ଦେଓରା ଏକ ଟୁଇଟ୍‌ରେ କହିଛନ୍ତି, ତାଙ୍କ ପିତା ରାଜସ୍ଥାନୀ ହୋଇଥିବା ବେଳେ ମାତା କୋହ୍ଲାପୁରର। କିନ୍ତୁ ଉଭୟ ଏବେ ମୁମ୍ବାଇର। ଏହି ବିବିଧତା ମୁମ୍ବାଇକୁ ଶକ୍ତିଶାଳୀ କରି ରଖିଛି। ମରାଠୀମାନଙ୍କୁ କୋଶିୟାରୀ ଯେଭଳି ନ୍ୟୂନ କରି ଦେଖାଇଛନ୍ତି ତାହା ଦ୍ୱାରା ମହାରାଷ୍ଟ୍ର ଏପରିକି ଭାରତକୁ ଏକ ଭୁଲ ବାର୍ତ୍ତା ଯାଇଛି। କେବଳ ମୁମ୍ବାଇ ନୁହେଁ, ଭାରତୀୟ ସମାଜରେ ବିବିଧତା ସବୁବେଳେ ରହିଆସିଛି। କାହାକୁ ପସନ୍ଦ ହୋଇପାରେ କିମ୍ବା ନ ହୋଇପାରେ, କିନ୍ତୁ ଇତିହାସ ଦର୍ଶାଉଛି ଯେ ସହିପାରୁ ନ ଥିବା ଗୋଷ୍ଠୀ କେତେକ ସମୟରେ ଶକ୍ତିଶାଳୀ ହୋଇଥାଆନ୍ତି ଓ ଅଧିକାଂଶ ସମୟରେ ମୁହଁମାଡ଼ି ପଡ଼ନ୍ତି। ଆଜି ଯେଉଁ ଅସହିଷ୍ଣୁତାର ମଞ୍ଜି ପୋତାଯିବାର ବାରମ୍ବାର ଉଦ୍ୟମ ହେଉଛି, ତାହା କେତେଦୂର ସଫଳ ହେବ ସେ ବିଷୟରେ କେବଳ ଭାରତର ଜନସାଧାରଣ ଓ ସମୟ କହିବ; କୌଣସି ରାଜନୈତିକ ଦଳ ବା ନେତୃତ୍ୱର କର୍ତ୍ତୃତ୍ୱ ରହିବ ନାହିଁ।

ସାମ୍ପ୍ରତିକ ସମୟରେ ମରାଠୀ, ରାଜସ୍ଥାନୀ ଓ ଗୁଜରାଟୀ କହି ଭାଗଭାଗ କରିବାର ଚିନ୍ତାଧାରା ସୃଷ୍ଟି କରାଯିବା ଦ୍ୱାରା ବିଭିନ୍ନ ସମ୍ପ୍ରଦାୟ ବା ଗୋଷ୍ଠୀ ଭିତରେ ଅପ୍ରୀତିକର ସ୍ଥିତି ଉପୁଜାଇବା ଲାଗି କ୍ଷେତ୍ର ପ୍ରସ୍ତୁତ କରିଦିଆଯାଉଛି। କୁହାଯାଉଛି, ଆଗକୁ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ନିର୍ବାଚନ ଆଗକୁ ଥିବାରୁ ରାଜ୍ୟପାଳ ଭାଜପା ଆଡ଼ିଆ ହୋଇ ଏଭଳି ମତ ଦେଇଛନ୍ତି। କିନ୍ତୁ ତାହା ଭାଜପାକୁ ସହାୟକ ହେବ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ। ବିଭିନ୍ନ ମହଲରେ ଯେଉଁଭଳି ପ୍ରତିକ୍ରିୟା ପ୍ରକାଶ ପାଉଛି, ସେଗୁଡ଼ିକରୁ ମନେହେଉଛି ମରାଠୀ ମାନୁଷ୍‌ର ଅହଂଭାବକୁ ଚୋଟ ବାଜିଛି। ଏହି ପରିସ୍ଥିତିକୁ ବୁଝିବାକୁ ହେଲେ ଓଡ଼ିଶାର ଉଦାହରଣ ଦେଖାଯାଇପାରେ। ଧରିନିଆଯାଇପାରେ କେହି ଯଦି ଅବାଞ୍ଛିତ ମତ ଦେଇ କହନ୍ତି, ସମ୍ବଲପୁରରେ ସ୍ଥାନୀୟ ବାସିନ୍ଦାଙ୍କର କାଟ୍‌ତି ନ ଥିବା ବେଳେ ହିନ୍ଦୀଭାଷୀ ଲୋକ ସେଠାକାର ବ୍ୟବସାୟକୁ ହାତମୁଠାରେ ରଖିଛନ୍ତି କିମ୍ବା ଗଞ୍ଜାମ, ଯେଉଁଠାରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାର ପ୍ରୟାସ ହୋଇଥିଲା ସେଠାରେ ତେଲୁଗୁଭାଷୀ ଲୋକ ଅଧିକ ଶକ୍ତିଶାଳୀ; ତେବେ ସ୍ଥାନୀୟ ବାସିନ୍ଦାଙ୍କ ଆତ୍ମାକୁ ଯେମିତି ବାଧିବ ସେମିତି କୋଶିୟାରୀଙ୍କ ମନ୍ତବ୍ୟ ମରାଠୀମାନଙ୍କୁ ନିଶ୍ଚିତ ଭାବେ ବାଧିଥିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 3 | 4 |
| 3 | 2 | | 9 | 1 | | | | |
| 7 | | | 2 | 6 | | | | |
| | | | | | | | 4 | |
| | | | 1 | 3 | 9 | | 5 | |
| | 1 | | | | | | | 2 |
| 4 | | | | | | 5 | | 7 |
| 8 | | 5 | | | | | 6 | |
| | | 1 | 7 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 2 | 8 | 4 | 9 | 1 | 5 | 6 |
| 6 | 8 | 5 | 1 | 2 | 3 | 4 | 9 | 7 |
| 1 | 4 | 9 | 7 | 6 | 5 | 2 | 3 | 8 |
| 7 | 3 | 1 | 4 | 5 | 8 | 6 | 2 | 9 |
| 2 | 6 | 4 | 9 | 7 | 1 | 5 | 8 | 3 |
| 9 | 5 | 8 | 2 | 3 | 6 | 7 | 4 | 1 |
| 4 | 2 | 3 | 6 | 9 | 7 | 8 | 1 | 5 |
| 5 | 1 | 7 | 3 | 8 | 4 | 9 | 6 | 2 |
| 8 | 9 | 6 | 5 | 1 | 2 | 3 | 7 | 4 |

ଗତକାଲିର ଉତ୍ତର

# ଜଳବାୟୁ ସତର୍କବାଣୀ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ୟୁରୋପରେ ଘାତକ ଗ୍ରୀଷ୍ମପ୍ରବାହ ଏବଂ ବନାଗ୍ନିଜନିତ ଉତ୍ତାପର ଶିକାର ହୋଇ ହଜାର ହଜାର ଲୋକ ସ୍ଥାନାନ୍ତରିତ ହେଉଛନ୍ତି, ଯାହା ହେଉଛି ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବର ପରିସ୍ଫୁଟନ। ରୁଷିଆ-ୟୁକ୍ରେନ୍ ମଧ୍ୟରେ ବିଧ୍ୱଂସକାରୀ ଯୁଦ୍ଧର ଘନଘଟା ଭିତରେ ୨୦୨୨ ଫେବୃୟାରୀରେ ଉନ୍ମୋଚିତ ହୋଇଥିଲା ବିଶ୍ୱସ୍ତରରେ ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟରତ ଆନ୍ତଃସରକାରୀ ଗୋଷ୍ଠୀ (ଆଇପିସିସି)ର ବିଶାରଦ ବୈଜ୍ଞାନିକମଣ୍ଡଳୀ ଦ୍ୱାରା ପ୍ରସ୍ତୁତ ଷଷ୍ଠ ମୂଲ୍ୟାଙ୍କନ ରିପୋର୍ଟର ଦ୍ୱିତୀୟ ଅଧ୍ୟାୟ। ବିଶ୍ୱତାପନ ଏବଂ ଏହାର ପରିଣାମରେ ଘଟୁଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ଏହି ବିଶ୍ଲେଷଣରେ ବହୁ ସମ୍ଭାବ୍ୟ ପ୍ରଳୟଙ୍କରୀ ଓ ଉଦ୍‌ବେଗ ସୃଷ୍ଟିକାରୀ ବିପଦସବୁର ସତର୍କ ସୂଚନା ପ୍ରଦତ୍ତ ହୋଇଛି। ତାପମାତ୍ରା ବୃଦ୍ଧିର ମୁଖ୍ୟ କାରକ ସାଜିଥିବା କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନ ଉତ୍ସରୁ ଉତ୍ସର୍ଗିତ ସବୁଜଗୃହ ବାଷ୍ପସବୁକୁ ଯଦି ଆମେ ଚଳିତ ଦଶନ୍ଧିରେ ଅର୍ଦ୍ଧେକସ୍ତରକୁ ହ୍ରାସ କରିବାରେ ବିଫଳ ହେଉ ଏବଂ ପରିବର୍ତ୍ତିତ ପରିବେଶ ସହ ତୁରନ୍ତ ଖାପ ଖୁଆଇବାରେ ଅସମର୍ଥ ହେଉ, ତେବେ ଆଗାମୀ ଭବିଷ୍ୟତରେ ଜୀବଜଗତ ନିଶ୍ଚିତରୂପେ ଅଧିକ ବିଧ୍ୱଂସକାରୀ ପ୍ରଭାବର ସମ୍ମୁଖୀନ ହେବ। ଏହି ବିବରଣୀ ହେଉଛି ବିଶେଷତଃ ସମ୍ବଳରହିତ ରାଷ୍ଟ୍ର ଏବଂ ଦାରିଦ୍ର୍ୟ ପ୍ରପୀଡ଼ିତ ସମ୍ପ୍ରଦାୟମାନଙ୍କ ଉପରେ ଆସନ୍ନବିପଦ ସମ୍ପର୍କରେ ଏକ ପ୍ରକୃଷ୍ଟ ପୂର୍ବାନୁମାନ। ଏପ୍ରିଲରେ ପ୍ରକାଶିତ ରିପୋର୍ଟର ତୃତୀୟ ଅଧ୍ୟାୟରେ ସବୁଜଗୃହ ବାଷ୍ପ ହ୍ରାସ ଉପାୟ ସମ୍ପର୍କରେ ବିଶ୍ଲେଷଣ ହେବା ସହ ଜୀବନଶୈଳୀରେ ବୈପ୍ଳବିକ ପରିବର୍ତ୍ତନ ଏବଂ ବିଶ୍ୱ ଅର୍ଥ ବ୍ୟବସ୍ଥାର ସ୍ୱଳ୍ପ ଅଙ୍ଗାରକ ପର୍ଯ୍ୟାୟକୁ ରୂପାନ୍ତରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଜଳବାୟୁ ବିପର୍ଯ୍ୟୟକୁ ଦୂର କରିବା ପରିପ୍ରେକ୍ଷୀରେ ଅନ୍ତିମ ସତର୍କବାଣୀରେ ଏହା ପ୍ରକାଶ କରିଛି ଯେ, 'ବର୍ତ୍ତମାନ ନୁହେଁ ତ କେବେ ବି ନୁହେଁ।'

ଜାତିସଂଘର ସେକ୍ରେଟାରି ଜେନେରାଲ ଆଣ୍ଟୋନିଓ ଗୁଟେରସ୍ ଏହି ରିପୋର୍ଟକୁ ମାନବ ଦୁର୍ଦ୍ଦଶାର ଏକ ମାନଚିତ୍ର ଏବଂ ବିଶ୍ୱ ଜଳବାୟୁ ନେତୃତ୍ୱର ବିଫଳତାର ଚିତ୍ରଣ ବୋଲି ଅଭିହିତ କରିଛନ୍ତି। ଏହି ଚିନ୍ତାଜନକ ବିଶ୍ଲେଷଣ କ୍ରମବର୍ଦ୍ଧିତ ତାପମାତ୍ରାର ଜୈବବିବିଧତା, ଖାଦ୍ୟ ନିରାପତ୍ତା, ଅର୍ଥନୀତି ଏବଂ ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ଉପରେ ସମ୍ଭାବ୍ୟ ପ୍ରଭାବ ଏବଂ ଚରମ ପାଣିପାଗ ଘଟଣାଗୁଡ଼ିକର ଭୟଙ୍କରତା ସମ୍ପର୍କରେ ଚେତାବନୀ ପ୍ରଦାନ କରିଛି। ବିଶ୍ୱ ସମ୍ବଳ ପ୍ରତିଷ୍ଠାନର କେଲି ଲେଭିନ୍ ଓ ସାଥୀ ତାଙ୍କ ଲିଖିତ ପ୍ରବନ୍ଧରେ ଜଳବାୟୁ ପ୍ରଭାବ, ବିପଦପ୍ରବଣତା ଏବଂ ଉପଯୋଗୀକରଣ ଉପରେ ରିପୋର୍ଟର ଛଅଟି ମୁଖ୍ୟ ଉପଲବ୍ଧିକୁ ଉପସ୍ଥାପନ କରିଛନ୍ତି। ପ୍ରଥମ, ଜଳବାୟୁ ପ୍ରଭାବ କ୍ରମଶଃ ପୂର୍ବାନୁମାନ ଅପେକ୍ଷା ଅଧିକ ବ୍ୟାପକ ଓ ଭୟଙ୍କର ରୂପେ ଅନୁଭୂତ ହେଉଛି। ଦ୍ୱିତୀୟ, ଆଗାମୀ ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟ ଅଧିକ ଅନିଷ୍ଟକାରୀ ପ୍ରଭାବରେ ଆମେ ଜର୍ଜରିତ ହେବାକୁ ଯାଉଛେ। ତୃତୀୟ, ବର୍ଦ୍ଧିତ ତାପମାତ୍ରା ସହିତ ସଂପୃକ୍ତ ବହୁବିଧ ବିପଦ ଆଗକୁ ଦ୍ରୁତବେଗରେ ବୃଦ୍ଧି ପାଇବ, ଯାହା ଅପରିବର୍ତ୍ତନୀୟ ପ୍ରଭାବମାନ ସୃଷ୍ଟି କରିବ। ଚତୁର୍ଥ, ମାନବ ସମାଜରେ ଅସମାନତା, ସଂଘର୍ଷ ଏବଂ ବିକାଶ ପ୍ରକ୍ରିୟାର ଆହ୍ୱାନ ଜଳବାୟୁ ବିପଦ ପ୍ରତି ଆମ ଦୁର୍ବଳତାରେ ବୃଦ୍ଧି ଘଟାଇବ। ପଞ୍ଚମ, ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ଭାବ୍ୟ ସମାଧାନର ପନ୍ଥା ଉପଲବ୍ଧ ହେଲେ ମଧ୍ୟ ମୁଖ୍ୟ ଆହ୍ୱାନ ହେଉଛି ଅସୁରକ୍ଷିତ ଗୋଷ୍ଠୀଙ୍କ ପାଖରେ ତାହା ପହଞ୍ଚିବାର ଅନିଶ୍ଚିତତା। ଷଷ୍ଠ, ଜଳବାୟୁ ପରିବର୍ତ୍ତନର କିଛି ପ୍ରଭାବ ଏପରି ଭୟଙ୍କର ସ୍ଥିତିରେ ଉପନୀତ ହେଲାଣି ଯେ ଏହା ସହ ଖାପ ଖୁଆଇବା ଅତ୍ୟନ୍ତ କଷ୍ଟସାଧ୍ୟ। ୨୦୧୫ର ପ୍ୟାରିସ୍ ଜଳବାୟୁ ଚୁକ୍ତି ଅନୁଯାୟୀ ତାପମାତ୍ରା ବୃଦ୍ଧିକୁ ଅସମ୍ଭବବୋଧ ହେଉଥିବା ଦେଢ଼ ଡିଗ୍ରୀ ସେଲ୍‌ସିଅସ ମଧ୍ୟରେ ରୋକିବାରେ ଆମେ ସମର୍ଥ ହେଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ସୁରକ୍ଷିତ ନୁହେଁ ଏବଂ ଏଥି ମଧ୍ୟରୁ କିଛି କ୍ଷତି ଅପରିବର୍ତ୍ତନୀୟ ସାଧିତ ହେବ।



ରିପୋର୍ଟ ଅନୁଯାୟୀ, ପରବର୍ତ୍ତୀ ଦଶନ୍ଧିରେ ଜଳବାୟୁ ପ୍ରଭାବରୁ ୩୨ରୁ ୧୩୨ ନିୟୁତ ପର୍ଯ୍ୟନ୍ତ ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ। ମାତ୍ର ୧.୧ ଡିଗ୍ରୀର ଉତ୍ତାପ ବୃଦ୍ଧିରେ ଏବେ ପୃଥିବୀର ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ମରୁଡ଼ି, ବୃଷ୍ଟିପାତ, ବନ୍ୟା, ଝଡ଼ବାତ୍ୟା, ଭୂସ୍ଖଳନ ଇତ୍ୟାଦି ପ୍ରକଟିତ ହେଉଛି, ଯାହା ଲୋକଙ୍କର ଖାଦ୍ୟ ନିରାପତ୍ତା ଏବଂ ଜୀବନଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି। ଭାରତ ସହ ଅନ୍ୟ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ସମ୍ପ୍ରତି ଏପରି ବିପର୍ଯ୍ୟୟସବୁର ସମ୍ମୁଖୀନ ହୋଇଚାଲିଛନ୍ତି। ଶସ୍ୟ ଉତ୍ପାଦନ ବ୍ୟାହତ ହେବା ସହ ଉତ୍କଟ ଜଳାଭାବ ସମସ୍ୟା ୨୦୫୦ ସୁଦ୍ଧା ଭାରତର ୪୦% ଲୋକଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ୨୦୩୦ ସୁଦ୍ଧା ବିଶ୍ୱର ଅତିରିକ୍ତ ୩୫ କୋଟି ଲୋକ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବେ। ସମୁଦ୍ର ପତ୍ତନର ଉତ୍ଥାନ ଉପକୂଳାଞ୍ଚଳକୁ ଅଧିକ ଜଳମଗ୍ନ ତଥା କୃଷି ପାଇଁ ଅନୁପଯୁକ୍ତ କରିବ, ସମୁଦ୍ର ନିୟମିତ କୂଳ ଲଘିବ, ଉପକୂଳ ଅବକ୍ଷୟରେ ବୃଦ୍ଧି ଘଟିବ ଏବଂ ଉପକୂଳବର୍ତ୍ତୀ ସହର ଓ ବସତିଗୁଡ଼ିକ ବର୍ଦ୍ଧିତ ବିପଦର ସମ୍ମୁଖୀନ ହେବେ। ୨୦୩୦ ସୁଦ୍ଧା ସ୍ଥଳଭାଗର ପ୍ରାୟ ୧୪ ଶତାଂଶ ଜୀବଜାତି ବିଲୁପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବନାଗ୍ନି ପୂର୍ବାପେକ୍ଷା ଅଧିକ ଅଞ୍ଚଳକୁ ବ୍ୟାପୁଛି, ଯାହା ପ୍ରାକୃତିକ ଭୂଭାଗ ତଥା ଜୈବବିବିଧତାରେ ଅବକ୍ଷୟ ଘଟାଉଛି। ଆଗାମୀ ଦିନରେ ବୃହତାକାର ବୃକ୍ଷସବୁ ଅଧିକ ସଂଖ୍ୟାରେ ହ୍ରାସ ପାଇବେ। ସାମୁଦ୍ରିକ ତଥା ଉପକୂଳ ପରିସଂସ୍ଥାର ଜୁଆରିଆ ସନ୍ତସନ୍ତିଆ ବାସସ୍ଥଳୀ, ହେନ୍ତାଳ ବନ, ସମୁଦ୍ର ଘାସ, ପ୍ରବାଳ ପରିସଂସ୍ଥା ଏବଂ ପ୍ଲାଙ୍କଟନ ସମ୍ପ୍ରଦାୟ ଇତ୍ୟାଦିର ଜୈବବିବିଧତାରେ କ୍ରମେ ଅବନତି ଘଟୁଛି।

ବିକାଶଶୀଳ ରାଷ୍ଟ୍ରମାନଙ୍କର ସହରାଞ୍ଚଳର ଅବ୍ୟବସ୍ଥିତ, ଦ୍ରୁତ ବୃଦ୍ଧିପ୍ରାପ୍ତ ବସ୍ତି ଅଞ୍ଚଳରେ ଜଳବାୟୁର ପ୍ରଭାବ ତୀବ୍ର ଅନୁଭୂତ ହେବ, ଯେଉଁଠାରେ ବିପର୍ଯ୍ୟସ୍ତ ବାସଗୃହ, ମୌଳିକ ସେବାର ପର୍ଯ୍ୟାପ୍ତ ଅଭାବ ଏବଂ ସମ୍ବଳର ସୀମିତତା ମୁଖ୍ୟ ପ୍ରତିବନ୍ଧକ। ଏସିଆ ମହାଦେଶରେ ଏବେ ୫୨୯ ନିୟୁତ ଲୋକ ଏବଂ ଉପ-ସାହାରା ଆଫ୍ରିକାର ପ୍ରାୟ ୬୦% ଲୋକ ଏପରି ଅସୁରକ୍ଷିତ ଅଞ୍ଚଳରେ ଜୀବନ ନିର୍ବାହ କରୁଛନ୍ତି। ଆଇପିସିସି ପ୍ରକାଶ କରିଛି ଯେ, ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ୨୦୩୦ ଏବଂ ୨୦୫୦ ସୁଦ୍ଧା ଉପଯୋଗୀକରଣ କ୍ଷେତ୍ର ନିମନ୍ତେ ଯଥାକ୍ରମେ ୧୨୭ ଏବଂ ୨୯୫ ବିଲିୟନ ଡଲାରର ଅର୍ଥ ଆବଶ୍ୟକ। ଏଥିରେ ତିନୋଟି ପ୍ରମୁଖ ପ୍ରକ୍ରିୟା ଅନ୍ତର୍ଭୁକ୍ତ: ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ, ଯାହା ସମାନତା ଏବଂ ନ୍ୟାୟ ପ୍ରଦାନକୁ ଉନ୍ନତ କରେ; ପରିସଂସ୍ଥା ଆଧାରିତ ଉପଯୋଗୀକରଣ, ଯାହା ପ୍ରାକୃତିକ ପରିବେଶର ସୁରକ୍ଷା, ପୁନରୁଦ୍ଧାର ଏବଂ ସହନୀୟ ପରିଚାଳନାକୁ ଗୁରୁତ୍ୱ ଦିଏ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଓ ଭିତ୍ତିଭୂମି, ଯାହା ବିଭିନ୍ନ କ୍ଷେତ୍ରରେ ସ୍ଥିରତାକୁ ସୁଦୃଢ଼ କରେ।

ଆଇପିସିସି ରିପୋର୍ଟ ଅତ୍ୟନ୍ତ ସୁସ୍ପଷ୍ଟ ଯେ, ମାନବ-ପ୍ରବର୍ତ୍ତିତ ଜଳବାୟୁ ପରିବର୍ତ୍ତନ ଜନସମାଜ, ଜୀବଜଗତ ଏବଂ ଆମ ଗ୍ରହର କଲ୍ୟାଣ ସାଧନ ପଥରେ ବିନାଶକାରୀ ପ୍ରକ୍ରିୟାର ସୂତ୍ରପାତ କରୁଛି। ଏପରି ଦୃଶ୍ୟପଟ୍ଟରେ ଜଳବାୟୁ ପ୍ରଭାବଶାଳୀ ଉପଯୋଗୀକରଣ ଏବଂ ଉପଶମ ନିମନ୍ତେ କାର୍ଯ୍ୟାବଳୀ ପ୍ରସ୍ତୁତ ଏବଂ ସମ୍ବେଦନଶୀଳ ଯୋଜନା ପ୍ରଣୟନ ସହିତ ପ୍ରଶାସନିକ ବ୍ୟବସ୍ଥା, ନାଗରିକ ସମାଜ ଏବଂ ବେସରକାରୀ କ୍ଷେତ୍ର ସମସ୍ତେ ସଂଶୋଧିତ ପଥରେ ଅଗ୍ରସର ହେବା ହେଉଛି ଆଜିର ଆହ୍ୱାନ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି,**
**ଭୁବନେଶ୍ୱର, ମୋ-୯୪୩୭୦୭୬୧୦୦**

# ସଚେତନ ହେବା ଆବଶ୍ୟକ



ହରେକୃଷ୍ଣ ପଣ୍ଡା

ଜଣେ ବ୍ୟକ୍ତିର ଅର୍ଥ ଦେବା ନେବା କଥାର ସତ୍ୟତା, ଅନ୍ୟ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ଓ ଚିନ୍ତାଧାରାକୁ ନେଇ ତା'ର ଇଜ୍ଜତକୁ ମପାଯାଇଥାଏ। ଠିକ୍ ସେହିପରି ଗୋଟିଏ ସରକାରଙ୍କ ଅର୍ଥନୀତି, ଜନସାଧାରଣଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ଓ କ୍ରିୟାକଳାପକୁ ନେଇ ତା'ର ଇଜ୍ଜତ ଥିବା ନ ଥିବା କୁହାଯାଇପାରେ। କେବଳ ମଣିଷମାନଙ୍କ କ୍ରିୟା, କର୍ମର ସ୍ୱରୂପ ଓ ଶୈଳୀ ମଧ୍ୟରୁ ଇଜ୍ଜତ ବା ମହତ୍ତ୍ୱ ଅନୁଭବ କରାଯାଇପାରେ। ଠିକ ବ୍ୟକ୍ତିମାନଙ୍କ ଭଳି ଶାସକ ମାନଙ୍କ ରାଷ୍ଟ୍ରୀୟ କାର୍ଯ୍ୟକଳାପକୁ ନେଇ ଇଜ୍ଜତ ଥିବା ନ ଥିବା ଅନୁଭୂତ ହୁଏ। ଯେଉଁମାନେ ବିଶ୍ୱାସ କରନ୍ତି ବ୍ୟକ୍ତିର ଅନ୍ତରାତ୍ମା ପରି ଦେଶ ଓ ଜାତିର ଏକ ଏକ ଅନ୍ତରାତ୍ମା ରହିଛି, ସେମାନଙ୍କ ଭିତରେ ଏପରି ଭାବନା ଆସିବା ସ୍ୱାଭାବିକ ଦେଶର ଅଗ୍ରଗତି ଓ ବିକାଶ ଧାରାରେ ସେହି ଅନ୍ତରାତ୍ମାର ଇଚ୍ଛାକୁ ପ୍ରତିଫଳିତ କରୁଛି କି ନାହିଁ। ଦେଶର ଜାତୀୟ ଜୀବନ ଓ ଶାସକମାନଙ୍କ କ୍ରିୟାକଳାପରୁ ଜଣାପଡେ ଦେଶର ଅନ୍ତରାତ୍ମା ପ୍ରତିଫଳିତ କି ନା। ଦେଶର ବାହ୍ୟ କ୍ଷେତ୍ରରେ ଯେତେ ଯାହା ବିକାଶ ବା ସାଫଲ୍ୟ ହେଉ ନା କାହିଁକି ଯଦି ସେଗୁଡିକ ଦେଶର ଅନ୍ତରାତ୍ମାର ଅନୁକୂଳ ନ ହେଲା ତା' ହେଲେ ଦେଶର ଇଜ୍ଜତ ଲୁଣ୍ଠିତ ହୁଏ। ତାହା ଡାକିଆଣେ ନାନା ପତନ ତଥା ଭ୍ରଷ୍ଟାଚାରକୁ। ଯେଉଁ ଲକ୍ଷଣଗୁଡ଼ିକ ଦେଖି ଏହା ବିଚାର କରାଯାଇପାରେ ତାହା ହେଲା ସେହି ଦେଶର ଓ ତା'ର ଜନସାଧାରଣଙ୍କ ଜୀବନରେ ଶାନ୍ତି, ସନ୍ତୋଷ, ପରସ୍ପର ପ୍ରତି ଶ୍ରଦ୍ଧା, ବିଶ୍ୱାସ,ଏକତା ଓ ସୁସମଞ୍ଜସ୍ୟତା ଆଦି ଗୁଣ ଓ ଭାବଗୁଡ଼ିକ ପ୍ରକାଶ ପାଉଛି ନା ଅଶାନ୍ତି, ଉଦ୍‌ବେଗ, ଉତ୍ତେଜନା, ବିବାଦ, ସଂଘର୍ଷ, ଅସ୍ଥିରତା ପରସ୍ପର ପ୍ରତି ସନ୍ଦେହ, ଅବିଶ୍ୱାସ, ଅନୈକ୍ୟ ଓ ଅନିଶ୍ଚିତତାର ଭାବଗୁଡ଼ିକ ପ୍ରକାଶ ପାଉଛି। ବ୍ୟକ୍ତି ଜୀବନରେ ଯେମିତି ଦେଶର ଜୀବନରେ ସେମିତି। ବାହ୍ୟ ସାଫଲ୍ୟ ଭିତରୁ ନୁହେଁ ଅନ୍ତରର ଶାନ୍ତି, ସନ୍ତୋଷ ଭିତରୁ ହିଁ ଆମେ ଖୋଜିବୁ ଆମ ସାମୂହିକ ଜାତୀୟ ଜୀବନର ସାର୍ଥକତା।

ଆମ ଦେଶର ଆର୍ଥିକ ବିକାଶ ଓ ଅଗ୍ରଗତିର ବହୁ କ୍ଷେତ୍ରମାନ ରହିଛି। ଆର୍ଥିକ ବିକାଶ ପାଇଁ ସରକାର ସବୁବେଳେ ତତ୍ପର ରୁହନ୍ତି। ଆର୍ଥିକ କ୍ଷେତ୍ରରେ ଭାରତର ବିକାଶ କିନ୍ତୁ ଏକ ସୁଷମ ବିକାଶ ନୁହେଁ। ଏଥିରେ ରହିଛି ବହୁ ବୈଷମ୍ୟ,ବୈପରିତ୍ୟ ଓ ଅନିଶ୍ଚିତତା। ଧନୀ ଓ ଦରିଦ୍ର ମଧ୍ୟରେ ବ୍ୟବଧାନ ବଢ଼ି ଚାଲିଛି। ଦେଶର ଜନସାଧାରଣଙ୍କ ମଧ୍ୟରୁ ୨୬ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ମୁଷ୍ଟିମେୟ ଧନୀ ଲୋକଙ୍କ ବିଳାସବ୍ୟସନ, ବହୁତଳ ବିଶିଷ୍ଟ ପ୍ରାସାଦ ନିର୍ମାଣ, ଶୀତତାପ ନିୟନ୍ତ୍ରିତ କୋଠାବାଡ଼ି ଓ ଗାଡ଼ି ମୋଟର ବ୍ୟବହାର ବହୁ ଗୁଣରେ ବଢ଼ି ଚାଲିଛି। ଗ୍ରାମାଞ୍ଚଳ ଗରିବ ଅଧିବାସୀମାନଙ୍କର ଦୁଃଖ ଦୁର୍ଦ୍ଦଶା ଓ ଅନିଶ୍ଚିତ ଭବିଷ୍ୟତ ସେହିଭଳି ରହିଛି। ଏସବୁ ବିଷୟରେ ଚିନ୍ତାକରି ସମାଧାନ ଖୋଜିବା ଓ ଆବଶ୍ୟକ ପଦକ୍ଷେପ ନେବା ଯେଉଁମାନଙ୍କଠାରୁ ଆଶା କରାଯାଏ, ଦେଶର ସେହି ରାଜନୈତିକ ନେତୃତ୍ୱ ତାହା ଶାସକ ଦଳ ହେଉ ବା ବିରୋଧୀ ଦଳ ହେଉ ଦେଶବାସୀଙ୍କୁ ସମ୍ପୂର୍ଣ୍ଣ ନିରାଶ କରିଛି। ସେମାନେ



ସମସ୍ତେ କେବଳ ନିଜର ଓ ନିଜ ଦଳର ସ୍ୱାର୍ଥ ନେଇ ବ୍ୟସ୍ତ। କୌଣସି ଆଦର୍ଶ ବା ଦେଶ ସେବା ପାଇଁ ନୁହେଁ, କଳେ ବଳେ କୌଶଳେ କିପରି କ୍ଷମତାସୀନ ହେବେ, ସମସ୍ତ ଶକ୍ତି କେବଳ ତହିଁରେ ନିୟୋଜିତ କରୁଛନ୍ତି। ବର୍ତ୍ତମାନ ରାଜନୀତିରେ ଯେଉଁ ଆଚରଣ ଦେଖିବାକୁ ମିଳୁଛି ତାହା ମିଥ୍ୟାଚାର, ପ୍ରବଞ୍ଚନା, ଅନ୍ୟାୟ, କ୍ଷମତାର ଅପପ୍ରୟୋଗ ଓ ହିଂସା ଦ୍ୱାରା ଅଧିକୃତ; ଯେଉଁଥିରେ ରାଜନେତାଙ୍କ ଇଜ୍ଜତ ତଳେ ପଡ଼ିଯାଉଛି। ଶାସନ କ୍ଷେତ୍ରରେ ଅନାଚାର ଓ ଦିଗଭ୍ରଷ୍ଟ ଅନିଶ୍ଚିତତାର ଭାବ ଆମ ଜାତୀୟ ଜୀବନକୁ ଗ୍ରାସକଲାଣି।

ଏ ସବୁ ପଛରେ ରହିଥିବା ମୁଖ୍ୟ କାରଣ ହେଲା ନିଜ ଦେଶର ଐତିହ୍ୟ, ପରମ୍ପରା ଓ ସ୍ୱଧର୍ମକୁ ଛାଡ଼ି ପାଶ୍ଚାତ୍ୟ ଦେଶଗୁଡ଼ିକର ସମୃଦ୍ଧି ଓ ଭୋଗ ସର୍ବସ୍ୱ ସଭ୍ୟତାରେ ପ୍ରଲୋଭିତ ହୋଇ ସେହି ଦେଶଗୁଡ଼ିକୁ ଆଦର୍ଶ ବୋଲି ଗ୍ରହଣ କରି ନେଇଛୁ। ସେହିମାନଙ୍କ ଢାଞ୍ଚାରେ ପୁଞ୍ଜିବାଦର ଅବାଧ ବିକାଶକୁ ଆମେ ଦେଶର ଅବାଧ ବିକାଶକ ଏବଂ ଆମ ଦେଶର ଅଗ୍ରଗତି ପାଇଁ ମୁଖ୍ୟ ନୀତି ଓ ପ୍ରଧାନ ତତ୍ତ୍ୱ ରୂପେ ଗ୍ରହଣ କରି ବସିଲୁ। ଯେଉଁ ସମାଜରେ ପୁଞ୍ଜି ଲଗାଣ ଓ ଲାଭ ଦ୍ୱାରା ବିପୁଳ ଅର୍ଥ ଉପାର୍ଜନ କରାଯାଏ ସେଠାରେ ଏକ ଭୋଗ ସର୍ବସ୍ୱ ସଭ୍ୟତା ଗଢ଼ି ଉଠେ। ଦେଶରେ ଅର୍ଥନୈତିକ ବୈଷମ୍ୟ ଦୂରକରିବାରେ କେହି ମୁଣ୍ଡ ଖେଳାଇଲେ ନାହିଁ। ଏହି ବିପଦ ସମ୍ପର୍କରେ ମହାନ୍ ଯୋଗୀ ଶ୍ରୀଅରବିନ୍ଦ ବହୁ ଆଗରୁ କହିଯାଇଛନ୍ତି, ଭାରତ ଆଗରେ କେତେକ ଗଭୀରତର ପ୍ରଶ୍ନ ରହିଛି। ଯେହେତୁ ପ୍ରଲୋଭନର ପଥ ଅନୁସରଣକରି ଅନ୍ୟ ଦେଶ ସମକକ୍ଷ ଦେଶରେ ପରିଣତ ହୋଇ ପାରେ। ଭାରତ ମଧ୍ୟ ବିପୁଳ ଶିଳ୍ପ, ବାଣିଜ୍ୟ,ସାମାଜିକ ତଥା ରାଜନୈତିକ ଜୀବନର ଏକ ଶକ୍ତିଶାଳୀ ସଙ୍ଗଠନକୁ ରୂପ ଦେଇପାରେ,ଏକ ବିପୁଳ ସାମରିକ ଶକ୍ତିରେ ସଜ୍ଜିତ ହୋଇ ବିଶ୍ୱର କ୍ଷମତାସମ୍ପନ୍ନ ରାଜନୀତିରେ ଅଂଶ ଗ୍ରହଣ କରିପାରେ। କିନ୍ତୁ ଏହି ଆଡ଼ମ୍ବର ଓ ଅଗ୍ରଗତି ଭିତରେ ନିଜର ସ୍ୱଧର୍ମ ଲୋପପାଇବାର ବିପଦ ପ୍ରତୀୟମାନ ହୁଏ। ଆଜିର ଶାସକମାନେ ପାଶ୍ଚାତ୍ୟ ଦେଶକୁ ଅନୁସରଣକରି ଚାଲୁଛନ୍ତି। କିନ୍ତୁ ଭାରତୀୟ ଗଣତନ୍ତ୍ରରେ ଏକ ସ୍ୱତନ୍ତ୍ରତା ରହିଛି। ତାହା ହେଲା ରାଷ୍ଟ୍ରମଙ୍ଗଳ ଚିନ୍ତା, ଏହି ଚିନ୍ତାଧାରାରେ ଶାସକମାନେ ପରିଚାଳିତ ହେବା କଥା। ପାଶ୍ଚାତ୍ୟ ଆଦର୍ଶରେ ଅନୁପ୍ରାଣୀତ ଶାସକ ରାଷ୍ଟ୍ରମଙ୍ଗଳ କଥାକୁ ଭୁଲିଯିବା ସ୍ୱାଭାବିକ। ବିଶ୍ୱ ରାଜନୀତିରେ ପାଦଦେବା ପାଇଁ ଭାରତର ଶାସକମାନେ ବାର୍ଷିକ ବଜେଟକୁ ବୃଦ୍ଧିକରି ଚାଲିଛନ୍ତି। କିନ୍ତୁ ସେମାନେ ଚିନ୍ତା କରନ୍ତି ନାହିଁ ଋଣ କରି ଘିଅ ପିଇବାରେ କୌଣସି ମାନେ ନ ଥାଏ। ତାହା ଭାରତବାସୀଙ୍କ ପାଇଁ ଦୁଃଖର ବିଷୟ। ଦେଶର ବିକାଶ, ଏକତା, ପ୍ରଗତିର ଆବଶ୍ୟକତା ଅଛି। କିନ୍ତୁ ଏହି ଚିନ୍ତାଧାରା ଆମ ମଧ୍ୟରେ ଯେଉଁ ଉଦ୍ଦୀପନା ସୃଷ୍ଟି କରିବା କଥା ତାହା କରିପାରୁ ନାହିଁ। ସେଥିପାଇଁ ପ୍ରତ୍ୟେକ ସରକାରଙ୍କ ଅମଳରେ ଗୋଟିଏ ଗୋଟିଏ ନୂଆ କୌଶଳ ଅବଲମ୍ବନ କରାଯାଉଥିବା ଅନୁଭୂତ ହୁଏ। ସେହି କୌଶଳଟି ହେଉଛି କିପରି କେଉଁ ଉପାୟ ବା ପ୍ରଲୋଭନରେ ଭୋଟ ବ୍ୟାଙ୍କ ତିଆରି ହୋଇ ପାରିବ। ଏଥିପାଇଁ ପ୍ରତ୍ୟେକ ସରକାର ଗୋଟିଏ ଶଗଡ଼ଗୁଳା ଭିତରେ ଗତି କରିଥାଆନ୍ତି। ଦଳୀୟ ସ୍ୱାର୍ଥ, କୌଶଳ, ପ୍ରଲୋଭନ ବ୍ୟତିରେକେ ସରକାର ରାଷ୍ଟ୍ରମଙ୍ଗଳ କଥା ଚିନ୍ତା କରିବା ଓ କାର୍ଯ୍ୟ କରିବା ଉପରେ ଶାସକମାନଙ୍କ ଇଜ୍ଜତ ନିର୍ଭରକରେ।

**ସମ୍ପାଦକ, ଅଖିଳଚକ୍ର,ଓଡ଼ିଶା**
**ମୋ-୯୪୩୭୩୧୫୬୨୩**

## ଏଇ ଭାରତରେ

କୋରିଓଗ୍ରାଫର ବିନୟ ଶର୍ମାଙ୍କ ସମର୍ପିତ ଜୀବନ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା। ସେ ନିର୍ଦ୍ଦେଶନା ଛାଡ଼ି ବସ୍ତି ପିଲାମାନଙ୍କୁ ମାଗଣାରେ ଡ୍ୟାନ୍ସ ଶିକ୍ଷା ଦେଉଛନ୍ତି। ବିନୟଙ୍କ ବୟସ ୩୫। ରହୁଛନ୍ତି ଦିଲ୍ଲୀରେ। ସେ ୨୦୧୬ରେ 'ଡ୍ୟାନ୍ସ ଆଉଟ ଅଫ୍ ପଭର୍ଟି' ଆରମ୍ଭ କରି ଏହା ମାଧ୍ୟମରେ ଗରିବ ପିଲାମାନଙ୍କୁ ଡ୍ୟାନ୍ସ ଶିକ୍ଷା ଦେଉଛନ୍ତି। ବିଗତ ୬ ବର୍ଷରେ ୬ରୁ ୨୮ ବର୍ଷ ବୟସ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱଙ୍କୁ ଡ୍ୟାନ୍ସ ଶିକ୍ଷା ଦେଇସାରିଲେଣି। ସେ ମୁମ୍ବାଇରେ ପ୍ରଥମେ ଟି-ସିରିଜରେ ଯୋଗଦେଇ ପରେ ରାଜକୁମାର ସନ୍ତୋଷୀରେ ସହନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏଭଳି ଆକର୍ଷଣୀୟ କ୍ୟାରିୟର ଛାଡ଼ି ସେ ଦିଲ୍ଲୀ ଫେରଆସି ମାଗଣା ଡ୍ୟାନ୍ସ ଶିକ୍ଷା ଜାରି ରଖିଛନ୍ତି। ଏ ବାବଦରେ ବିନୟ ପାଖାପାଖି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। କେବଳ ଏତିକି ନୁହେଁ, ତାଙ୍କ ଅନୁଷ୍ଠାନରୁ ଡ୍ୟାନ୍ସ ଶିକ୍ଷା ପାଇଁ ଏବେ ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ପିଲା ଡ୍ୟାନ୍ସର, ଡ୍ୟାନ୍ସ ଇନ୍‌ଷ୍ଟ୍ରକଟର ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିରେ କୋରିଓଗ୍ରାଫର ଭାବେ କାର୍ଯ୍ୟ କରୁଛନ୍ତି। ଏବେ ଦିଲ୍ଲୀର ୨୫୦ ପିଲା ବିନୟଙ୍କ ପାଖରୁ ଡ୍ୟାନ୍ସ ଶିକ୍ଷା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଅଗଷ୍ଟ ୧୯୯୭

- ଜେରୁଜେଲମର କେନ୍ଦ୍ରାଞ୍ଚଳରେ ଥିବା ଏକ ବଜାର ଉପରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୫ ନିହତ।
- ବାଂଲାଦେଶର ରାଜଧାନୀ ନଗରସ୍ଥିତ ଚାରୋଟି ପୋଷାକ କାରଖାନା ଥିବା ଏକ ବହୁତଳ ପ୍ରାସାଦରେ ଶ୍ରମିକଙ୍କ ମଧ୍ୟରେ ଦଳାଚକଟା ଘଟି ୨୪ ଜଣଙ୍କ ମୃତ୍ୟୁ।
- ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ବିହାରର ପୂର୍ବତନ ମନ୍ତ୍ରୀ ବିଦ୍ୟାସାଗର ନିଶାଦଙ୍କ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ଆତ୍ମସମର୍ପଣ।
- ମହାରାଷ୍ଟ୍ରର ଅମରାବତୀରୁ ଇନ୍ଦୋର ଅଭିମୁଖେ ଯାଉଥିବା ଏକ ବସ୍ ନର୍ମଦା ନଦୀକୁ ଖସିପଡ଼ିବା ଫଳରେ ୪୮ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଅବଢ଼ା ସୁଲଭ ଦରରେ ମିଳୁ

ମହାଶୟ,

ଶ୍ରୀଶ୍ରୀ ରାମକୃଷ୍ଣ ପରମହଂସ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମହାପ୍ରସାଦକୁ ଭୂରି ଭୂରି ପ୍ରଶଂସା କରି କହିଥାନ୍ତି 'ଜଗନ୍ନାଥକା ଭାତ ଜଗତ ପ୍ରସାରେ ହାତ'। ଜଗନ୍ନାଥଙ୍କ ମହାପ୍ରସାଦ ପାଇବା ପାଇଁ ସମସ୍ତେ ପାଗଳ। ମହାପ୍ରସାଦର ଅନ୍ୟ ନାମ କୈବଲ୍ୟ। ମହାପ୍ରସାଦ ପ୍ରତି ଭୂତ, ପିଶାଚ ଏବଂ ଦେବତାମାନେ ବି ଆଶାୟୀ ଥା'ନ୍ତି। ଆନନ୍ଦ ବଜାର ମଧ୍ୟରେ ମହାପ୍ରସାଦ କିଣି ଖାଇବାରେ ପରମାନନ୍ଦ ମିଳିଥାଏ। ଦୁଃଖର କଥା, ବର୍ତ୍ତମାନ ସମୟରେ ଶ୍ରୀମନ୍ଦିର ଭିତରେ ମହାପ୍ରସାଦର ଦର ଯେପରି ଆକାଶ ଛୁଆଁ ହୋଇଛି ସାଧାରଣ ଗରିବ ଲୋକ କିଣି ଖାଇବା କେବେ ସମ୍ଭବ କି ? ଅବଢ଼ା ବିକୁଥିବା ବ୍ୟକ୍ତିମାନେ ଏହାକୁ ଉଚିତ୍ ମୂଲ୍ୟଠାରୁ ବହୁଗୁଣରେ ବିକ୍ରି କରୁଛନ୍ତି। ପ୍ରତିବାଦ କଲେ ଗାଳି ମିଳୁଛି। ଅବଢ଼ା ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ କୌଣସି ନିୟନ୍ତ୍ରଣ ନାହିଁ। ତେଣୁ ଗରିବ ଲୋକଟିଏ ଜଗାଦର୍ଶନ ପାଇଁ ଯେଉଁ ଆନନ୍ଦରେ ଧାଇଁ ଯାଉଛି ଆନନ୍ଦ ବଜାରରେ ତାକୁ ନିରାଶ ହେବାକୁ ପଡୁଛି।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ଦୂର
ନିକଟ ହେଲା
ନିବିଡ଼େ ଗଲା ଛୁଇଁ
ସବୁଜ ଗିରି କାନନ ନଦୀ ଭୂଇଁ।
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୧୮,୯୬,୨୨୧ | ୬୪,୧୯,୩୩୫ | ୫୫,୧୮,୭୯,୧୨୧ |
| ଭାରତ | ୪,୪୦,୧୯,୮୧୧ | ୫,୨୬,୩୫୭ | ୪,୩୩,୪୯,୭୭୮ |
| ଓଡ଼ିଶା | ୧୩,୧୩,୧୪୫ | ୯୧୪୦(+୫୩) | ୧୨,୯୮,୦୧୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ଖୋର୍ଦ୍ଧା ବରୁଣେଇ ପାଦଦେଶରେ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ୧୦ ଏକର ଜାଗା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ରବିବାର ଭୁବନେଶ୍ୱର ସୂଚନା ଭବନଠାରେ ବିଜୟ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ସହ ରାଜ୍ୟସ୍ତରୀୟ ମହିଳା ପାଇକ ସମାବେଶର ଆୟୋଜନ କରାଯାଇଥିଲା। ସମାବେଶରେ ଯୋଗଦେବା ପାଇଁ ମହିଳାମାନେ ପାଇକ ବେଶରେ ଶୋଭାଯାତ୍ରାରେ ଆସୁଛନ୍ତି।

# ଆଉ ୩ଦିନ ତାତି, ୪ରୁ ପୁଣି ବର୍ଷା

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ଶ୍ରାବଣ ମାସରେ ଧୁ ଧୁ ଖରା। ଅସହ୍ୟ ହେଉଛି ତାତି ସାଙ୍ଗକୁ ଗୁଳୁଗୁଳି। ଖରାଦିନ ଭଳି ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ରାଜ୍ୟରେ ମୌସୁମୀ ଦୁର୍ବଳ ହେବାରୁ ତାପମାତ୍ରା ବଢୁଛି। ଦିନ ଓ ରାତି ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ରବିବାର ଅନୁଗୋଳରେ ସର୍ବାଧିକ ତାପମାତ୍ରା ୩୬.୧ ଡିଗ୍ରୀ ରହିଥିବାବେଳେ ସମ୍ବଲପୁର ୩୬, କଟକ ୩୫.୬, ଚାନ୍ଦବାଲି ୩୫.୭, ଝାରସୁଗୁଡ଼ା ୩୫.୨, ଟିଟିଲାଗଡ଼ ୩୫.୫, ବରଗଡ଼ ୩୫.୬, ଭଦ୍ରକ ୩୫, ନୟାଗଡ଼ ୩୫, ବୌଦ୍ଧ ୩୫, ପାରଳାଖେମୁଣ୍ଡି ୩୫, ସୋନପୁର ୩୫.୬, ମାଲକାନଗିରି ୩୫, ବଲାଙ୍ଗୀର ୩୫.୨, ହୀରାକୁଦ ୩୫.୨ ଡିଗ୍ରୀ ଓ ବାକିସବୁ ଜିଲାରେ ୩୨ ଡିଗ୍ରୀ ଉପରେ ତାପମାତ୍ରା ରହିଥିଲା। ତେବେ ଆଗାମୀ ୨ରୁ ୩ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଯାଏ ଅଧିକ ରହିବ। ଉପକୂଳ ଓଡ଼ିଶାରେ ଉଚ୍ଚ ଆର୍ଦ୍ରତା ଏବଂ ସ୍ୱାଭାବିକଠାରୁ



ଅଧିକ ତାପମାତ୍ରା କାରଣରୁ ଅତ୍ୟଧିକ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ତେବେ ଆସନ୍ତା ୪ ତାରିଖରୁ ରାଜ୍ୟରେ ପୁଣି ବର୍ଷା ଆରମ୍ଭ ହେବ। ଏହାପରେ ତାତିରୁ ଆଶ୍ୱସ୍ତି ମିଳିବ। ୪ ତାରିଖ ଦିନ ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡିରେ ପ୍ରବଳ ବର୍ଷା ହେବ ଏବଂ ଏଥିପାଇଁ ୟେଲୋ ୱାର୍ନିଂ ଜାରି ରହିଛି। ସୋମବାର କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁରର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ନବରଙ୍ଗପୁରରେ, ମଙ୍ଗଳବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, କନ୍ଧମାଳ, ନବରଙ୍ଗପୁରରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ବୁଧବାର ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନ ଏବଂ ଉତ୍ତର ଓଡ଼ିଶାର କିଛି ଜିଲାରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ରବିବାର ଚାନ୍ଦବାଲିରେ ୨୫.୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱରରେ ୨.୫, ପାରାଦୀପ ୨.୨, ଜଗତସିଂହପୁର ୩ ଓ କେନ୍ଦ୍ରାପଡ଼ାରେ ୨ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

**ପ୍ରଥମ ପୃଷ୍ଠାରୁ...**

## ୨୪ ଘଣ୍ଟାରୁ...

ପରିବର୍ତ୍ତନ କାରଣରୁ ପୃଥିବୀର ଘୂର୍ଣ୍ଣାୟମାନ ବେଗରେ ବୃଦ୍ଧି ଘଟୁଥାଇପାରେ ବୋଲି ବୈଜ୍ଞାନିକ ଲେଓନିଦ ଜୋଟୋଭ୍, କ୍ରିଷ୍ଟିଆନ୍ ବିଜୋଉଆର୍ଡ, ନିକୋଲେ ସିଡୋର୍ନକୋଭ କହିଛନ୍ତି। ଯଦି ଭବିଷ୍ୟତରେ ଏ ପ୍ରକାର ସ୍ଥିତିର ଲଗାତର ପୁନରାବୃତ୍ତି ହୁଏ ତେବେ ଏହାର ନକାରାତ୍ମକ ପ୍ରଭାବ ଅଧିସେକେଣ୍ଡ (ସମୟ ଓ ଆବର୍ତ୍ତନ ସହ ସମନ୍ୱୟ ରକ୍ଷା କରିବା ପାଇଁ ବ୍ୟବହୃତ ସମୟ) ଉପରେ ପଡ଼ିବ। ଫଳରେ ସ୍ମାର୍ଟଫୋନ୍, କମ୍ପ୍ୟୁଟର ଏବଂ ଦୂର ସଞ୍ଚାର କ୍ଷେତ୍ରକୁ ଏହା ପ୍ରଭାବିତ କରିବ। ଅନ୍ୟପଟେ ସମୟରେ ବ୍ୟତିକ୍ରମ ଦେଖାଯିବା ଫଳରେ ଡାଟା କରପ୍ଟ ହେବାର ଆଶଙ୍କା ରହିଛି। ଷ୍ଟାଣ୍ଡାର୍ଡ ପ୍ରାଇମେରୀ ଟାଇମ୍ ଦ୍ୱାରା ସାରା ବିଶ୍ୱ ପରିଚାଳିତ। ପୃଥିବୀ ନିଜକକ୍ଷ ଚାରିପାଖେ ଘୂରିବାରେ ପରିବର୍ତ୍ତନ ଦେଖାଯିବା କାରଣରୁ ବିଗତ ଦିନରେ ପ୍ରାୟ ୨୭ ଥର ଅଧି ସେକେଣ୍ଡରେ ପରିବର୍ତ୍ତନ କରାଯାଇଥିବା କୋଅର୍ଡିନେଟେଡ୍ ୟୁନିଭର୍ସାଲ ଟାଇମ୍ (ୟୁଟିସି) ପକ୍ଷରୁ କୁହାଯାଇଛି।

## ଇଡିରେ ସଞ୍ଜୟ...

୫ଟାରେ ତଦନ୍ତକାରୀ ଟିମ୍ ତାଙ୍କୁ ଇଡି ଅଫିସକୁ ନେଇଥିଲା। ଶିବସେନା ମୁଖ୍ୟ ଉଦ୍ଧବ ଠାକରେଙ୍କ ଗୋଷ୍ଠୀର ସଞ୍ଜୟ ଏନେଇ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, କୌଣସି ଦୁର୍ନୀତିରେ ତାଙ୍କ ସମ୍ପୃକ୍ତି ନାହିଁ। ମିଥ୍ୟା ପ୍ରମାଣ ଆଧାରରେ ତାଙ୍କ ବିରୋଧରେ ଇଡି କାର୍ଯ୍ୟାନୁଷ୍ଠାନ ନେଇଛି। ରାଜନୈତିକ ପ୍ରତିଶୋଧ ପାଇଁ ସେମାନେ ତାଙ୍କୁ ଗିରଫ କରିବାକୁ ଯାଉଛନ୍ତି। ତେବେ ଜୀବନ ଚାଲିଗଲେ ବି ସେ ଆତ୍ମସମର୍ପଣ କରିବେ ନାହିଁ କି ଶିବସେନା ଛାଡ଼ିବେ ନାହିଁ। ବାଲାସାହେବ ଠାକରେଙ୍କ ଦଳ ପାଇଁ ଲଢ଼େଇ ଜାରି ରହିବ ବୋଲି ମୋଦି ସରକାରଙ୍କ ସମାଲୋଚକ ରୂପେ ପରିଚିତ ସଞ୍ଜୟ ଟୁଇଟ୍ କରିଛନ୍ତି।

## ୧,୦୪୦ କୋଟିର...

କରାଯାଇଥିଲା। ଏହି କାର୍ଯ୍ୟ ଗୁରୁ ଆଶିଷ କନ୍‌ଷ୍ଟ୍ରକଶନ ପ୍ରାଇଭେଟ ଲିଃ (ଜିଏସିପିଏଲ୍)କୁ ଦିଆଯାଇଥିଲା। ଏମ୍‌ଏଚ୍‌ଏଡିଏ, ଜିଏସିପିଏଲ୍ ଏବଂ ସୋସାଇଟିର ବାସିନ୍ଦାଙ୍କ ମଧ୍ୟରେ ସେତେବେଳେ ଏନେଇ ଚୁକ୍ତି ସ୍ୱାକ୍ଷର ହୋଇଥିଲା। କିନ୍ତୁ ଏହାର ୧୪ ବର୍ଷ ପରେ ମଧ୍ୟ ଲୋକେ ଘର ପାଇନାହାନ୍ତି। ତ୍ରିପାକ୍ଷିକ ଚୁକ୍ତି ଅନୁସାରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଡେଭେଲପର ପ୍ରତିମାସରେ ବାସିନ୍ଦାଙ୍କୁ ଭଡ଼ା ଦେବା ପାଇଁ ଚୁକ୍ତିରେ ସର୍ତ୍ତ ରଖାଯାଇଥିଲା। କିନ୍ତୁ ୨୦୧୪-୧୫ ପର୍ଯ୍ୟନ୍ତ ଭଡ଼ା ଦେବା ପରେ ହଠାତ୍ ବନ୍ଦ କରିଦେଇଥିଲା। ପ୍ରକଳ୍ପ ସମ୍ପୂର୍ଣ୍ଣରେ ବିଳମ୍ବ ହେବାରେ ଲାଗିଥିବାବେଳେ ବାସିନ୍ଦାମାନେ ଟଙ୍କା ନ ପାଇ ଆଇନର ଆଶ୍ରୟ ନେଇଥିଲେ। ଇଡିର କହିବା ହେଲା ସଞ୍ଜୟ ରାଉତ୍‌ଙ୍କ ଘନିଷ୍ଠ ପ୍ରବୀଣ ରାଉତ୍ ଏବଂ ଜିଏସିପିଏଲ୍‌ର ସହଯୋଗୀମାନେ ଏମ୍‌ଏଚ୍‌ଏଡିଏକୁ ବିଭ୍ରାନ୍ତ କରି ଫ୍ଲୋର ସ୍ପେସ୍ ଇଣ୍ଡେକ୍ସ (ଏଫ୍‌ଏସ୍‌ଆଇ)କୁ ୯ ଡେଭେଲପରଙ୍କୁ ବିକ୍ରି କରିଦେଇଥିଲେ। ଏଥିରୁ ସେମାନେ ୯୦୧.୭୯ କୋଟି ଟଙ୍କା ପାଇଥିଲେ। ଇତିମଧ୍ୟରେ ଜିଏସିପିଏଲ୍ 'ମିଡୋଜ୍' ନାମରେ ଅନ୍ୟ ଏକ ପ୍ରୋଜେକ୍ଟ ଲଞ୍ଚ କରି ଫ୍ଲାଟ୍ କ୍ରେତାମାନଙ୍କଠାରୁ ବୁକିଂ ବାବଦରେ ପ୍ରାୟ ୧୩୮ କୋଟି ଟଙ୍କା ନେଇଛି। ଏହିଭଳି ଭାବେ ଜିଏସିପିଏଲ୍ ଡାଇରେକ୍ଟର୍ସଙ୍କ ବିରୋଧରେ ୧,୦୩୯.୭୯ କୋଟି ଟଙ୍କାର ବେଆଇନ କାରବାର ଅଭିଯୋଗ ରହିଛି। ଜିଏସିପିଏଲ୍ ହେଉଛି ହାଉସିଂ ଡେଭେଲପମେଣ୍ଟ ଇନ୍‌ଫ୍ରାଷ୍ଟ୍ରକ୍ଚର୍ସ ଲିଃ (ଏଚ୍‌ଡିଆଇଏଲ୍) ଅଧୀନରେ ଥିବା ଏକ ସଂସ୍ଥା। ପୂର୍ବରୁ ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ୍ ବ୍ୟାଙ୍କରୁ ୪,୩୦୦ କୋଟି ଟଙ୍କା ହଡ଼ପ ଅଭିଯୋଗରେ ଏଚ୍‌ଡିଆଇଏଲ୍ ଇଡି ଏବଂ ଅନ୍ୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର ସ୍କାନରରେ ଥିବାବେଳେ ଜିଏସିପିଏଲ୍ ବିରୋଧରେ ଉପରୋକ୍ତ ଅଭିଯୋଗ ଆସିଥିଲା। ପ୍ରବୀଣଙ୍କୁ ଇଡି ଜେରା ବେଳେ ସେ ଏଚ୍‌ଡିଆଇଏଲ୍‌ଠାରୁ ୧୦୦ କୋଟି ଟଙ୍କା ଗ୍ରହଣ କରିଥିବା ବିଷୟ ସ୍ୱୀକାର କରିଥିଲେ। ଉକ୍ତ ଅର୍ଥକୁ ସେ ସଞ୍ଜୟ ରାଉତ୍‌ଙ୍କ ପରିବାର ସମେତ ନିଜର ଅନ୍ୟ ବ୍ୟବସାୟିକ ସହଯୋଗୀମାନଙ୍କ ଆକାଉଣ୍ଟକୁ ପଠାଇଥିବା ମାନିଥିଲେ ବୋଲି ଇଡି ପକ୍ଷରୁ କୁହାଯାଇଛି। ଏହି ଆର୍ଥିକ କାରବାର ସଂକ୍ରାନ୍ତରେ ପୂର୍ବରୁ ସଞ୍ଜୟଙ୍କ ସ୍ତ୍ରୀ ଓ ତାଙ୍କର କେତେଜଣ ସହଯୋଗୀଙ୍କୁ ଜେରା କରାଯାଇଛି।

## ଜେରେମିଙ୍କୁ ସ୍ୱର୍ଣ୍ଣ,...

କରିଥିଲେ। ତୃତୀୟ ଉଦ୍ୟମରେ ୧୪୩ କେଜି ଚେଷ୍ଟା କରି ବିଫଳ ହୋଇଥିଲେ। ସେହିପରି କ୍ଲିନ୍ ଆଣ୍ଡ ଜର୍କରେ ଏହି ୨୦୨୧ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ବିଜେତା ପ୍ରଥମ ଦୁଇ ଉଦ୍ୟମରେ ୧୫୪ ଓ ୧୬୦ କେଜି ସହଜରେ ଉତ୍ତୋଳନ କରିଥିବାବେଳେ ତୃତୀୟ ଉଦ୍ୟମରେ ୧୬୫ କେଜିରେ ସଫଳ ହୋଇ ନ ଥିଲେ। ଜେରେମିଙ୍କ ବାପା ଲାଲନେଇହିତ୍‌ଲୁଆଙ୍ଗା ହେଉଛନ୍ତି ଜାଣେ ଜାତୀୟ ସ୍ତରର ବକ୍ସର। ଜେରେମି କ୍ୟାରିୟର ଆରମ୍ଭରେ ବକ୍ସିଂ କରୁଥିଲେ ହେଁ ପରେ ଭାରୋତ୍ତୋଳନକୁ ଆପଣେଇ ନେଇଥିଲେ।

ମହିଳା ୫୫ କେଜି ବର୍ଗରେ ମଣିପୁରର ୨୩ ବର୍ଷୀୟ ବିନ୍ଦ୍ୟାରାଣୀ ମୋଟ ୨୦୨ କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିଲେ। ସେ ସ୍ନାଚ୍‌ରେ କ୍ୟାରିୟର ଶ୍ରେଷ୍ଠ ୮୬ କେଜି ଉଠାଇଥିବାବେଳେ କ୍ଲିନ୍ ଆଣ୍ଡ ଜର୍କରେ ୧୧୬ କେଜି ଉତ୍ତୋଳନ କରି ଗେମ୍ସ ରେକର୍ଡର ଅଧିକାରିଣୀ ହୋଇଥିଲେ। ନାଇଜେରିଆର ଆଡିଜାଟ ଆଡେନିକେ ଓଲାରିନୋୟେ ୨୦୩ (୯୨+୧୧୧) କେଜି ସହ ସ୍ୱର୍ଣ୍ଣ ଏବଂ ଲୋକାଲ ଫେଭରାଇଟ ଇଂଲଣ୍ଡର ଫ୍ରାଏର ମୋରୋ ୧୯୮ (୮୯+୧୦୯) କେଜି ସହ ବ୍ରୋଞ୍ଜ ପଦକ ପାଇଥିଲେ। ପ୍ରଥମଥରପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେଇ ରୌପ୍ୟ ପଦକ ହାସଲ କରିଥିବାରୁ ଏବଂ ଗେମ୍ସ ରେକର୍ଡର ଅଧିକାରିଣୀ ହୋଇଥିବାରୁ ଖୁସି ଜାହିର କରିଛନ୍ତି ବିନ୍ଦ୍ୟାରାଣୀ। ବିନ୍ଦ୍ୟାରାଣୀଙ୍କ ବାପା ଜଣେ କୃଷକ। ତାଙ୍କର ତେଜରାତି ଦୋକାନ ଅଛି। ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ସେ ଟାଏକୋଣ୍ଡୋ କରିଥିଲେ। ମାତ୍ର ଉଚ୍ଚତା କମ୍ ହୋଇଥିବାରୁ ଅନ୍ୟମାନଙ୍କ ପରାମର୍ଶରେ ଭାରୋତ୍ତୋଳନକୁ କ୍ୟାରିୟର କରିଥିଲେ ବୋଲି ବିନ୍ଦ୍ୟାରାଣୀ ପ୍ରକାଶ କରିଛନ୍ତି।

## ଆର୍‌ଏମ୍‌ଆର୍‌ସିରେ...

ହୋଇଛନ୍ତି। କିନ୍ତୁ ଓଡ଼ିଶାରେ ଏ ପର୍ଯ୍ୟନ୍ତ କେହି ଚିହ୍ନଟ ହୋଇ ନାହାନ୍ତି। ମଙ୍କିପକ୍ସ ସାଧାରଣତଃ ଚିକେନପକ୍ସ ଓ ମିଳିମିଳା ଭଳି ଏକ ରୋଗ। ଏହା ନିଃଶ୍ୱାସ ପ୍ରଶ୍ୱାସ ଓ କାଶିବା ଦ୍ୱାରା ସାଧାରଣତଃ ବ୍ୟାପିଥାଏ। ଏଥିରେ ଆକ୍ରାନ୍ତ ରୋଗୀଙ୍କଠାରେ ପ୍ରଥମ ଅବସ୍ଥାରେ ଦୁର୍ବଳ ଲାଗିବା, ପିଠିରେ ଯନ୍ତ୍ରଣା ହେବା, ଦେହ-ହାତ କୁଣ୍ଡାଇ ହେବା ଭଳି ଲକ୍ଷଣ ପ୍ରକାଶ ପାଇଥାଏ। ପରେ ହାତ ପାଦ ଓ ମୁହଁରେ ଘା' ବାହାରିଥାଏ। ସନ୍ଦିଗ୍ଧ ରୋଗୀ ଏଥିପାଇଁ ୨୧ ଦିନ ପାଇଁ ସଙ୍ଗରୋଧରେ ରହିବା ସହିତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ମଙ୍କିପକ୍ସ ଭୂତାଣୁ ଚିହ୍ନଟ ପାଇଁ ଦେଶର୧୫ଟି ସ୍ଥାନରେ ନମୁନା ପରୀକ୍ଷଣ ବ୍ୟବସ୍ଥା ଥିବାବେଳେ ଖୁବ୍‌ଶୀଘ୍ର ଓଡ଼ିଶାରେ ଏହି ସୁବିଧା ଉପଲବ୍ଧ ହେବ। ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିଠାରେ ମଙ୍କିପକ୍ସ ନମୁନା ପରୀକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ମଙ୍କିପକ୍ସର ଚିକିତ୍ସା ପାଇଁ ମେଡିସିନ ବିଭାଗ ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶେଷଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି।

## ଓଡ଼ିଶାର ୮ ବର୍ଷର ବାଳକଙ୍କୁ...

ପଠାଯାଇଛି ଓ ଫଳାଫଳକୁ ଅପେକ୍ଷା କରାଯାଉଛି ବୋଲି ଡ. କୁମାର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଭାରତରେ ୪ ଜଣଙ୍କଠାରେ ମଙ୍କିପକ୍ସ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରୁ ୩ ଜଣ କେରଳର ହୋଇଥିବା ବେଳେ ଅନ୍ୟଜଣେ ଦିଲ୍ଲୀ ବାସିନ୍ଦା। ଇତିମଧ୍ୟରେ କେରଳ କୋଲାମ ଜିଲାର ପ୍ରଥମ ମଙ୍କିପକ୍ସ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେ ଜୁଲାଇ ୧୨ରେ ୟୁଏଇରୁ ଫେରିବା ପରେ ୧୪ରେ ତାଙ୍କଠାରେ ମଙ୍କିପକ୍ସ ଚିହ୍ନଟ ହୋଇଥିଲା।

## ଚିର ନିଦ୍ରାରେ...

ଏକ ସଙ୍ଗୀତମୟ ବାତାବରଣ ଥିଲା। ପିତା ପଣ୍ଡିତ ମୋହିନୀମୋହନ ଓ ବଡ଼ ଭାଇ ମୁରାରିମୋହନ ମିଶ୍ର ଉଭୟ ପ୍ରଖ୍ୟାତ ଗାୟକ ଥିଲେ। ତାଙ୍କ ପରିବାରର ପ୍ରକୃତ ସାଙ୍ଗିଆ ବନ୍ଦୋପାଧ୍ୟାୟ(ବାନାର୍ଜୀ) ଥିଲା। ପରେ 'ମିଶ୍ର' ଉପାଧି ପ୍ରଦାନ କରାଯାଇଥିଲା। ନିର୍ମଳା ଷାଠିଏ ଓ ସତୁରି ଦଶକରେ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ। ତାଙ୍କୁ ଓଡ଼ିଆ ସିନେମାର ଲତା ମଙ୍ଗେସକର ଭାବେ ଅଭିହିତ କରାଯାଉଥିଲା। ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାସ ନିର୍ମଳାଙ୍କ ପ୍ରତିଭାକୁ ଚିହ୍ନି ତାଙ୍କୁ ପ୍ରଥମେ ୧୯୬୦ ମସିହାରେ ଶ୍ରୀଲୋକନାଥ ଚଳଚ୍ଚିତ୍ରରେ କଣ୍ଠଦାନ କରିବାକୁ ସୁଯୋଗ ଦେଇଥିଲେ। ଏହାପରେ ସେ ବହୁ ସିନେମାରେ କଣ୍ଠଦାନ କରି ବେଶ୍ ଲୋକପ୍ରିୟ ହୋଇଥିଲେ। ଏଥିମଧ୍ୟରେ ସ୍ତ୍ରୀ, କା, ମଲାଜହ୍ନ, ଅଭିନେତ୍ରୀ, ଅନୁତାପ, କିଏ କାହାର, ଅମଡ଼ା ବାଟ, ଘର ସଂସାର, ଅଦିନ ମେଘ ଆଦି ଚଳଚ୍ଚିତ୍ର ଅନ୍ୟତମ। ସେହିଭଳି ତାଙ୍କର ଲୋକପ୍ରିୟ ଗୀତ ମଧ୍ୟରେ ନିଦଭରା ରାତି ମଧୁଝରା ଜହ୍ନ, ମୋ ମନର ବୀଣାର ତାରେ, ଜୀବନ ଯମୁନାରେ ଜୁଆର ଉଠେରେ, ମାୟା ଘେରା ମଧୁବନେ, ଯା ଯାରେ ଯା ମନପବନ ନଉକା, ମାୟାବିନୀ ଏଇ ରାତି, ନା ମାରନା, ଛାଡ଼ ଛାଡ଼ ମୋର ଅଞ୍ଚଳ, ହେମହରିଣୀ ମଥାରମଣି, ପରଦେଶୀ ବନ୍ଧୁ ତୁମେ ଯିବ ଉଡ଼ି ଉଡ଼ିକି, ଢେଉ ଢେଉକା ପାହାଡ଼ ତଳେ, ମୁଁ ତୁମକୁ ଭଲ ପାଏ ଲୁଚିଲୁଚିକା, ଯୋଛନା ଲୁଚନା, ସଞ୍ଜ ସକାଳେ ତୁମ ଛବି, ତୁମେ ଯଦି ସାଥୀ, ସୁଲୁସୁଲିଆ, ପ୍ରଭୁପଦ ତଳେ ପ୍ରଣତି ଡାଳେ, ସପନ ବିଳାସୀ ଓ ଏଇ ଚିକିମିକି ହସେ ଆଦି ଅନ୍ୟତମ। ପ୍ରାୟ ୨୦ଟି ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଚ୍ଛଦପଟ ଗାୟିକା ନିର୍ମଳା ଭୁବନେଶ୍ୱର ମିଶ୍ର, ବାଳକୃଷ୍ଣ ଦାସ, ଅକ୍ଷୟ ମହାନ୍ତି, ରାଖାଲ ମହାନ୍ତି ଓ ଶାନ୍ତନୁ ମହାପାତ୍ରଙ୍କ ପରି ପ୍ରଖ୍ୟାତ ସଙ୍ଗୀତକାରଙ୍କ ସହ କାମ କରିଥିଲେ। ସେହିପରି ବଙ୍ଗଳାରେ 'ଇମନ୍ ଏକଟା ଝିନୁକ୍', 'ବୋଲୋ ଟୁ ଆର୍ସି', 'କାଗୋଜର ଫୁଲ ବୋଲେ', 'ଇ ବଙ୍ଗଲା ମାଟି ଚାୟ' ଏବଂ 'ଆମି ତୋମାର' ପ୍ରଭୃତି ଗୀତକୁ ସେ ନିଜ ଅନ୍ଦାଜରେ କଣ୍ଠଦାନ କରି ଲୋକପ୍ରିୟ ହୋଇଥିଲେ, ଯେଉଁଥିପାଇଁ ତାଙ୍କୁ ବାଳକୃଷ୍ଣ ଦାସ ପୁରସ୍କାର ମିଳିଥିଲା। ନିର୍ମଳାଙ୍କ ବିୟୋଗରେ ସଙ୍ଗୀତଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ କୋଲକାତାର ରବୀନ୍ଦ୍ର ସଦନକୁ ନିଆଯାଇଥିଲା। ସେଠାରେ ତାଙ୍କର ପ୍ରଶଂସକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ନିର୍ମଳାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ନିର୍ମଳା ମିଶ୍ର ଜଣେ ଉଚ୍ଚକୋଟୀର ଗାୟିକା ଭାବରେ ଓଡ଼ିଆ ସଙ୍ଗୀତ ଜଗତରେ ସୁନାମ ଅର୍ଜନ କରିଥିଲେ। ୬୦ ଓ ୭୦ ଦଶକରେ ତାଙ୍କ ସଙ୍ଗୀତର ମଧୁର ମୂର୍ଚ୍ଛନା ଜନମାନସରେ ଏବେ ମଧ୍ୟ ଜୀବନ୍ତ ରହିଛି। ତାଙ୍କର ସଙ୍ଗୀତଗୁଡ଼ିକ ଅତ୍ୟନ୍ତ ଶ୍ରୁତି ମଧୁର ଓ ଶ୍ରୋତାଙ୍କୁ ଗଭୀର ଆନନ୍ଦ ପ୍ରଦାନ କରିଥାଏ। ତାଙ୍କ ବିୟୋଗ ଓଡ଼ିଆ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ମୁଖ୍ୟମନ୍ତ୍ରୀ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ନିର୍ମଳାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ସଂଗ୍ରାମୀଙ୍କ ବଳିଦାନ ପାଇଁ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି

## ତ୍ରିରଙ୍ଗା ପଦଯାତ୍ରାରେ ଯୋଗଦେଲେ ଧର୍ମେନ୍ଦ୍ର

**ଢେଙ୍କାନାଳ ଅଫିସ/ ଭୁବନ(ଡି.ଏନ୍.ଏ.), ୩୧।୭**

ଶହୀଦ ବାଜି ରାଉତ ବ୍ରିଟିଶ ଶାସନ ଆଗରେ ମଥା ନୁଆଁଇ ନ ଥିଲେ। ଦେଶ ମାତୃକା ପାଇଁ ସେ ଜୀବନ ଦେଇଥିଲେ। ତାଙ୍କ ଭଳି ଅନେକ ସଂଗ୍ରାମୀଙ୍କ ବଳିଦାନ ପାଇଁ ଆଜି ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମସ୍ଥାନ ଢେଙ୍କାନାଳ ଜିଲା ଭୁବନ ନୀଳକଣ୍ଠପୁରରେ ରବିବାର ଆୟୋଜିତ ତ୍ରିରଙ୍ଗା ପଦଯାତ୍ରାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି।

ଭୁବନ କାଳୀବଜାରରେ ଶହୀଦ ବାଜିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରୁ ନୀଳକଣ୍ଠପୁରଯାଏ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଥିଲା। ନୀଳକଣ୍ଠପୁର ଶହୀଦ ସ୍ମୃତିପୀଠରେ ଧର୍ମେନ୍ଦ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ 'ହର୍ ଘର ତ୍ରିରଙ୍ଗା' ଅଭିଯାନରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିରେ ଓଡ଼ିଶାବାସୀ ସାମିଲ ହୋଇ ପ୍ରତି ଘରେ ତ୍ରିରଙ୍ଗା ପତାକା ଲଗାଇ ଅଭିଯାନକୁ ଜନ ଆନ୍ଦୋଳନର ରୂପ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲା ମାଟ୍ରିକ ଟପ୍ପର ଓମ୍ ପ୍ରକାଶ ସାହୁଙ୍କ ସମେତ ଯୁକ୍ତ ୨ ବାଣିଜ୍ୟ ଏବଂ ବିଜ୍ଞାନରେ କୃତିତ୍ୱ ଅର୍ଜନ କରିଥିବା ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।



ଭୁବନରେ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ।

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ୯୧ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ନରେନ୍ଦ୍ର ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବରିଷ୍ଠ ନେତା ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରି ପ୍ରିନ୍ସିପାଲ ମାନସ ଚନ୍ଦ୍ର ରାଉତଙ୍କ ସହ ନୂତନ ଜାତୀୟ ଶିକ୍ଷାନୀତି, ମାତୃଭାଷା ଓଡ଼ିଆରେ ଶିକ୍ଷାଦାନ, ନ୍ୟାଶନାଲ କରିକୁଲମ୍ ଫ୍ରେମୱାର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସ୍କୁଲ ପାଠ୍ୟ ଖସଡ଼ାରେ ଇତିହାସର ଅନାଲୋଚିତ ସଂଗ୍ରାମୀଙ୍କ ବୀରତ୍ୱ କାହାଣୀ, ଇରମ୍ ଗୁଳିକାଣ୍ଡ, ଇଞ୍ଚୁଡି ଲବଣ ସତ୍ୟାଗ୍ରହ, ଓଡ଼ିଶାର ପର୍ଯ୍ୟଟନ, ସଂସ୍କୃତି, ଐତିହ୍ୟକୁ ସ୍ଥାନ ଦେବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# 'ଶିକ୍ଷକମାନେ ନୂତନ ଯୁଗର ବାର୍ତ୍ତାବହ'

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଅଧ୍ୟକ୍ଷା, ଅଧ୍ୟକ୍ଷ, କମ୍ପ୍ୟୁଟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଏକ ଦିନିକିଆ ଶିକ୍ଷଣ କାର୍ଯ୍ୟକ୍ରମ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଅଧ୍ୟକ୍ଷା, ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ହେଉଛନ୍ତି ଏକ ନୂତନ ଯୁଗର ବାର୍ତ୍ତାବହ ଓ ଭବିଷ୍ୟତ ପିଢ଼ି ପାଇଁ ନୂତନ ସନ୍ଦେଶର ଆବାହକ। ସେମାନଙ୍କ ବୌଦ୍ଧିକ ଚିନ୍ତାଧାରା ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ସାକାର

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଶିକ୍ଷଣ କାର୍ଯ୍ୟକ୍ରମ**



କରିବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନକୁ ପାଥେୟ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱ ଦରବାରରେ ବଳିଷ୍ଠ ଭାବେ ଉପସ୍ଥାପନ କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା, ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ କହିଲେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୫-ଟି ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏବଂ ଏହି ଅଭିନବ ଯୋଜନାର ଆପଣମାନେ ହେଉଛନ୍ତି ସାରଥି। ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଗ୍ରଣୀ କରିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାର ସ୍ୱାକ୍ଷର ବହନ କରିଛି। ଏହି ଯୋଜନାକୁ ସାକାର କରିବାକୁ ମନ୍ତ୍ରୀ କହିଥିଲେ। ଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ବନ୍ଦନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖାଉଛନ୍ତି କଞ୍ଚା ମାଛ, ମାଂସ ଓ କଙ୍କଡ଼ା

## ଯୁବକଙ୍କୁ ଘାରିଛି ଅଜବ ନିଶା

**ନୀଳଗିରି,୩୧।୭(ସ୍ୱ.ପ୍ର)**

କଞ୍ଚା ମାଛ, ମାଂସ ଓ କଙ୍କଡ଼ା ଖାଇ ଚର୍ଚ୍ଚାକୁ ଆସିଛନ୍ତି ଜଣେ ଯୁବକ। ତାଙ୍କର ଏଭଳି ଅଜବ ନିଶା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ହେଲେ ବାଲେଶ୍ୱର ଜିଲା ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଜୁରିଆପାଟଣା ଗ୍ରାମର ରତ୍ନାକର ଦଳେଇଙ୍କର ବଡ଼ ପୁଅ ସନ୍ତୋଷ।

ବୃତ୍ତିରେ ଜଣେ ପଥର ଶିଳ୍ପୀ ଭାବେ ଜଣାଶୁଣା ସନ୍ତୋଷ କହନ୍ତି, କଞ୍ଚା ଜିନିଷ ଖାଇବା ତାଙ୍କର ପିଲା ଦିନର ଅଭ୍ୟାସ। ଅନ୍ୟ ଖାଦ୍ୟ କମ୍ ଖାଇ ସେ କଞ୍ଚା ମାଛ, ମାଂସ ଅଧିକ ଖାଇଥାନ୍ତି। ରନ୍ଧା ଜିନିଷରେ ସ୍ୱାଦ ନାହିଁ। କଞ୍ଚା ଖାଇଲେ କୌଣସି ରୋଗ ବ୍ୟାଧି ନ ହେବା ସହ ତାଙ୍କ ସ୍ୱାସ୍ଥ୍ୟ ଭଲ ରହୁଛି। ଏବେ ନୂଆ କରି ଟମାଟୋ ସସ୍ ଲଗାଇ ଜିଅନ୍ତା କଙ୍କଡ଼ା ଖାଉଛି ଓ ଏହାର ସ୍ୱାଦ ନିଆରା ବୋଲି ସେ କହିଛନ୍ତି। ମୁଁ ମୋ ନିଜର ପ୍ରତିଭା ଦେଖାଉଛି। ଅନ୍ୟମାନଙ୍କୁ ଏଭଳି ନ କରିବାକୁ ସେ ସୋସିଆଲ ମିଡିଆରେ ଅନୁରୋଧ କରିଛନ୍ତି।



କଞ୍ଚା କୁକୁଡ଼ା ମାଂସ ଖାଉଛନ୍ତି ସନ୍ତୋଷ।

**ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା**

ରାଜନଗର, (ଡି.ଏନ.ଏ.): ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ କେରୁଆଁପାଳ ଗାଁର ୭୦ ବର୍ଷୀୟ ବୃଦ୍ଧ ନୃପୁର ମାଇତି ସୋମବାର ସନ୍ଧ୍ୟାରେ ବେକରେ ରଶି ଲଗାଇ ଘରେ ଆତ୍ମହତ୍ୟା କରିଛନ୍ତି। ତାଙ୍କର ଦୁଇ ପୁଅ ବାହାରେ ଥିବାବେଳେ ବଡ଼ବୋହୂ ବାପଘରକୁ ଯାଇଥିଲେ। ଘରେ କେବଳ ସାନବୋହୂ ଥିଲେ। ଏ ନେଇ ତାଙ୍କ ବଡ଼ବୋହୂ ତାଳଚୁଆ ସାମୁଦ୍ରିକ ଥାନାରେ ଜଣାଇଛନ୍ତି। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

# ୭ ହଜାରରୁ ଊର୍ଦ୍ଧ୍ୱ କାରିଗରଙ୍କ ରୋଜଗାର ନାହିଁ

- ୩ ଦଶନ୍ଧିରେ ହଜିଲାଣି ୭୦% ହସ୍ତତନ୍ତ ଶିଳ୍ପ
- ଚାହିଦା ମୁତାବକ ମିଳୁନାହିଁ ରୋଜଗାର

**କେନ୍ଦ୍ରାପଡ଼ା ଅଫିସ, ୩୧।୭**

ଅତ୍ୟାଧୁନିକ ମେଶିନ ଓ ଉନ୍ନତ ସୂତା ପାଇଁ କେନ୍ଦ୍ରାପଡ଼ା ଜିଲାର ପୁରାତନ ହସ୍ତତନ୍ତ ଶିଳ୍ପ ବୁଡ଼ି ଯାଇଛି। ଗତ ୩ ଦଶନ୍ଧି ମଧ୍ୟରେ ପ୍ରାୟ ୭୦ ପ୍ରତିଶତ ହସ୍ତତନ୍ତ ଶିଳ୍ପ ବନ୍ଦ ହେବାକୁ ବସିଛି। ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ କାରିଗର ରୋଜଗାର ହରାଇଛନ୍ତି। ସେମାନେ ହସ୍ତତନ୍ତ ମାଧ୍ୟମରେ ଉତ୍ପାଦ ଛାଡି ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲାର ଧୋତି, ଗାମୁଛା ଓ ଲୁଗାର ସାମଗ୍ରିକ ମୂଲ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଆଲୋଚନା ହେଉଥିଲେ ମଧ୍ୟ କାରିଗର ଏହି ବୃତ୍ତି ଛାଡିବାକୁ ବାଧ୍ୟ ହୋଇଛନ୍ତି। ସେହିପରି ତନ୍ତ ବ୍ୟବସାୟ ସେବା ସମିତି ଏବେ ଇତିହାସ ହେବାକୁ ବସିଛି।

କୁଶିଆପାଳ ଗାଁର କାରିଗର ତପନ ସାହୁ କହିଛନ୍ତି, କୁଶିଆପାଳ, ଡିହସାହି, ହରିପୁର, କୋରୁଆ, କୁତରଙ୍ଗ, କେଉଟଗଡା ଆଦି ଗ୍ରାମରେ ଜିଲାର ୧୦ ହଜାରରୁ ଅଧିକ କାରିଗର ତନ୍ତ ଉପରେ ନିର୍ଭର କରି ଚଳୁଥିଲେ। କସ୍ତା, ଗାମୁଛା, ଧୋତି, ଚାଦର ଆଦିର ଚାହିଦା ଦେଶ ବିଦେଶରେ ଥିଲା। ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମ କାଳରେ ସ୍ଥାନୀୟ ସଂଗ୍ରାମୀଙ୍କ ଉଦ୍ୟମରେ ଶିକ୍ଷାନୁଷ୍ଠାନରେ ଏହି କୌଳିକ ବୃତ୍ତିକୁ ସାମିଲ କରି ଏଠାରେ ମୌଳିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ସାମ୍ପ୍ରତିକ ସମୟରେ ହସ୍ତତନ୍ତ ସାମଗ୍ରୀର ଚାହିଦା ସତ୍ତ୍ୱେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି କୁଟୀରଶିଳ୍ପ ବନ୍ଦ ହୋଇଥିବା ପ୍ରକାଶ କରିଛନ୍ତି। କୋରୁଆ ଗ୍ରାମର ନାରାୟଣ ଭଦ୍ର କୁହନ୍ତି, ଏହି ସାମଗ୍ରୀ ରାଜ୍ୟ ସମେତ ଦେଶ ବିଦେଶରେ ଚାହିଦା ଅଛି। କୃଷି ପରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କେନ୍ଦ୍ରାପଡ଼ା ଜିଲାର ପ୍ରାୟ ୩ ହଜାର କାରିଗର ଏବେ ବି ହସ୍ତତନ୍ତ ସାମଗ୍ରୀ ନିର୍ମାଣରେ ପ୍ରତ୍ୟହ କର୍ମବ୍ୟସ୍ତ ଥାନ୍ତି। ଦୁଇବର୍ଷ ଧରି କରୋନା ସଂକ୍ରମଣ ଭୟ ଏହି ବ୍ୟବସାୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଥିଲା। ଏବେ କେତେକ କାରିଗର ତନ୍ତରେ ବୁଣାବୁଣି ଆରମ୍ଭ କରିଛନ୍ତି। ତେବେ କ୍ରମାଗତ ଭାବେ ତନ୍ତ ଉପରେ କାରିଗରଙ୍କ ଭରସା ତୁଟୁଛି। ଏଥିରୁ ହେଉଥିବା ଆୟ ପରିବାର ଭରଣପୋଷଣ ଯୋଗ୍ୟ ହୋଇ ରହିନାହିଁ। ଯୁବବର୍ଗ ଏବେ କର୍ମନିଯୁକ୍ତି ପାଇଁ ତନ୍ତ ଛାଡି ବିଦେଶକୁ ଯାଉଛନ୍ତି। କୁଶିଆପାଳ ହସ୍ତତନ୍ତ ସମବାୟ ସମିତିର ସଭାପତି ହରେକୃଷ୍ଣ ଦାସ କହିଛନ୍ତି, ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ଲୁଗା ବହୁ ବିକ୍ରି ହେଉଥିବା ବେଳେ ହସ୍ତତନ୍ତରେ ନିର୍ମିତ ଶାଢ଼ିର ଚାହିଦା ଆଗପରି ଅଛି। ବିଶେଷକରି ବିବାହ, ବ୍ରତ, ପୂଜା ପାର୍ବଣରେ ହସ୍ତତନ୍ତ ସାମଗ୍ରୀର ବିକ୍ରି ଅଧିକ ଥାଏ। ଏଥିପାଇଁ ଜିଲାର ବିଭିନ୍ନ ସ୍ଥାନରୁ ବରାଦ କରି ତନ୍ତ ସାମଗ୍ରୀ କ୍ରୟ କରାଯାଉଛି। କୋରୁଆ ଗ୍ରାମର ଅଜୟ କୁମାର ବେହେରା କହିଛନ୍ତି, କାରିଗର ଆବଶ୍ୟକ କଞ୍ଚାମାଲ ପାଇ ପାରୁନାହାନ୍ତି। ସେହିପରି ରଙ୍ଗ ପାଇଁ ରାସାୟନିକ ଦ୍ରବ୍ୟର କଟକଣା ଯୋଗୁ ଉନ୍ନତମାନର ସାମଗ୍ରୀ ନିର୍ମାଣରେ ବାଧା ସୃଷ୍ଟି ହୋଇଛି। ସାମଗ୍ରୀ ଉତ୍ପାଦରେ ବ୍ୟୟ ହେଉଥିବା ଅର୍ଥ ବିକ୍ରି ପରେ ଲାଭ ହେଉନାହିଁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜର ଝେଲ ଶାଢ଼ି ପିନ୍ଧିବା ଅଥବା ସମ୍ବଲପୁରୀ ବସ୍ତ୍ରର ପ୍ରଚାର ପ୍ରସାର ପରି କେନ୍ଦ୍ରାପଡ଼ା ହସ୍ତତନ୍ତର ପ୍ରଚାର ପ୍ରସାର ନାହିଁ। ଚାହିଦା କମୁଥିବାରୁ ଏହି ପୁରାତନ କୁଟୀରଶିଳ୍ପ ନଷ୍ଟ ହେବାକୁ ବସିଛି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ରାଜ୍ୟ ସରକାର ହସ୍ତତନ୍ତକୁ ଗୁରୁତ୍ୱ ଦେଇଛନ୍ତି। ଖଦିବୋର୍ଡ ଓ ବୟନିକା ମାଧ୍ୟମରେ ଏହାର ପ୍ରଚାର ପ୍ରସାର କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ବୟନିକାକୁ ୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥରେ କାରିଗରଙ୍କଠାରୁ ହସ୍ତତନ୍ତ ସାମଗ୍ରୀ କିଣାଯାଉଛି। ଏହାଦ୍ୱାରା କାରିଗରମାନେ ଉପକୃତ ହେବେ ବୋଲି ସେ କହିଛନ୍ତି।


ଡେରାବିଶ ବ୍ଲକ କୁଶିଆପାଳ ଗାଁର ଜଣେ ମହିଳା ତନ୍ତରେ ବସି ଲୁଗା ବୁଣୁଛନ୍ତି।

## ସଂକ୍ଷେପରେ

### ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ଆଳି,୩୧।୭(ଡି.ଏନ.ଏ.): ଆଳି ନାଗରିକ ମଞ୍ଚର ଏକ କାର୍ଯ୍ୟକାରିଣୀ ବୈଠକ ରବିବାର ତହସିଲ ପରିସରରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର ସମ୍ମୁଖ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଳି ଅଞ୍ଚଳର ବହୁବିଧ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଆଳି ମେଡିକାଲର ଦୁରବସ୍ଥା ଯୋଗୁ ସାଧାରଣ ଜନତା ସ୍ୱାସ୍ଥ୍ୟସେବା ପାଇବାରେ ଯେଉଁଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ଆଲୋଚନା ହୋଇଥିଲା। ଅତୀତରେ ଜିଲାରେ ଦ୍ୱିତୀୟ ବୃହତ୍ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପରିବର୍ତ୍ତନ ପାଇଁ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆଳିକୁ ସବ୍‌ଡିଭିଜନ କରାଯିବାକୁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ତାହା କାହିଁକି ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନାହିଁ ଏହାକୁ ନେଇ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯିବ। ଆଳିର ଭୌଗୋଳିକ ଅବସ୍ଥିତି ଦୃଷ୍ଟିକୋଣରୁ ଏହା ଏକମାତ୍ର ପ୍ରକୃଷ୍ଟ ସ୍ଥାନ। ସବ୍‌ଡିଭିଜନ ନିମନ୍ତେ ଭିତ୍ତିଭୂମି ମଧ୍ୟ ଏଠାରେ ରହିଛି। ଆଗାମୀ ଦିନରେ ଏ ସମସ୍ତ ବିଷୟକୁ ନେଇ ସରକାରଙ୍କ ନିକଟରେ ଦୃଢ଼ ଭାବେ ଦାବି ଉପସ୍ଥାପନ କରାଯିବ ବୋଲି ଉପସ୍ଥିତ ସଭ୍ୟମାନେ କହିଥିଲେ। ଏଥିରେ ଆଳି ନାଗରିକ ମଞ୍ଚର ସଭାପତି ଧନେଶ୍ୱର ରାଉତ, ସମ୍ପାଦକ ଆଇନଜୀବୀ ଅକ୍ଷୟ କୁମାର ମଲିକ, କାର୍ଯ୍ୟକାରୀ ସଭାପତି ଦଶରଥ ମଲିକ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ଦୀକ୍ଷିତ, ଉପଦେଷ୍ଟା ପଣ୍ଡିତ ମହେଶ୍ୱର ନନ୍ଦ, ନରହରି ପାତ୍ର, ମାୟାଧର ରାଉତ, ଉମେଶ ଚନ୍ଦ୍ର ସାମଲ, କରୁଣାକର ସାମଲ, ସହସମ୍ପାଦକ ସହଦେବ ସିଂହ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ସ୍ତ୍ରୀ ନିଖୋଜ

ରାଜନଗର, ୩୧।୭(ଡି.ଏନ୍.ଏ.): ରାଜନଗର ବ୍ଲକ ଖମାରସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ରତିକାନ୍ତ ସେଠୀଙ୍କ ସ୍ତ୍ରୀ ଉର୍ମିଳା (୩୩) ଶନିବାରଠାରୁ ନିଖୋଜ ଅଛନ୍ତି। ଶନିବାର ସାଢ଼େ ୯ଟାରେ ତାଳଚୁଆରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ସେ ବସ୍ ଯୋଗେ ଯାଇଥିଲେ। ଗଲାବେଳେ କଫି ଓ ଲାଲ୍ ରଙ୍ଗର ମିଶ୍ରିତ ଶାଢ଼ୀ ପିନ୍ଧିଥିଲେ। ନିର୍ଦ୍ଧାରିତ ସମୟରେ ଘରକୁ ନ ଫେରିବାରୁ ତାଙ୍କ ସ୍ୱାମୀ ତାଳଚୁଆ ବଜାରରେ ପହଞ୍ଚି ଖୋଜାଖୋଜି କରିଥିଲେ। କୌଣସି ସ୍ଥାନରୁ ନ ପାଇ ତାଙ୍କ ବାପଘର ଓ ସମସ୍ତ ବନ୍ଧୁପରିଜନଙ୍କୁ ଖବର ଦେଇଥିଲେ। କୌଣସି ସନ୍ଧାନ ନ ପାଇବାରୁ ଏ ନେଇ ରବିବାର ତାଳଚୁଆ ସାମୁଦ୍ରିକ ଥାନାରେ ସେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଉର୍ମିଳାଙ୍କ ଗୌରବର୍ଣ୍ଣ ଓ ଲମ୍ବା କେଶ ରହିଛି। ତାଙ୍କ ପାଖରେ ଥିବା ମୋବାଇଲ ଓ ହ୍ୱାଟ୍ସଆପ୍ ବନ୍ଦ ରହିଛି ବୋଲି ପୂର୍ବତନ ସରପଞ୍ଚ ସେଠୀ ଅଭିଯୋଗରେ ଦର୍ଶାଇଛନ୍ତି।


ସଂଯୁକ୍ତ ମୋର୍ଚ୍ଚାର କର୍ମକର୍ତ୍ତାମାନେ କେନ୍ଦ୍ର ସରକାର କୃଷକଙ୍କ ଦାବି ପୂରଣ କରୁ ନ ଥିବାରୁ କେନ୍ଦ୍ରାପଡ଼ା ସହରର ତିନିମୁହାଣିଠାରେ ରାସ୍ତାକୁ ଅବରୋଧ କରିଛନ୍ତି।

# କୃଷକଙ୍କ ଦାବି ପୂରଣ କରୁନାହାନ୍ତି କେନ୍ଦ୍ର ସରକାର

**କେନ୍ଦ୍ରାପଡ଼ା ଅଫିସ, ୩୧।୭**

କେନ୍ଦ୍ର ସରକାର କୃଷକଙ୍କ ଦାବି ପୂରଣ କରୁନାହାନ୍ତି। ୩ କୃଷି ଆଇନ ଫେରାଇ ନେଇଥିଲେ ମଧ୍ୟ କୃଷକଙ୍କ ପ୍ରକୃତ ସମସ୍ୟା ସମାଧାନ ହୋଇନାହିଁ। ଏପରି ଅଭିଯୋଗ ଆଣି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରବିବାର କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ରାସ୍ତାକୁ କିଛି ସମୟ ପାଇଁ ବନ୍ଦ କରାଯିବା ସହ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଏ ସମ୍ପର୍କରେ ଆବାହକ ଗୟାଧର ଧଳ କହିଛନ୍ତି, ସମସ୍ତ ଫସଲର ଉପଯୁକ୍ତ ଦର ନିର୍ଣ୍ଣୟ ପାଇଁ କୃଷକମାନେ ଆନ୍ଦୋଳନ କରିଆସୁଛନ୍ତି। ଗତ କୃଷି ଆଇନ ପ୍ରତ୍ୟାହାର ସମୟରେ ପ୍ରଧାନମନ୍ତ୍ରୀ ମୋଦି ଦର ସମ୍ପର୍କରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାହା ମଧ୍ୟ ପୂରଣ ହୋଇପାରିନାହିଁ। ସେହିପରି କୃଷକ ଆନ୍ଦୋଳନ ସମୟରେ କୃଷକଙ୍କ ଉପରେ ହୋଇଥିବା ମକଦ୍ଦମାର ପ୍ରତ୍ୟାହାର, ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟାର ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ ଓ ୨୦୨୦ ବିଦ୍ୟୁତ୍ ବିଲ୍‌ର ପ୍ରତ୍ୟାହାର ଦାବିରେ ଏହି ରାସ୍ତାରୋକୋ ହୋଇଛି। ଏହି ବିକ୍ଷୋଭରେ ମୋର୍ଚ୍ଚାର କର୍ମକର୍ତ୍ତା ଆଦିକନ୍ଦ ରାଉଳ, ପ୍ରଫୁଲ୍ଲ ଦାସ, ରମଣୀ ରଞ୍ଜନ ରାଉତରାୟ, ବିଜୟ ଦାସ, ଫକୀର ଚରଣ ଖଟୁଆ, ଜଗତ୍ ଜୀବନ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ମହିଳା ସଶକ୍ତୀକରଣରେ ସମବାୟ ସମିତି ଏକ ଭଲ ମାଧ୍ୟମ

**କେନ୍ଦ୍ରାପଡ଼ା ଅଫିସ, ୩୧।୭**

କେନ୍ଦ୍ରାପଡ଼ା ସହରର ପ୍ରେସ୍ କ୍ଲବ ପରିସରରେ ମହିଳା କ୍ଷୁଦ୍ର ଋଣ ସମବାୟ ସମିତିର ପ୍ରଥମ ବୈଠକ ସହନିର୍ଦ୍ଦେଶିକା ପରିଷଦର ଶପଥ ଗ୍ରହଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ସଭାପତି ଅବନ୍ତୀ କୁମାର ବେହେରା ସୂଚନା ଦେଇଛନ୍ତି। କ୍ଷୁଦ୍ର ଋଣ ମାଧ୍ୟମରେ ମହିଳାଙ୍କୁ ସଶକ୍ତୀକରଣ କରିବା ଏହି ସମିତିର ଉଦ୍ଦେଶ୍ୟ। ପରିବାରରେ ମହିଳା ହିଁ ମୁଖ୍ୟ। ସେମାନେ ସ୍ୱାବଲମ୍ବୀ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ। ତେବେ ମହିଳାଙ୍କୁ ସାମୂହିକ ଭାବେ ଉତ୍ପାଦ ତାଲିମ ସହ ସ୍ୱାବଲମ୍ବୀ ହେବାକୁ ସମିତି ଚେଷ୍ଟା ଜାରି ରଖିଛି। ପ୍ରଥମ ବୈଠକରେ ଉପସଭାପତି ସାହିଦା ପରବିନ, ନିର୍ଦ୍ଦେଶିକା ସୁଷମା ସିଂହ, ତରୁଲତା ସାମଲ, ମାତା ରାଉତ ପ୍ରମୁଖଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଯାଇଥିଲା। ଏଥିରେ ଶିକ୍ଷକ ମହାସଂଘର ସମ୍ପାଦିକା ଶୈଳବାଳା ସାମଲ ମୁଖ୍ୟ ଅତିଥି ଓ ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଦସ୍ୟାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।


ବୈଠକରେ ଯୋଗ ଦେଇଥିବା ମହିଳା ଓ ଅନ୍ୟମାନେ।

# ଦେସାହିରେ ଚୋରାମଦ ବ୍ୟବସାୟକୁ ବିରୋଧ


ଦେସାହି ଗାଁରେ ଚୋରା ମଦ ବିକ୍ରିର ପ୍ରତିବାଦରେ ରାସ୍ତାରୋକୋ କରାଯାଇଛି।

**ଆଳି,୩୧।୭(ଡି.ଏନ.ଏ.)**

ଆଳି ଅଞ୍ଚଳର ଗାଁ ଗହଳିରେ ଏବେ ଚୋରାମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସରକାର ଲାଇସେନ୍ସପ୍ରାପ୍ତ ଠିପି ଖୋଲା ଓ ଠିପି ବନ୍ଦ ମଦ ଦୋକାନ ଖୋଲିଥିବା ବେଳେ ଗ୍ରାମାଞ୍ଚଳରେ ଚୋରାମଦ କାରବାର ବିପୁଳ ପରିମାଣରେ ହେଉଛି। ଫଳରେ ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବା ବେଳେ ସାଧାରଣ ପରିବାରରେ ଏଥିପାଇଁ କଳହ ସୃଷ୍ଟି ହେଉଛି। ଆଳି ଥାନା ଅନ୍ତର୍ଗତ ଦେସାହି ଗାଁରେ ପାନ ଦୋକାନଠାରୁ ଆରମ୍ଭ କରି ତେଜରାତି ଦୋକାନ ସବୁଠି ଚୋରାମଦ ଖୁଲମ୍‌ଖୁଲା ବିକ୍ରି ହେଉଥିବା ନେଇ କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଚୋରାମଦ କାରବାର ହେଉଥିବାରୁ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଏହାକୁ ବନ୍ଦ କରିବା ନିମନ୍ତେ ଦେସାହି ଗ୍ରାମବାସୀ ରବିବାର ଅପରାହ୍ନରେ ଗ୍ରାମ ମୁଖ୍ୟରାସ୍ତା ରୋକ କରିଥିଲେ। ଗ୍ରାମର ରାଜେଶ ସାହୁ, ପ୍ରଫୁଲ୍ଲ ସାହାଣୀ, ଧୀରେଜ କୁମାର ଦାସ, ରମେଶ କୁମାର ଜେନା, ବାବାଜୀ ଚରଣ ଜେନା, ବିଶ୍ୱଜିତ ବେହୁରିଆ, ସହଦେବ ଜେନା ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗ୍ରାମରେ ଚୋରାମଦ କାରବାର ଯୋଗୁ ସାଧାରଣ ଜନତା ଅତିଷ୍ଠ ହୋଇଗଲେଣି। ଗାଁରେ ଥିବା ପାନଦୋକାନ, ଭୁସାମାଲ ଦୋକାନ ଆଦି ସବୁ ସ୍ଥାନରେ ଖୁଲମ୍‌ଖୁଲା ଚୋରାମଦ କାରବାର ହେଉଛି। ସେମାନଙ୍କୁ ବିକ୍ରି ନ କରିବାକୁ ବାରଣ କରିବା ସତ୍ତ୍ୱେ ସେମାନେ ମାନୁନାହାନ୍ତି। ଏ ନେଇ ସେମାନେ ସ୍ଥାନୀୟ ଗୋବିନ୍ଦପୁର ଫାଣ୍ଡି, ଆଳି ଥାନା, ଆଳି ଅବକାରୀ ବିଭାଗ ସମେତ ଜିଲାପାଳଙ୍କୁ ଚୋରାମଦ ବେପାର ବନ୍ଦ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଭାବେ ଅଭିଯୋଗ କରିବା ସତ୍ତ୍ୱେ କେହି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଫଳରେ ସେମାନେ ଖୁଲମ୍‌ଖୁଲା ନିଜର କାରବାର ଜାରି ରଖିଛନ୍ତି। ଆଗାମୀ ଦିନରେ ଯଦି ପ୍ରଶାସନ ପକ୍ଷରୁ କିଛି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ସେମାନେ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗୋବିନ୍ଦପୁର ଫାଣ୍ଡି କର୍ମଚାରୀ ସେଠାରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରି ରାସ୍ତାରୋକୋ ହଟି ଥିଲେ।

# ପଟ୍ଟାମୁଣ୍ଡାଇରେ ଟ୍ରାଫିକ୍ ନିୟନ୍ତ୍ରଣ ବେକାବୁ

**ପଟ୍ଟାମୁଣ୍ଡାଇ,୩୧।୭(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା ଓ ସଡ଼କ ଦୁର୍ଘଟଣା ରୋକିବାକୁ ପୌର ପରିଷଦ ପକ୍ଷରୁ ପ୍ରତିଷେଧକମୂଳକ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ଦୁର୍ଘଟଣା ରୋକିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଏଥିପାଇଁ ନୂତନ ମୋଟରଯାନ ଆଇନକୁ ମଧ୍ୟ କଡ଼ାକଡ଼ି ଭାବେ ଲାଗୁ କରାଯାଇଛି। ମାତ୍ର ସଚେତନତା ଅଭାବରୁ କୌଣସି ସୁଫଳ ମିଳିପାରୁନାହିଁ। ତେବେ ପଟ୍ଟାମୁଣ୍ଡାଇରେ ଟ୍ରାଫିକ୍ ସମସ୍ୟା ଗୁରୁତର ରୂପ ଧାରଣ କରିଥିବା ଅନୁଭବ କରି କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସରକାରୀ ଜାଗା ଜବରଦଖଲ କରି ସେଠାରେ ଥିବା ଉଠା ଦୋକାନୀମାନଙ୍କୁ ବାରମ୍ବାର ଉଚ୍ଛେଦ କରାଯାଇଛି। ଉପଯୁକ୍ତ ଥଇଥାନ ବ୍ୟବସ୍ଥା ନ କରି ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯିବା ଘଟଣା ନେଇ ବହୁ ସମୟରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଏହି ଉଚ୍ଛେଦକୁ ନେଇ ଉଠା ଦୋକାନୀ ସଂଘ କୋର୍ଟଙ୍କ ଆଶ୍ରୟ ମଧ୍ୟ ନେଇଛି। ହେଲେ ଉଠା ଦୋକାନୀମାନଙ୍କ ଉଚ୍ଛେଦ ପରେ ମଧ୍ୟ ଟ୍ରାଫିକ୍ ସମସ୍ୟାରେ ଆଶାନୁରୂପ ସୁଧାର ଆସିନାହିଁ। ଅନ୍ୟପକ୍ଷରେ ଦୋକାନ ସମ୍ମୁଖରେ ଚାଳକମାନେ ବେପରୁଆ ଭାବେ ଗାଡ଼ି ରଖି ଟ୍ରାଫିକ୍ ଜାମ୍ କରିବା ପରେ ପ୍ରଶାସନର ଫାଇନ୍ ଆଦାୟ କାମରେ ଆସୁନି। ପଟ୍ଟାମୁଣ୍ଡାଇ ସହରାଞ୍ଚଳ ହୋଇଥିଲେ ହେଁ ବିଭିନ୍ନ ଗ୍ରାମକୁ ନେଇ ଏହା ଗଠିତ ହୋଇଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ଜିଲାର ଆଳି, ରାଜନଗର, ରାଜକନିକା, ମହାକାଳପଡ଼ା ଓ କେନ୍ଦ୍ରାପଡ଼ା ବ୍ଲକର ମଧ୍ୟସ୍ଥଳରେ ହୋଇଥିବାରୁ ଏହି ସହରକୁ ବିଭିନ୍ନ କାମ ନେଇ ଗ୍ରାମାଞ୍ଚଳରୁ ଆସୁଥିବା ଚାଳକମାନେ ଟ୍ରାଫିକ ସଚେତନତା ପ୍ରତି ସଜାଗ ନୁହନ୍ତି। ଅନ୍ୟପକ୍ଷରେ ପୌର ପରିଷଦ ପକ୍ଷରୁ ମଧ୍ୟ ପାର୍କିଂ ସ୍ଥାନ ନିର୍ମାଣ କରାଯାଇନାହିଁ। ଉତ୍ତମ ଟ୍ରାଫିକ୍ ବ୍ୟବସ୍ଥା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନୂତନ ମୋଟରଯାନ ଆଇନ ବଳରେ ସମସ୍ତ ଗାଡ଼ିମୋଟର ଯାଞ୍ଚ କରି ଜରିମାନା ଆଦାୟ କରୁଥିଲେ ମଧ୍ୟ ପରିସ୍ଥିତି ପୂର୍ବବତ୍ ରହିଛି। ପ୍ରକୃତପକ୍ଷେ ପଟ୍ଟାମୁଣ୍ଡାଇ ସହରର ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱ ସତେଯେମିତି ବୁଲା ଗୋରୁ, ଷଣ୍ଢ, ଛେଳିମେଣ୍ଢାଙ୍କ ଉପରେ ନ୍ୟସ୍ତ କରାଯାଇଛି। ପଟ୍ଟାମୁଣ୍ଡାଇ

### ରାସ୍ତାରେ ବୁଲୁଛନ୍ତି ଗୋରୁ, ଷଣ୍ଢ

ସହର ସମେତ ପୌରାଞ୍ଚଳର ସମସ୍ତ ମୁଖ୍ୟ ରାସ୍ତାକୁ ବୁଲା ଗୋରୁ, ଛେଳିମେଣ୍ଢା, ଷଣ୍ଢ ନିଜ କବ୍‌ଜାରେ ରଖିଛନ୍ତି। ଗୃହପାଳିତ ପ୍ରାଣୀଙ୍କ ଦ୍ୱାରା ବିଭିନ୍ନ ମୁଖ୍ୟରାସ୍ତା ଅବରୋଧ କାରଣରୁ ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ଘଟିବା ସାଙ୍ଗକୁ ଷଣ୍ଢ ଆକ୍ରମଣରେ ଏକାଧିକ ଲୋକ ଆହତ ହେବା ପରିସ୍ଥିତି ଉପୁଜୁଛି। ପଟ୍ଟାମୁଣ୍ଡାଇ ପୌର ପ୍ରଶାସନ ପକ୍ଷରୁ ବୁଲାଗୋରୁଙ୍କୁ ସହରର ବିଭିନ୍ନ ସ୍ଥାନରୁ ହଟାଇ ନେବା ପାଇଁ ମାଲିକମାନଙ୍କୁ ନୋଟିସ କରାଯିବା ସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଗଲେ ମଧ୍ୟ କୌଣସି ଫଳ ହେଉନାହିଁ। ପଟ୍ଟାମୁଣ୍ଡାଇ ସହର ଓ ବିଭିନ୍ନ ସ୍ଥାନରେ ଅବାଧରେ ବିଚରଣ କରୁଥିବା ବୁଲାଗୋରୁଙ୍କୁ ଅଟକ ରଖି ଜରିମାନା ଆଦାୟ କରିବା ପାଇଁ କାଞ୍ଜିଆହୁଦା ଖୋଲାଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନାହିଁ। ପଟ୍ଟାମୁଣ୍ଡାଇ ସହରର ପୋଖରିଆପଡ଼ା ଆର୍‌ଡି ରାସ୍ତା, ସହରର ମୁଖ୍ୟ ବସ୍‌ଷ୍ଟାଣ୍ଡ ରାସ୍ତା, ବାଲିପଡା ପୂର୍ତ୍ତ ବିଭାଗ ରାସ୍ତା, ସହରର ମୁଖ୍ୟ ବଜାର ରାସ୍ତା, ବ୍ୟସ୍ତବହୁଳ ବାଇପାସ୍–ବକ୍ତାରପୁର ରାସ୍ତା, ତହସିଲ ରୋଡ୍, ଥାନା ସମ୍ମୁଖ ରାସ୍ତା, ମେଡିକାଲ ରୋଡ୍, ବ୍ଲକ ରାସ୍ତାରେ ବୁଲା ଗୋରୁ ରହୁଛନ୍ତି। ପୌର ପ୍ରଶାସନ ପକ୍ଷରୁ ଗୋରୁଙ୍କୁ ଅନ୍ୟତ୍ର ଛଡ଼ାଯିବାର ସରକାରୀ ନିୟମ ଥିଲେ ମଧ୍ୟ ଏହାକୁ ଠିକଣା ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ପଟ୍ଟାମୁଣ୍ଡାଇର ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ରାସ୍ତା ଉପରେ ଗୋରୁ ଶୋଇ ରହିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି।

## ଚତୁର୍ଥ ଦିନରେ ଆନ୍ଦୋଳନକାରୀଙ୍କ ରାସ୍ତା ଅବରୋଧ



ଧାରଣାକାରୀମାନେ ବାଉଁଶ ଦେଇ ପିପିଏଲ୍ ସମ୍ମୁଖ ରାସ୍ତା ଅବରୋଧ କରିଛନ୍ତି।

ପାରାଦୀପ, ୩୧। ୭(ସ୍ୱ.ପ.)

- କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଜାରି
- ୫ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ
- ଧାରଣାସ୍ଥଳରେ ପୋଲିସ ମୁତୟନ

ପିପିଏଲ୍ ଫାଟକ ସମ୍ମୁଖରେ ଦୁଇ ସଂଗଠନ ପକ୍ଷରୁ ଚାଲୁଥିବା ଧାରଣା ଚତୁର୍ଥ ଦିନରେ ପହଞ୍ଚିଛି। ମାତ୍ର ଏପର୍ଯ୍ୟନ୍ତ ଦାବି ପୂରଣ ହୋଇ ନ ଥିବାରୁ ରବିବାର ପୂର୍ବାହ୍ନରେ ଆନ୍ଦୋଳନକାରୀମାନେ କମ୍ପାନୀ ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ପ୍ରାୟ ୫ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ତା'ପରେ ସ୍ୱାଭାବିକ ଧାରଣା ଜାରି ରହିଛି। ଅପରପକ୍ଷେ ପ୍ରଶାସନ ପକ୍ଷରୁ ଧାରଣାସ୍ଥଳରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସନ୍ଧ୍ୟାରେ ଧାରଣା ଦେଇଥିବା ଆଞ୍ଚଳିକ କୃଷକ କଲ୍ୟାଣ କମିଟି ଓ ପ୍ରୋଗ୍ରେସିଭ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ମଧୁବନଠାରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଉଭୟ ସଙ୍ଗଠନର ମୁଖ୍ୟ ବିଷ୍ଣୁ ପ୍ରସାଦ ତରାଇ, ଅରକ୍ଷିତ ଦାସ, ସୁଧୀର ସ୍ୱାଇଁ, ମନୋଜ ନାୟକ ପ୍ରମୁଖ ସାମିଲ ହୋଇ କମ୍ପାନୀ ଓ ପ୍ରଶାସନ ବିରୋଧରେ ବିଷୋଦଗାର କରିଥିଲେ। ପିପିଏଲ୍‌ରେ ଜମିହରାଙ୍କୁ ଠିକାକାମ, ବ୍ୟବସାୟରେ ଭାଗୀଦାରି, ଶ୍ରମିକଙ୍କୁ ମାସିକ ୨୫ ହଜାର ଟଙ୍କା ଦରମା, ଜମିହରାଙ୍କୁ ବକେୟା ଅର୍ଥ ଦେବା ଆଦି ଦାବି ନେଇ ଧାରଣା ଦିଆଯାଇଛି।

# କାମରେ ଆସୁନି ସୌର ପ୍ରକଳ୍ପ

ଜଗତ୍‌ସିଂହପୁର ଅଫିସ, ୩୧।୭

- ଅଧିକାଂଶ ସୌରଚାଳିତ ଷ୍ଟ୍ରିଟ ଲାଇଟ୍ ଅଚଳ
- ପାୱାର ପ୍ଲାଣ୍ଟ ସ୍ଥାପନ ସତ୍ତ୍ୱେ କାର୍ଯ୍ୟକ୍ଷମ ହେଉନି
- ସୌର ଚାଳିତ ପମ୍ପ ପିଛା ୪.୫ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ହୋଇଛି

ବିଦ୍ୟୁତ୍ ଆବଶ୍ୟକତାକୁ ଦେଖି ଉତ୍ପାଦନ ସନ୍ତୋଷଜନକ ନୁହେଁ। ତେଣୁ ଏହାର ବିକଳ୍ପ ଭାବେ ସୌରଶକ୍ତିର ବିନିଯୋଗ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା କୁହାଯାଉଛି। ବାସ୍ତବରେ କିନ୍ତୁ ଏହା କେବଳ ଉପରଠାଉରିଆ ଭଳି ମନେହେଉଛି। ୧୯୮୪ରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଅଧୀନରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓଡ଼ିଶା ରିନ୍ୟୁଏବ୍‌ଲ ଏନର୍ଜି ଡେଭଲପମେଣ୍ଟ ଏଜେନ୍ସି) ବା ଓରେଡା କାର୍ଯ୍ୟକ୍ଷମ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ରାଜ୍ୟରେ ଅକ୍ଷୟ ଶକ୍ତିର ବ୍ୟାପକ ବିନିଯୋଗ କରିବା ଅର୍ଥାତ୍ ବହୁ ସଂଖ୍ୟକ ଲୋକଙ୍କୁ ଏହାର ଉପକାର ଯୋଗାଇବା। କିନ୍ତୁ ଇତିମଧ୍ୟରେ ୩୮ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଓରେଡା ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିନାହିଁ। ଆଶ୍ଚର୍ଯ୍ୟର କଥା ହେଲା, ଏବେ ବି ଅଧିକାଂଶ ଲୋକ ସୌର ପ୍ରକଳ୍ପ (ସୋଲାର ପ୍ରୋଜେକ୍ଟ) କ'ଣ ଓ ଏହାର ଉପକାରିତା ବିଷୟରେ ଜାଣନ୍ତି ନାହିଁ। ଜଗତ୍‌ସିଂହପୁର ଜିଲାରେ ଓରେଡା ପକ୍ଷରୁ ଅନେକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ଦର୍ଶାଯାଉଛି। କିନ୍ତୁ ସେଗୁଡିକ ମଧ୍ୟରୁ ଅଧିକାଂଶ ଅଚଳ ଥିବାରୁ ବାସ୍ତବ ଲକ୍ଷ୍ୟପୂରଣ ହୋଇପାରୁନାହିଁ। ଜଗତ୍‌ସିଂହପୁର ଏକ ବାତ୍ୟା ଓ ବନ୍ୟା ପ୍ରବଣ ଜିଲା ହୋଇଥିବାରୁ ଜିଲାରେ ସୌର ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେଲେ ବିଦ୍ୟୁତ ଅଭାବଜନିତ ସମସ୍ୟା କେତେକାଂଶରେ ଦୂର ହୋଇପାରନ୍ତା ବୋଲି ଦାବି ହେଉଛି।

୧୯୯୯ ମହାବାତ୍ୟା ପରେ ଜିଲା ବିଶେଷକରି ଏରସମା ଅଞ୍ଚଳରେ ବହୁ ସଂଖ୍ୟକ ସୋଲାର ଷ୍ଟ୍ରିଟ୍‌ଲାଇଟ୍‌ଲାଗିଥିଲା। କିନ୍ତୁ ଏବେ ସେଗୁଡିକର ଚିହ୍ନବର୍ଣ୍ଣ ନାହିଁ। ଏହାପରେ ମଧ୍ୟ ଏହି ଲାଇଟ୍ ଲଗା ଚାଲିଛି। ୨୦୧୭-୧୮ରେ ନାଉଗାଁ ବ୍ଲକ ଅଞ୍ଚଳରେ ୧୯୪ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲା। କିନ୍ତୁ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଅଚଳ ହୋଇଯାଇଛି। ସେତେବେଳେ ଷ୍ଟ୍ରିଟ୍ ଲାଇଟ୍ ପିଛା ୧୬,୮୦୦ ଟଙ୍କା ହିସାବରେ ୨୮,୫୬,୦୦୦ ଟଙ୍କା ବିନିଯୋଗ ସତ୍ତ୍ୱେ ଏହା ଲୋକଙ୍କ କାମରେ ଲାଗି ନ ଥିଲା। ଅନୁରୂପ ଭାବେ ୨୦୧୬-୧୭ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଛାତ ଉପରେ ୧୦ କିଲୋୱାଟ୍‌ର ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ବିଦ୍ୟୁତ ନ ଥିଲା ବେଳେ ଜିଲାପାଳଙ୍କ ଚାମ୍ବର, ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସଦ୍‌ଭାବନା ସଭାଗୃହ ଆଦିକୁ ଆଲୋକିତ କରିବା ଏହାର ଉଦ୍ଦେଶ୍ୟ ଥିଲା। ବହୁ ଅର୍ଥ ବ୍ୟୟରେ ଏହି ପ୍ରକଳ୍ପ କରାଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଉକ୍ତ ବର୍ଷ ବାଲିକୁଦା, ଏରସମା ଥାନା, ନାଉଗାଁ ଓ ବିରିଡ଼ି ଥାନା ପରିସରରେ ମଧ୍ୟ ୨.୫ କିଲୋୱାଟ୍ ହିସାବରେ ପାୱାର ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ଏଗୁଡିକ ମଧ୍ୟ କାର୍ଯ୍ୟକ୍ଷମ ନ ଥିବା ଅଭିଯୋଗ ହୋଇଛି। ଜିଲାରେ ୧୧୬ଟି ସୋଲାର ଡୁଆଲ ପମ୍ପ ବସାଯାଇଥଲା। ପମ୍ପ ବୋରିଂ ଭିତରେ ସମର ଫିଲ୍ଡ ମୋଟର ଲାଗିଥିଲା। ୧୦ ଫୁଟ ଉଚ୍ଚରେ ୫,୦୦୦ ଲିଟର ପାଣି ରହିଲା ପରି ଟାଙ୍କି ହୋଇଥିଲା। ଏହି ଟାଙ୍କି ଉପରେ ସୋଲାର ପ୍ୟାନେଲଗୁଡିକ ଖଞ୍ଜାଯାଇଥିଲା। ସୌର ଶକ୍ତିରୁ ବିଦ୍ୟୁତ ସୃଷ୍ଟିହୋଇ ମୋଟରକୁ କାର୍ଯ୍ୟକ୍ଷମ କରୁଥିଲା ବୋଲି ଦର୍ଶାଯାଇଥିଲା। କିନ୍ତୁ ଏହାର ଉପକାର ଲୋକେ ଏ ପର୍ଯ୍ୟନ୍ତ ପାଇପାରୁ ନାହାନ୍ତି। ଏସବୁ ବାବଦରେ ଅର୍ଥାତ୍ ପମ୍ପ ପିଛା ପାଖାପାଖି ୩,୯୭,୦୦୦ ହିସାବରେ ମୋଟ ୪,୬୦,୫୨,୦୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ବାତ୍ୟା 'ଫନୀ' ପରେ ଏଗୁଡ଼ିକରୁ କିଛି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅବଶିଷ୍ଟ ମଧ୍ୟ ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ନାହିଁ। ଗ୍ରାମାଞ୍ଚଳ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ଜିଲାର ବହୁ ସ୍ଥାନରେ ସୌର ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଥିବା କୁହାଯାଉଥିଲେ ସୁଦ୍ଧା ଏକାଧିକ ଅଚଳ ରହିଛି।

ଏ ସମ୍ପର୍କରେ ଓରେଡା ସହକାରୀ ନିର୍ଦ୍ଦେଶକ କିଶୋର କୁମାର ଦାଶ କହିଛନ୍ତି, ୨୦୨୦-୨୧ ଆର୍ଥିକ ବର୍ଷରୁ କେବଳ ଜଗତ୍‌ସିଂହପୁର ନୁହେଁ ସାରା ରାଜ୍ୟକୁ ସୋଲାର ଷ୍ଟ୍ରିଟ୍ ଲାଇଟ୍ ପାଇଁ ଅନୁଦାନ ଆସିନାହିଁ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଯେଉଁଠି ପ୍ରକଳ୍ପ ହୋଇଛି ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଅଛି। ଅର୍ଥାତ୍ ଯାହା କିଛି ମରାମତି ଏହି ୫ ବର୍ଷ ମଧ୍ୟରେ କରିହେବ। ପୁରୁଣା ହୋଇଥିଲେ କିଛି କରିବା ସମ୍ଭବ ନୁହେଁ। ପାଣି ପମ୍ପ ଦାୟିତ୍ୱ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ଦିଆଯାଇଛି। ନିକଟରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ୮ରୁ ୯ଟି ଉଚ୍ଚ ବିଦ୍ୟାଳୟରେ ସୌର ଚାଳିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏହା ଭିତରେ ଜିଲାର ୪ ରୁ ୫ଟି ଅଗ୍ନିଶମ କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟରେ ପ୍ରକଳ୍ପ ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହୋଇଛି। ସେଗୁଡ଼ିକରେ କୌଣସି ତ୍ରୁଟି ହେଲେ ତୁରନ୍ତ ମରାମତି କରାଯିବ ବୋଲି ଦାଶ କହିଛନ୍ତି।



ଅଚଳ ହୋଇଯାଇଥିବା ସୌର ଷ୍ଟ୍ରିଟ୍ ଲାଇଟ୍

## 'ସ୍ୱାଧୀନତା ସଂଗ୍ରାମୀ ନାରାୟଣ ଦାସ ଥିଲେ ସାଲିସବିହୀନ ନେତା'

ବାଲିଆ/ବିରିଡ଼ି(ଡି.ଏନ୍.ଏ.) ୩୧।୭




ସଭାରେ ଯୋଗଦେଇଥିବା ଅତିଥିମାନେ।

ସ୍ୱାଧୀନତା ସଂଗ୍ରାମୀ ନାରାୟଣ ଦାସ ଥିଲେ ସାଲିସବିହୀନ ନେତା। ସେ ଗାନ୍ଧୀଙ୍କ ନୀତିରେ ଅନୁପ୍ରାଣିତ ହେବା ସହ ସମାଜର ହିତ ସାଧନ କରିବା ଉଦ୍ଦେଶ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ରବିବାର ବିରିଡି ବ୍ଲକ ଅନ୍ତର୍ଗତ ବାଲିଆସ୍ଥିତ ନାରାୟଣ ଦାସ ସ୍ମୃତି କମିଟି ପକ୍ଷରୁ ଅଲକା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିମାନେ ଏପରି ମନ୍ତବ୍ୟ ଦେଇଥିଲେ। ଅରୁଣ ଦାସ ଓ ଶ୍ୟାମସୁନ୍ଦର ପାଇକରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ଯଶୋବନ୍ତ ବିଦ୍ୟାପୀଠ ନାଇଲୋର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ କହିଥିଲେ, ସ୍ୱର୍ଗତ ଦାସ ଏହି ଅଲକା ମାଟିରୁ ଯାଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଦେଶ ପାଇଁ ତାଙ୍କର ତ୍ୟାଗ ଅତୁଳନୀୟ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ରବି ଦାସ ଯୋଗଦେଇ କହିଥିଲେ, ଦାସ ଗାନ୍ଧିବାଦର ପ୍ରଚାର ପ୍ରସାର କରିଥିଲେ। ମାତ୍ର ଏବେ ଗାନ୍ଧିବାଦ ଉପରେ ଆକ୍ରମଣ ହେଉଛି। ଏହି ବିଚାର ଧାରାରେ ଯେଉଁ କାମ ହେବା କଥା ତାହା ହେଉ ନାହିଁ। ଛୁଆଁଅଛୁଆଁ ଭେଦଭାବ ଏବେବି ରହିଛି। ମହିଳାମାନଙ୍କୁ ନ୍ୟାଯ୍ୟ ଅଧିକାର ଦିଆଯାଉ ନାହିଁ। ଗାନ୍ଧୀ ଯାହା ଚିନ୍ତା କରୁଥିଲେ ତାହା ଆଉ ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅଲକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ମଲ୍ଲ, ଅଜୟ ଦାସ, ପ୍ରଶାନ୍ତ ଦାସ, ଲୋଭାକାନ୍ତ ସ୍ୱାଇଁ, ରବୀନ୍ଦ୍ର ସାହୁ ଓ ନିରାକାର ବେଉରା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ଦାସଙ୍କ ସ୍ମୃତି ଉପଲକ୍ଷେ 'ସ୍ଥିତପ୍ରଜ୍ଞ' ନାମକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶେଷରେ ଆଇନଜୀବୀ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ଫାଇନାନ୍ସ କମ୍ପାନୀ ସହକାରୀ ପରିଚାଳକଙ୍କୁ ହତ୍ୟା

ବାଲିକୁଦା,୩୧।୭(ସ୍ୱ.ପ୍ର.)

**ଥାନାରେ ବାପାଙ୍କ ଅଭିଯୋଗ**
- ସହକର୍ମୀଙ୍କ ସହ ମିଶି ଭୋଜି କରିଥିଲେ
- କବାଟ ଭାଙ୍ଗି ମୃତଦେହ ଜବତ କଲା ପୋଲିସ

ବାଲିକୁଦା ଥାନା ଅନ୍ତର୍ଗତ ମଦୁରା ମାଇକ୍ରୋ ଫାଇନାନ୍ସ କମ୍ପାନୀ ଶାଖାର ସହକାରୀ ପରିଚାଳକ ଜିତେନ୍ଦ୍ର ଚମ୍ପତି (୨୫)ଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଭଡ଼ାଘରୁ ଜବତ କରିଛି। ପୁଅକୁ ହତ୍ୟା କରାଯାଇଛି ବୋଲି ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୩୯/୨୨) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଜିତେନ୍ଦ୍ରଙ୍କ ଘର ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ତୁପୁରିଙ୍ଗି ଗାଁରେ। ସେ ୩ ବର୍ଷ ହେବ ଏହି ଫାଇନାନ୍ସ କମ୍ପାନୀରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ବାଲିକୁଦାରେ ଏକ ଘର ଭଡ଼ା ନେଇ କମ୍ପାନୀ ତାର ଅଫିସ ଖୋଲିଥିବା ବେଳେ ଚମ୍ପତି ଏହି ଘରର ଉପର ମହଲାର ଏକ ଘରକୁ ଭଡ଼ା ନେଇ ରହୁଥିଲେ। ଅନ୍ୟ କୋଠରିରେ କମ୍ପାନୀର କେତେଜଣ ସହକର୍ମୀମାନେ ରହୁଥିଲେ। ଶନିବାର ରାତିରେ ଜଣେ ସହକର୍ମୀଙ୍କର ଜନ୍ମଦିନ ଥିଲା। ଏନେଇ ଚମ୍ପତି ସମସ୍ତଙ୍କ ସହ ମିଶି ସମ୍ପୃକ୍ତ ସହକର୍ମୀଙ୍କ ଜନ୍ମଦିନ ପାଳିବା ସହ ଭୋଜି କରିଥିଲେ। ଏହାପରେ ସମସ୍ତେ ନିଜ କୋଠରିକୁ ଚାଲିଯାଇଥିଲେ। ରବିବାର ସକାଳେ ଚମ୍ପତି ନିଦରୁ ନ ଉଠିବାରୁ ସହକର୍ମୀମାନେ ଆସି ତାଙ୍କ ଘରର କବାଟ ବାଡ଼େଇଥିଲେ। ପରେ ସ୍କାଇଲାଇଟ ବାଟେ ଦେଖିବାରୁ ସେ ପଙ୍ଖାରେ ଏକ ଗାମୁଛାରେ ଝୁଲୁଥିବା ଜଣାପଡ଼ିଥିଲା। ଏନେଇ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ପରିବାର ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

**MILK UNION SAMBALPUR**
**VEHICLE REQUIRED ON HIRE**
TATA ACE or similar type of vehicle required on hire for Khuntbandh- Dangapada Milk Route running both morning and evening covering 160 K.M.
Interested Parties may purchase and submit Tenders by **10.08.2022**,
Tender Paper Cost- **Rs. 200/- + GST, EMD- Rs. 2,000/-**

## ବନ୍ଦର ନିଷିଦ୍ଧାଞ୍ଚଳରେ ଭାରିଯାନ ଧକ୍କାରେ ଯୁବକ ମୃତ

### ମୃତକ ନାମରେ ରହିଛି ତେଲ ଚୋରି ଅଭିଯୋଗ

ପାରାଦୀପ,୩୧।୭(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏକ ଭାରିଯାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୀତଲ ଜେନା(୪୧)। ତାଙ୍କ ଘର ଏରସମା ଥାନା ଅନ୍ତର୍ଗତ ଅସାରଣ ଗ୍ରାମରେ। ସେ ବନ୍ଦର ଭିତରେ ଚୋରା ତେଲ କାରବାର କରୁଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଶନିବାର ଏକ ଅଜଣା ଗାଡି ଧକ୍କାରେ ସେ ଗୁରୁତର ହୋଇଥିଲେ। ସିଆଇଏସ୍‌ଏଫ ଯବାନ ତାଙ୍କୁ ଉଦ୍ଧାର କରି ପୋର୍ଟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହସ୍ପିଟାଲରୁ ସୂଚନା ପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ମାମଲା (ନଂ. ୨୩୫/୨୨) ରୁଜୁ ହୋଇଛି।

ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ସୀତଲ ଦୀର୍ଘଦିନ ହେଲା ବନ୍ଦର ଭିତରେ ତେଲ ବେପାର କରୁଥିଲେ। ସେ ଟ୍ରକ, ହାଇୱା ଓ ଅନ୍ୟ ଭାରୀଯାନ ଚାଳକଙ୍କଠାରୁ ତେଲ ସଂଗ୍ରହ କରିଥାନ୍ତି। ଏହାକୁ ନିଷିଦ୍ଧାଞ୍ଚଳରେ ଅନ୍ୟ ଗାଡିକୁ ବିକ୍ରି କରିଥାନ୍ତି। ବେଳେବେଳେ ନିଷିଦ୍ଧାଞ୍ଚଳ ବାହାରେ ମଧ୍ୟ ବିକ୍ରି କରିଥାନ୍ତି। ସିଆଇଏସ୍‌ଏଫ୍ ସୁରକ୍ଷା ବଳୟ ମଧ୍ୟରେ ଥିବା ନିଷିଦ୍ଧାଞ୍ଚଳ ଭିତରକୁ କିପରି ଯାଇ ଏହି କାରବାର କରନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି। ବନ୍ଦର ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଜଣେ ଚାଳକଙ୍କ ବକେୟା ଅର୍ଥ ସୀତଲ ଦେଇ ନ ଥିବାରୁ ସମ୍ପୃକ୍ତ ଚାଳକ ଏପରିକାଣ୍ଡ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ୫ ବର୍ଷ ତଳେ ସୀତଲ ଚୋରା ତେଲ ବାକି ରଖିବା ଘଟଣାକୁ ନେଇ ଜଣେ ଗାଡି ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଏଥିରେ ସେ ଆହତ ହୋଇଥିଲେ। ସେବେଠାରୁ ସୀତଲ ଛୋଟେଇ ଚାଲନ୍ତି। ଏସବୁ ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

**OFFICE OF THE PRINCIPAL,**
**GOVT. COLLEGE OF PHYSICAL EDUCATION**
**SAMBALPUR, KULUNDI**
Letter No.516, Dt.30.07.2022

**TENDER CALL NOTICE**

Sealed Tenders are invited from authorised suppliers/ Dealers and registered farms having valid TIN/VAT/ OST and GST Clearance Certificate for supply of sports uniforms for use of the students of Govt. college of Physical Education Sambalpur, Kulundi during the session of 2021-23 batch. The detail Information will be obtained through Tenders paper. The Tender papers will be available In the college office from 01.07.2022 to 05.08.2022 between 11 AM to 4 PM on every working day on payment of Rs.100/-(Rupees one hundred) only each .The last date for receive tender documents is fixed on dtd.06.08.2022 by 12AM and open on dtd. 06.08.2022 at 12.30. PM .The undersign reserves the right to accept or reject this tender in fully or partly without assigning any reason thereof.

**Sd./- Principal**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India Andhra Corporation

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ହଳଦିଆପଦର ଶାଖା/ ଋଣଗ୍ରହୀତା: ସନ୍ ଆଗ୍ରୋ ଇଞ୍ଜିନିୟରିଂ ୱାର୍କ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସନ୍ଧ୍ୟାରାଣୀ ମହାନ୍ତି, ସା: ରାଳଭ ରୋଡ୍, ରାଜୁଭାଇ ମାର୍ଗ, ସାଇରାମ ନଗର, ହଳଦିଆପଦର-୭୬୦୦୦୩ | ଟ.୧୮,୮୯,୩୨୬.୭୭ + ସେବାବଦ ସୁଧ | ୨୩.୦୩.୨୦୨୨ / ୨୯.୦୭.୨୦୨୨ | ଶ୍ରୀ ଆଲୋକମୟ ମହାନ୍ତିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦/୩୧୯୨, ଖାତା ନଂ.: ୪୩୫/୪୮୫୩, ପରିମିତ କ୍ଷେତ୍ର: ଏକର ୦.୦୨୨ ଡିସିମିଲି, ରେଭିନ୍ୟୁ ମୌଜା: ରାଳଭ, ତହସିଲ: କନିସି, ସା: ସାଇ ନଗର, ହଳଦିଆପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଜମି ସମ୍ପର୍କିତ ପ୍ଲଟ୍ ନଂ.: ୧୦, ଉତ୍ତର: ଇ ରାମ ମୂର୍ତ୍ତିଙ୍କ ଜମି, ଦକ୍ଷିଣ: ଜମି ସମ୍ପର୍କିତ ପ୍ଲଟ୍ ନଂ.: ୧୦ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି |
| ପୋଲସରା ଶାଖା/ ଋଣଗ୍ରହୀତା: ମେସର୍ସ ଶୁଭଜୀ ପାୱାର ଲାଇନ୍ ସିଷ୍ଟମ, ସ୍ୱତ୍ତ୍ୱାଧିକାରୀ: ଭଗବାନ ବେହେରା | ଟ.୧୪,୪୯,୬୮୧.୭୦ + ସେବାବଦ ସୁଧ | ୦୭.୦୫.୨୦୨୨ / ୨୯.୦୭.୨୦୨୨ | ୧) ଶ୍ରୀ ଭଗବାନ ବେହେରା, ପିତା: ✓ ଭୂଆଁ ବେହେରା, ୨) ଶ୍ରୀ ହରିହର ବେହେରା, ପିତା: ✓ ଭୂଆଁ ବେହେରା, ସା: ପାଟଣା ପଦର ସାହି, ଏସ୍‌ଆର୍‌ଓ/ଥାନା/ତହସିଲ: ପୋଲସରା, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୦୨୮ ଡିସିମିଲି, ପ୍ଲଟ୍ ନଂ.: ୫୬୩୪, ଖାତା ନଂ.: ୫୩୭, ଏନ୍‌ଏସି ହୋଲ୍ଡିଂ ନଂ.: ୮୪, ୱାର୍ଡ ନଂ.: ୪/୬, ଗ୍ରାମ/ମୌଜା: ପାଟଣା ପଦର ସାହି, ଏସ୍‌ଆର୍‌ଓ/ଥାନା/ତହସିଲ: ପୋଲସରା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବୃନ୍ଦାବନ ସାହୁଙ୍କ ଗୃହ ସମ୍ପତ୍ତି, ପଶ୍ଚିମ: ଅଭିମନ୍ୟୁ ମହାରଣାଙ୍କ ଗୃହ ସମ୍ପତ୍ତି, ଉତ୍ତର: ମୁଖ୍ୟ ରାସ୍ତା, ଦକ୍ଷିଣ: ମୁଖ୍ୟ ରାସ୍ତା |
| ପୋଲସରା ଶାଖା/ ଋଣଗ୍ରହୀତା: ଶ୍ରୀ ପି. ରାଜେଶ୍ୱର ପାତ୍ର | ଟ.୬,୮୮,୨୮୩.୫୦ + ସେବାବଦ ସୁଧ | ୦୮.୦୪.୨୦୨୨/ ୨୯.୦୭.୨୦୨୨ | ଶ୍ରୀ ପି. ରାଜେଶ୍ୱର ପାତ୍ର, ପିତା: ବୃନ୍ଦାବନ ପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ପ୍ଲଟ୍ ନଂ.: ୫୦୪୩, ଖାତା ନଂ.: ୭୪୩, ଗ୍ରାମ/ମୌଜା: ପୋଲସରା, ମେନ୍ ରୋଡ୍, ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ବ୍ଲକ୍: ପୋଲସରା, ଥାନା/ତହସିଲ/ ଏସ୍‌ଆର୍‌ଓ: ପୋଲସରା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗାନ୍ଧୀ ବେହେରାଙ୍କ ଗୃହ, ଉତ୍ତର: ଏ ପ୍ରଶାନ୍ତ କୁମାର ଗୁପ୍ତାଙ୍କ ଗୃହ, ଦକ୍ଷିଣ: ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ |
| ଗୋସାଣୀନୂଆଗାଁ ଶାଖା/ ଋଣଗ୍ରହୀତା: ଭୈରବୀ ଇଞ୍ଜିନିୟରିଂ ୱାର୍କ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବସନ୍ତ କୁମାରୀ ମହାରଣା, ସା: ଜଗନ୍ନାଥ ବିହାର, ଅଟୋ ନଗର, ପ୍ରଥମ ଗେଟ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ଟ.୫,୮୯,୭୯୮.୬୬ + ସେବାବଦ ସୁଧ | ୦୬.୦୭.୨୦୨୧ / ୨୯.୦୭.୨୦୨୨ | ଶ୍ରୀମତୀ ବସନ୍ତ କୁମାରୀ ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୦୩/୧୪୮୧, ଖାତା ନଂ.: ୫୧୮/୩୧୨, ପରିମିତ କ୍ଷେତ୍ର: ୪୯୨ ବର୍ଗଫୁଟ, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବ୍ରହ୍ମପୁର, ସା: କାଲୁଆ ଷ୍ଟ୍ରିଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପୂର୍ଣ୍ଣ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ରାସ୍ତା, ଉତ୍ତର: ନାରାୟଣ ରାଉତଙ୍କ ଗୃହ, ଦକ୍ଷିଣ: ଆଦି ଲକ୍ଷ୍ମୀଙ୍କ ଗୃହ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି |
| ଗୋସାଣୀନୂଆଗାଁ ଶାଖା/ ଋଣଗ୍ରହୀତା: ମେସର୍ସ ଭୁବନେଶ୍ୱରୀ ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ର, ପିତା: ଶ୍ରୀ ଦଣ୍ଡପାଣି ମହାପାତ୍ର, ସା: ସାନ ବଜାର ମେନ୍ ରୋଡ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୦୨ | ଟ.୨୦,୧୬,୬୦୫.୮୫ + ସେବାବଦ ସୁଧ | ୨୧.୦୫.୨୦୨୨ / ୩୦.୦୭.୨୦୨୨ | ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧୪, ଖାତା ନଂ.: ୧୧୦୩/୪୪, ପରିମିତ କ୍ଷେତ୍ର: ଏକର ୦.୦୦୫ ଡିସିମିଲି, ରେଭିନ୍ୟୁ ମୌଜା: ମାଧବପୁର, ତହସିଲ: ବ୍ରହ୍ମପୁର, ସା: ସାନ ବଜାର ମେନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜେ ଇନ୍ଦିରାଙ୍କ ଗୃହ, ପଶ୍ଚିମ: ଜେ.ସୂର୍ଯ୍ୟ ରାଓଙ୍କ ଗୃହ, ଉତ୍ତର: ପ୍ରଫୁଲ୍ଲ ସାହୁଙ୍କ ଗୃହ, ଦକ୍ଷିଣ: ମେନ୍ ରୋଡ୍ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି |

ସ୍ଥାନ: ବ୍ରହ୍ମପୁର
ତାରିଖ: ୩୦.୦୭.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India Andhra Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ ମୁଖ୍ୟ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କଟକ ମୁଖ୍ୟ ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ:(୧)ମେସର୍ସ ଦାସ ଏଜେନ୍ସିସ୍, ସତ୍ତ୍ୱାଧିକାରୀ: ଶ୍ରୀ ରମେଶ ଚନ୍ଦ୍ର ଦାସ, ପିତା: ✓ବିନୋଦ ବିହାରି ଦାସ, ଠିକଣା:ମାର୍ଫତ ଅଜିତ୍ ଚନ୍ଦ୍ର ଦାସ, ପ୍ରଫେସରପଡା, କେନାଲ ରୋଡ, କଟକ-୭୫୩୦୦୩, ଏବଂ ଯୋବ୍ରା ରୋଡ, କଲେଜ ଛକ, କଟକ-୭୫୩୦୦୩, (୨)ଶ୍ରୀ ରମେଶ ଚନ୍ଦ୍ର ଦାସ, ପିତା: ✓ବିନୋଦ ବିହାରି ଦାସ, ଠିକଣା: ସା-ବଡେଇସାହି, ପୋ.- ବକ୍ସିବଜାର, କଟକ-୭୫୩୦୦୧, ଜାମିନ୍‌ଦାରମାନେ: (୧)ଶ୍ରୀ ହରିଶ ଚନ୍ଦ୍ର ଦାସ, ପିତା: ✓ବିନୋଦ ବିହାରି ଦାସ, (୨)ଶ୍ରୀ ରାମ ଚନ୍ଦ୍ର ଦାସ, ପିତା: ✓ବିନୋଦ ବିହାରି ଦାସ, ଉଭୟଙ୍କ ଠିକଣା: ସା-ବଡେଇସାହି, ପୋ.-ବକ୍ସିବଜାର, କଟକ-୭୫୩୦୦୧। | ତା.୩୦.୦୪.୨୦୨୨ସୁଦ୍ଧା ଟ.୩୬,୨୩,୮୨୬.୦୧ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୨୪.୦୫.୨୦୨୨ / ୨୯.୦୭.୨୦୨୨ | ଶ୍ରୀ ରାମ ଚନ୍ଦ୍ର ଦାସ, ଶ୍ରୀ ହରିଶ ଚନ୍ଦ୍ର ଦାସ ଏବଂ ଶ୍ରୀ ରମେଶ ଚନ୍ଦ୍ର ଦାସ, ପିତା: ବିନୋଦ ବିହାରି ଦାସ ଙ୍କ ନାମରେ ଥିବା ବାସେପୋଯୋଗି ଜମି ଯାହାର ଖାତା ନଂ.୫୬୬/୨୩୭, ପ୍ଲଟ ନଂ.୧୮୮/୧୯୫୬, ଏରିଆ: ଏ୦.୦୭୬ ଡିସିମିଲି, ମୌଜା: ଚମ୍ପତି, ଥାନା: ସାଲେପୁର, ଥାନା ନଂ.୧୦, ତହସିଲି: ସାଲେପୁର, ତହସିଲି ନଂ.୫୧୫, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- କୁହକ ସେଠିଙ୍କ ପ୍ଲଟ, ପୂର୍ବ- ପୂର୍ଣ୍ଣଚନ୍ଦ୍ର ବେହୁରାଙ୍କ ପ୍ଲଟ, ପଶ୍ଚିମ- ସ୍ୱର୍ଣ୍ଣଲତା ମଣ୍ଡଳଙ୍କ ପ୍ଲଟ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୦୭.୨୦୨୨
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE DISTRICT JUDGE, RAYAGADA**
No.02/Rect./2022

**ADVERTISEMENT**

**Dated, the 28th days of July, 2022**

Applications in the prescribed format are invited from intending candidates for filling up of the following posts of Junior Clerk/Copyist, Junior Typist and Junior Stenographer Grade-III in the scale of pay as noted against each category of posts per month with usual D.A. and other allowances as admissible by Government from time to time on regular basis in accordance with the provisions contained in Orissa District and Subordinate Courts' Non-Judicial Staff Services [Method of Recruitment and Conditions of Service] Rules, 2008 and amendment Rules, 2010 subject to result of W.P.(C) No. 1273/2014 pending before the Hon'ble High Court of Orissa, Cuttack:

**Category-wise Vacancy position**

| Name of Post | Scale of Pay | Scheduled Tribe | Scheduled Caste | S.E.B.C. | UR | Total |
|---|---|---|---|---|---|---|
| Junior Clerk/ Copyist | Rs.19,900/- in Level-04 in the pay Matrix under ORSP Rules, 2017 | 8 (3-W) | 2 (1-W) | -- | 6 (2-W) | **16** |
| Junior Typist | | 2 (1-W) | -- | -- | 1 (W) | **3** |
| Stenographer Grade-III | Rs.25,500/- in Level-07 in the pay Matrix under ORSP Rules, 2017 | 1 | 1 (W) | 1 (W) | 1 | **4** |
| Grand Total | | 11 | 3 | 1 | 8 | **23** |

Reservation and age relaxation in respect of reserved categories of candidates shall be in accordance with the provisions of the Acts, Rules, Orders or Instructions for the time being in force, for the respective reserved categories. The vacancies against ST & SC category advertised above include backlog vacancies. The number of above vacancies in different categories of the post may increase or decrease. The reservation for Women, person with disabilities/Ex-Servicemen/Sports person shall be in accordance with the Orders/Rules issued from time to time.

The other condition of service shall be guided by the relevant provisions of Orissa District and Subordinate Courts' Non-Judicial Staff Services (Method of Recruitment and Conditions of Service) Rules, 2008 and amendment Rules, 2010 subject to result of W.P.(C) No. 1273/2014 pending before the Hon'ble High Court of Orissa, Cuttack

The decision of the District Judge, Rayagada as to the result of the examination shall be final and in no case shall liable to be challenged.

The last date of receipt of application is fixed on **27.08.2022.** The application shall be sent to the **REGISTRAR, CIVIL COURTS, RAYAGADA, AT/PO-RAYAGADA, PIN-765001, DIST-RAYAGADA on or before 27.08.2022 by 5.00 P.M** through Speed Post/Registered Post only. Applicants may also drop their applications in the **Drop Box** kept in front of Nizarat Section, Civil Courts, Rayagada during the office hours on the working days only. Applications received in the office after the due date & time shall be summarily rejected.

For details of Advertisement, application form, eligibility criteria, scheme of examination and method of selection are available in the District Court's website.

**https://districts.ecourts.gov.in/rayagada**

**BY ORDER OF THE DISTRICTJUDGE**
**Sd./- Registrar, Civil Courts, Rayagada**

## ଆଇଡିଏଫ୍‌ସି ମିଡ୍‌କ୍ୟାପ୍ ଫଣ୍ଡ ଏନ୍‌ଏଫ୍‌ଓର ଶୁଭାରମ୍ଭ

**ନୂଆଦିଲ୍ଲୀ:** ଆଇଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଆଇଡିଏଫ୍‌ସି ମିଡ୍‌କ୍ୟାପ୍ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଯାହା ମିଡ୍‌କ୍ୟାପ୍ ସେଗ୍‌ମେଣ୍ଟରେ ଇକ୍ୱିଟି ଓ ଇକ୍ୱିଟି-ଲିଙ୍କ୍‌ଡ ସିକ୍ୟୁରିଟିରେ ନିବେଶ କରି ଦୀର୍ଘକାଳିନ ପୁଞ୍ଜି ମୂଲ୍ୟବୋଧ ସୃଷ୍ଟି କରିବ। ଏହି ମିଡ୍‌କ୍ୟାପ୍ ବର୍ଗ, ଲାର୍ଜକ୍ୟାପ୍ ତୁଳନାରେ ସମୟ ଅବଧିରେ ଅପେକ୍ଷାକୃତ ଉନ୍ନତ ବିପଦ-ନିୟନ୍ତ୍ରିତ ରିଟର୍ଣ୍ଣ ସୃଷ୍ଟି କରୁଛି ଏବଂ ବିଭିନ୍ନ କ୍ଷେତ୍ରରେ ବିସ୍ତୃତ ବିବିଧତା ପ୍ରଦାନ କରୁଛି। ଆଇଡିଏଫ୍‌ସି ମିଡ୍‌କ୍ୟାପ୍ ଦୀର୍ଘ ଅବଧିରେ ମିଡ୍‌କ୍ୟାପ୍ କମ୍ପାନୀଗୁଡ଼ିକର ମଜବୁତ ଅଭିବୃଦ୍ଧି କ୍ଷମତାରୁ ଲାଭାନ୍ୱିତ ହେବା ପାଇଁ ନିବେଶକଙ୍କୁ ଏକ ସୁଯୋଗ ପ୍ରଦାନ କରିବା ଲାଗି ଉନ୍ନତ ସ୍ଥିତିରେ ରହିଛି।

## ସଂକ୍ଷେପରେ

### ଆଦିତ୍ୟ ବିର୍ଲାର ପ୍ରୋ ପୋର୍ଟଫୋଲିଓର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୧।୭:** ଦେଶର ପ୍ରମୁଖ ବୀମା କମ୍ପାନୀ 'ଆଦିତ୍ୟ ବିର୍ଲା ସନ୍‌ଲାଇଫ ମ୍ୟୁଚୁଆଲ ଫଣ୍ଡ' ପକ୍ଷରୁ ଏକ ନିବେଶ ଶିକ୍ଷା ଅଭିଯାନ-ପ୍ରୋ ପୋର୍ଟଫୋଲିଓର ଶୁଭାରମ୍ଭ କରାଯାଇଛି। ଏହା ବିଶେଷ କରି ନିବେଶକଙ୍କ ଆଧାରକୁ ପାଣ୍ଠିର ମିଶ୍ରଣ ସହ ପୋର୍ଟପୋଲିଓ ସୃଷ୍ଟି କରିବ ଓ ଅସ୍ଥିର ବଜାର ସ୍ଥିତିକୁ ଦୂର କରିବାରେ ମଧ ସାହାଯ୍ୟ କରିବ। ଏକ ପୋର୍ଟଫୋଲିଓରେ ଫ୍ଲେକ୍ସି କ୍ୟାପ, ସନ୍ତୁଳିତ ଆଡଭାନଟେଜ ଓ ଲାର୍ଜକ୍ୟାପ ପାଣ୍ଠିର ମିଶ୍ରଣ ରହିଛି। ସେହିଭଳି ଭାରତୀୟ ବଜାରରେ କ୍ଷୁଦ୍ର ନିବେଶକଙ୍କ ପ୍ରତି ଧ୍ୟାନ ଦେଇ 'ମ୍ୟୁଚୁଆଲ ଫଣ୍ଡ ସହି ହୈ' ଅଭିଯାନକୁ ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ସନଲାଇଫ ଏଏମ୍‌ସି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ବାଲ୍ ସୁବ୍ରମଣ୍ୟମ କହିଛନ୍ତି, ୩ଟି ଫଣ୍ଡର ସମାହାର ଫେରସ୍ତ ପରିମାଣକୁ ବୃଦ୍ଧି କରିବ।

### ରିଅଲ୍‌ମିର ଏକାଧିକ ଉତ୍ପାଦର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୧।୭:** ରିଅଲ୍‌ମିର ଏକ୍ସଟେଣ୍ଡେଡ୍ ଏଆଇଓଟି ପୋର୍ଟଫୋଲିଓରେ ଏକାଧିକ ନୂତନ ଉତ୍ପାଦକୁ ସାମିଲ କରାଯାଇଛି। ଏହାର ୱାଚ୍ ୩, ବଡ୍‌ସ ଏୟାର ୩ ନିଓ, ବଡ୍‌ସ ୱ୍ୟାରଲେସ୍ ୨ଏସ୍ ଓ ପ୍ୟାଡ୍ ଏକ୍ସର ଶୁଭାରମ୍ଭ ସହ ୱେୟାରେ ବୁଲ୍ସ, ହିୟରେବଲ୍‌ସ ଓ ଟାବ୍‌ଲେଟ୍ ସେଗ୍‌ମେଣ୍ଟକୁ ମଧ ବିସ୍ତାର କରାଯାଇଛି। ଏହାସହିତ ରିଅଲ୍‌ମି ଫ୍ଲାଟ୍ ମନିଟର୍, ରିଅଲ୍‌ମି କୀ ବୋର୍ଡ ଓ ରିଅଲ୍‌ମି ପେନ୍‌ସିଲ୍ ସହ ରିଅଲ୍‌ମି ତା'ର ଟେକ୍‌ଲାଇଫ୍ ଇକୋସିଷ୍ଟମ ପୋର୍ଟଫୋଲିଓକୁ ଅଧିକ ବିସ୍ତାର କରିବା ପାଇଁ ନୂତନ ବର୍ଗରେ ପ୍ରବେଶ କରିଛି। ରିଅଲ୍‌ମି ପ୍ୟାଡ୍ ଏକ୍ସ ହେଉଛି ଏହି ସେଗ୍‌ମେଣ୍ଟରେ ଏକମାତ୍ର ୫ଜି ଟାବ୍‌ଲେଟ୍, ଯାହାକି ୮୩୪୦ ଏମ୍‌ଏଏଚ୍ ବ୍ୟାଟେରି ସହ ସ୍ନାପଡ୍ରାଗନ୍ ୬୯୫ ଦ୍ୱାରା ପରିଚାଳିତ ଏବଂ ୩୩ୱାଟ୍ ଡାର୍ଟ ଚାର୍ଜ ସମର୍ଥିତ। ଏ ସମ୍ପର୍କରେ ରିଅଲ୍‌ମି ବିଜ୍‌ନେସ୍ ଗ୍ରୁପ୍‌ର ଅଧକ୍ଷ ମାଧବ ସେଠ୍ କହିଛନ୍ତି, ଆମେ ଚଳିତ ବର୍ଷ ଭାରତରେ ଏକ ୫ଜି ଡେମୋକ୍ରାଟାଇଜର୍ ହେବା ଉପରେ ଆମର ଧାନକୁ ମଜଭୁତ କରିଛୁ।

# ଭାରତୀୟ ଇକ୍ୱିଟିରେ ପ୍ରାୟ ୫୦୦୦ କୋଟି ବିନିଯୋଗ

**ନୂଆଦିଲ୍ଲୀ,୩୧।୭**




କ୍ରମାଗତ ୯ ମାସର ନିରନ୍ତର ବିକ୍ରୟ ପରେ ବିଦେଶୀ ନିବେଶକମାନେ ନେଟ୍ କ୍ରେତାଙ୍କୁ ପରିଣତ କରିଛନ୍ତି ଏବଂ ଡଲାର ସୂଚକାଙ୍କକୁ ନରମ କରିବା ଏବଂ ଭଲ କର୍ପୋରେଟ୍ ରୋଜଗାରରେ ଜୁଲାଇରେ ଭାରତୀୟ ଇକ୍ୱିଟିରେ ପ୍ରାୟ ୫୦୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି। ସେହିଭଳି ଜୁନ୍‌ରେ ଦେଖାଯାଇଥିବା ଷ୍ଟକ୍ ମାର୍କେଟରୁ ୫୦,୧୪୫ କୋଟି ଟଙ୍କା ନେଟ୍ ପ୍ରତ୍ୟାହାରର ଏହା ସମ୍ପୂର୍ଣ୍ଣ ବିପରୀତ ବୋଲି କୁହାଯାଇଛି। ଏପରିକି ୨୦୨୦ ମାର୍ଚ୍ଚ ପରଠାରୁ ଏହା ସର୍ବାଧିକ ନେଟ ଆଉଟ ଫ୍ଲୋ ଥିଲା,ଯେତେବେଳେ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ଇକ୍ୱିଟିରୁ ୬୧,୯୭୩ କୋଟି ଟଙ୍କା ବାହାର କରିଥିବା ଜମାକାରୀଙ୍କ ତଥ୍ୟରୁ ଜଣାପଡିଛି।

ୟେସ ସିକ୍ୟୁରିଟିର ଲିଡ ଆନାଲିଷ୍ଟ-ଇନ୍‌ଷ୍ଟିଚ୍ୟୁଶନାଲ ଇକ୍ୱିଟିର ହିତେଶ ଜୈନ କହିଛନ୍ତି, ଚଳିତ ବର୍ଷ ଅଗଷ୍ଟରେ ଏଫ୍‌ପିଆଇ ସକାରାତ୍ମକ ରହିବାକୁ ପ୍ରବାହିତ ହେଉଛି କାରଣ ଟଙ୍କା ପାଇଁ ଖରାପ ଅବସ୍ଥା ଶେଷ ହୋଇସାରିଛି ଏବଂ ତୈଳ ଏକ ସୀମା ମଧ୍ୟରେ ସୀମିତ ଥିବା ପରି ମନେ ହେଉଛି। ସେହିଭଳି ରୋଜଗାରର କାହାଣୀ ଏପର୍ଯ୍ୟନ୍ତ ଦୃଢ ରହିଛି ଯେଉଁଠାରେ ଦୃଢ ରାଜସ୍ୱ ଅଭିବୃଦ୍ଧି ଲାଭ ମାର୍ଜିନରେ ସଂକୋଚନକୁ ଦୂର କରୁଛି। ଜମାଖାତାଧାରୀଙ୍କ ତଥ୍ୟ ଅନୁଯାୟୀ ଏଫପିଆଇଗୁଡିକ ଜୁଲାଇରେ ଭାରତୀୟ ଇକ୍ୱିଟିରେ ୪,୯୮୯ କୋଟି ଟଙ୍କା ଆୟ କରିଥିଲେ। ସେମାନେ ମାସରେ ୯ ଦିନ ପାଇଁ କ୍ରେତା ଥିଲେ ବୋଲି ଜୈନ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ନେଟ୍ ପ୍ରବାହ ମଧ ଇକ୍ୱିଟି ବଜାରକୁ ଉତ୍ତର ଦିଗକୁ ଗତି କରାଉଛି। ଗତ ବର୍ଷ ଅକ୍ଟୋବରରେ ଆରମ୍ଭ ହୋଇଥିବା ୯ ମାସର ବୃହତ ନେଟ ଆଉଟ ଫ୍ଲୋ ପରେ ଜୁଲାଇରେ ଏଫପିଆଇ ପ୍ରଥମ ଥର ପାଇଁ ନେଟ କ୍ରେତାଙ୍କୁ ପରିଣତ କରିଛି। ୨୦୨୧ ଅକ୍ଟୋବରରୁ ଜୁନ୍ ୨୦୨୨ ମଧ୍ୟରେ ସେମାନେ ଭାରତୀୟ ଇକ୍ୱିଟି ବଜାରରେ ୨.୪୬ ଲକ୍ଷ କୋଟି ଟଙ୍କା ବିକ୍ରି କରିଥିଲେ।

## ଅନୁଗୋଳରେ ଟ୍ରେଣ୍ଡ୍‌ସର ୨ୟ ଏକ୍ସକ୍ଲୁସିଭ ଷ୍ଟୋର




**ଭୁବନେଶ୍ୱର,୩୧।୭**

ରିଲାଏନ୍ସ ରିଟେଲର ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ପୋଷାକ ଏବଂ ଆସେସୋରିଜ୍ ସ୍ପେସିଆଲିଟି 'ଟ୍ରେଣ୍ଡ୍‌ସ'ର ଷ୍ଟୋର ସମ୍ପ୍ରସାରଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଅନୁଗୋଳଠାରେ ଟ୍ରେଣ୍ଡସର ୨ୟ ଏକ୍ସକ୍ଲୁସିଭ ଷ୍ଟୋର୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଟ୍ରେଣ୍ଡ୍‌ସ ଦେଶର ସମସ୍ତ ମେଟ୍ରୋଠାରୁ ଆରମ୍ଭ କରି ମିନି ମେଟ୍ରୋ ତଥା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ସହର ପର୍ଯ୍ୟନ୍ତ ଏହାର ଉପସ୍ଥିତି ଓ ଗ୍ରାହକ ସମ୍ପର୍କକୁ ସୁଦୃଢ଼ କରିବା ସହ ପୂର୍ଣ୍ଣ ଅର୍ଥରେ ଭାରତରେ ଫେସନ୍‌କୁ ସମସ୍ତଙ୍କ ପାଖରେ ପହଞ୍ଚାଉଛି। ବିଶେଷକରି ୧୪,୦୦୦ ବର୍ଗଫୁଟର ଏହି ଅତ୍ୟାଧୁନିକ ଷ୍ଟୋର୍ ବେଶ ଆକର୍ଷଣୀୟ ହୋଇଥିବା ବେଳେ ସେଥିରେ ଉନ୍ନତମାନର ଫେସନ ସାମଗ୍ରୀର ଆକର୍ଷଣୀୟ ବର୍ଗମାଳା ଉପଲବ୍ଧ ରହିଛି। ଏହାର ଗ୍ରାହକମାନେ ସୁଲଭ ମୂଲ୍ୟରେ ଓମେନ୍ ଉୟର, ମେନ୍‌ସ ଉୟର, କିଡ୍‌ସ ଉୟର ଓ ଫେସନ୍ ଆସେସୋରିଜ୍ ପାଇଁ ଏକ ସ୍ୱତନ୍ତ୍ର ଓ ଉତ୍କୃଷ୍ଟ ସପିଙ୍ଗ ଅନୁଭୂତି ପାଇପାରିବେ। ସେହିପରି ଷ୍ଟୋର ଉଦ୍‌ଘାଟନୀ ଅଫର ଯେପରିକି ୩,୪୯୯ ଟଙ୍କାର ସପିଙ୍ଗ୍ କରନ୍ତୁ ଓ ମାତ୍ର ୧୯୯ ଟଙ୍କା ମୂଲ୍ୟରେ ପାଆନ୍ତୁ ଏକ ଆକର୍ଷଣୀୟ ଉପହାର। କେବଳ ସେତିକି ନୁହେଁ ଗ୍ରାହକମାନେ ୨୯୯୯ ଟଙ୍କାର ସପିଙ୍ଗ୍ ସହିତ ୩୦୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ।

# ୨ ଦିନିଆ ହାଇ ଲାଇଫ୍ ପ୍ରଦର୍ଶନୀର ଶୁଭାରମ୍ଭ

**ଭୁବନେଶ୍ୱର,୩୧।୭**



ଦେଶର ଅଗ୍ରଣୀ ଫ୍ୟାଶନ ଆଣ୍ଡ ଲାଇଭ ଷ୍ଟାଇଲ ଏକ୍‌ଜିବିଶନ ଅନୁଷ୍ଠାନ 'ହାଇ ଲାଇଫ୍' ପକ୍ଷରୁ ୨ଦିନିଆ ପ୍ରଦର୍ଶନୀ ରବିବାରଠାରୁ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ଶୁଭାରମ୍ଭ ହୋଇଯାଇଛି। ଚଳିତ ବର୍ଷ ମଧ୍ୟରେ ୨ୟ ଥର ପାଇଁ ଭୁବନେଶ୍ୱରରେ ସଂସ୍ଥା ପକ୍ଷରୁ ଏଭଳି ଏକ ଜାତୀୟ ସ୍ତରର ପ୍ରଦର୍ଶନୀ ଆୟୋଜନ କରାଯାଉଥିବା ସଂସ୍ଥାର ଏମ୍ ଡି ତଥା ସିଇଓ ଏବିୱାଇ ପି. ଡୋମିନିକ ମତବ୍ୟକ୍ତ କରିଛନ୍ତି। ସେହିଭଳି ଗତ ଥରର ପ୍ରଦର୍ଶନୀକୁ ଓଡ଼ିଶାବାସୀ ବେଶ୍ ପସନ୍ଦ କରିଥିବା ବେଳେ ଆଶାନୁସାରେ ମଧ ବ୍ୟବସାୟ ହୋଇଥିଲା। ଫଳରେ ଗ୍ରାହକଙ୍କ ଡିମାଣ୍ଡ ଓ ଡିଜାଇନରଙ୍କ ଆଗ୍ରହ କ୍ରମେ ୨ୟ ଥର ପାଇଁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି ବୋଲି ଡୋମିନିକ କହିଛନ୍ତି। ଏହି ପ୍ରଦର୍ଶନୀ ସକାଳ ୧୦ ଘଟିକାରୁ ସନ୍ଧ୍ୟା ୮ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଉକ୍ତ ପ୍ରଦର୍ଶନୀରେ ଭାରତର ପ୍ରାୟ ସମସ୍ତ ରାଜ୍ୟର ଖ୍ୟାତିସମ୍ପନ୍ନ ପ୍ରଦର୍ଶନକାରୀ ଏବଂ ଡିଜାଇନରମାନେ ଅଂଶ ଗ୍ରହଣ କରିଛନ୍ତି। ସେହିପରି ଉକ୍ତ ପ୍ରଦର୍ଶନୀରେ ୧୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଜରିଆରେ ବ୍ୟବସାୟୀମାନେ ସେମାନଙ୍କର ଭିନ୍ନ ଭିନ୍ନ ବର୍ଗର ସାମଗ୍ରୀ ଏଠାରେ ପ୍ରଦର୍ଶିତ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଚଳିତ ବର୍ଷର ରାଖୀ ଏବଂ ଆଗାମୀ ପାର୍ବଣକୁ ନଜରରେ ରଖି ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏଥିରେ ବିଭିନ୍ନ ବ୍ରାଇଡାଲ ୱିୟରଠାରୁ ଆରମ୍ଭ କରି ଡିଜାଇନର ପୋଷାକ ସାଙ୍ଗକୁ ନାନା ପ୍ରକାରର ସୌଖୀନ ଗହଣା, ଫ୍ୟାଶନ ଆସେସୋରିଜ୍, ହୋମ ଆସେସୋରିଜ୍ ଏବଂ କଳାକୃତି ଭଳି ଅନେକ ଲାଇଫଷ୍ଟାଇଲ୍ ଏବଂ ଫ୍ୟାଶନ ସାମଗ୍ରୀ ଏଠାରେ ଉପଲବ୍ଧ ହେବ। ଭାରତର ବିଭିନ୍ନ ରାଜ୍ୟର ଜଣାଶୁଣା ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ରାଖୀଠାରୁ ନେଇ ରତ୍ନ ପଥର ଏବଂ ଚପଲଠାରୁ ଚୁଡିଦାର ପର୍ଯ୍ୟନ୍ତ ସାମଗ୍ରୀ ଉକ୍ତ ପ୍ରଦର୍ଶନୀରେ ସାମିଲ ହୋଇଛି। ଉପରୋକ୍ତ ସାମଗ୍ରୀର ମୂଲ୍ୟ ୧୦୦ ଟଙ୍କାରୁ ନେଇ ୧ ଲକ୍ଷ ପର୍ଯ୍ୟନ୍ତ ରହିଛି। ଅଗଷ୍ଟ ୧ରେ ମଧ ଉକ୍ତ ପ୍ରଦର୍ଶନୀ ଜାରି ରହିବ।

## ଜେକେ ଲକ୍ଷ୍ମୀ ସିମେଣ୍ଟର ଉଲ୍ଲେଖନୀୟ ଅଭିବୃଦ୍ଧି

**ନୂଆଦିଲ୍ଲୀ,୩୧।୭**

ଜେକେ ଲକ୍ଷ୍ମୀ ସିମେଣ୍ଟ ଲିମିଟେଡ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜୁନ୍ ତ୍ରୈମାସରେ ପ୍ରାୟ ୨୬% ବୃଦ୍ଧି ସହ ୧୫୫୧ କୋଟି ଟଙ୍କାର ଶୁଦ୍ଧ ବିକ୍ରି ହାସଲ କରିଛି। ଏହା ୨୦୨୧ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧୨୩୧.୫୧ କୋଟି ଟଙ୍କା ଥିଲା। ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟରେ କ୍ରମାଗତ ବୃଦ୍ଧି କାରଣରୁ ଖର୍ଚ୍ଚରୁ ପଡୁଥିବା ଚାପ ସତ୍ତ୍ୱେ,କମ୍ପାନୀ ଏପ୍ରିଲ୍-ଜୁନ୍ ୨୦୨୨ ତ୍ରୈମାସରେ ପରିଚାଳନାଗତ ଲାଭରେ ୨୧୭ କୋଟି ଟଙ୍କାର ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିପାରିଛି। ଏହି ଲାଭ ଗତବର୍ଷ ଏପ୍ରିଲ୍-ଜୁନ୍ ତ୍ରୈମାସରେ ୨୧୬କୋଟି ଟଙ୍କା ରହିଥିଲା। ଏହି ସଫଳତା ପରିଚାଳନାଗତ ଦକ୍ଷତାରେ ସୁଧାର, ବର୍ଦ୍ଧିତ ପରିମାଣ, ଉତ୍ପାଦ ମିଶ୍ରଣରେ ଉନ୍ନତି ଓ ପ୍ରିମିୟମ ପ୍ରଡକ୍ଟଗୁଡିକର ଅଧିକ ବିକ୍ରି କାରଣରୁ ହାସଲ ହୋଇପାରିଛି। ତେବେ ଏପ୍ରିଲ୍-ଜୁନ୍ ୨୦୨୨ ତ୍ରୈମାସରେ ପରିଚାଳନାଗତ ଲାଭ ହାର ଗତବର୍ଷର ସମାନ ଅବଧିର ୧୮%ରୁ ୧୪%କୁ ହ୍ରାସ ପାଇଛି।

## ଏସ୍‌ବିଆଇ ଲାଇଫ୍‌ର ୧ମ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୩୧।୭**

ଏସବିଆଇ ଲାଇଫ୍ ଇନ୍‌ସ୍ୟୁରାନ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ସୂଚନା ଅନୁଯାୟୀ ୨୦୨୨ ଜୁନ୍ ୩୦ ମଧ୍ୟରେ ୫,୫୯୧କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରିଛି। ଗତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ଏହାର ପରିମାଣ ୩,୩୪୫ କୋଟି ଟଙ୍କା ଥିଲା। ୨୦୨୧ ଜୁନ୍ ୩୦ ତୁଳନାରେ ନିୟମିତ ପ୍ରିମିୟମ୍ ୮୩% ବୃଦ୍ଧି ପାଇଛି। ସେହିଭଳି ସୁରକ୍ଷା ଉପରେ ଗୁରୁତ୍ୱ ବଜାୟ ରଖି ଏସବିଆଇ ଲାଇଫ୍‌ର ପ୍ରୋଟେକ୍ସନ ନୂଆ ବ୍ୟବସାୟ ପ୍ରିମିୟମ୍ ୧ମ ତ୍ରୈମାସିକରେ ୬୯୫ କୋଟି ଟଙ୍କା ହୋଇଛି, ଏଥିରେ ୬୩%ର ବୃଦ୍ଧି ଘଟିଛି। ପ୍ରୋଟେକ୍ସନ ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ଏହି ସମୟରେ ୫୫% ବୃଦ୍ଧି ପାଇ ୨୦୩ କୋଟି ଟଙ୍କା ହୋଇଛି। ୨୦୨୧ ଜୁନ୍ ୩୦ ତ୍ରୈମାସିକ ତୁଳନାରେ ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ୮୭% ବୃଦ୍ଧି ପାଇ ୩,୪୩୦ କୋଟି ଟଙ୍କା ହୋଇଛି। ସେହିପରି ଏସବିଆଇ ଲାଇଫ୍‌ର ଟିକସ ପରବର୍ତ୍ତୀ ଲାଭ ୨୦୨୨ ଜୁନ୍ ୩୦ ସୁଦ୍ଧା ୨୬୩ କୋଟି ଟଙ୍କା ହୋଇଛି। କମ୍ପାନୀର ସଲ୍‌ଭେନ୍ସି ରେସିଓ ଏହି ସମୟରେ ୨.୨୧ ରହିଛି। ଏହା ନିୟାମକ ଆବଶ୍ୟକତା ୧.୫୦ଠାରୁ ଯଥେଷ୍ଟ ଅଧିକ ବୋଲି ଜଣାପଡିଛି। ଅପରପକ୍ଷରେ ଏସବିଆଇ ଲାଇଫ୍‌ର ପରିଚାଳନା ଅଧୀନ ସମ୍ପତ୍ତି (ଏୟୁଏମ୍)ରେ ବୃଦ୍ଧି ଜାରି ରହିବା ସହ ୨୦୨୨ ଜୁନ୍ ୩୦ ସୁଦ୍ଧା ଶେଷ ତ୍ରୈମାସିକରେ ତାହା ୧୩% ବୃଦ୍ଧି ପାଇ ୨,୬୨,୩୪୯ କୋଟି ଟଙ୍କା ହୋଇଛି ଓ ଡେବ୍‌ଟ ଓ ଇକ୍ୱିଟି ଅନୁପାତ ୭୩:୨୭ ରହିଛି। ୯୬%ରୁ ଅଧିକ ଡେବ୍‌ଟ ନିବେଶ ଏଏଏ ଓ ସୋଭରେନ୍ ଉପକରଣରେ ହୋଇଛି।

## ଫୁର୍‌ସତ

# ଭାରତର ଫ୍ଲାଗ୍ ଅଙ୍କଲ୍

### ୬୦ ବର୍ଷ ହେଲା ତ୍ରିରଙ୍ଗା ପତାକା ତିଆରି କରୁଛନ୍ତି




**ନୂଆଦିଲ୍ଲୀ:** ଦିଲ୍ଲୀର ସଦର ବଜାରରେ ଅବଦୁଲ ଜାଫରଙ୍କ ସିଲେଇ ଦୋକାନ। ଅବଦୁଲ ଗାଫର ସ୍ଥାନୀୟ ଅଞ୍ଚଳରେ 'ଫ୍ଲାଗ୍ ଅଙ୍କଲ୍' ବା 'ଝଣ୍ଡେ ୱାଲେ'ଭାବେ ବେଶ୍ ଜଣାଶୁଣା। ତେବେ ଏହାପଛର କାରଣ ହେଉଛି ଗତ ୬୦ ବର୍ଷ ଧରି ସେ ତ୍ରିରଙ୍ଗା ପତାକା ତିଆରି କରିଆସୁଛନ୍ତି। ବର୍ତ୍ତମାନ ୭୧ ବର୍ଷୀୟ ଅବଦୁଲ ୧.୫ ଲକ୍ଷ ପତାକା ତିଆରି କରି ରେକର୍ଡ ସୃଷ୍ଟି କରିଛନ୍ତି। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଦେଶରେ ଲାଗୁ ଏମର୍ଜେନ୍ସିଠାରୁ ଆରମ୍ଭ କରି ଅଟଳ ବିହାରୀ ପାଜପାୟୀ ସରକାର ସମୟରେ ଏବଂ ଆନ୍ନା ହାଜାରେ ଆନ୍ଦୋଳନ ସମୟରେ ଅବଦୁଲ ପତାକା ଯୋଗାଇଥିବା କୁହନ୍ତି। ସ୍ୱାଧୀନତା ଦିବସ ପାଇଁ ଅବଦୁଲ ଏବେଠାରୁ ଜାତୀୟ ପତାକା ତିଆରି କରିବା ଆରମ୍ଭ କରିଛନ୍ତି।

ଦେଶବ୍ୟାପୀ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ ଆରମ୍ଭ କରିଥିବାବେଳେ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ଘରେ ଜାତୀୟ ପତାକା ଲଗାଇ ପାରିବେ। ସେଥିପାଇଁ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ପତାକାର ଆବଶ୍ୟକତା ବଢ଼ିବା ସମ୍ଭାବନା ରହିଛି। ଏ ନେଇ ପତାକା ନେଇ ଲୋକେ ଅଧିକ ମାତ୍ରାରେ ଅର୍ଡର କରୁଥିବାବେଳେ ଦୋକାନରେ କାମ କରୁଥିବା ମିସ୍ତ୍ରି ସବୁ ଚାରିଟି ଶିଫ୍ଟରେ କାମ କରୁଛନ୍ତି। ଏହାଦ୍ୱାରା ପ୍ରତ୍ୟେକଙ୍କ ରୋଜଗାର ମଧ ବଢ଼ିଛି। ଯେଉଁ କାରିଗର ଦୈନିକ ୨୦୦ରୁ ୨୫୦ ଟଙ୍କା ରୋଜଗାର କରୁଥିଲେ ସେମାନେ ବର୍ତ୍ତମାନ ୮୦୦ରୁ ଏକ ହଜାର ଟଙ୍କା ଆୟ କରିବାରେ ଲାଗିଛନ୍ତି। ତେବେ ଅବଦୁଲ ପରିବାର ପୋଷିବା ପାଇଁ ନୁହେଁ ବରଂ ଦେଶ ପାଇଁ ପତାକା ତିଆରି କାମ ଦୀର୍ଘ ୬୦ ବର୍ଷ ଧରି କରିଆସୁଥିବା କହିଛନ୍ତି।

## ପଞ୍ଜାବୀ ଫିଲ୍ମରେ ଅମୀରା

**ମୁମ୍ବାଇ**



ହିନ୍ଦୀ, ତେଲୁଗୁ, ତାମିଲ ପରେ ଏବେ ପଞ୍ଜାବୀ ଫିଲ୍ମରେ ଦେଖାଯିବେ ବଲିଉଡ୍ ଅଭିନେତ୍ରୀ ଅମୀରା ଦସ୍ତୁର। ସେ ନିଜକୁ ଜଣେ ପାନ୍-ଇଣ୍ଡିଆ ଅଭିନେତ୍ରୀ ଭାବେ ଗଢ଼ିବା ପାଇଁ ଚାହୁଁଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ବର୍ତ୍ତମାନ ସମୟରେ ବହୁଳମାତ୍ରାରେ ପାନ୍ ଇଣ୍ଡିଆ ଫିଲ୍ମ ତିଆରି ହେବାରେ ଲାଗିଛି, ଯାହା ଦର୍ଶକଙ୍କୁ ଖୁବ୍ ପସନ୍ଦ ମଧ ଆସୁଛି। ଆର୍‌ଆର୍‌ଆର୍, ବାହୁବଳି ଭଳି ପାନ୍ ଇଣ୍ଡିଆ ଫିଲ୍ମ ଆଜିର ଦିନରେ ସୁପରହିଟ୍ ସାବ୍ୟସ୍ତ ହୋଇଥିବାବେଳେ ଫିଲ୍ମ ସବୁକୁ ଦର୍ଶକଙ୍କ ଭଲପାଇବା ମଧ ମିଳିଛି। ସେ ନିଜକୁ ଗୋଟିଏ ଚଳଚ୍ଚିତ୍ର ଜଗତରେ ସୀମିତ କରି ରଖିବାକୁ ଚାହୁଁ ନ ଥିବା ପ୍ରକାଶ କରିଛନ୍ତି। ୨୦୧୩ରେ ହିନ୍ଦୀ ଫିଲ୍ମ 'ଇଶକ୍' ଜରିଆରେ ଅମୀରା ବଲିଉଡ୍ ଡେବ୍ୟୁ କରିଥିଲେ। ହିନ୍ଦୀ ଫିଲ୍ମ ତୁଳନାରେ ସେ ଅଧିକ ମାତ୍ରାରେ ତାମିଲ ଫିଲ୍ମରେ କାମ କରିଛନ୍ତି। ୨୦୨୧ରେ ଶେଷଥର ପାଇଁ ସେ 'କୋଇ ଜାନେନା'ରେ ଦେଖାଯାଇଥିଲେ।

## ୩୦ ବର୍ଷରେ କିଆରା



**ମୁମ୍ବାଇ:** କିଆରା ଆଡଭାନୀ ଆଜି ବଲିଉଡର ଜଣେ ସୁପରିଚିତ ଅଭିନେତ୍ରୀ। ନାୟିକାଙ୍କ ଅଭିନୟ ସାଙ୍ଗକୁ ସୁନ୍ଦରତା ତାଙ୍କ ପ୍ରଶଂସକଙ୍କୁ ଖୁବ୍ ପସନ୍ଦ। ୨୦୧୪ରେ ଫିଲ୍ମ କ୍ୟାରିୟର୍ ଆରମ୍ଭ କରିଥିବା କିଆରା ରବିବାର ପାଳନ କରିଛନ୍ତି ତାଙ୍କ ୩୦ତମ ଜନ୍ମଦିନ। ନାୟିକା ଜଣକ ଉଭୟ ବଲିଉଡ୍ ଓ ଟଲିଉଡ୍‌ରେ ସକ୍ରିୟ ଥିବାବେଳେ ତାଙ୍କ ଜନ୍ମଦିନ ଅବସରରେ ଉଭୟ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଲୋକେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତ। ତେବେ କିଆରାଙ୍କୁ ଜନ୍ମଦିନ ୱିସ୍ କରିବା ପାଇଁ ସିଦ୍ଧାର୍ଥ ମାଲହୋତ୍ରା ବାଦ୍ ପଡ଼ିନାହାନ୍ତି। କିଆରା ଓ ସିଦ୍ଧାର୍ଥଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବାନେଇ ଗଣମାଧମରେ ଚର୍ଚ୍ଚା ହେଉଥିବାବେଳେ ଏ ପ୍ରସଙ୍ଗରେ ଦୁହେଁ କେବେ ମୁହଁ ଖୋଲି ନାହାନ୍ତି। ମାତ୍ର ୮ ମାସ ବୟସରେ ଏକ ବିଜ୍ଞାପନ ଜରିଆରେ ଟେଲିଭିଜନରେ ଦେଖାଯାଇଥିଲେ କିଆରା। ହିନ୍ଦୀ ଫିଲ୍ମ 'ଫଗି' କିଆରାଙ୍କ ପ୍ରଥମ ବଲିଉଡ୍ ଡେବ୍ୟୁ।

## ସ୍ତ୍ରୀଙ୍କୁ ମାରିବା ପାଇଁ ୧୪୦୦ କି.ମି. କାର୍ ଚଳାଇ ଆସିଲେ ସ୍ୱାମୀ



**ସିକାଗୋ:** ପୂର୍ବତନ ସ୍ତ୍ରୀଙ୍କୁ ଜୀବନରୁ ମାରି ଦେବା ପାଇଁ ଜର୍ଜିଆରୁ ସିକାଗୋ ଆସିଥିଲେ ସ୍ୱାମୀ। ଦୀର୍ଘ ୧୪ଶହ କିଲୋମିଟର ବାଟ ଅତିକ୍ରମ କରି ସିକାଗୋରେ ସେ ପହଞ୍ଚିଥିଲେ। ସାମାନ୍ୟ ଏକ ଟିକ୍‌ଟକ୍ ଭିଡିଓକୁ କେନ୍ଦ୍ର କରି ଏ ପ୍ରକାର ଅଘଟଣ ଘଟିଥିବା କୁହାଯାଉଛି। କିଛିଦିନ ତଳେ ବ୍ୟକ୍ତି ଜଣକ ତାଙ୍କ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ର ନେଇଥିଲେ। ବିଚ୍ଛେଦ ପରେ ମହିଳା ଜଣକ ସିକାଗୋରେ ରହୁଥିବାବେଳେ ସ୍ୱାମୀ ଜର୍ଜିଆରେ ରହୁଥିଲେ। ମୃତ ମହିଳା ସୋନିଆ ଖାନ୍ ପାକିସ୍ତାନୀ-ଆମେରିକୀୟ ଫଟୋଗ୍ରାଫର୍। ବିବାହ ବିଚ୍ଛେଦ ନେଇ ଟିକ୍‌ଟକ୍‌ରେ ଏକ କରୁଣ ଭିଡିଓ ଶେୟାର କରିଥିଲେ। ତେବେ ଭିଡିଓଟିକୁ ତାଙ୍କ ସ୍ୱାମୀ ରହିଲ ଅହମଦ ଦେଖି ରାଗିଯାଇଥିଲେ ଓ ତାଙ୍କୁ ମାରିବାର ନିଷ୍ପତ୍ତି ନେଇଥିଲେ। ଜର୍ଜିଆରୁ ସିକାଗୋ ଆସିବା ପାଇଁ ତାଙ୍କୁ ପ୍ରାୟ ୧୪ ଘଣ୍ଟା ସମୟ ଲାଗିଥିଲା। ସ୍ତ୍ରୀ ସୋନିଆଙ୍କୁ ଗୁଳିକରି ହତ୍ୟା କରିବା ପରେ ଅହମଦ ଆତ୍ମହତ୍ୟା କରିଥିବା ସ୍ଥାନୀୟ ପୋଲିସ କହିଛି। ଜର୍ଜିଆ ସ୍ଥିତ ଘରେ ଅହମଦଙ୍କୁ ନ ପାଇ ତାଙ୍କ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ସିକାଗୋର ୨୦୦ ନମ୍ବର ବ୍ଲକ୍ ଇ.ଓହିଂଓ ଷ୍ଟ୍ରିଟ୍‌ର ଏକ ଆପାର୍ଟମେଣ୍ଟରୁ ଦମ୍ପତିଙ୍କ ମୃତଦେହ ପାଇଥିଲା। ଖବର ମୁତାବକ ଘଟଣାସ୍ଥଳରେ ସୋନିଆଙ୍କ ମୃତ୍ୟୁ ହୋଇଥିବାବେଳେ ଅହମଦଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା।

# ଥଣ୍ଡା ଷ୍ଟ୍ରକୁ ନେଇ ୨ ଗାଁ ମଧରେ ଗୋଷ୍ଠୀ ସଂଘର୍ଷ

- ଆକ୍ରମଣ ପ୍ରତି ଆକ୍ରମଣରେ ୧୦ ଆହତ
- ୩ ବଖରା ଜାଳି ଦେଲେ

ଡେରାବିଶ, ୩୧।୭(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ତିଲଙ୍ଗ କୋଠିଛକ ବଜାରରେ ଥିବା ଏକ ଦୋକାନରେ ଥଣ୍ଡା ପାନୀୟର ଷ୍ଟ୍ରକୁ କେନ୍ଦ୍ରକରି ବଚସା ଓ ପରେ ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟପକ୍ଷରୁ ୧୦ଜଣ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତିଲଙ୍ଗ ଗାଁରେ ୩ ବଖରାକୁ ଦୁର୍ବୃତ୍ତମାନେ ସମ୍ପୂର୍ଣ୍ଣ ଜାଳି ଦେଇଥିବା ନେଇ ଥାନାରେ ରବିବାର ଅଭିଯୋଗ ହୋଇଛି। ଅଭିଯୋଗକାରୀ ତିଲଙ୍ଗ ଗାଁର କ୍ଷୀର ଦାସଙ୍କ ଝିଅ ବିଜୁଳି (୧୯) ବୋଲି ଜଣାଯାଇଛି।

ବିଜୁଳିଙ୍କ ଅଭିଯୋଗ ମୁତାବକ, ଶନିବାର ଅପରାହ୍ନ ୨ଟାରେ ମାମୁ ନାଗା ଦାସ ଓ ତାଙ୍କ ନାତି ଶୁଭ୍ରାଂଶୁ ନିକଟରେ ବୁଲୁ ମଲ୍ଲିକଙ୍କ ଦୋକାନକୁ ଥଣ୍ଡା ପାନୀୟ ପିଇବାକୁ ଯାଇଥିଲେ। ଏହି ସମୟରେ ନାତି ଶୁଭ୍ରାଂଶୁ ପିଉଥିବା ଥଣ୍ଡା ବୋତଲରୁ ଷ୍ଟ୍ରଟି ତଳେ ଖସି ପଡ଼ିଥିଲା। ଆଉ ଗୋଟିଏ ଷ୍ଟ୍ର ଦେବାକୁ ଦୋକାନୀଙ୍କୁ ନାଗା ମାଗିବାରୁ ସେ ତାଙ୍କୁ ଷ୍ଟ୍ର ଦେବାକୁ ମନା କରିବା ସହ ଖରାପ ବ୍ୟବହାର କରିଥିଲେ। ଏଥିରେ ନାଗା ପ୍ରତିବାଦ କରିବାରୁ ତାଙ୍କୁ ବୁଲୁ ଧକ୍କା ମାରିବା ସହ ଗୋଇଠା ଓ ତଣ୍ଡିଆ ମାରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ଅଛି। ଏହି ସମୟରେ ବୁଲୁଙ୍କ ଗ୍ରାମ ନିକଟସ୍ଥ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ହଳଦିଆର କେତେଜଣ ଯୁବକ ଦୋକାନରେ ବସି ଥିଲେ। ସେମାନେ ଉତ୍କ୍ଷିପ୍ତ ହୋଇ ନାଗାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି କି ସେଠାରେ ଥିବା ପପୁ ମଲ୍ଲିକ ଏକ ବିୟର ବୋତଲ ଭାଙ୍ଗି ନାଗାଙ୍କ ପିଚାରେ ଭୁସି ଦେବା ସହ ସେଠାରେ ଉପସ୍ଥିତ ଥିବା ହଳଦିଆ ଗାଁର ଅଜୁ ମଲ୍ଲିକ ହାତରେ ଧରିଥିବା ଏକ ମଦ ବୋତଲକୁ ମାମୁ ନାଗାଙ୍କ ମୁଣ୍ଡରେ ପିଟି ଦେବାରୁ ସେ ରକ୍ତାକ୍ତ ହୋଇ ତଳେ ପଡ଼ି ଯାଇଥିଲେ। ଏହି ଘଟଣା ଦେଖି ଅଭିଯୋଗକାରିଣୀ ବିଜୁଳି ଓ ତାଙ୍କ ଭାଇ ବିକାଶ ପ୍ରତିବାଦ କରିବାରୁ ସେଠାରେ ଉପସ୍ଥିତ ଯୁବକମାନେ ବିଜୁଳିଙ୍କୁ ଅସଦାଚରଣ କରିବା ସହ ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବିଜୁଳି ସେଠାରୁ ଘର ଆଡ଼କୁ ଦୌଡ଼ି ପଳାଉଥିବା ଦେଖି ଯୁବକମାନେ ତାଙ୍କ ପିଛା କରି ଘରେ ପଶି ଯାଇଥିଲେ। ଘରେ ଥିବା ତାଙ୍କ ଗର୍ଭବତୀ ଭାଉଜଙ୍କୁ ଟଣାଓଟରା ଓ ମାରପିଟ କରିଥିଲେ। ଏଥିସହ ସେହି ସାହିରେ ଥିବା ଝିଅ ବୋହୂମାନଙ୍କୁ ମାରପିଟ କରିବା ସହ ସେମାନଙ୍କୁ ଅସଦାଚରଣ କରିଥିଲେ। ପୁନର୍ବାର ରାତି ୮ଟାରେ ହଳଦିଆର ଶତାଧିକ ଲୋକ ଠେଙ୍ଗାବାଡ଼ି ଧରି ତିଲଙ୍ଗ (କେଳାସାହି) ଗାଁରେ ପଶି ସମସ୍ତଙ୍କୁ ମରଣାନ୍ତକ ଆକ୍ରମଣ କରିବା ସମୟରେ ଗାଁ ଲୋକ ଜୀବନ ବଞ୍ଚାଇବାକୁ ଯାଇ ପ୍ରତି ଆକ୍ରମଣ କରିଥିଲେ। ଏଥିରେ ୧୦ ଜଣ ଆହତ ହୋଇଥିଲେ। ହଳଦିଆର ଗାଁର ଲୋକ ତିଲଙ୍ଗ (କେଳାସାହି)ରେ ପଶି ଘରେ ଥିବା ସମସ୍ତ ମୂଲ୍ୟବାନ ଆସବାବପତ୍ର, ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦିକୁ ଲୁଟି ନେଇଯାଇଥିବା ନେଇ ବିଜୁଳି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ସଂଘବଦ୍ଧ ଆକ୍ରମଣରେ ଗ୍ରାମବାସୀ ଭୟଭୀତ ହୋଇ ନିଜ ଜୀବନ ବଞ୍ଚାଇବାକୁ ଅନ୍ୟ ଏକ ଗ୍ରାମରେ ଆଶ୍ରୟ ନେଇଥିଲେ। ଏ ବାବଦରେ ଖବରପାଇ ଉଭୟ ମାହାଙ୍ଗା ଓ ଡେରାବିଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିଲେ। ତିଲଙ୍ଗ (କେଳାସାହି) ଗ୍ରାମବାସୀ ଭୟରେ ଘରକୁ ଫେରି ନ ଥିଲେ। ପରେ ବିଳମ୍ବିତ ରାତିରେ ତିଲଙ୍ଗ (କେଳାସାହି) ଗାଁର ନୀର ଦାସ ଓ କ୍ଷୀର ଦାସଙ୍କ ୩ ବଖରାକୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ପୋଲିସ ଘର ଜଳିବା ଦେଖି ଡେରାବିଶ ଅଗ୍ନିଶମ ବିଭାଗକୁ ଡକାଇ ଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଘରେ ଥିବା ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ଅଭିଯୋଗ ପାଇବା ପରେ ଡେରାବିଶ ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି। ଏ ନେଇ ଡେରାବିଶ ଥାନାରେ ନଂ.୧୧୬/୨୨ରେ ମାମଲା ରୁଜୁ ହୋଇଛି।


ଦୁର୍ବୃତ୍ତମାନେ ପୋଡି ଦେଇଥିବା ଗୃହ।



ଥାନାରେ ଅଭିଯୋଗ କରିବାକୁ ଆସିଥିବା ବିଜୁଳି ଦାସ, ଭାଇ ବିକାଶ ଦାସ।

## ସଂକ୍ଷେପରେ

### ନକଲି ଅବକାରୀ କର୍ମଚାରୀଙ୍କୁ ଲୋକେ ଧରି ପୋଲିସକୁ ଦେଲେ

ଡେରାବିଶ, ୩୧।୭(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ହରିଅଙ୍କ ଗାଁର ଦୋଳଗୋବିନ୍ଦ ମଲ୍ଲିକଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଦୁଇଜଣ ଯୁବକ ନିଜକୁ ଅବକାରୀ ବିଭାଗର କର୍ମଚାରୀ କହି ତାଙ୍କୁ ୨ ହଜାର ଟଙ୍କା ଓ ମଦ ବୋତଲ ମାଗିଥିଲେ। ଦୋଳଗୋବିନ୍ଦ ଏଥିରେ ଅକ୍ଷମତା ପ୍ରକାଶ କରିଥିଲେ। ଫଳରେ ଯୁବକଦ୍ୱୟ ଦୋଳଗୋବିନ୍ଦଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲେ। ତେବେ ଯୁବକଦ୍ୱୟଙ୍କ ହାବଭାବକୁ ଲକ୍ଷ୍ୟକରି ଦୋଳଗୋବିନ୍ଦଙ୍କ ସନ୍ଦେହ ହୋଇଥିଲା। ପରେ ସେଠାରେ କିଛି ଗ୍ରାମବାସୀ ପହଞ୍ଚି ଯିବାରୁ ୨ଜଣ ଯୁବକଙ୍କ ମଧ୍ୟରୁ ଜଣେ କୌଶଳରେ ଖସି ପଳାଇଥିଲେ। ତେବେ ଅନ୍ୟ ଜଣେ ଯୁବକଙ୍କୁ ଦୋଳଗୋବିନ୍ଦ ଓ ଗ୍ରାମବାସୀ କାବୁ କରିବା ପରେ ସେ ନକଲି ଅବକାରୀ କର୍ମଚାରୀ ବୋଲି ଜାଣିବାକୁ ପାଇଥିଲେ। ପରେ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେବା ସହ ଚାନ୍ଦୋଳ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ରବିବାର ଦୋଳଗୋବିନ୍ଦଙ୍କଠାରୁ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଯୁବକଙ୍କୁ ସଦର ଥାନାରେ ଅଟକ ରଖାଯାଇ ଅଧିକ ପଚରାଉଚରା କରାଯାଉଥିବା ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅଟକ ଯୁବକଙ୍କ ନାମ ଭାଗ୍ୟଧର ମଲ୍ଲିକ ବୋଲି ଜଣାପଡ଼ିଛି। ଭାଗ୍ୟଧର ନିଜ ଗ୍ରାମର ଠିକଣା ସମ୍ପର୍କରେ ଏଯାଏ ଠିକ୍ ତଥ୍ୟ ଦେଇ ନ ଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ତେବେ ଖସି ପଳାଇଥିବା ଯୁବକଙ୍କ ନାମ ସିଦ୍ଧାନ୍ତ ମଲ୍ଲିକ ବୋଲି ଭାଗ୍ୟଧରଙ୍କଠାରୁ ପୋଲିସ ଜାଣିବାକୁ ପାଇଛି। ଏହି ଘଟଣାର ତଦନ୍ତ ଜାରି ରହିଛି।

### ନିଆଳ ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ

ଆଳି,୩୧।୭ (ଡି.ଏନ.ଏ.): ଆଳିର ପ୍ରସିଦ୍ଧ ଦିଗୋଛିଆ ମଠଠାରେ ରବିବାର ନିଆଳ ମଣ୍ଡଳ ଭାଜପା ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ରାଜେନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ନିର୍ବାଚନମଣ୍ଡଳୀ ସଂଯୋଜକ ରଶ୍ମିରଞ୍ଜନ ବେହୁରା, ପ୍ରଭାରୀ ତଥା ଜିଲା ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଛାୟତ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଯୋଗଦେବା ସହ ଲୋକ ସଭା ପ୍ରବାସ ଯୋଜନା ଓ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ବରିଷ୍ଠ ନେତା ଅଶ୍ୱିନୀ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ପରେଶ ଦାସ, କଳ୍ପତରୁ ଦାସ, ଉପସଭାପତି ରବୀନ୍ଦ୍ର ନାୟକ, ବାବୁରାମ ରାଉତ, ବିଶ୍ୱରଞ୍ଜନ ପଣ୍ଡା, ସମ୍ପାଦକ ଇନ୍ଦ୍ରମଣି ସାହୁ, ନୃସିଂହ ଦାସ, ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ମଲ୍ଲିକ, ହିମାଂଶୁ ପରିଡ଼ା, ଅମିୟ ରାଉତ, ଗିରିଜା ଶଙ୍କର ଦାସ, ଅତୁଲ ସାହୁ, ଚନ୍ଦ୍ରଭାନୁ ମଲିକ, ନୟନ କିଶୋର ସାମଲ, ଭୂପତି ସେଠୀ, ସୁରେନ୍ଦ୍ର ଲେଙ୍କା, କୃଷକମୋର୍ଚ୍ଚା ସଭାପତି କାଶୀନାଥ ସେଠୀଙ୍କ ସମେତ ପଞ୍ଚାୟତ ପ୍ରମୁଖମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଆଜି ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ

## ହବାଲିଖଟିକୁ ପର୍ଯ୍ୟଟକ ମନା

ରାଜନଗର, ୩୧।୭(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲାର ବିଶ୍ୱପ୍ରସିଦ୍ଧ ଭିତରକନିକା ଏବେ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଛି। କୁମ୍ଭୀର ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧, ଏହି ୩ ମାସ ପାଇଁ ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଥାଏ। ସୋମବାରଠାରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ନିମନ୍ତେ ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବ। ଏଥିପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁପ୍ତି ଓ ଡାଙ୍ଗମାଳରେ ପର୍ଯ୍ୟଟକମାନେ ରାତ୍ରିଯାପନ କରିପାରିବେ। ଏଥିପାଇଁ ୱେବ୍‌ସାଇଟ ଖୋଲାଅଛି। ମାତ୍ର ହବାଲିଖଟିକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ପୂର୍ବରୁ କେବଳ ରାତ୍ରିଯାପନ କରୁଥିବା ପର୍ଯ୍ୟଟକମାନେ ହବାଲିଖଟି ଯାଉଥିଲେ। ହବାଲିଖଟିରେ ଥିବା ଡଲ୍‌ଫିନ ହାଉସ୍ ନିକଟକୁ ସମୁଦ୍ର ମାଡ଼ି ଆସିଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କିଛିଦିନ ସେଠାରେ ରାତ୍ରିଯାପନକୁ ବନ୍ଦ କରାଯାଇଛି। ବର୍ଷାଦିନେ ସମୁଦ୍ର ଅଧିକ ଅଶାନ୍ତ ରହୁଥିବାରୁ ବନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହାବାଦ୍ ଭିତରକନିକାକୁ ପଲିଥିନମୁକ୍ତ କରିବାକୁ ସୋମବାରଠାରୁ ପର୍ଯ୍ୟଟକଙ୍କୁ ସଚେତନ କରାଯିବ। ଭିତରକନିକା ଯେପରି ପଲିଥିନ ଓ ପ୍ଲାଷ୍ଟିକ୍ ଫ୍ରି ଜାତୀୟ ଉଦ୍ୟାନ ହେବ, ସେଥିପାଇଁ ସବୁସ୍ତରରୁ ସଚେତନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି କଟକଣା ଥିଲେ ମଧ୍ୟ କେତେକାଂଶରେ ପର୍ଯ୍ୟଟକମାନେ ପଲିଥିନ ଭିତରକୁ ନେଇ ଏଣେତେଣେ ଫୋପାଡ଼ିବା ସହ ନଦୀ ନାଳରେ ଫିଙ୍ଗୁଥିଲେ। ପଲିଥିନ ଓ ପ୍ଲାଷ୍ଟିକ୍ ଆବର୍ଜନା ଜୈବବିବିଧତା ସନ୍ତୁଳନ ରକ୍ଷା କରିବାରେ ବ୍ୟାଘାତ ସୃଷ୍ଟି କରୁଛି। ପଲିଥିନ ଓ ପ୍ଲାଷ୍ଟିକ୍ ଯୋଗୁ ଜୀବଜନ୍ତୁମାନେ ମଧ ଅସୁବିଧାରେ ପଡୁଛନ୍ତି। ଜୈବବିବିଧତାର ସୁରକ୍ଷା ନିମନ୍ତେ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟକୁ ପଲିଥିନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ପଲିଥିନ କିପରି ଆମ ପରିବେଶକୁ ନଷ୍ଟ କରୁଛି ସେ ନେଇ ବୁଝାଯିବ। ପଲିଥିନ ଜାତୀୟ ଉଦ୍ୟାନ ମଧ୍ୟକୁ ନ ନେବା ପାଇଁ ସଚେତନ କରାଯିବ। ଏହାବାଦ୍ ପ୍ଲାଷ୍ଟିକ୍ ବୋତଲକୁ ମଧ୍ୟ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ। ପର୍ଯ୍ୟଟକମାନେ ଯେତିକି ସଂଖ୍ୟକ ପ୍ଲାଷ୍ଟିକ୍ ପାଣି ବୋତଲ ଭିତରକନିକା ମଧ୍ୟକୁ ନେବେ ଫେରିଲା ବେଳେ ସେତିକି ବୋତଲ ଧରି ଫେରିବେ। କୌଣସି ପରିସ୍ଥିତିରେ ପ୍ଲାଷ୍ଟିକ୍ ବୋତଲ ଭିତରକନିକା ଜଙ୍ଗଲ କିମ୍ବା ନଦୀନାଳ ମଧ୍ୟକୁ ଯେପରି ନ ଫିଙ୍ଗନ୍ତି, ସେଥିପାଇଁ ସଚେତନ କରାଯିବ। ଏଥିସହ ପର୍ଯ୍ୟଟକମାନଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ଭିତରକନିକାର ବିଭିନ୍ନ ସ୍ଥାନରେ ପାନୀୟଜଳର ବ୍ୟବସ୍ଥା କରାଯିବ। ସୁସ୍ଥ ପରିବେଶ ଓ ଭିତରକନିକା ଜୈବବିବିଧତାର ସୁରକ୍ଷା ଲାଗି ପର୍ଯ୍ୟଟକମାନେ ପଲିଥିନ ଓ ପ୍ଲାଷ୍ଟିକ୍‌ମୁକ୍ତ ଭିତରକନିକା ଗଢ଼ିବାରେ ସହଯୋଗର ହାତ ବଢ଼େଇବାକୁ କନିକା ରେଞ୍ଜ୍ ଅଫିସର ମାନସ କୁମାର ଦାସ ନିବେଦନ କରିଛନ୍ତି। ପଲିଥିନ ବଦଳରେ କପଡ଼ା ବ୍ୟାଗ୍, କାଗଜ ବ୍ୟାଗ୍ ଓ ଝୋଟରେ ପ୍ରସ୍ତୁତ ବ୍ୟାଗ୍‌ରେ ବ୍ୟବହାର ସାମଗ୍ରୀ ଭିତରକନିକା ମଧ୍ୟକୁ ନେବା ପାଇଁ ଅନୁରୋଧ କରାଯାଇଛି।



ଭିତରକନିକା ଜାତୀୟ ଉଦ୍ୟାନ ପ୍ରବେଶ ପଥ ଗେଟ୍।

# ମାଟ୍ରିକ ପ୍ରମାଣପତ୍ରରେ ତ୍ରୁଟି, ଅନ୍ଧାରରେ ଛାତ୍ରଙ୍କ ଭବିଷ୍ୟତ

ମହାକାଳପଡ଼ା,୩୧।୭ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଗୋଗୁଆ ପଞ୍ଚାୟତ ରାହାମାସ୍ଥିତ ଠାକୁର ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁ ଜଣେ ଦଶମ ପାସ୍ କରିଥିବା ଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁସାରେ, ସ୍ଥାନୀୟ ବାବର ଗ୍ରାମର କଣ୍ଟେଶ୍ୱର ସ୍ୱାଇଁଙ୍କ ପୁଅ ଟାଇଟନ୍ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପାସ୍ କରିଥିଲେ। ତେବେ ମାଟ୍ରିକ ପାସ୍ ପ୍ରମାଣପତ୍ରରେ ଛାତ୍ରଙ୍କ ପିତାଙ୍କ ନାମ ତ୍ରୁଟି ଥିବା ଦେଖିବାକୁ ମିଳିଛି। ମାଟ୍ରିକ ଫର୍ମ ପୂରଣ ବେଳେ ପିତାଙ୍କ ନାମ ତ୍ରୁଟି ଥିବାରୁ ଛାତ୍ର ଜଣକ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରିଥିଲେ। କିନ୍ତୁ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁ ଛାତ୍ରଙ୍କ ମାଟ୍ରିକ ପ୍ରମାଣପତ୍ରରେ ପିତାଙ୍କ ନାମ ତ୍ରୁଟି ଥିବାରୁ କଲେଜରେ ନାମ ଲେଖାଇବାକୁ ସମସ୍ୟା ଦେଖାଦେବ ବୋଲି ଅଭିଯୋଗ କରିଛନ୍ତି ଛାତ୍ରଙ୍କ ବାପା କଣ୍ଟେଶ୍ୱର। ପରିବାର ଲୋକମାନେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚଳିତବର୍ଷ ଯୁକ୍ତ୨ ନାମ ଲେଖା ଅଗଷ୍ଟ ୧୦ ତାରିଖରେ ଶେଷ ହେବ। ତେବେ ଏହି ଛାତ୍ରଙ୍କ ପ୍ରମାଣପତ୍ର ତ୍ରୁଟି ନ ସୁଧୁରିଲେ ଆଗାମୀ ଏକ ବର୍ଷ ବରବାଦ ହେବ ବୋଲି କୁହାଯାଇଛି। ଏ ସମ୍ପର୍କରେ ରାହାମାସ୍ଥିତ ଠାକୁର ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାବାଜୀ ମହାରଣାଙ୍କୁ ପଚାରିବାରେ ଉକ୍ତ ଛାତ୍ରଙ୍କ ପ୍ରମାଣପତ୍ରରେ ତ୍ରୁଟି ଥିବା ସ୍ୱୀକାର କରିବା ସହ ସଂଶୋଧନ ପାଇଁ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।


ମାଟ୍ରିକ୍‌ରେ ଉତ୍ତୀର୍ଣ୍ଣ ଛାତ୍ର ଟାଇଟନ୍ ସ୍ୱାଇଁ।

# ଡିଇଓଙ୍କ ସମ୍ବର୍ଦ୍ଧନାକୁ ନେଇ ବଢୁଛି ବିବାଦ

## ପଟ୍ଟାମୁଣ୍ଡାଇ କଷଣଅଣ୍ଟା ହାଇସ୍କୁଲ

ପଟ୍ଟାମୁଣ୍ଡାଇ,୩୧।୭(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ହାଇସ୍କୁଲଠାରେ କେନ୍ଦ୍ରାପଡ଼ାର ବିବାଦୀୟ ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହଙ୍କ ସମ୍ବର୍ଦ୍ଧନା ସଭାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ପାଢ଼ୀ କହିଛନ୍ତି, ଅବସର ପୂର୍ବରୁ ଜିଲା ଶିକ୍ଷାଧିକାରୀ ସିଂହ ବଦଳି କରାଇବାକୁ ଲାଞ୍ଚ ନେଇ ଗତ ବୁଧବାରଠାରୁ ଭିଜିଲାନ୍ସ ପଞ୍ଝାରେ ରହିଛନ୍ତି। ପୂର୍ବରୁ ନିଜର ମନମୁଖି ଓ ଲାଞ୍ଚଖୋର ମନୋବୃତ୍ତି ଯୋଗୁ ଜିଲା ଶିକ୍ଷାଧିକାରୀ ବିବାଦରେ ରହିଆସିଥିଲେ। ଏବେ ତାଙ୍କ ଗିରଫଦାରି ଜିଲାର ଶିକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ଏହି ଲାଞ୍ଚଖୋର ଶିକ୍ଷାଧିକାରୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଗୁଆ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଷଣଅଣ୍ଟା ହାଇସ୍କୁଲଠାରେ ମଧ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଜ ଦୁର୍ନୀତିକୁ ଲୁଚାଇବା ପାଇଁ ନିଜେ ଏଭଳି ସମ୍ବର୍ଦ୍ଧନା ସଭାର ଆୟୋଜନ କରୁଥିଲେ ବୋଲି ଜଣେ ଶିକ୍ଷକ ନାମ ଗୋପନ ରଖି କହିଥିଲେ। ଏବେ ଏହି ସମ୍ବର୍ଦ୍ଧନା ଘଟଣାକୁ ନେଇ ବିବାଦ ଉପୁଜିଛି ବୋଲି ସେ କହିଥିଲେ।

ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ପ୍ରଦୀପ ଦାଶ କହିଛନ୍ତି, ରାଜ୍ୟ ସରକାରଙ୍କ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଶିକ୍ଷା ବିଭାଗରେ ହୋଇଛି ଧୂଆଁବାଣ। ଶିକ୍ଷାର ମନ୍ଦିରରେ ଦୁର୍ନୀତି ଏତେମାତ୍ରାରେ ବଢ଼ିଯାଇଛି ଯେ ଗତ ୩ ମାସ ମଧ୍ୟରେ ଭିଜିଲାନ୍ସ ଜାଲରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ବିଭାଗର ୩ ଜଣ ବରିଷ୍ଠ ଅଧିକାରୀ ଫସିଲେଣି। ପଟ୍ଟାମୁଣ୍ଡାଇ ବ୍ଲକରେ ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀଙ୍କ ଡିପ୍ଲୋଏଡ୍ ଓ ଟେକ୍ କ୍ଲାସ୍ ରାକେଟ କରି ନିଜ ଇଚ୍ଛାମତେ ବିଭିନ୍ନ ସ୍କୁଲରେ ରହିବାକୁ ଚାହୁଁଥିବା ଶିକ୍ଷକଙ୍କଠାରୁ ମୋଟାଅଙ୍କର ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହୋଇଥିଲା। ଟେକ୍ କ୍ଲାସ ଅର୍ଡର ଜରିଆରେ ଗୋଟିଏ ସ୍କୁଲର ଶିକ୍ଷକଙ୍କୁ ଅନ୍ୟ ସ୍କୁଲରେ ଅବସ୍ଥାପିତ କରାଯାଉଥିଲା। ସରକାରଙ୍କ ଶିକ୍ଷାନୀତିରେ ଏଭଳି କୌଣସି ବ୍ୟବସ୍ଥା ନ ଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା କର୍ତ୍ତୃପକ୍ଷ ଏପରି ଚଳାଇଥିଲେ। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଦାଶ ଦାବି କରିଛନ୍ତି। ଏ ବାବଦରେ କଷଣଅଣ୍ଟା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଚିତ୍ର ବେହୁରାଙ୍କୁ ପଚାରିବାରେ କେନ୍ଦ୍ରାପଡ଼ା ଜିଲାରେ ଥିବା ୯ଟି ବ୍ଲକର ବିଭିନ୍ନ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନେଇ ମାସିକିଆ ବୈଠକ ଅନୁଷ୍ଠିତ ହୋଇଥାଏ। ନିକଟରେ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର, ରାଜକନିକା ଆଦି ୪ଟି ବ୍ଲକର ବିଭିନ୍ନ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ମାସିକିଆ ବୈଠକ କଷଣଅଣ୍ଟା ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିକଟରେ ଅବସର ନେବାକୁ ଯାଉଥିବା ଜିଲା ଶିକ୍ଷାଧିକାରୀ ସିଂହଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଏହି ବୈଠକରେ ସହମତି ପ୍ରକାଶ ପାଇଥିଲା। ତଦନୁଯାୟୀ ଜିଲା ଶିକ୍ଷାଧିକାରୀଙ୍କୁ ଏହି ବୈଠକରେ ନିରାଡ଼ମ୍ବର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭା ପାଇଁ କୌଣସି ପୂର୍ବ ପ୍ରସ୍ତୁତି ନ ଥିଲା। କେବଳ ସମସ୍ତ ପ୍ରଧାନ ଶିକ୍ଷକଙ୍କ ସାହାଯ୍ୟ ଓ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ପ୍ରଧାନ ଶିକ୍ଷକ ବେହୁରା ସ୍ପଷ୍ଟ କରିବା ସହ ଏ ନେଇ ବିବାଦ ସୃଷ୍ଟି ନ ହେବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି। ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ପ୍ରଧାନ ଶିକ୍ଷକ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଚାଲିଛି ଗୋଗୁଆ-୧ ଅଙ୍ଗନୱାଡି କେନ୍ଦ୍ର

ମହାକାଳପଡ଼ା,୩୧। ୭ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗୋଗୁଆ ପଞ୍ଚାୟତ ପରିସରରେ ଗୋଗୁଆ ଗ୍ରାମର ଏକ ନବନିର୍ମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଅଙ୍ଗନୱାଡି କେନ୍ଦ୍ର (୧)ର ଶିଶୁମାନେ ପଢୁଥିବାର ଦେଖିବାକୁ ମିଳିଛି। ଏହି କେନ୍ଦ୍ରରେ ୩୫ କୋମଳମତି ଶିଶୁ ପାଠ ପଢୁଛନ୍ତି। ଗୋଗୁଆ ଗ୍ରାମରେ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ହୋଇନାହିଁ। ଫଳରେ ବାଧ ହୋଇ ଏହି ନବନିର୍ମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଶିଶୁମାନେ ପଢୁଛନ୍ତି। ଏହି କେନ୍ଦ୍ରରେ ୩୫ ଶିଶୁ ନାମ ଲେଖାଇଥିଲେ ମଧ ୫ରୁ ୧୦ଜଣ ପିଲା ପଢୁଛନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ତେବେ କେଉଁ ସ୍ଥାନରେ ଶିଶୁମାନେ ପଢୁଛନ୍ତି ଏହି କେନ୍ଦ୍ର -୧ ଦାୟିତ୍ୱରେ ଥିବା ଅଙ୍ଗନୱାଡି ସୁପରଭାଇଜର ଛବିତା ସାମଲଙ୍କ ନିକଟରେ ଖବର ନାହିଁ। ଏହି କେନ୍ଦ୍ରକୁ ପରିଦର୍ଶିକା ସାମଲ କେବେ ଗସ୍ତ କରୁ ନ ଥିବା ଜଣାପଡିଛି। ରାଜ୍ୟ ସରକାର କୋମଳମତି ଶିଶୁମାନଙ୍କ ବିକାଶ ପାଇଁ ସରକାରୀ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରୁଥିଲେ ମଧ ଶିଶୁ ବିକାଶ ଅଧିକାରୀମାନେ ତୃଣମୂଳ ସ୍ତରରେ ଠିକ୍ ତଦାରଖ କରୁ ନାହାନ୍ତି। କୋମଳମତି ଶିଶୁମାନଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ବ୍ଲକର ବହୁ କେନ୍ଦ୍ରରେ ଶିଶୁମାନଙ୍କୁ ଜଳଖିଆ ଖାଇବା ପାଇଁ ଦିଆଯାଉନି। ଫଳରେ ଶିଶୁଙ୍କ ପୋଷଣର ଅଭାବ ରହୁଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଅଙ୍ଗନୱାଡି କେନ୍ଦ୍ରର ୱାର୍କର ସତ୍ୟଭାମା ପରିଡାଙ୍କୁ ପଚାରିବାରେ ଗୃହ ନ ଥିବାରୁ ଏଠାରେ ଶିଶୁମାନଙ୍କୁ ପଢାଉଛୁ। ଏଠାରେ ୩୫ ଶିଶୁ ପଢୁଛନ୍ତି, କିନ୍ତୁ ଆଜି କମ୍ ପିଲା ଆସିଛନ୍ତି। ଶିଶୁଙ୍କୁ ଠିକ୍ ଭାବେ ଖାଦ୍ୟ ଦିଆଯାଉଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଗୋଗୁଆ ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ଦାସଙ୍କୁ ପଚାରିବାରେ ଗୋଗୁଆ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର -୧ର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି।


ଗୋଗୁଆ ଗ୍ରାମ ଅଙ୍ଗନୱାଡି କେନ୍ଦ୍ର-୧ ଶିଶୁମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପାଠ ପଢ଼ି ଫେରୁଛନ୍ତି।

# ପ୍ରକୃତ ଶିବସେନା କିଏ
# ସୁପ୍ରିମକୋର୍ଟରେ ଲଢ଼େଇ

ନୂଆଦିଲ୍ଲୀ,୩୧।୭(ପି.ଟି.)

ମହାରାଷ୍ଟ୍ରରେ ଶିବସେନାର ବିଦ୍ରୋହୀ ଗୋଷ୍ଠୀ ଉଦ୍ଧବ ଠାକ୍‌ରେ ସରକାରଙ୍କୁ ହଟାଇ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ସରକାର ଗଢ଼ିବା ପରେ ପ୍ରକୃତ ଶିବସେନା କିଏ, ତାକୁ ନେଇ ବିବାଦ ଦେଖାଦେଇଛି। ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ଉଦ୍ଧବ ଠାକ୍‌ରେ ଗୋଷ୍ଠୀର ସମସ୍ତ ପିଟିଶନକୁ ଖାରଜ କରିବା ଲାଗି ମୁଖ୍ୟମନ୍ତ୍ରୀ ଏକନାଥ ଦାବି କରିଛନ୍ତି। ପ୍ରକୃତ ଶିବସେନା କିଏ, ନିଷ୍ପତ୍ତି ନିର୍ବାଚନ କମିଶନ (ଇସି)ଙ୍କ ଉପରେ ଛଡ଼ାଯାଉ ବୋଲି ସେ ଯୁକ୍ତି ରଖିଛନ୍ତି। ତାଙ୍କ ପାଖରେ ସେନାର ଅଧିକ ବିଧାୟକ ଓ ସାଂସଦ ଥିବା ଏକନାଥ ଦାବି କରିଆସୁଛନ୍ତି। ଗଣତାନ୍ତ୍ରିକ ଉପାୟରେ ସଂଖ୍ୟାଗରିଷ୍ଠଙ୍କ ଦ୍ୱାରା ନିଆଯାଇଥିବା ଦଳର ଆଭ୍ୟନ୍ତରୀଣ ନିଷ୍ପତ୍ତିରେ ଅଦାଲତ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ନିର୍ବାଚନ କମିଶନ ପ୍ରକୃତ ଶିବସେନା ସମ୍ପର୍କରେ ନିଷ୍ପତ୍ତି

### ନିଷ୍ପତ୍ତି ଇସିଙ୍କ ଉପରେ ଛଡ଼ାଯାଉ: ଏକନାଥ


ଉଦ୍ଧବ ଠାକ୍‌ରେ ଏକନାଥ ଶିନ୍ଦେ

ନେଉ, ଏହା ଉଦ୍ଧବ ଠକ୍‌ରେଙ୍କ ଗୋଷ୍ଠୀ ଚାହୁଁନାହାନ୍ତି। ଏକନାଥଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଆବେଦନ ବିଚାରାଧୀନ ଥିବାରୁ ଇସିଙ୍କୁ ନିଷ୍ପତ୍ତି ନେବାକୁ ଦିଆ ନ ଯାଉ ବୋଲି ଉଦ୍ଧବ ଗୋଷ୍ଠୀ ଗତ ସୋମବାର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ତେବେ ୧୫ ବିଧାୟକଙ୍କ ଗୋଷ୍ଠୀ ୩୯ ଜଣିଆ ବିଧାୟକ ଗୋଷ୍ଠୀଙ୍କୁ ବିଦ୍ରୋହୀ କହିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁପ୍ରିମକୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଅଗଷ୍ଟ ୩ରେ ପରିବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

# ମୁଖ୍ୟମନ୍ତ୍ରୀ କାଶୀପୁର ଗସ୍ତ ନ କରିବା ଦୁର୍ଭାଗ୍ୟଜନକ: ସପ୍ତଗିରି

- ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳରେ କୋରାପୁଟ ଏମ୍‌ପି
- ଟାସ୍କଫୋର୍ସ ଗଠନ କରି ପାନୀୟ ଜଳ, ରାସ୍ତାଘାଟର ସୁବିଧା କରାଯାଉ

ଟିକିରି/ରାୟଗଡ଼ା ଅଫିସ,୩୧।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ମୃତ୍ୟୁସଂଖ୍ୟା ୧୨ ରେ ପହଞ୍ଚିଲାଣି। ତଥାପି ମୁଖ୍ୟମନ୍ତ୍ରୀ ଅଞ୍ଚଳକୁ ଆସି ସମସ୍ୟା ନ ବୁଝିବା ଦୁର୍ଭାଗ୍ୟଜନକ। ପରିସ୍ଥିତି ପାଇଁ ଅଞ୍ଚଳବାସୀ ନୁହଁ ସରକାରଙ୍କ ଅବହେଳା ଦାୟୀ। କାଶୀପୁର ବ୍ଲକକୁ ଯଥେଷ୍ଟ ଟଙ୍କା ଆସୁଥିଲେ ମଧ୍ୟ ଅଞ୍ଚଳର ବିକାଶ ହୋଇପାରୁନାହିଁ। ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଏଥିପାଇଁ ତୁରନ୍ତ ଏକ ଟାସ୍କଫୋର୍ସ ଗଠନ କରାଯାଇ କାଶୀପୁର ବ୍ଲକର ସମସ୍ତ ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳର ସୁବ୍ୟବସ୍ଥା ଏବଂ ରାସ୍ତାଘାଟର ସୁବିଧା କରିବା ଦିଗରେ ପଦକ୍ଷେପ ନିଆଯାଉ। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ରବିବାର ସର୍ବାଧିକ ପ୍ରଭାବିତ ଟିକିରି ଝୋଡ଼ିଆ ସାହି, ଓଷାପଡ଼ା ଏବଂ ଦୁଡୁକାବାହାଲ ଗ୍ରାମ ପରିଦର୍ଶନ ବେଳେ ଏହା କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇ କେନ୍ଦ୍ର ସରକାର ମଧ୍ୟ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି କରାଯିବ। ଆର୍‌ଡବ୍ଲ୍ୟୁଏସ୍‌ଏସ୍(ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ)ବିଭାଗର ଦୁର୍ନୀତି ବିରୋଧରେ ଭିଜିଲାନ୍ସ ତଦନ୍ତ ନିମନ୍ତେ ମଧ୍ୟ ଦାବି କରିବି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଅନ୍ତୁ। ସେହିପରି ଟଙ୍କା ଆସୁଥିଲେ ମଧ୍ୟ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଅବହେଳା ଏବଂ ଦୁର୍ନୀତି ଯୋଗୁ କାମ ହୋଇପାରୁନି। ତେଣୁ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଞ୍ଚଳରେ ବଡ଼ ବଡ଼ କମ୍ପାନୀ ରହିଛି। ନିଜ ଅଞ୍ଚଳର ବିକାଶ କରିବା ସେମାନଙ୍କ ଗୁରୁଦାୟିତ୍ୱ। ତେଣୁ ଗାଁଗୁଡ଼ିକର ବିକାଶ ପାଇଁ ସେମାନଙ୍କ ସହ ମଧ୍ୟ ଆଲୋଚନା କରିବି ବୋଲି ଏମ୍‌ପି ଉଲାକା କହିଛନ୍ତି। କାଶୀପୁର ଗସ୍ତ ସମୟରେ ଏମ୍‌ପି ପ୍ରଭାବିତ ଗାଁଗୁଡ଼ିକୁ ଯାଇ ପରିମଳ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ରିଲିଫ ପ୍ରଦାନ କରିଥିଲେ। ଓଷାପଡ଼ା ସ୍ଥିତ ଉତ୍କଳ ହସ୍ପିଟାଲ ଏବଂ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏମ୍‌ପିଙ୍କ ଗସ୍ତ ସମୟରେ ଦେବାଶିଷ କର, ଜିଲା କଂଗ୍ରେସ ସଭାପତି ଦୁର୍ଗା ପଣ୍ଡାଙ୍କ ସମେତ ଦଳୀୟ ନେତାମାନେ ଉପସ୍ଥିତ ଥିଲେ।


ଓଷାପଡ଼ା ସ୍ଥିତ ଉତ୍କଳ ହସ୍ପିଟାଲରେ ଏମ୍‌ପି ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# ୨ ଦିନ ଭିତରେ କାରଣ ଦର୍ଶାଅ ନୋଟିସ୍‌ର ଜବାବ ଦେବେ ମୋକିମ୍

- ଦଳର ସମ୍ବିଧାନ ଅନୁଯାୟୀ ନିଆଯିବ କାର୍ଯ୍ୟାନୁଷ୍ଠାନ: କଂଗ୍ରେସ
- ମୁଁ ଜଣେ ସାଧାରଣ କର୍ମୀ, ସଭାପତି କହିପାରିବେ: ଜୟଦେବ

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

ରାଷ୍ଟ୍ରପତି ନିର୍ବାଚନର ଭୋଟିଂ ଲାଗି କୌଣସି ହ୍ୱିପ୍ ଜାରି କରାଯାଇ ନ ଥିଲା। କଂଗ୍ରେସ ପ୍ରାର୍ଥୀଙ୍କୁ ଯେଉଁମାନେ ଭୋଟ୍ ନ ଦେଇଛନ୍ତି ସେମାନଙ୍କ ବିରୋଧରେ ଦଳର ସାମ୍ବିଧାନିକ ବ୍ୟବସ୍ଥା ଯାହା ରହିଛି ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ଦଳର ସାମ୍ବିଧାନିକ ନିୟମାନୁଯାୟୀ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ତାକୁ ସମସ୍ତେ ମାନିବାକୁ ବାଧ୍ୟ। ତେଣୁ ହାଇକମାଣ୍ଡଙ୍କ ନିଷ୍ପତ୍ତି ଏବଂ ନିର୍ଦ୍ଦେଶ ଅନୁଯାୟୀ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କାରଣ ଦର୍ଶାଅ ନୋଟିସ୍ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ କରିଛନ୍ତି। କାର୍ଯ୍ୟାନୁଷ୍ଠାନ କ'ଣ ନିଆଯିବ ନ ଯିବ ସେନେଇ ପିସିସି ସଭାପତି କହିପାରିବେ। ମୁଁ ଦଳର ଜଣେ ସାଧାରଣ କର୍ମୀ ବୋଲି ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି।

ନିକଟରେ ଶେଷ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଭାଜପା ସମର୍ଥିତ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ବିଜୟୀ ହେଲେ। ସେ ବର୍ତ୍ତମାନ ଦେଶର ୧୫ତମ ରାଷ୍ଟ୍ରପତି। କଂଗ୍ରେସ ସମେତ ସମସ୍ତ ବିରୋଧୀ ମିଳିତ ଭାବେ ଯଶୱନ୍ତ ସିହ୍ନାଙ୍କୁ ମୁର୍ମୁଙ୍କ ବିରୋଧରେ ପ୍ରାର୍ଥୀ କଲେ। ଗୋଟିଏ ପଟେ ଖଣ୍ଡେ ଭୋଟ୍ ଯେପରି ନାକଚ ନ ହେବ ଏବଂ କ୍ରସ୍ ଭୋଟିଂ ରୋକିବା ଲାଗି ଭାଜପା ପକ୍ଷରୁ ଜୋର୍‌ଦାର କସରତ ହୋଇଥିଲା। ଅନ୍ୟପଟେ କିନ୍ତୁ ବିଭିନ୍ନ ରାଜ୍ୟର ବହୁ କଂଗ୍ରେସ ବିଧାୟକ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଶେଷ ମୁହୂର୍ତ୍ତରେ ଭୋଟ୍ ଦେଇଥିଲେ। ଓଡ଼ିଶାରୁ ଯେପରି କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍ ଦଳ ବିରୋଧରେ ଯାଇ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି। ଦଳର ନିଷ୍ପତ୍ତି ବିରୋଧରେ ଯାଇ ମୋକିମ୍‌ଙ୍କ ଏଭଳି ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ରାଷ୍ଟ୍ରପତି ଭୋଟ୍ ପରଦିନ ରାଜ୍ୟରେ ଏହା ଖବରର ଶିରୋନାମା ପାଲଟିଲା। ହେଲେ ଏ ପର୍ଯ୍ୟନ୍ତ କଂଗ୍ରେସ ମୋକିମ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରି ନାହିଁ। ଭୋଟିଂର କେତେଦିନ ପରେ ଯାଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏନେଇ ମୋକିମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କଲେ। କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ୨ ସପ୍ତାହ ମଧ୍ୟରେ ରଖିବାକୁ କୁହାଯାଇଥିଲା। ନୋଟିସ୍ ହେବାର ପ୍ରାୟ ୧୦ ଦିନ ହୋଇଗଲାଣି। ହେଲେ ଏ ଯାଏ ମୋକିମ୍‌ଙ୍କ କୌଣସି ଉତ୍ତର ରଖିଲେନି। ଏ ବାବଦରେ ମୋକିମ୍‌ଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆସନ୍ତା ୨ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ରଖିବେ। ଏନେଇ ପିସିସି ସଭାପତିଙ୍କୁ ପଚାରିବାରୁ ସେ କହିଛନ୍ତି, ଦଳର ଆଭ୍ୟନ୍ତରୀଣ ବ୍ୟାପାର। ଦଳର ନିୟମାନୁଯାୟୀ ଯାହା ପଦକ୍ଷେପ ନିଆଯିବା କଥା ନିଆଯାଉଛି।

# ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ସମସ୍ତଙ୍କୁ ପ୍ରେରଣା ଦିଏ: ସମୀର

### କାର୍ଯ୍ୟକର୍ତ୍ତାଙ୍କ ସହ ନେତା ଶୁଣିଲେ 'ମନ୍ କୀ ବାତ୍'

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ୯୧ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ସାଧାରଣ ଲୋକଙ୍କ ଜୀବନୀ, କଥା, କାର୍ଯ୍ୟ ଆଦି ସମ୍ପର୍କରେ ପ୍ରକାଶ କରିଥାନ୍ତି, ଯାହାକି ବାସ୍ତବରେ ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ରାଜଧାନୀସ୍ଥିତ ଭିଏସ୍‌ଏସ୍ ନଗରଠାରେ ସ୍ଥାନୀୟ ବାସିନ୍ଦା ଏବଂ କାର୍ଯ୍ୟକର୍ତ୍ତାଙ୍କ ଗହଣରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ସମୀର ମହାନ୍ତି ଶୁଣିଛନ୍ତି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବାକୁ ସମୀର ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି 'ହର୍ ଘର୍ ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା' ଉତ୍ତୋଳନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସଫଳ କରିବା ସହ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ନିଜ 'ଡିପି'/'ଡିସପ୍ଲେ ପିକ୍ଚର୍'ରେ ଜାତୀୟ ପତାକାକୁ ରଖିବା ପାଇଁ ସେ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ନିଜ ଅଞ୍ଚଳରେ 'ମନ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ୩ କେନ୍ଦ୍ରମନ୍ତ୍ରୀ ଭିନ୍ନଭିନ୍ନ ସ୍ଥାନରେ 'ମନ୍ କୀ ବାତ୍' ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନଙ୍କଙ୍କ ସହ ଶୁଣିଛନ୍ତି।

# ଆଜି ମହାପ୍ରଭୁଙ୍କ ଖସାପଡ଼ା ନୀତି

### ଅପରାହ୍ନ ୪ରୁ ରାତି ୮ ପର୍ଯ୍ୟନ୍ତ ଦର୍ଶନ ବନ୍ଦ

**ପୁରୀ ଅଫିସ ୩୧।୭:** ଶ୍ରାବଣ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିବେ। ଏହା ଏକ ଗୁପ୍ତନୀତି। ତେଣୁ ଏହି ନୀତି ସମୟରେ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଶ୍ରୀମନ୍ଦିରରେ ସୋମବାର ମଧ୍ୟାହ୍ନ ଧୂପ ସହ ଦ୍ୱିତୀୟ ଭୋଗମଣ୍ଡପ ଓ ମଇଲମ ନୀତି ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବେ। ମହାପ୍ରଭୁଙ୍କ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସାରି ଦଇତାପତିମାନେ ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ ବେଶ ଓ ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସହ ରାତ୍ର ପହୁଡ଼ ନୀତି ସମ୍ପନ୍ନ ହେବ। ପରମ୍ପରା ଅନୁଯାୟୀ, ଖସାପଡ଼ା ନୀତି ପାଇଁ ରବିବାର ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଛନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇ ଦେଇଛନ୍ତି। ଏହି ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ଗୁପ୍ତନୀତି ସମ୍ପାଦନ କରିବେ।

# ପୋଖରୀରେ ବୁଡ଼ି ଜେଜେ, ନାତିଙ୍କ ଜୀବନ ଗଲା

କୋଷାଗୁମୁଡ଼ା,୩୧।୭(ଡି.ଏନ୍.ଏ.)

ବଳଦକୁ ଗାଧୋଇବାବେଳେ ପୋଖରୀରେ ବୁଡ଼ି ଜେଜେ ଓ ନାତିଙ୍କ ଜୀବନ ଚାଲିଯାଇଛି। ସେମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ପଞ୍ଚାୟତର କାନାଗୁଡ଼ା ଗ୍ରାମର ଲବ ହରିଜନ(୬୪) ଓ ତାଙ୍କର ୯ ବର୍ଷର ନାତି ସୂରଜ।

ଘଟଣାରୁ ପ୍ରକାଶ, ଲବ ନାତିକୁ ନେଇ ରବିବାର ଅପରାହ୍ନରେ ଚାଷ ଜମିକୁ ଯାଇଥିଲେ। ଚାଷକାମ ସରିବା ପରେ ବଳଦକୁ ଗାଧୋଇବା ପାଇଁ ଦୁହେଁ ନିକଟସ୍ଥ ଛଞ୍ଚାଣକୋଟ ସ୍ଥିତ ପୋଖରୀକୁ ନେଇଥିଲେ। ଏହି ସମୟରେ ପୋଖରୀରେ ନାତିର ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ନାତିକୁ ଉଦ୍ଧାର କରିବାକୁ ଯାଇ ଜେଜେ ମଧ୍ୟ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ଦୁହେଁ ଘରକୁ ନ ଫେରିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପୋଖରୀକୁ ଯାଇ ଦେଖିବା ସମୟରେ ସେମାନଙ୍କ ପୋଷାକ ଭାସୁଥିବା ଦେଖି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଖୋଜାଖୋଜି କରି ଉଭୟଙ୍କୁ ଉଦ୍ଧାର କରି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାକୁ ନେଇ ପରିବାର ଓ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଗୋପାଳଙ୍କ ମୁଖିଆଙ୍କୁ କୁହାଯାଉଥିଲା- ମହାଭୋଇ

## କୋଣାର୍କରେ ଶିଳ୍ପୀଙ୍କ ପାଇଁ ମହାଶ୍ରମ ଖଞ୍ଜିଥିଲେ ଗାଇଗୋଠ


ଗୋରୁ-ଆଳୟ (ଗୋରୁଆଳ)ଠାରେ ଗଜପତି କପିଳେନ୍ଦ୍ର ଦେବଙ୍କ ପ୍ରତିଷ୍ଠିତ ଶ୍ରୀଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିର। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)




ଡ. ସୁରେନ୍ଦ୍ର କୁମାର ମିଶ୍ର

ବର୍ଷକୁ ବର୍ଷ ଶିଳ୍ପୀମାନଙ୍କ ପାଇଁ ବିଭିନ୍ନ ଖମାରରୁ କିପରି ଶସ୍ୟ ଓ ନଡ଼ିଆ ଆସୁଥିଲା, ତାହା ଆମ ଜାତିର ସହଯୋଗ ମାନସିକତାକୁ ପ୍ରତିପାଦନ କରେ। ବର୍ଷ ବର୍ଷ ଧରି କୋଠଦେଶ ପ୍ରଗଣାର ବକ୍ରେଶ୍ୱର ଖମାରରୁ ସବୁଠାରୁ ବେଶି ଦ୍ରବ୍ୟ ଆସୁଥିଲା। କୋଠଦେଶ ପ୍ରଗଣା ପୁରୀ ଜିଲାର ନିମାପଡ଼ାକୁ କେନ୍ଦ୍ର କରି ଗଠିତ ହୋଇଥିଲା। ଏହାର ସୀମା ପଶ୍ଚିମରେ ଛଇତନା ଓ ପୂର୍ବରେ ଅସ୍ତରଙ୍ଗ ପର୍ଯ୍ୟନ୍ତ ଥିବାର ଜଣାଯାଏ। କୋଠଦେଶ ପ୍ରଗଣାରେ ବକ୍ରେଶ୍ୱର ମନ୍ଦିର ୨ଟି ଅଛି। ଲୋକ କଥାରେ କୁହାଯାଉଛି ବାଙ୍କେଶ୍ୱର ମନ୍ଦିର। ଆମେ ଯାଇ ଅନୁସନ୍ଧାନ କଲାପରେ ଜାଣିଲୁ ଯେ ଛଇତନା ଦେଇ ଯାଉଁଳି ପୋଖରୀଠାରୁ ପୂର୍ବ ଦିଗରେ ୨ କି.ମି. ଗଲେ ବକ୍ରେଶ୍ୱର ମହାଦେବଙ୍କ ମନ୍ଦିର ଅଛି। ଲୋକକଥାରେ ବାଙ୍କେଶ୍ୱର ନାମରେ ସେ ପ୍ରସିଦ୍ଧ ଥିଲେ ମଧ୍ୟ ବିଭିନ୍ନ ମଉଜାରେ ଥିବା ଜମି ଦଲିଲରେ 'ବକ୍ରେଶ୍ୱର' ନାମ ଦରଜ ଅଛି।

ଏହି ମନ୍ଦିର ଚାରିପଟେ ବଣିଆ ସାହି ବସ୍ତି ଗଢ଼ିଉଠିଛି। ବଣିଆ ସାହି ଏବେ ରାଜସ୍ୱ ମୌଜା ଏବଂ ଏକ ପଞ୍ଚାୟତ। ମନ୍ଦିର ଦକ୍ଷିଣ ପଟକୁ ୧୧ ଏକର ଜମିରେ ଖମାର ଥିଲା। ରାଜା ପୁରୀର ଆଚାରୀ ମଠକୁ ସମୟ ସ୍ରୋତରେ ଖମାରର ମାର୍ଫତଦାର କରିଥିଲେ। ଏବେ ଭଗ୍ନ ଖମାର ଅଛି। ମଠର କେହି ନାହାନ୍ତି। ସେହିପରି ମନ୍ଦିରର ଉତ୍ତର ପଟେ ଏକ ସମୃଦ୍ଧ ଖମାର ଥିଲା। ମାର୍ଫତଦାର ଥିଲେ ପୁରୀର ରାଧାବଲ୍ଲଭ ମଠ। ସେ ଖମାର ଭଗ୍ନ।

ଏହି ଅଞ୍ଚଳ ପୂର୍ବେ ଯାଉଁଳି ପୋଖରୀ ନାମରେ ଚିହ୍ନିତ ହେଉଥିଲା। ଯାଉଁଳି କହିଲେ ଦୁଇଟି। ଦୁଇଟି ରାଜ ପ୍ରତିଷ୍ଠିତ ପୋଖରୀ ରାଜାଙ୍କର ଦୁଇଟି ହାତୀଙ୍କ ନାମରେ ପ୍ରସିଦ୍ଧ। ଗଙ୍ଗରାଜ ହାତୀ ଓ ମଙ୍ଗରାଜ ହାତୀ ପୋଖରୀ। ରାଜାଙ୍କ ହାତୀଶାଳ ଏଇଠି ଥିଲା। ବର୍ତ୍ତମାନ ଏହା ରଷିପଡ଼ା ମୌଜାରେ। ଚନ୍ଦ୍ରଭାଗା ବୁଡ଼ ପକାଇବାକୁ ପାଦରେ ହେଉ, ଶଗଡ଼ରେ ହେଉ ଏହି ରାସ୍ତା ଦେଇ ଯିବାକୁ ହେଉଥିଲା। ଗଲାବେଳେ ଓ ଅଇଲାବେଳେ ବିଶ୍ରାମସ୍ଥଳୀ ଥିଲା ବକ୍ରେଶ୍ୱର ଖମାର ଓ ଶ୍ରୀବକ୍ରେଶ୍ୱର ମନ୍ଦିର ପରିସର।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସମୟରେ ହାତୀ, ଘୋଡ଼ା, ବଳଦ, ମଇଁଷି ପ୍ରଭୃତିଙ୍କୁ ନିୟୋଜିତ କରାଯାଇ ସେମାନଙ୍କ ଦ୍ୱାରା ସମ୍ଭାବିତ କାର୍ଯ୍ୟ କିପରି ସମ୍ପାଦିତ ହେଉଥିଲା, ତା'ର କେତେକ ଚିତ୍ର ପୂର୍ବରୁ ଆମେ ଜାଣିଥିଲେ। କେହି କେହି ଭାବିପାରନ୍ତି ଏଗୁଡ଼ାକ କାହିଁ ଆଲୋଚନା କରିବା! ଆଲୋଚନା ଏଇଥିପାଇଁ କରୁଛେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବଳଦ ଓ ମଇଁଷି ଶଗଡ଼ ଆସୁଥିଲା ସତ, କୋଣାର୍କରେ ମଧ୍ୟ ଗୁହାଳ କରାଯାଇ, ସ୍ୱତନ୍ତ୍ର ଲୋକ ନିଯୁକ୍ତ କରାଯାଇ ସେମାନଙ୍କ ଦେଖାରଖା କରାଯାଉଥିଲା। କେତେବେଳେ ରାତି ଅଧରେ ଆବଶ୍ୟକ ପଡ଼ିବ ଶଗଡ଼ରେ ଯାତ୍ରା କରିବା ପାଇଁ କିଏ କହିବ ? କାମ ତ ଅଟକିବନି!! ଶଗଡ଼ କେବଳ ପଥରବୁହା କାର୍ଯ୍ୟରେ ଲାଗି ନ ଥିଲା, କାରିଗର ଓ ପଥୁରିଆଙ୍କୁ ନବାଆଣିବା କରିବା, ରୋଷେଇ ସାମଗ୍ରୀ ଆଣିବା, ବାଉଁଶଠାରୁ କାଠକଡ଼ି ପର୍ଯ୍ୟନ୍ତ ଆବଶ୍ୟକ ସାମଗ୍ରୀ ଆଣିବା, ଦେହ ଅସୁସ୍ଥ ହେଲେ ଶିଳ୍ପୀଙ୍କୁ ବିଶ୍ରାମ ପାଇଁ ତାଙ୍କ ଗାଁରେ ପହଞ୍ଚାଇବା କାର୍ଯ୍ୟରେ ଶଗଡ଼ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ସେ କାଳ ଖଣ୍ଡରେ। ସେହିପରି ମନ୍ଦିର ନିର୍ମାଣ ସମୟରେ ଗାଇଗୋଠ ବ୍ୟବସ୍ଥା ହୋଇଥିଲା। ଗାଈମାନଙ୍କ ଦାୟିତ୍ୱରେ ଯେଉଁମାନେ ଥିଲେ ତାଙ୍କୁ 'ଗାଈଆଳ' କୁହାଯାଉଥିଲା। ଗାଈଆଳଙ୍କ ମୁଖିଆଙ୍କୁ 'ମହାଭୋଇ' କୁହାଯାଉଥିଲା। ଗଜପତିଙ୍କ ଆଦେଶରେ ଗାଇଗୋଠ, ଗାଈଆଳ ଓ ତାଙ୍କର ମୁଖିଆଙ୍କୁ ନିଯୁକ୍ତି ମିଳିଥିଲା। 'ମହାଭୋଇ' ଶବ୍ଦ ଶ୍ରୀମନ୍ଦିର ଉପାସନାରେ ଆଜି ବି ପ୍ରଚଳିତ ଅଛି। ବର୍ଷସାରା ଶ୍ରୀମନ୍ଦିରରେ ମହାଭୋଇ ସେବକଙ୍କ ସେବା ରହିଛି। ଅତୀତରେ ଏମାନଙ୍କର ଏକ 'ମହାଭୋଇ ନିଯୋଗ' ଥିବାର ଜଣାଯାଏ। ଦୁଗ୍ଧ, ଛେନା, ଦହି, ଲହୁଣି ପ୍ରଭୃତି ଏଇମାନେ ଯୋଗାଉଥିଲେ। ସେଥିପାଇଁ ପୁରୀର ଆଖପାଖ ଅଞ୍ଚଳରେ ଗୋ-ପାଳନ ବ୍ୟବସ୍ଥା ବି ଗଜପତି ଭିଆଇଥିଲେ। ବ୍ରହ୍ମଗିରି ରାସ୍ତାରେ ଗୋରୁଙ୍କ ଆଳୟ ଥିଲା, ଯାହା ଏବେ 'ଗୋରୁଆଳ' ଗ୍ରାମ ଭାବରେ ପରିଚିତ ହେଉଅଛି। ଗୋ-ଜାତ ଦ୍ରବ୍ୟ ପଠାଇବାର ମାର୍ଫତଦାର ଥିଲେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ। କୋଣାର୍କ ଯିବା ରାସ୍ତାରେ ବାଲିପନ୍ତରାରେ ଗୋରୁମାନଙ୍କ ପାଇଁ ଗୁହାଳ ଥିଲା। ତାହା ଏବେ 'ବାଲିଗୁଆଳି' ଭାବରେ ଆମେ ଜାଣୁଛେ। ବାଲିଗୁଆଳି ଓ ଗୋରୁଆଳର ମହାଭୋଇମାନେ ଶ୍ରୀମନ୍ଦିର 'ମହାଭୋଇ ନିଯୋଗ'ର ଭାଇ ଥିଲେ।

ଆମେ ଦୁଇଟି ଗୋରୁଙ୍କ ପାଳନ ପ୍ରସଙ୍ଗ ଆଲୋଚନା କଲେ ଉଦାହରଣ ଦୃଷ୍ଟିରୁ। କିନ୍ତୁ କୋଣାର୍କରେ ତ ନୂତନ ମନ୍ଦିରରେ ଉପାସନା ଆରମ୍ଭ ହୋଇ ନ ଥିଲା, ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା ମାତ୍ର, ତେବେ ଗାଇଗୋଠ ବ୍ୟବସ୍ଥା ଗଜପତି କରିଥିଲେ କାହିଁକି ? ଯା' ଭିତରେ ନ ପଶି କେତେକ ଲେଖକ ଲେଖିବାକୁ ଭୁଲିଲେ ନାହିଁ ଯେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିଲା।

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
TARIFF
For Booking Contact: 0674-2580385, 8637280816, 7894447167, 9338226625

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

୧୩ତମ ଶ୍ରାଦ୍ଧବାର୍ଷିକୀ

ଵଇଂ. କୌଶିକ ମହାଲିକ୍ (ସୋନୁ)
ପ୍ଲଟ୍ ନଂ.-୩୧ (ଗଣେଷ ନିବାସ)
ସହିଦ୍ ନଗର, ଭୁବନେଶ୍ୱର-୭
ଆବିର୍ଭାବ: ୦୯।୦୨।୧୯୮୭
ତିରୋଧାନ: ୦୩।୦୮।୨୦୧୧
ଚାହୁଁ ଚାହୁଁ ୧୩ବର୍ଷ ବିତିଗଲା। ତୁ କୁଆଡେ ଚାଲିଗଲୁ। ତୋ ମୁହଁରେ ହସ ଏବେବି ଆମ ଆଖି ଆଗରେ ନାଚି ଯାଉଛି। ତୁ ଯେଉଁଠି ଥା ଯେମିତି ବି ଥା ଶ୍ରୀଜଗନ୍ନାଥ ତୋର ଆତ୍ମାର ସଦ୍‌ଗତି କରାନ୍ତୁ।
ଶୋକସନ୍ତପ୍ତ: ବାପା, ମାମା, ବନ୍ଧୁ, ପରିବାରବର୍ଗ।
ଧ-୭୩୨୯୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଵଜୟଗୋପାଳ ଦାସ
(ଦାଣ୍ଡ ମୁକୁନ୍ଦପୁର), (ବାସୁଦେଵପୁର)
ତିରୋଧାନ: ୧୮।୦୮।୨୦୧୫
ଚାହୁଁ ଚାହୁଁ ସାତବର୍ଷ ବିତିଗଲା। ତୁମର ଅନୁପସ୍ଥିତି ମୋ ଜୀବନରେ ଏକ ଅପୂରଣୀୟ ଶୂନ୍ୟତା ଭରି ହୋଇ ରହିଗଲା। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ: ସ୍ତ୍ରୀ (ଇନ୍ଦୁ)
ଧ-୧୧୬୧

## ଦାନ୍ତ ଇନ୍‌ଫେକଶନ ଓ ଟୁଥ୍‌ବ୍ରଶ



ଆମେ ପ୍ରତିଦିନ ଦୁଇ ଥର ଭଲ ଭାବରେ ଦାନ୍ତ ଘଷିବା ଦରକାର। ସକାଳେ ଥରେ ଏବଂ ରାତ୍ରଭୋଜନ ପରେ ଥରେ ଦାନ୍ତ ଘଷନ୍ତୁ। ଦାନ୍ତ ଘଷିବାର ସମୟସୀମା ଅତିକମ୍‌ରେ ଦୁଇ ମିନିଟ୍ ହେବା ଆବଶ୍ୟକ। ତେବେ ଦାନ୍ତ ଘଷାକୁ ନେଇ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ନିକଟରେ ଏକ ସର୍ଭେରୁ ଜଣାପଡିଛି ଯେ, ଦାନ୍ତ ଇନ୍‌ଫେକଶନ ପଛରେ ଥିବା ପ୍ରମୁଖ କାରଣ ହେଲା ଟୁଥ୍‌ବ୍ରଶ। କେତେକ ବ୍ୟକ୍ତି ଦାନ୍ତ ଘଷିବା ପରେ ଏହାକୁ ଓଦା ଅବସ୍ଥାରେ କଭର ଭିତରେ ରଖିଥାଆନ୍ତି। ଏହାଦ୍ୱାରା ଟୁଥ୍‌ବ୍ରଶ୍‌ରେ 'ମେଥିସିଲିନ୍ ରେଜିଷ୍ଟାଣ୍ଟ ଷ୍ଟାଫିଲୋକକୋସ ଅରେଅସ' ନାମକ ଜୀବାଣୁ ସୃଷ୍ଟି ହୋଇଥାଆନ୍ତି। ଏହି କ୍ଷତିକାରକ ଜୀବାଣୁ ଶରୀର ଭିତରକୁ ପ୍ରବେଶ କଲେ ଦାନ୍ତ ଇନଫେକଶନର ଯଥେଷ୍ଟ ଆଶଙ୍କା ରହିଛି ବୋଲି ୟୁନିଭର୍ସିଟି ଅଫ ସିଓଲର ବିଶେଷଜ୍ଞମାନେ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେଣୁ ଦାନ୍ତ ଘଷିବା ପରେ ଟୁଥ୍‌ବ୍ରଶ୍ ଶୁଖିଲା ପରେ ତାହାକୁ କଭର ଭିତରେ ରଖନ୍ତୁ। ତା'ସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପ୍ରତି ଛଅ ମାସରେ ଟୁଥ୍‌ବ୍ରଶ ଚେଞ୍ଜ କରିବାକୁ ଭୁଲନ୍ତୁ ନାହିଁ। ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥପେଷ୍ଟରେ ଦାନ୍ତ ଘଷନ୍ତୁ।

## ସାଇନସ୍ ସମସ୍ୟା



ସାଇନସ୍ ଏକ ଶ୍ୱାସଜନିତ ସମସ୍ୟା। ବ୍ୟାକ୍ଟେରିଆ, ଫଙ୍ଗଲ, ଇନଫେକଶନ, ନାକରେ ହାଡ ବଢ଼ିଯିବା ଏବଂ ପ୍ରଦୂଷିତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ଯୋଗୁ ଏହା ହୋଇଥାଏ। ବିଶେଷଭାବରେ ଥଣ୍ଡା ପବନ, ଧୂଳି, ଧୂଆଁ ସଂସ୍ପର୍ଶରେ ଆସିଲେ ଏପରି ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ଆକାର ଧାରଣ କରିବାର ଆଶଙ୍କା ରହିଛି। ସାଇନସ୍‌ର ପ୍ରମୁଖ କାରଣ ମଧ୍ୟରେ ରହିଛି-ପ୍ରବଳ ମୁଣ୍ଡ ଦରଜ ହେବା, ଜ୍ୱର ଆସିବା, ନାକରେ କଫ ଆସିବା ଏବଂ ଦାନ୍ତ ଦରଜ ହେବା। ତେବେ ଏଭଳି କେତୋଟି ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଏଥିରୁ କେତେକାଂଶରେ ଉପଶମ ଲାଭ କରିପାରିବା। ପୋଦିନା, ଲେମ୍ବୁ ରସ, ଲବଙ୍ଗ ତେଲକୁ ଉଷୁମ କରନ୍ତୁ। ଏହି ମିଶ୍ରଣକୁ ନାକ ଏବଂ କପାଳରେ ମାଲିସ କରନ୍ତୁ। ଅଦା, ତୁଳସୀ, ଲବଙ୍ଗ, ଅଳେଇଚ ମିଶ୍ରିତ ଚା' ପିଅନ୍ତୁ। ଟମାଟୋ, ରସୁଣ ପେଷ୍ଟ କରି ସେଥିରେ ଅଳ୍ପ ଲୁଣ ମିଶାଇ ଉଷୁମ କରି ସୁପ୍ ଆକାରରେ ପିଇପାରନ୍ତି। ଏହାଦ୍ୱାରା ସାଇନସ୍‌ରୁ ଆପଣ ଉପଶମ ଲାଭ କରିପାରିବେ।

# ବାଦଲ ଫାଟିବା ବିପ୍ୱାତ



ନିକୁଞ୍ଜ ବିହାରୀ ସାହୁ

ଗତ ମାସ ୮ ତାରିଖ ଦିନ ଜମ୍ମୁ-କଶ୍ମୀରର ପବିତ୍ର ଅମରନାଥ ଗୁମ୍ଫା ରାସ୍ତାର ପହଲଗାମ ନିକଟରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଅସି ୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ବହୁ ଲୋକ ଆହତ ହୋଇଛନ୍ତି ଏବଂ ଅନେକ ଅସ୍ଥାୟୀ ଶିବିର, ଭୋଜନାଳୟ ଓ ଲାଙ୍ଗରର ତମ୍ବୁ ପାଣିରେ ଭାସି ଯାଇଛି। ଫଳରେ ଅମରନାଥ ଯାତ୍ରାକୁ ଅସ୍ଥାୟୀ ରୂପେ ସ୍ଥଗିତ କରିବାକୁ ପଡ଼ିଥିଲା।

### ବାଦଲ ଫାଟିବା କାରଣ

ଅତି ସୀମିତ ସ୍ଥାନରେ ସ୍ୱଳ୍ପ ସମୟ ମଧ୍ୟରେ ଅତ୍ୟଧିକ ବର୍ଷା ହୋଇଗଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। କୌଣସି ୨୦ ରୁ ୩୦ ବର୍ଗ କି.ମି. ପରିମିତ ଅଞ୍ଚଳ ମଧ୍ୟରେ ଘଣ୍ଟାଏ କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ୧୦୦ ମି.ମି. ରୁ ଅଧିକ ବଷ୍ଟିପାତ ହେଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ବାଦଲ ଏକ ଜଳ ଭର୍ତ୍ତି ବେଲୁନ୍ ସଦୃଶ ଏବଂ ଏହା ଫାଟିଗଲେ ଏଥିରେ ଥିବା ସମସ୍ତ ଜଳ ବର୍ଷା ଆକାରରେ ଅଚାନକ ତଳକୁ ଖସି ପଡେ। ସେଥିପାଇଁ ଏହାକୁ ପୂର୍ବେ ବାଦଲ ଫାଟିବା (CLOUD BURSTING) ବୋଲି କୁହାଯାଉଥିଲା। ବାଦଲ ଫାଟିବାର ପ୍ରକୃତ କାରଣ ଅଲଗା ହୋଇଥିଲେ ସୁଦ୍ଧା ପୂର୍ବର ଏହି ନାମକରଣ ଏବେ ମଧ୍ୟ ପ୍ରଚଳିତ ହେଉଛି।

ଯେତେବେଳେ ଜଳୀୟବାଷ୍ପ ଭରା ମୌସୁମୀ ବାୟୁ କୌଣସି ଉଚ୍ଚ ପର୍ବତରେ ବାଧା ପାଇ ଏହାର ପୃଷ୍ଠ ଦେଇ ଉପରକୁ ଉଠିବା ପାଇଁ ବାଧ ହୁଏ, ଏହା ଅଚାନକ ପ୍ରସାରିତ ହୋଇଥାଏ। ଏଥିରେ ଥିବା ସମସ୍ତ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳକଣାରେ ପରିଣତ ହୁଏ। ମାତ୍ର ଏହି ଜଳକଣା ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦ୍ୱାରା ତଳେ ନ ପଡି ଆକାଶରେ ବିପୁଳ ଜଳକଣା ଭରା ଏକ ବିଶାଳ ପିଣ୍ଡ ରୂପରେ ଜମା ହୋଇ ରହେ। ସମୟକ୍ରମେ ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦୁର୍ବଳ ହୋଇଗଲେ, ଏହି ସମସ୍ତ ଜଳକଣା ଏକାବେଳକେ ତଳକୁ ଖସିପଡିଥାଏ। ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ।

### ଭାରତରେ ପ୍ରଳୟଙ୍କରୀ ବାଦଲ ଫଟା ଘଟଣା

୧୯୦୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଦଲ ଫାଟିବା ଯୋଗୁ ତେଲଙ୍ଗାନା ରାଜ୍ୟର ମୁସି ନଦୀରେ ଅଚାନକ ଜଳସ୍ତର ୩ ରୁ ୪ ମିଟର ବୃଦ୍ଧି ପାଇଥିଲା। ଏହାଦ୍ୱାରା ପ୍ରବଳ ବନ୍ୟା ଆସି ନଦୀ କୂଳରେ ଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ସମୁଦାୟ ୮୦,୦୦୦ ଘର ଭାସି ଯାଇଥିଲା। ୧୯୭୦ ମସିହା ଜୁଲାଇ ୨୦ ତାରିଖରେ ଅଳକାନନ୍ଦା ନଦୀର ଉପରମୁଣ୍ଡ ଜଳଗ୍ରହଣ କ୍ଷେତ୍ରରେ ବାଦଲ ଫାଟିବା ଦ୍ୱାରା ଅଚାନକ ବନ୍ୟା ଆସି ୧୩ଟି ସେତୁ, ୩୦ଟି ତୀର୍ଥଯାତ୍ରୀ ବସ୍ ସମେତ ଏକ ବସ୍ତି ସମ୍ପୂର୍ଣ୍ଣ ଭାସି ଯାଇଥିଲା। ୧୯୯୭ ମସିହା ଅଗଷ୍ଟ ୧୫ ତାରିଖରେ ହିମାଚଳ ପ୍ରଦେଶର ସିମଲା ଜିଲାର ଚିଦଗାଓଁଠାରେ ବାଦଲ ଫାଟିବା କାରଣରୁ ୧୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୯୯୮ ମସିହା ଅଗଷ୍ଟ ୧୭ ତାରିଖରେ ଉତ୍ତରାଖଣ୍ଡର ପିଥୋରାଗଡ ଜିଲାରେ ବାଦଲ ଫାଟିବା ଯୋଗୁ ଭୂସ୍ଖଳନ ଘଟି ବହୁ କୈଳାସ-ମାନସରୋବର ତୀର୍ଥଯାତ୍ରୀଙ୍କ ସମେତ ସମୁଦାୟ ୨୫୦ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୦୩ ମସିହା ଜୁଲାଇ ୧୬ ତାରିଖରେ ହିମାଚଳ ପ୍ରଦେଶର ଶିଲାଗଡଠାରେ ବାଦଲ ଫାଟିବାରୁ ଅଚାନକ ବନ୍ୟା ଆସି ୪୦ ଜଣଙ୍କ ପ୍ରାଣହାନି ଘଟିଥିଲା। ୨୦୦୫ ମସିହା ଜୁଲାଇ ୨୬ ତାରିଖରେ ବାଦଲ ଫାଟିବା ଯୋଗୁ ବାଣିଜ୍ୟ ନଗରୀ ମୁମ୍ବାଇରେ ୮ ଘଣ୍ଟା ମଧ୍ୟରେ ୯୫୦ ମିମି ବୃଷ୍ଟିପାତ ହୋଇଥିଲା, ଯାହାଦ୍ୱାରା ୧୦୦୦ ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରେଇଥିଲେ। ୨୦୦୯ ମସିହା ଅଗଷ୍ଟ ୭ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ ଜିଲାର ମୁନସ୍ୟାରି ଗାଁ ନିକଟରେ ବାଦଲ ଫାଟିବା ଫଳରେ ଭୂସ୍ଖଳନ ଘଟି ୩୮ ଜଣ ଲୋକ ପ୍ରାଣ ହରେଇଥିଲେ। ୨୦୧୦ ମସିହା ସେପ୍ଟେମ୍ବରରେ ଉତ୍ତରାଖଣ୍ଡ ରାଜ୍ୟର ଆଲମୋଡାଠାରେ ବାଦଲ ଫାଟିବା ଯୋଗୁ ବନ୍ୟା ଆସି ଦୁଇଟି ଗାଁ ସମ୍ପୂର୍ଣ୍ଣ ବୁଡି ଯାଇଥିଲା ଏବଂ ଅଧିକାଶ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଥିଲା। ସେହି ୨୦୧୦ ମସିହା ଅଗଷ୍ଟ ୬ ତାରିଖରେ ଲଦାଖ କ୍ଷେତ୍ରର ସୀମାନ୍ତ ସହର ଲେହଠାରେ ବାଦଲ ଫାଟିବାରୁ ୧୭୯ ଜଣଙ୍କ ପ୍ରାଣହାନି ଘଟିଥିଲା। ୨୦୧୩ ମସିହା ଜୁନ୍‌ରେ ଉତ୍ତରାଖଣ୍ଡ ରାଜ୍ୟର କେଦାରନାଥଠାରେ ବାଦଲ ଫାଟିବାରୁ ୫୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ ମସିହା ମେ' ମାସରେ ସେହି ଉତ୍ତରାଖଣ୍ଡ ରାଜ୍ୟର ଚମୋଲୀ ଜିଲାରେ ବାଦଲ ଫାଟିବା ଦ୍ୱାରା ଅନେକ ଯାନବାହନ ଆବର୍ଜନା ଓ କାଦୁଅରେ ପୋତି ହୋଇ ପଡିଥିଲା। ୨୦୨୧ ଜୁଲାଇ ୨୧ ତାରିଖରେ ଜମ୍ମୁ-କଶ୍ମୀରର କିସ୍ତୱାଡା ଜିଲାର ଦଛନ ଅଞ୍ଚଳରେ ବାଦଲ ଫାଟିବାରୁ ୨୬ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା।

> "ଯେତେବେଳେ ଜଳୀୟବାଷ୍ପ ଭରା ମୌସୁମୀ ବାୟୁ କୌଣସି ଉଚ୍ଚ ପର୍ବତରେ ବାଧା ପାଇ ଏହାର ପୃଷ୍ଠ ଦେଇ ଉପରକୁ ଉଠିବା ପାଇଁ ବାଧ ହୁଏ, ଏହା ଅଚାନକ ପ୍ରସାରିତ ହୋଇଥାଏ। ଏଥିରେ ଥିବା ସମସ୍ତ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳକଣାରେ ପରିଣତ ହୁଏ। ମାତ୍ର ଏହି ଜଳକଣା ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦ୍ୱାରା ତଳେ ନ ପଡ଼ି ଆକାଶରେ ବିପୁଳ ଜଳକଣା ଭରା ଏକ ବିଶାଳ ପିଣ୍ଡ ରୂପରେ ଜମା ହୋଇ ରହେ। ସମୟକ୍ରମେ ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦୁର୍ବଳ ହୋଇଗଲେ, ଏହି ସମସ୍ତ ଜଳକଣା ଏକାବେଳକେ ତଳକୁ ଖସିପଡ଼ିଥାଏ। ଏହାକ 'ବାଦଲ ଫାଟିବା' ଘଟଣା କୁହାଯାଏ।"





### ହିମାଳୟ ଅଞ୍ଚଳ ବାଦଲଫଟା ପ୍ରବଣ କାହିଁକି

ହିମାଳୟ ପର୍ବତମାଳାରେ ଅବସ୍ଥିତ କିଛି ଅଞ୍ଚଳ ଯଥା ବଦ୍ରିନାଥ, କେଦାରନାଥ ଭଳି ଉଚ୍ଚ ସ୍ଥାନରେ ଅଧିକାଂଶ ବାଦଲ ଫାଟିବା ଘଟଣା ଦେଖିବାକୁ ମିଳିଥାଏ। ବଦ୍ରିନାଥ ଓ କେଦାରନାଥର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଯଥାକ୍ରମେ ୩୩୦୦ ଓ ୩୫୮୩ ମିଟର। ଏହି ଉତ୍ତୁଙ୍ଗ ପର୍ବତମାଳାରେ ବାଧା ପାଇ ଜଳୀୟବାଷ୍ପ ଭରା ମୌସୁମୀବାୟୁ ଆକାଶରେ ବିପୁଳ ମାତ୍ରାରେ ଜମା ହେବାକୁ ଲାଗେ ଏବଂ ବାଦଲ ଫାଟିବା ପାଇଁ ଅନୁକୂଳ ପରିସ୍ଥିତି ସଷ୍ଟି ହୁଏ। କିଛି ବାଦଲ ଫାଟିବା ଘଟଣା ମଧ୍ୟ ସମତଳ ଭୂମିରେ ଲକ୍ଷ୍ୟ କରାଯାଏ।

### ବାଦଲଫଟା ଓ ପ୍ରବଳ ବର୍ଷା ମଧ୍ୟରେ ପାର୍ଥକ୍ୟ

କୌଣସି ସ୍ଥାନରେ ବୃଷ୍ଟିପାତ ପରିମାଣ ସାଧାରଣତଃ ମିଲିମିଟର (ମି.ମି.) ଏକକରେ ପ୍ରକାଶ କରାଯାଏ। ଏହି ଏକକରେ, ୧ ବର୍ଗ ମିଟର ଅଞ୍ଚଳ ଉପରେ ୧ ଲିଟର ବର୍ଷାଜଳ ସଂଗୃହୀତ ହେଲେ ତାହାକୁ ୧ ମି.ମି. ବୃଷ୍ଟିପାତ ବୋଲି ଧରାଯାଏ। ଘଣ୍ଟାକୁ ବୃଷ୍ଟିପାତ ପରିମାଣ ୨.୫ ମି.ମି. କିମ୍ବା ତା'ଠାରୁ କମ୍ ହେଲେ ତା'ହାକୁ ସ୍ୱଳ୍ପ ବର୍ଷା (LIGHT RAIN), ୨.୫ ମି.ମି. ରୁ ୧୦ ମି.ମି. ମଧ୍ୟରେ ରହିଲେ ମଧ୍ୟମ ବର୍ଷା (MODERATE RAIN), ୧୦ ମି.ମି. ରୁ ୫୦ ମି.ମି. ମଧ୍ୟରେ ରହିଲେ ଭାରି ବର୍ଷା (HEAVY RAIN) ଏବଂ ୫୦ ମି.ମି. ରୁ ଅଧିକ ହେଲେ ପ୍ରବଳ ବର୍ଷା (VIOLENT RAIN) ବୋଲି କୁହାଯାଏ। ମାତ୍ର କୌଣସି ସ୍ଥାନରେ ଘଣ୍ଟାଏ ସମୟ ମଧ୍ୟରେ ୧୦୦ ମି.ମି. କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହୋଇଗଲେ ତାହାକୁ ସଂଜ୍ଞା ଅନୁଯାୟୀ 'ବାଦଲ ଫାଟିବା' ବୋଲି କୁହାଯିବ। ଅର୍ଥାତ କୌଣସି ସ୍ଥାନରେ ବଷ୍ଟିପାତକୁ 'ବାଦଲ ଫାଟିବା' କୁହାଯିବା ପାଇଁ ହେଲେ ପ୍ରବଳ ବର୍ଷା (HEAVY RAIN) ସ୍ଥିତି ସମୟରେ ହେଉଥିବା ବୃଷ୍ଟିପାତ ପରିମାଣର ଦ୍ୱିଗୁଣ କିମ୍ବା ତା'ଠାରୁ ଅଧିକ ବର୍ଷା ହେଉଥିବା ଆବଶ୍ୟକ।

ବିଶ୍ୱର ସବୁଠାରୁ ପ୍ରଳୟଙ୍କରୀ ବାଦଲଫଟା ଘଟଣା ୧୯୭୨ ନଭେମ୍ବର ୨୬ ତାରିଖରେ ଆଟଲାଣ୍ଟିକ ମହାସାଗରର କାରିବିଆନ୍ ସାଗର ମଧ୍ୟରେ ଅବସ୍ଥିତ ଫ୍ରାନ୍ସ ଶାସିତ ଏକ ଦ୍ୱୀପପୁଞ୍ଜ ଗୁଆଡେଲୁପ (GUADELOUPE)ର ବସେ-ଟେରେ (BASSE-TERRE) ଦ୍ୱୀପରେ ଦେଖିବାକୁ ମିଳିଥିଲା ଯେଉଁଥିରେ ମାତ୍ର ୧ ମିନିଟ ସମୟ ମଧ୍ୟରେ ୩୮.୧୦ ମି.ମି. ପରିମାଣର ବଷ୍ଟିପାତ ରେକର୍ଡ କରାଯାଇଥିଲା।

ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ବାଦଲ ଫାଟିବା ଘଟଣା ଏକ ପ୍ରାକୃତିକ ବିପ୍ୱାତ। ଏଥିରେ ସାରା ବିଶ୍ୱରେ ପ୍ରତି ବର୍ଷ ବହୁ ଧନଜୀବନ ହାନି ଘଟିଥାଏ। ମାତ୍ର ପାଣିପାଗ ବିଜ୍ଞାନର ଏବେକାର ଜ୍ଞାନକୌଶଳରେ ବନ୍ୟା, ବାତ୍ୟା ଭଳି ବାଦଲ ଫାଟିବା ଘଟଣାର ପୂର୍ବାନୁମାନ କରାଯାଇ ପାରିବ ନାହିଁ ଏବଂ ଏଥିନିମନ୍ତେ କୌଣସି ଆଗୁଆ ସୂଚନା ଜାରି କରିବା ସମ୍ଭବ ନୁହେଁ। କେବଳ ବାଦଲ ଫାଟିବା ପ୍ରବଣ ସ୍ଥାନଠାରୁ ଦୂରେଇ ରହିବା ଏବଂ ବ୍ୟକ୍ତିଗତ ସତର୍କତା ଅବଲମ୍ବନ ହିଁ ଏଥି ନିମନ୍ତେ ଏକମାତ୍ର ପ୍ରତିକାର ବ୍ୟବସ୍ଥା।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

## ଲିଭର ବିଷୟରେ...



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ଲିଭର ବା ଯକୃତ୍। ଏହାର କାର୍ଯ୍ୟଦକ୍ଷତା ପ୍ରଭାବିତ ହେଲେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଲିଭରର ଲମ୍ବ ୬.୫ ଇଞ୍ଚ ଏବଂ ଗୋଲେଇ ୪.୫ ଇଞ୍ଚ। ୩.୫ ପାଉଣ୍ଡ ଓଜନ ବିଶିଷ୍ଟ ଲିଭରରୁ ନିର୍ଗତ ହେଉଥିବା ପିତ୍ତ ଶରୀରରେ ବୃଦ୍ଧି ପାଉଥିବା ଫ୍ୟାଟ୍ ପରିମାଣକୁ ସନ୍ତୁଳିତ ରଖିଥାଏ। ସାଧାରଣତଃ ଲିଭରର କାର୍ଯ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଏହାର ପ୍ରଥମ ଜୋନ୍‌ରେ ରକ୍ତ ପ୍ରବେଶ କରିବା ପରେ ତାହା ଦ୍ୱିତୀୟ ଜୋନ୍‌କୁ ଯାଇଥାଏ। ତା'ପରେ ତୃତୀୟ ତଥା ଶେଷ ଜୋନ୍‌ରେ ରକ୍ତ ବିଶୁଦ୍ଧ ହୋଇ ଶରୀରରେ ପ୍ରବାହିତ ହୋଇଥାଏ। ତେଣୁ ଆମର ଲିଭର ସବୁବେଳେ ସୁସ୍ଥ ରହିବା ନିହାତି ଜରୁରୀ। ଆମେ ଖାଉଥିବା ଖାଦ୍ୟରୁ ଲିଭର କାର୍ବୋହାଇଡ୍ରେଟ୍ ଏବଂ ଭିଟାମିନ୍ ସଂଗ୍ରହ କରି ମସ୍ତିଷ୍କକୁ ଯୋଗାଇଥାଏ। ଏହାଦ୍ୱାରା ମସ୍ତିଷ୍କ ଠିକ୍ ଭାବରେ କାମ କରିଥାଏ। ଆମ ଶରୀର ଭିତରେ ଥିବା କେତେକ ବିଷାକ୍ତ ତତ୍ତ୍ୱକୁ ଏହା ନଷ୍ଟ କରିଦିଏ। ଲିଭରରେ ପ୍ରସ୍ତୁତ ହେଉଥିବା ପ୍ରୋଟିନ୍ ରକ୍ତକୁ ପରିଷ୍କାର ରଖେ। ଯଦି ଲିଭରଜନିତ କିଛି ସମସ୍ୟା ଦେଖାଯାଏ ତେବେ ଅଧିକାଂଶ ସମୟ ମୁଣ୍ଡ ବିନ୍ଧିଥାଏ। ବାନ୍ତି ଲାଗେ ଆଉ ବେଳେବେଳେ ବାନ୍ତି ହୋଇଥାଏ। ଲିଭରଜନିତ ସମସ୍ୟା ସୃଷ୍ଟି ହେଲେ ଚର୍ମ ହଳଦିଆ ଦେଖାଯାଏ ଏବଂ ଜଣ୍ଡିସ୍‌ର ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଲିଭରଜନିତ ସମସ୍ୟା ଦେଖାଦେବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଭାଷା ବୁଝିବ ରୋବୋ



ଦିନକୁ ଦିନ ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ବହୁଳ ହେବାରେ ଲାଗିଛି। ଏପରି କି ଚିକିତ୍ସା କ୍ଷେତ୍ରରେ ଏହାକୁ ଅପରେଶନ ପରି ଗୁରୁତ୍ୱପୂର୍ଣ୍ଣ କାମରେ ନିୟୋଜିତ କରାଯାଇ ସଫଳତା ମିଳିସାରିଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏଭଳି ଏକ ହାଇଟେକ୍ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ବିଭିନ୍ନ ଭାଷାକୁ ବୁଝିବାରେ ସକ୍ଷମ ହେବ। ଜଣେ ବ୍ୟକ୍ତି ନିଜର ସମସ୍ୟା ବିଷୟରେ ଏହି ରୋବୋକୁ ଅବଗତ କରାଇଲେ ତାହା ସେ ବିଷୟରେ ଚିନ୍ତା କରି ତାହାର ସମାଧାନର ବାଟ ମଧ୍ୟ ବତାଇ ଦେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାର ଆଉ ଏକ ବିଶେଷତ୍ୱ ରହିଛି। ଉକ୍ତ ରୋବୋରେ ଏକ ଥ୍ରୀଡି କ୍ୟାମେରା ସଂଯୋଗ କରାଯାଇଛି। ଏହାଦ୍ୱାରା ତାହା ସାମନାରେ ଘଟୁଥିବା ଘଟଣାର ଚିତ୍ର ଉତ୍ତୋଳନ କରି ତାହାକୁ ଅନୁଧ୍ୟାନ କରିପାରିବ। ପରୀକ୍ଷାମୂଳକ ଭାବରେ ଏହାକୁ ବ୍ୟବହାର କରି ସେଥିରୁ ସଫଳତା ମିଳିଛି ବୋଲି ଉକ୍ତ ରିପୋର୍ଟରୁ ଜଣାପଡିଛି।

## ବୁଦ୍ଧିମତ୍ତାକୁ ପ୍ରଭାବିତ କରେ ଅତ୍ୟଧିକ ଧୂମପାନ



ଧୂମପାନ ଏକ ଖରାପ ଅଭ୍ୟାସ ଜାଣି ମଧ୍ୟ ଅନେକେ ଏହାର ବଶବର୍ତ୍ତୀ ହୋଇଥାଆନ୍ତି। ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ସୁସ୍ଥ ତଥା ନୀରୋଗ ସ୍ୱାସ୍ଥ୍ୟ ପାଇଁ ଆମେ ଏଭଳିଅଭ୍ୟାସକୁପରିତ୍ୟାଗ କରିବା ଆବଶ୍ୟକ। ଯେଉଁମାନେ ନିୟମିତ ଧୂମପାନ କରନ୍ତି ଏବଂ ଏହା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଇଥାଏ, ତେବେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତା ଅନେକାଂଶରେ ପ୍ରଭାବିତ ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ଧୂମପାନ ଏବଂ ତାହାର ବୁଦ୍ଧିମତ୍ତା ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ଧୂମପାନ ଯୋଗୁଁ ପ୍ରଭାବିତ ହେଉଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏପରି ଅଭ୍ୟାସଠାରୁ ଜଣେ ନିଜକୁ ଦୂରେଇ ରଖିବା ନିହାତି ଆବଶ୍ୟକ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- କଫଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ ଏଥିରୁ ଉପଶମ ମିଳିଥାଏ। ଅନ୍ୟପକ୍ଷରେ ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ତାହାକୁ ଉଷୁମ କରି ପିଇପାରନ୍ତି।



- ଯଦି ଆପଣଙ୍କ ବୟସ ୪୦ରୁ ଉର୍ଦ୍ଧ୍ୱ ତେବେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ। କାରଣ ବୟସ ବଢ଼ିବା ସହ ଶରୀରରେ କ୍ୟାଲସିୟମର ଅଭାବ ପରିଲକ୍ଷିତ ହୋଇଥାଏ। ତେଣୁ ବୟସ ବଢ଼ିଲେ ସେହି ଅନୁସାରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ।
- ବ୍ୟାୟାମ ବିଷୟରେ ଯଦି ସେଭଳି କିଛି ଅଭିଜ୍ଞତା ନାହିଁ ତେବେ ପ୍ରଥମେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
- କିଛି ରୋଗର ଚିକିତ୍ସା ପାଇଁ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ସେ ବିଷୟରେ ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।
- ପ୍ରତିଦିନ ଶୋଇବାର ଏକ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ଅଧିକ ରାତି ପର୍ଯ୍ୟନ୍ତ ଅନିଦ୍ରା ହୋଇ ରହିବା ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହା ପରୋକ୍ଷରେ ଆଉ କେତେକ ରୋଗକୁ ଡାକି ଆଣିଥାଏ।
- ଏବେ ତ ବର୍ଷାଦିନ। ତେଣୁ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ। କାରଣ ଏହି ସମୟରେ ଥଣ୍ଡା, ଜ୍ୱର, କାଶ ଆଦି ହୋଇଥାଏ। ତେଣୁ କୌଣସି ଥଣ୍ଡାଜନିତ ରୋଗକୁ ଅବହେଳା ନ କରି ତାହାର ଚିକିତ୍ସା କରାଇ ନିଅନ୍ତୁ।

## ସକାରାତ୍ମକ ଚିନ୍ତାଧାରା ଅନ୍ତରାଳେ...



ଆମର ଚିନ୍ତାଧାରା ସବୁବେଳେ ସକାରାତ୍ମକ ରହିଲେ ଆମେ ନିଜ କାମକୁ ସୁଚାରୁ ରୂପେ ସମ୍ପାଦନ କରିଥାଉ। ତେବେ ଏଥିପାଇଁ ଆମକୁ ଗୋଟିଏ ଜିନିଷ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଯେଉଁମାନେ ଅଧିକାଂଶ ସମୟ ନିଜକୁ ଖୁସିର ମାହୋଲ ଭିତରେ ରଖନ୍ତି ସେମାନଙ୍କର ଚିନ୍ତାଧାରା ପ୍ରାୟ ସକାରାତ୍ମକ ରହିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ସିଓଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏପରି ବିଷୟକୁ ନେଇ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ଅଧିକାଂଶ ସମୟ ଖୁସିର ମାହୋଲ ଭିତରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିଲା। ହେଲେ ଯେଉଁମାନେ ଅଧିକାଂଶ ସମୟ ଖୁସିର ପରିବେଶ ଭିତରେ ରହୁଥିଲେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ଚିନ୍ତାଧାରା ସକାରାତ୍ମକ ଥିବାର ଜଣାପଡ଼ିଥିଲା।

ଧରିତ୍ରୀ
DHARITRI










ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରବିବାର ୨୦୦ ମିଟର ପୁରୁଷ ବଟରଫ୍ଲାଏ ସନ୍ତରଣ ଅବସରରେ ଭାରତର ସଜନ ପ୍ରକାଶ। ମହିଳା ଲାଇଟ ଫ୍ଲାଏୱେଟ ବର୍ଗରେ ମୋଜାମ୍ବିକ୍‌ର ହେଲେନା ଇସମାଇଲ ବାଗାଓଙ୍କୁ ପଞ୍ଚ ମାରୁଛନ୍ତି ଭାରତର ନିଖତ ଜରିନ (ବାମ)।

# ଟାଏକୋଣ୍ଡୋରୁ ଭାରୋତ୍ତୋଳନ ରୌପ୍ୟ

**ବର୍ମିଂହାମ୍,୩୧।୭(ପି.ଟି)**

ବାପା ଆଗୁଆ ଦୋକାନ ବନ୍ଦ କରି ଦେଇଥିଲେ, ଆଉ ମ୍ୟାଚ୍ ଦେଖିବା ପାଇଁ ଭାଇ କରିଥିଲେ ଟିଭି ରିଚାର୍ଜ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ବିଜୟିନୀ ବିନ୍ଦ୍ୟାରାଣୀ ଦେବୀଙ୍କ ଏମିତି କିଛି କାହାଣୀ, ଯାହା ବେଶ୍ ରୋଚକ। ଭାରୋତ୍ତୋଳନର ପାୱାର ହାଉସ୍ ମଣିପୁରରୁ ଆସୁଥିବା ଏହି ଖେଳାଳିଙ୍କୁ ଅପେକ୍ଷା କରି ରହିଛି ଏକ ବଡ଼ ସ୍ୱାଗତ ଉତ୍ସବ। ବିନ୍ଦ୍ୟାଙ୍କ ପ୍ରଥମ ପସନ୍ଦର ଖେଳ ଟାଏକୋଣ୍ଡୋ ରହିଥିଲା। ସେ ୨୦୦୮ରୁ ୨୦୧୨ ଯାଏ ଟାଏକୋଣ୍ଡୋ ଖେଳୁଥିଲେ। ତେବେ କମ୍ ଉଚ୍ଚତା (୧୪୯ ସେମି) କାରଣରୁ କୋଚ୍‌ଙ୍କ ପରାମର୍ଶକ୍ରମେ ୨୦୧୩ରୁ ଭାରୋତ୍ତୋଳନକୁ କ୍ୟାରିୟର ଭାବେ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଏକାଧିକ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ପଦକ ଜିତିଥିବା ବେଳେ ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ପରିବାରକୁ ପଦକ ପ୍ରତିଶ୍ରୁତି ଦେଇ ଆସିଥିବା ବିନ୍ଦ୍ୟା ମାତ୍ର ୧ କିଗ୍ରା ଓଜନ କମ୍ ପାଇଁ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହେଲେ। ମାତ୍ର ଟିଭିରେ ତାଙ୍କୁ ଦେଖିବା ଲାଗି ପରିବାର ଲୋକଙ୍କୁ ମଧ୍ୟ ବେଶ୍ କଷ୍ଟ କରିବାକୁ ପଡ଼ିଛି। ଏଥିଲାଗି ବାପାଙ୍କୁ ଆଗୁଆ ଦୋକାନ ବନ୍ଦ କରି ଘରକୁ ଫେରିବାକୁ ପଡ଼ିଥିବା ବେଳେ ଡିଟିଏଚ୍ ରିଚାର୍ଜ କରାଇଥିଲେ ଭାଇ। ବିନ୍ଦ୍ୟାଙ୍କ ସାଙ୍ଗସାଥି ବର୍ତ୍ତମାନ ତାଙ୍କୁ ସ୍ୱାଗତର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।




ରୌପ୍ୟ ପଦକ ସହ ବିନ୍ଦ୍ୟାରାଣୀ ଦେବୀ।

# ପଏଣ୍ଟ ଖାତା ଖୋଲିଲା ଭାରତ

**ବର୍ମିଂହାମ୍,୩୧।୭(ପି.ଟି):** ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମହିଳା କ୍ରିକେଟରେ ପଏଣ୍ଟ ଖାତା ଖୋଲିଛି ଭାରତ। ପ୍ରଥମ ମ୍ୟାଚରେ ଅପ୍ରତ୍ୟାଶିତ ଭାବେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହେବା ପରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ପଏଣ୍ଟ ଖାତା ଖୋଲିଛି ଦଳ। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପାକିସ୍ତାନକୁ ଏହା ସର୍ବନିମ୍ନ ଟି୨୦ ସ୍କୋର ୯୯ରେ ସୀମିତ ରଖିବା ପରେ ୨ ଉଇକେଟ ହରାଇ ବିଜୟ ହାସଲ କରିନେଇଥିଲେ ଭାରତୀୟ ମହିଳା। ଅପରାଜିତ ଅର୍ଦ୍ଧଶତକ ସହ ସ୍ମୃତି ମନ୍ଧାନା ଭାରତ ବିଜୟରେ ମୁଖ୍ୟ ଭୂମିକା ନିଭାଇଥିଲେ।ବର୍ଷା କାରଣରୁ ମ୍ୟାଚ୍‌କୁ ୧୮ ଓଭରକୁ ହ୍ରାସ କରାଯାଇଥିବା ବେଳେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା।

# ନିଖତ ଜରିନ୍ କ୍ୱାର୍ଟରରେ: ଶିବ ଆଉଟ୍

**ବର୍ମିଂହାମ୍, ୩୧।୭ (ପି.ଟି.)**

ବିଶ୍ୱ ଚାମ୍ପିୟନ ବକ୍ସର ନିଖତ ଜରିନ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୫୦କେଜି ଶ୍ରେଣୀ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଶିବ ଥାପ୍ପା ପୁରୁଷ ୬୩.୫ କେଜି ବକ୍ସିଂ ପ୍ରି-କ୍ୱାର୍ଟର ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ନିଖତ ମୋଜାମ୍ବିକ୍‌ର ହେଲେନା ଇସ୍‌ମାଇଲ୍ ବାଗାଓଙ୍କୁ ନକ୍‌ଆଉଟ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୫୦ କେଜି ଲାଇଟ୍‌ୱେଟ୍ କାଟେଗୋରିର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବାଉଟ୍‌ରେ ଜରିନ୍ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିଲେ। ବାମ ଓ ଡାହାଣ କମ୍ବିନେଶନରେ ପଞ୍ଚ୍ ମାରି ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ରେଫରି ୪୮ ମିନିଟ୍ ଆଗୁଆ ଲଢ଼େଇକୁ ରୋକିବାରେ ବାଧ୍ୟ ହୋଇଥିଲେ। ଜରିନ ତାଙ୍କର ପରବର୍ତ୍ତୀ ମୁକାବିଲା ଗତଥରର ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜୟିନୀ ଟ୍ରଏ ଗାର୍ଟନଙ୍କ ସହ କରିବେ। ଏଥିରେ ବିଜୟ ହାସଲ କଲେ ସେ ପଦକ ନିଶ୍ଚିତ କରିପାରିବେ। ଅନ୍ୟପକ୍ଷରେ ଥାପ୍ପା ନୈରାଶ୍ୟଜନକ ପ୍ରଦର୍ଶନ କରି ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ସ୍କଟ୍‌ଲାଣ୍ଡର ରିସି ଲିଞ୍ଚ୍‌ଙ୍କଠାରୁ ୧-୪ରେ ହାରିଯାଇଛନ୍ତି। ଏଥିସହିତ ସେ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

**ଶ୍ରୀହରି ନଟରାଜ ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସେମିରେ**

ଭାରତୀୟ ସନ୍ତରଣକାରୀ ଶ୍ରୀହରି ନଟରାଜ ୨୫.୫୨ ସେକେଣ୍ଡ ଟାଇମିଂରେ ପୁରୁଷ ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବେଙ୍ଗାଲୁରୁର ଏହି ୨୧ ବର୍ଷୀୟ ଭାରତୀୟ ତାଙ୍କ ହିଟ୍‌ରେ ଦ୍ୱିତୀୟ ଦ୍ରୁତତମ ଏବଂ ମୋଟ୍ ଉପରେ ୮ମ ଦ୍ରୁତତମ ହୋଇଥିଲେ। ପୁରୁଷ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୨୪.୪୦ ସେକେଣ୍ଡ ଗତବର୍ଷ ୟୁଏଇରେ ଅନୁଷ୍ଠିତ ୧୫ତମ ଫିନା ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍‌ରେ ସେ ହାସଲ କରିଥିଲେ। ନଟରାଜ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଫାଇନାଲରେ ୭ମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସଜନ ପ୍ରକାଶ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେ ୧:୫୮:୯୯ ସେକେଣ୍ଡ ଟାଇମିଂରେ ତାଙ୍କ ହିଟ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିବାରୁ ତାଙ୍କ ନାମ ରିଜର୍ଭ ତାଲିକାରେ ସ୍ଥାନ ପାଇଛି। ପୁରୁଷ ୨୦୦ ମିଟର ବଟରଫ୍ଲାଏ ଫାଇନାଲକୁ ଶ୍ରେଷ୍ଠ ୮ ସନ୍ତରଣକାରୀ ଉନ୍ନୀତ ହୋଇଛନ୍ତି।



ଜିମ୍ନାଷ୍ଟିକ୍ସ ଇଭେଣ୍ଟ ଅବସରରେ ଭାରତର ଯୋଗେଶ୍ୱର ସିଂ।

**ମହିଳା ହକି ଦଳର ବିଜୟ**

ବନ୍ଦନା କାଟାରିୟାଙ୍କ ଡବଲ ଗୋଲ୍ ସହାୟତାରେ ଭାରତୀୟ ମହିଳା ହକି ଦଳ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁଲ୍ ଏ'ର ଏକ ମ୍ୟାଚ୍‌ରେ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କରିଛି। ଶନିବାର ରାତି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଏହାର ସମସ୍ତ ତିନୋଟିଯାକ ଗୋଲ ପେନାଲ୍ଟି କର୍ନର ଜରିଆରେ ସ୍କୋର କରିଥିଲା। ବନ୍ଦନା ଦୁଇଟି ଗୋଲ ଦେଇଥିବା ବେଳେ ଗୁରଜିତ କୌର ଡ୍ରାଗ୍ ଫ୍ଲିକ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ବିପକ୍ଷ ଦଳର ଜେନା ହ୍ୟୁଗ୍ସ ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ। ୱେଲ୍ସ ଗୋଲ୍‌କିପର ରୋଶିନୀ ଥୋମାସ ଚମତ୍କାର ଗୋଲ୍ କିପିଙ୍ଗ୍ କରିଥିଲେ। ତାହା ନ ହୋଇଥିଲେ ଭାରତ ଅଧିକ ଗୋଲ ବ୍ୟବଧାନରେ ବିଜୟଲାଭ କରିଥାନ୍ତା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଆୟୋଜକ ଇଂଲଣ୍ଡ ବିପକ୍ଷରେ ଖେଳିବ।

# ଭାରତ ୮-୦ରେ ନେପାଳକୁ ହରାଇଲା

**ଭୁବନେଶ୍ୱର, ୩୧।୭(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ରବିବାର ଭାରତ ୮-୦ ଗୋଲରେ ନେପାଳକୁ ପରାସ୍ତ କରିଛି। ଏଥିସହ ଭାରତର ଫାଇନାଲରେ ପ୍ରବେଶ ଆଶା ଉଜ୍ଜ୍ୱଳ ହୋଇଛି।୩୨ତମ ମିନିଟରେ ଟାଇସନ ସିଂ ଲୋଇଟଙ୍ଗବାମ୍ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଟାଇସନ ୬୬ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଥିବ ସୁନ୍ଦର ଗୋଗୋଇ ୫୦ ଓ ୫୨ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ହିମାଂଶୁ ଜାଙ୍ଗ୍ରା ୭୧, ଓଡ଼ିଆ ଖେଳାଳି ଟଙ୍କଧର ବାଗ୍ ୭୮, ଗୁରକୀରଟ ସିଂ ୯୦ ଓ ଶୁଭୋ ପଲ୍ ୯୦+୩ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ୩ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ନେପାଳ ୩ ମ୍ୟାଚରୁ ୬ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ୩ୟ ସ୍ଥାନକୁ ଖସିଛି। ଭାରତର ଗୋଲ ବ୍ୟବଧାନ +୧୦ ରହିଥିବାବେଳେ ନେପାଳର -୧ ରହିଛି। କାରଣ ଭାରତ ୧୨ଟି ଗୋଲ ଦେଇଥିବାବେଳେ ୨ଟି ବରଣ କରିଛି। ଅନ୍ୟପକ୍ଷରେ ନେପାଳ ୭ଟି ଗୋଲ ଦେଇ ୮ଟି ବରଣ କରିଛି। ଅଗଷ୍ଟ ୨ରେ ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ମାଳଦ୍ୱୀପକୁ ଭେଟିବ। ସେହିଦିନ ନେପାଳ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। ବାଂଲାଦେଶ ୩ ମ୍ୟାଚରୁ ୯ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନରେ ରହିଛି। ଲିଗ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ୨ଟି ଦଳ ଫାଇନାଲକୁ ଉନ୍ନୀତ ହେବେ।



ମ୍ୟାଚ ଅବସରରେ ଓଡ଼ିଆ ଖେଳାଳି ଟଙ୍କଧର ବାଗ।



ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

**ମାଳଦ୍ୱୀପ-ଶ୍ରୀଲଙ୍କା ମ୍ୟାଚ ଡ୍ର**

ମାଳଦ୍ୱୀପ-ଶ୍ରୀଲଙ୍କା ମ୍ୟାଚ ଡ୍ର ରହିଥିଲା। ୭୪ତମ ମିନିଟରେ ଅଇହମ୍ ହମଦୁନ ଗୋଲ ଦେଇ ମାଳଦ୍ୱୀପକୁ ଅଗ୍ରଣୀ କରିଥିଲେ। ତେବେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୬ ମିନିଟରେ ଶ୍ରୀଲଙ୍କାର ଜେ.ଜି. ଥିଶାନ ଥୁଶମିକା ଗୋଲଟି ପରିଶୋଧ କରିଦେଇଥିଲେ।

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

**ବାସେଟେରି (ସେଣ୍ଟ କିଟ୍‌ସ ନେଭିସ୍), ୩୧।୭ (ପି.ଟି):** ୱେଷ୍ଟଇଣ୍ଡିଜ୍ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମୁକାବିଲାରେ ନିଜ ବିଜୟଧାରା ଅବ୍ୟାହତ ରଖିବା ଲାଗି ପ୍ରୟାସ କରିବ ରୋହିତ ଶର୍ମାଙ୍କ ଦଳ। ୫ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲାକୁ ଅନାୟାସରେ ଜିତି ନେଇଥିଲା ଭାରତ। ଭାରତର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବ୍ୟତୀତ ରୋହିତ ଶର୍ମାଙ୍କ ବୋଲିଂ ପରିବର୍ତ୍ତନ ଓ କ୍ୟାପଟେନ୍ସି ଚମତ୍କାର ରହିଥିଲା। ପ୍ରଥମ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବ ଓପ୍‌ନର ଭାବେ ଖେଳିଥିବା ବେଳେ ଏହା ଭାରତର ସପ୍ତମ ଓପ୍‌ନିଙ୍ଗ କମ୍ବିନେଶନ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ଏଭଳି ବ୍ୟାଟିଂକ୍ରମ ପରିବର୍ତ୍ତନକୁ ଅନେକ ପୂର୍ବତନ ଖେଳାଳି ମଧ୍ୟ ସମାଲୋଚନା କରିଛନ୍ତି। ତେବେ ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ନିଜର ଶ୍ରେଷ୍ଠ ଏକାଦଶ ଚୟନ ଲକ୍ଷ୍ୟରେ ରହିଛି। ସେହିପରି ଅର୍ଶଦୀପ ସିଂଙ୍କ ରୂପରେ ଭାରତ ଜଣେ ବାମହାତୀ ପେସ୍ ବୋଲର ପାଇଛି। ୨୩ ବର୍ଷୀୟ ଏହି ପଞ୍ଜାବ ପେସର ପ୍ରଥମ ମ୍ୟାଚରେ ନିଜ ବୋଲିଂ ଜରିଆରେ ଛାପ ଛାଡ଼ିବାରେ ସମର୍ଥ ହୋଇଥିଲେ।

ବ୍ୟାଟିଂରେ ରୋହିତ ଶର୍ମା ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଶେଷଭାଗରେ ଦୀନେଶ କାର୍ତ୍ତିକଙ୍କ ବ୍ୟାଟିଂ ମ୍ୟାଚର ଫଳାଫଳକୁ ପ୍ରଭାବିତ କରିଥିଲା। ଭାରତୀୟ ଦଳର ଫିନିଶର ଭାବେ ରହିଥିବା ଏହି ୩୭ ବର୍ଷୀୟ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଭାରତ ୩ ସ୍ପିନରଙ୍କ ସହିତ ପଡ଼ିଆକୁ ଓହ୍ଲାଇଥିବା ବେଳେ ଅଶ୍ୱିନ-ବିଷ୍ଣୋଇଙ୍କ ଜାଲରେ ଫସିଯାଇଥିଲା ଘରୋଇ ଦଳ। ଉଭୟ ଦୁଇଟି ଲେଖାଏ ଉଇକେଟ ନେବା ସହିତ ପ୍ରଭାବୀ ବୋଲିଂ କରିଥିଲେ।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଇଶାନ କିଶନ୍, ଶ୍ରେୟାସ୍ ଆୟାର, ଦୀପକ ହୁଡା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ୍ ପାଣ୍ଡ୍ୟା,ରିଷଭ ପନ୍ତ, କେ.ଏଲ୍. ରାହୁଲ, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା, ଆର. ଅଶ୍ୱିନ୍, କୁଲଦୀପ ଯାଦବ, ଭୁବନେଶ୍ୱର କୁମାର, ଆଭେଶ୍ ଖାନ୍, ହର୍ଷଲ ପଟେଲ, ରବି ବିଷ୍ଣୋଇ, ଅକ୍ଷର ପଟେଲ, ଅର୍ଶଦୀପ ସିଂ।

**ମ୍ୟାଚ୍ ସମୟ : ରାତ୍ର ୮.୦୦**










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଘରପୋଡ଼ି ମାମଲାରେ ଜଣେ ଗିରଫ

**ଚଣ୍ଡିଖୋଲ,୩୧।୭(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମରେ ଘରପୋଡ଼ି ମାମଲାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ସାନଅଙ୍କ ଗ୍ରାମର ହରିଶ ଚନ୍ଦ୍ର ତରାଇ ଓରଫ ସୁରିଆ(୩୫)। ଜୁନ ୨୦ତାରିଖ ରାତିରେ ଚାରିନଙ୍ଗଳ ଗ୍ରାମର ସହଦେବ ଜେନାଙ୍କ ଘରକୁ ଜଣେ ବ୍ୟକ୍ତି ପୋଡ଼ି ଦେଇଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୩୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ତଦନ୍ତବେଳେ ସୁରିଆ ସହଦେବଙ୍କ ଘରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଥିଲା ବୋଲି ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

### କାରଖାନାରେ ଶ୍ରମିକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୩୧।୭(ଡି.ଏନ.ଏ.):** ବଡ଼ଚଣା ବ୍ଲକ ବୈରୀ ଥାନା ଅଧୀନ ବୁଢ଼ାକେନ୍ଦୁଆଠାରେ ଥିବା ଏକ ପାୱାର କାରଖାନାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ଶ୍ରମିକ ଜଣକ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଉପରେ କୋଇଲା ଖଣ୍ଡ ଖସିପଡ଼ିଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଶୁଣିବାକୁ ମିଳୁଛି। ମୃତ ଶ୍ରମିକଙ୍କ ପରିଚୟ ମିଳିପାରିନାହିଁ। ବୈରୀ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଫେରିଆସିଛି। ହେଲେ ଅଧିକ ତଥ୍ୟ ପାଇନାହିଁ। ଏ ସମ୍ପର୍କରେ ଥାନା ଅଧିକାରୀ ସଂଘମିତ୍ରା ନାୟକ କହିଛନ୍ତି, ଶ୍ରମିକ ଜଣକ ରାଜ୍ୟ ବାହାରର ହୋଇଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ। ଘଟଣାକୁ ନେଇ କୌଣସି ଅଭିଯୋଗ ହୋଇନାହିଁ। ଏପରି କି କାରଖାନା ତରଫରୁ ମଧ କେହି ଥାନାରେ ଅଭିଯୋଗ କରି ନ ଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି କାରଖାନା ପରିଚାଳକ ସୁବାସ ଅଗ୍ରୱାଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ତେବେ ଶ୍ରମିକ ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଆଲୋଚନା ହେଉଥିବା ବେଳେ କାରଖାନା କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠିଛି। ଏପରି କି ଘଟଣାକୁ ଚାପିଦେବା ପାଇଁ କାରଖାନା କର୍ତ୍ତୃପକ୍ଷ ଚେଷ୍ଟା କରୁଥିବା ଲୋକେ ଅଭିଯୋଗ କରିଛନ୍ତି।

### ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ବାରଙ୍ଗ,୩୧।୭(ଡି.ଏନ୍.ଏ.):** କୁଆଖାଇ ନଦୀରେ ବୁଡ଼ି ରବିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗ୍ରାମ ରାମଗଡ଼ ସାହିରେ ରହୁଥିବା ଟିକି ବାରିକ। ସୂଚନା ମୁତାବକ, ମଧାହ୍ନରେ ଟିକି ରାମଗଡ଼ ସାହିସ୍ଥିତ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ କୌଣସି କାରଣରୁ ସେ ବୁଡିଯାଇଥିଲେ। ନିକଟରେ ଗାଧୋଉଥିବା କେତେଜଣ ଲୋକ ଦେଖି ଡାକ ପକାଇଥିଲେ। କେତେଜଣ ଯୁବକ ପହଞ୍ଚି ଖୋଜାଖୋଜି କରିବା ସହ ପାଣିଟାଙ୍କି ପାଖ ନଦୀରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜୁଲାଇରେ ବି ନିଅଣ୍ଟିଆ ବର୍ଷା

**ଯାଜପୁର ଅଫିସ,୩୧।୭**

**ଯାଜପୁର ଜିଲା**
**ସ୍ୱାଭାବିକଠାରୁ ୯ ମିମି କମ୍ ବର୍ଷିଲା**



ସବୁପ୍ରକାରର ପଦକ୍ଷେପକୁ ଆପଣାଇବା ପରେ ଶେଷ ବିକଳ୍ପ ଥିଲା ମୌସୁମୀ। ପୂର୍ବାନୁମାନକୁ ନେଇ ଆକଳନ କରାଗଲା ଯେ, ଏଥର ସ୍ୱାଭାବିକ ବର୍ଷା ହେବ। ଫଳରେ ଶସ୍ୟ ଉତ୍ପାଦନ ବଢ଼ିବ। କିନ୍ତୁ ଚଳିତ ବର୍ଷାଋତୁର ପ୍ରଥମ ଦୁଇ ମାସରେ ଯାଜପୁର ଜିଲାରେ ବର୍ଷାର ଅନିୟମିତତା କୃଷି କ୍ଷେତ୍ରକୁ ଉଜାଡ଼ି ଦେଇଛି। ଗତ ଜୁନରେ ଜିଲାରେ ୨୫% କମ୍ ବର୍ଷା ଏବଂ ଭୀଷଣ ଖରା ଯୋଗୁ ଗଜା ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ଜୁଲାଇରେ ୩୪୧.୨୬ ମିମି ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ (୩୫୦.୯ ମିମି) ବର୍ଷାଠାରୁ ପ୍ରାୟ ୯ ମିମି କମ୍। କିନ୍ତୁ ଜୁଲାଇ ଶେଷ ବେଳକୁ ଲଘୁଚାପ ଜନିତ ଲଗାଣ ବର୍ଷାରେ ସୁକିନ୍ଦା, ବଡ଼ଚଣା ଓ ବରୀ ବ୍ଲକରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଯୋଗୁ କେତେକ ଚାଷଜମି ଏବେ ବି ଜଳମଗ୍ନ ହୋଇ ରହିଛି। ଅନ୍ୟପକ୍ଷରେ ଦଶରଥପୁର, କୋରେଇ ଓ ରସୁଲପୁର ବ୍ଲକରେ ୩୦୦ ମିମି ବର୍ଷା ମଧ ହୋଇ ନ ଥିବା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବର୍ଷାର ଏଭଳି ଅନିୟମିତତା ଯୋଗୁ ଜିଲାର କୃଷି ଉତ୍ପାଦନକୁ ନେଇ ସନ୍ଦେହ ପ୍ରକାଶ ପାଇଛି ।

ନିର୍ଦ୍ଧାରିତ ସମୟରେ ମୌସୁମୀ ବାୟୁର ପ୍ରବେଶ ଘଟିଥିଲେ ହେଁ ଜିଲାରେ ବର୍ଷାର ଅନିୟମିତତା ଦେଖାଦେଇଛି। ଖଣି ଅଞ୍ଚଳ ସୁକିନ୍ଦାରେ ଏଥର ସ୍ୱାଭାବିକଠାରୁ ଆଶାନୁରୂପ ବର୍ଷା ହୋଇଛି। ଏଠାରେ ୪୩୯ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ରୁଆ, ବିହୁଡା କାମ ସ୍ୱାଭାବିକ ଚାଲିଥିବା ଜଣାପଡିଛି। ବଡ଼ଚଣା ବ୍ଲକରେ ମଧ ୪୫୯ ମିମି ବର୍ଷା ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି କାରଣରୁ ବଡଚଣା ବ୍ଲକର ଚାଷୀମାନେ ବିଳମ୍ବରେ ହେଲେ ବି ଏଥର ଚାଷକାର୍ଯ୍ୟ ଜୋରସୋରରେ ଚଳାଇଥିବା କୁହାଯାଉଛି। ଜିଲାର ସର୍ବାଧିକ ବନ୍ୟାପ୍ରବଣ ବରୀ ବ୍ଲକରେ ସ୍ୱାଭାବିକ ଠାରୁ ସାମାନ୍ୟ ଅଧିକ ୪୦୪.୬୦ ମିମି ବର୍ଷା ରେକର୍ଡ କରାଯାଇଛି। ହେଲେ ବ୍ରାହ୍ମଣୀର ଜଳସ୍ତର ସ୍ଥିର ରହିଥିବାରୁ ଚାଷ ପାଇଁ କୌଣସି ବିପଦ ହୋଇନାହିଁ। ଚାଷୀ ସ୍ୱାଭାବିକ ଚାଷ କାର୍ଯ୍ୟରେ ମାତିଛନ୍ତି। କେତେକ ସ୍ଥାନରେ ଜମି ପାଣିରେ ବୁଡି ରହିଥିବା ଦେଖିବାକୁ ମିଳିଛି। ଜଳନିଷ୍କାସନ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ । ଡ୍ରେନେଜ ବିଭାଗ ପକ୍ଷରୁ ବିଭିନ୍ନ ନଦୀନାଳର ପୁନରୁଦ୍ଧାର ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ତାହା ଚାଷୀଙ୍କ କୌଣସି କାମରେ ଲାଗିନାହିଁ। ଅନ୍ୟପକ୍ଷରେ ଦଶରଥପୁରରେ ୨୨୩ ମିମି, କୋରେଇରେ ୨୭୪.୮୦ ମିମି, ରସୁଲପୁରରେ ୨୭୭.୪୦ ମିମି, ଯାଜପୁରରେ ୩୧୦ ମିମି ଏବଂ ବିଞ୍ଝାରପୁରରେ ୩୦୯ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକଠାରୁ କମ୍। ଫଳରେ ଏଠାରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଭଲ ମୌସୁମୀ ହେଲେ କୃଷି ଉତ୍ପାଦନରେ ବୃଦ୍ଧି ଘଟିବ, ଗ୍ରାମୀଣ ଅର୍ଥନୀତି ପାଇଁ ଅନୁକୂଳ ବାଟ ଦେଖାଇବ ବୋଲି ଆଶା କରାଯାଏ। ମାତ୍ର ଏଥର ସେଭଳି ଆଶା ପୂରଣ ହେବା ନେଇ ସନ୍ଦେହ କରାଯାଉଛି।

# ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବାକୁ ଆହ୍ୱାନ



ଚାରାରୋପଣ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

**ଝୁମ୍ପୁରୀ,୩୧।୭(ଡି.ଏନ୍.ଏ.)**

**ଜୟନ୍ତରା ପଞ୍ଚାୟତରେ ଚାରାରୋପଣ**

ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ୍‌ର ଜୟନ୍ତରା ପଞ୍ଚାୟତରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଗୋଟିଏ ବୃକ୍ଷ ଗୋଟିଏ ଲକ୍ଷ୍ୟ' ଉଦ୍ଦେଶ୍ୟ ରଖି ଦଳର ଯୁବ ଓ ଛାତ୍ର ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ପଞ୍ଚାୟତର କାଳୀପଡ଼ିଆଠାରେ ଚାରାରୋପଣ କରିଥିଲେ।

ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବିଧାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିବେଶକୁ ସୁରକ୍ଷା ତଥା ସୁସ୍ଥ ରଖିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗଛ ଲଗାଇବା ପାଇଁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ। ଯାଜପୁରର ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଦଶରଥପୁର ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ପାର୍ଥସାରଥି ମହାପାତ୍ର, ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ଜୟନ୍ତରା ସରପଞ୍ଚ ସ୍ନିଗ୍ଧା ମଞ୍ଜରୀ ରାଉତ, ସମିତିସଭ୍ୟା ଜୟନ୍ତୀ ଜେନା, ଅଶୋକ ଦାସ ଫାଉଣ୍ଡେଶନ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଦେଓ, ଫାଉଣ୍ଡେଶନର ମହାସଚିବ ଭବ ପ୍ରାସଦ ଦାସ, ବିଜୁ ଜନତା ଦଳ ଜିଲା ଯୁବ ସଭାପତି ପ୍ରତାପ ମହାନ୍ତି, ଦଶରଥପୁର ବ୍ଲକ୍ ଯୁବ ସଭାପତି ମନୀଷ କୁମାର ସାହୁ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ସମିତିସଭ୍ୟ ବିଜୟ ନାୟକ, ଛଚିଣା ସରପଞ୍ଚ ହିମାଂଶୁ ମହାନ୍ତି, ଧର୍ମରାଜ ଧୀର, ଅଜିତ କୁମାର ସାମଲ, କନକପ୍ରଭା ଦାସ, ଜୟନ୍ତରା ପଞ୍ଚାୟତ ବିଜେଡି ସଭାପତି ଲମ୍ବୋଦର ବେହେରା, ଦଶରଥପୁର ପଞ୍ଚାୟତ ବିଜେଡି ଯୁବନେତା ଦିଲୀପ କୁମାର ସାହୁ, ବିଷ୍ଣୁଚରଣ ବେହେରା, ସୁଶାନ୍ତ ସାହୁ, ଅମିତ କୁମାର ଦାସ ପ୍ରମୁଖ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ।

# ରୋଟାରି, ଇନରହୁଇଲ କ୍ଲବର ଅଧିଷ୍ଠାନ ଉତ୍ସବ




ଅଧିଷ୍ଠାନ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ଧର୍ମଶାଳା,୩୧।୭(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଜାରକା ରୋଟାରି ଓ ଇନରହୁଇଲ କ୍ଲବର ମିଳିତ ଅଧିଷ୍ଠାନ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରୋଟାରି ଡିଜି ଜୟଶ୍ରୀ ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପିଡିସି ଇନା ପୁରୋହିତ, ଚେୟାରପର୍ସନ ଜୋନ-୨ ରୋଟାରିଆନ ଅତିସ କୁମାର ବେହେରା, ଆସିଷ୍ଟାଣ୍ଟ ଗଭର୍ନର ରଶ୍ମିରଞ୍ଜନ ମହାନ୍ତି ଯୋଗଦେଇ ରୋଟାରି ଓ ଇନରହୁଇଲ ସଦସ୍ୟମାନେ ନିଃସ୍ୱାର୍ଥପର ସେବା କରିବା ଲାଗି ଆଗଭର ହେବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ରୋଟାରିଆନ ନିରଞ୍ଜନ ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଜ୍ୟୋତି ଆଚାର୍ଯ୍ୟ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଇନରହୁଇଲ ସଭାନେତ୍ରୀ ରଶ୍ମିତା ନାୟକ ଇନରହୁଇଲର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ ସଭାନେତ୍ରୀ ମିନତି ସାହୁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଅର୍ଚ୍ଚନା ନାୟକ ସ୍ୱାଗତ ଜଣାଇଥିଲେ। ରୋଟାରିଆନ ବିନୋଦ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରୋଟାରି କ୍ଲବର ପୂର୍ବତନ ସଭାପତି ନିରଞ୍ଜନ ପାଣିଗ୍ରାହୀ ନୂତନ ସଭାପତି ପ୍ରମୋଦ ସାମଲଙ୍କୁ ଓ ପୂର୍ବତନ ସମ୍ପାଦକ ଜ୍ୟୋତି ଆଚାର୍ଯ୍ୟ ନୂତନ ସମ୍ପାଦକ ସୁକାନ୍ତ ସ୍ୱାଇଁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

ସେହିପରି ଇନରହୁଇଲ ପୂର୍ବତନ ସଭାପତି ରଶ୍ମିତା ନାୟକ ନୂତନ ସଭାପତି ଶୁଭଲକ୍ଷ୍ମୀ କରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ନୂତନ ସମ୍ପାଦିକା ଭାବେ ବିଶ୍ୱମିତ୍ରା ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡିଏସ୍‌ପି ରତ୍ନପର୍ଣ୍ଣା ଶତପଥୀ ଅତିଥି ଭାବେ ଯୋଗଦେଇ ଧର୍ମଶାଳା ଥାନା ପୂର୍ବତନ ଆଇଆଇସି ଅମିତାଭ ମହାପାତ୍ର ଓ ବର୍ତ୍ତମାନର ଆଇଆଇସି ରାକେଶ ତ୍ରିପାଠୀଙ୍କ ସମେତ ସମସ୍ତ ଅତିଥି ଓ ପୂର୍ବତନ କର୍ମକର୍ତ୍ତାଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଗୀତାଞ୍ଜଳି ସାହୁଙ୍କୁ ଇନରହୁଇଲର ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ତଥା ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ନିଜୟ କୁମାର ଶତପଥୀ, ଉପସଭାପତି ହରିହର ପଣ୍ଡା, ଅଜାମ୍ବର ସାହୁ, ପ୍ରଶାନ୍ତ ପୃଷ୍ଟି, ପ୍ରଦୀପ ବରାଳ, ଜୟପ୍ରକାଶ ତ୍ରିପାଠୀ, କଳାକର ମହାନ୍ତି, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ଓ ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ଲୋପାମୁଦ୍ରା ଷଣ୍ଢ ଓ ଇନ୍ଦୁପ୍ରଭା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଟ୍ୟାଉପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମିଶ୍ରିଲାଲ କାରଖାନା କର୍ମଚାରୀଙ୍କ ମୃତ୍ୟୁ

**କଳିଙ୍ଗନଗର,୩୧।୭(ଡି.ଏନ.ଏ.)**

**କ୍ଷତିପୂରଣ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ**

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ମିଶ୍ରିଲାଲ ଫେରୋ ଆଲଏଜ କାରଖାନାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ପଙ୍କପାଳ ଗ୍ରାମର ସନ୍ତୋଷ ରାୟ(୪୫)। ଏହାପରେ ତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ଓ ଶ୍ରମିକ କାରଖାନାରେ କାର୍ଯ୍ୟବନ୍ଦ କରିଥିଲେ। କ୍ଷତିପୂରଣ ସମ୍ପର୍କରେ ଆଶ୍ୱସନା ମିଳିବା ପରେ ଆନ୍ଦୋଳନ ଥମିଥିଲା। ସନ୍ତୋଷ କାରଖାନାରେ ଅଖିଳ ଇଞ୍ଜିନିୟରିଂ ଠିକା ସଂସ୍ଥା ଅଧୀନରେ ସୁପରଭାଇଜର ଭାବେ କାମ କରୁଥିଲେ। ରବିବାର ପୂର୍ବାହ୍ନ ୯ଟାରେ ସେ ଘରକୁ ଜଳଖିଆ ଖାଇବାକୁ ଆସିଥିବା ବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତୁରନ୍ତ ତାଙ୍କୁ ଟାଟା ମେଡିକାଲ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମବାସୀ ଓ କର୍ମଚାରୀମାନେ ଅପରାହ୍ନ ପ୍ରାୟ ୧୨ଟା୩୦ରେ ମୃତଦେହ ରଖି କ୍ଷତିପୂରଣ ଦାବିରେ କାରଖାନା ପରିସରରେ କାର୍ଯ୍ୟବନ୍ଦ କରିଥିଲେ। କାରଖାନାର କେହି ଅଧିକାରୀ ନ ଥିବାରୁ ଆଲୋଚନା ହୋଇ ପାରି ନ ଥିଲା। ସୋମବାର କ୍ଷତିପୂରଣ ସମ୍ପର୍କରେ ଆଲୋଚନା ହେବ ବୋଲି ଆଶ୍ୱସନା ପାଇବା ପରେ ଆନ୍ଦୋଳନକାରୀ ମୃତଦେହ ସତ୍କାର କରିବାକୁ ନେଇଥିଲେ।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବାରଙ୍ଗ,୩୧।୭(ଡି.ଏନ୍.ଏ.)**

ବାରଙ୍ଗ ଜିଆର୍‌ପି ଫାଣ୍ଡି ଅଧୀନ ନେତଳ ଗ୍ରାମ ନିକଟ ରେଳଧାରଣାରୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଜିଲା ବିଡ଼ାନାସୀ ଥାନା ଅନ୍ତର୍ଗତ ଶତାବ୍ଦୀ ବିହାର ଅଞ୍ଚଳର ଚନ୍ଦ୍ରପ୍ରକାଶ ସାହୁ(୨୯)। ଏଥିସହ ରେଳଧାରଣା ନିକଟରୁ ତାଙ୍କ ବାଇକ୍(ଓଡି ୦୫ଏସ୍-୦୩୬୫) ଜବତ ହୋଇଛି। ସୂଚନା ମୁତାବକ, ଏକ କମ୍ପାନୀର କେତେଜଣ କର୍ମଚାରୀ ସକାଳେ ଶୌଚ ପାଇଁ ଯାଇଥିବା ବେଳେ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ସହ ବାଇକ୍ ଜବତ କରିଥିଲା। ବାଇକ୍ ନମ୍ବର ଆଧାରରେ ପୋଲିସ ମୃତକଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୧/୨୨) ରୁଜୁକରି ତଦନ୍ତ ଚଳାଇଛି।

# ଚେତାବନୀ ପରେ ମିଳିଲା ଫସଲ ବୀମା ରାଶି



ବୈଠକରେ ଉପସ୍ଥିତ କୋରେଇ ସଂଗ୍ରାମ ସମିତିର କର୍ମକର୍ତ୍ତା।

**ଯାଜପୁର ରୋଡ୍,୩୧।୭(ଡି.ଏନ.ଏ.)**

କୋରାଇ ବ୍ଲକର ବିଭିନ୍ନ ସମବାୟ ସମିତି ଅଧୀନରେ କୃଷକମାନେ ଫସଲ ବୀମା ପାଇ ନ ଥିବାରୁ ଦୀର୍ଘଦିନ ହେଲା ସେମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ନେଇ କୋରେଇ ସଂଗ୍ରାମ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମ୍ପୃକ୍ତ ବୀମା କମ୍ପାନୀ ଯଦି ୭ ଦିନ ମଧ୍ୟରେ ଚାଷୀମାନଙ୍କୁ ବୀମା ଅର୍ଥ ରାଶି ପ୍ରଦାନ ନ କରେ, ତେବେ ସଂଗ୍ରାମ ସମିତି ପକ୍ଷରୁ ଯାଜପୁର ରୋଡ୍‌ସ୍ଥିତ କଟକ ସମବାୟ ବ୍ୟାଙ୍କ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାପରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିର୍ଦ୍ଦେଶକ୍ରମେ ଶନିବାରଠାରୁ ଚାଷୀମାନଙ୍କ ଋଣ ଜମାଖାତାକୁ ଅର୍ଥ ପ୍ରଦାନ କରାଯାଇଛି। ଏନେଇ ସଂଗ୍ରାମ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଅଭିନନ୍ଦନ ବାର୍ତ୍ତା ଦେଇଛନ୍ତି । ଏହାସହ ଖରିଫ ଫସଲ ନିମନ୍ତେ ଆବଶ୍ୟକ ଥିବା ସାର, କୀଟନାଶକ ତୁରନ୍ତ ଯୋଗାଇ ନ ଦେଲେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ସହ ସାକ୍ଷାତ କରି ଆଲୋଚନା କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସଂଘର ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଆଲୋକ ମହାନ୍ତି, ପଦ୍ମନାଭ ନାୟକ, ପ୍ରଦ୍ୟୁମ୍ନ ବୋଇତାଇ, ମନୋରଞ୍ଜନ ନାୟକ, ପ୍ରହଲ୍ଲାଦ ଦେଓ, ପ୍ରମୋଦ କୁମାର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ହେବ ଡ୍ରେନେଜ

**ସିଂହପୁର,୩୧।୭(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ୍‌ର ଖାଲୁଆ ଅଞ୍ଚଳ ଚାଷ ଜମିରେ ବର୍ଷା ଓ ବନ୍ୟା ସମୟରେ ଜଳାର୍ଣ୍ଣବ ଯୋଗୁ ଫସଲ ନଷ୍ଟ ହେଉଛି। ଗତ କିଛିବର୍ଷ ହେଲା ଏପରି ଅବସ୍ଥା ସୃଷ୍ଟି ହୋଇଛି, ଯଦ୍ୱାରା ଚାଷୀ ବହୁ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଜରି ପଞ୍ଚାୟତ ନାଉବାଙ୍କ ହରଚଣ୍ଡୀପୀଠରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରେନେଜ ବିଭାଗ ଓ ପ୍ରଶାସନିକ ଅଧିକାରୀ ଯୋଗଦେଇ ଡ୍ରେନେଜ ନିର୍ମାଣ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଡ୍ରେନେଜ୍ ଦ୍ୱାରା ଜଳ ନିଷ୍କାସନ ବ୍ୟବସ୍ଥା ହେଲେ ସିଂହପୁର, ହଳଦୀଡ଼ିହ, ନାଉବାଙ୍କ, ଟିଣା, କପିଳା ଓ ଆଉଁରୀ ସମେତ ଦଶଟି ପଞ୍ଚାୟତର ଉର୍ଦ୍ଧ୍ୱ ଚାଷୀ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ଜରି ସରପଞ୍ଚ ନନ୍ଦକିଶୋର ସାମଲ, ପ୍ରଦ୍ୟୁମ୍ନ ପାତ୍ର, ଉମେଶ ଦାସ, ସମିତିସଭ୍ୟା ଅନସୂୟା ମଲିକ, ପ୍ରମୋଦ ସାମଲ, ପ୍ରସନ୍ନ ନାୟକ, ଧୀରେନ୍ଦ୍ର ସାମଲ, ନିରଞ୍ଜନ ଜେନା, ସୁଶାନ୍ତ ଧଳ, ପ୍ରମୋଦ ଧଳ ଓ ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ସାମଲଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



ଗ୍ରାମସଭାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ

# ପଞ୍ଚାୟତ ଜନପ୍ରତିନିଧିଙ୍କୁ ସହଯୋଗ କରୁନି ବ୍ଲକ ପ୍ରଶାସନ

**ଚଣ୍ଡିଖୋଲ,୩୧।୭(ଡି.ଏନ.ଏ.)**

- ଖବରଦାତା ସମ୍ମିଳନୀରେ ଅସନ୍ତୋଷ ଝାଡ଼ିଲେ ସରପଞ୍ଚ, ବୁଦ୍ଧିଜୀବୀ
- ଅଭିଯୋଗକୁ ଖଣ୍ଡନ କଲେ ବିଡିଓ, ଆଲୋଚନା କରିବାକୁ କହିଲେ




ଖବରଦାତା ସମ୍ମିଳନୀରେ ସରପଞ୍ଚ ଓ ଅନ୍ୟମାନେ ଅଭିଯୋଗ କରୁଛନ୍ତି।

ବଡ଼ଚଣା ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ପ୍ରତିନିଧିଙ୍କୁ ସହଯୋଗ କରାଯାଉନାହିଁ। ରବିବାର ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ଓ ସମିତିସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ ଏହି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ପୂର୍ବରୁ ପଞ୍ଚାୟତରେ ଉଜ୍ଜ୍ୱଳ ଆଲୋକ ଲଗାଯାଇଥିବା ବେଳେ ତାହା ଏବେ ଅଚଳ ହୋଇପଡ଼ିଛି। ଏ ସମ୍ପର୍କରେ ବାରମ୍ବାର ବ୍ଲକ ପ୍ରଶାସକୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗ୍ରାମପଞ୍ଚାୟତ ଅଧୀନରେ ଥିବା ହାଟ, ମାଛମାଂସ ବ୍ୟବସାୟର ନିଲାମ ପ୍ରକ୍ରିୟା ବିଡିଓ ବନ୍ଦ କରିଥିବାରୁ ପଞ୍ଚାୟତର ରାଜସ୍ୱ ହାନି ଘଟୁଛି। ପଞ୍ଚାୟତର ବିଜୁ କଲ୍ୟାଣ ମଣ୍ଡପକୁ ଉଦ୍ଦେଶ୍ୟମୂଳକ ଭାବେ ବ୍ଲକ ପ୍ରଶାସନ ନିଜ ଅଧୀନରେ ରଖିଛି। କେତେକ ପାନୀୟଜଳ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବାରୁ ସାଧାରଣଲୋକେ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିଦ୍ୟୁତ୍ ବିଲ୍ ବାବଦରେ ପୂର୍ବରୁ ୮ ଲକ୍ଷ ୬୯ ହଜାର ଟଙ୍କା ବାକି ରହିଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସରପଞ୍ଚଙ୍କୁ ଅବଗତ କରାଇନାହାନ୍ତି। ନୂଆସୁଙ୍ଗୁଡ଼ା ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପର ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଏଠାରେ ନୂତନ ଟ୍ରାନ୍ସଫର୍ମର ଲଗାଯିବା ପାଇଁ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଥିଲା। ବିଦ୍ୟୁତ୍ ବିଲ ପୈଠ ବାବଦରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆ ନ ଯାଇ ଗତ ୨୨ ତାରିଖରେ ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହିଭଳି ଭାବେ ପଞ୍ଚାୟତକୁ ଆସୁଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରକଳ୍ପ ସମ୍ବନ୍ଧରେ କୌଣସି ସୂଚନା ଦିଆଯାଉନାହିଁ। ଏପରିକି ପୂର୍ବରୁ ଅର୍ଦ୍ଧନିର୍ମିତ କେତେକ ପ୍ରକଳ୍ପ କାର୍ଯ୍ୟ କରାଯାଉନାହିଁ। ବ୍ଲକର କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅସହଯୋଗ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପଞ୍ଚାୟତର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମଧ ଏଭଳି ଅଭିଯୋଗ କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯତୀନ୍ଦ୍ର ଜେନା, ଅଜୟ ଜେନା, କୁଳମଣି ନାୟକ, ଲୋକନାଥ ସେନାପତି, ଉମେଶ ଜେନା, ପ୍ରସନ୍ନ ମାହାଲା, ପ୍ରଦୀପ ଜେନା, ମାନଗୋବିନ୍ଦ ଦାସ, ଯୋଗେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ବ୍ଲକ ପ୍ରଶାସନର ଅସହଯୋଗକୁ ନିନ୍ଦା କରିଥିଲେ। ନାଏବ ସରପଞ୍ଚ ଧନ୍ୟବାଦ ଦେଇଥିଲେ। ଏସମ୍ପର୍କରେ ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ବ୍ଲକ ପ୍ରଶାସନ ପକ୍ଷରୁ କାହାରିକୁ ଅସହଯୋଗ କରାଯାଉ ନାହିଁ। ସୁଙ୍ଗୁଡ଼ା ସରପଞ୍ଚ ମୋ ନିକଟକୁ ଏକ ଚିଠି ପଠାଇଛନ୍ତି। ସେ ସମ୍ପର୍କରେ ମୁଁ ସମ୍ପୃକ୍ତ ନିର୍ବାହୀ ଅଧିକାରୀ, କନିଷ୍ଠଯନ୍ତ୍ରୀ ଓ ସରପଞ୍ଚଙ୍କୁ ଡାକି ଆଲୋଚନା କରିବି। ଏବେ ଦେଖିବାକୁ ଅପେକ୍ଷା ବ୍ଲକ ପ୍ରଶାସନ ପଞ୍ଚାୟତର ସମସ୍ୟା କିପରି ସମାଧାନ କରୁଛି।

## ସଂକ୍ଷେପରେ

### ସଂଯୁକ୍ତ କିଷାନ ମୋର୍ଚ୍ଚାର ଆନ୍ଦୋଳନ

**ନୟାଗଡ଼ ଅଫିସ,୩୧।୭:** ସର୍ବଭାରତୀୟ କିଷାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ନୟାଗଡ଼ ମୁଖ୍ୟଛକଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ନୟାଗଡ଼ ଜିଲା ପକ୍ଷରୁ ରବିବାର ରାସ୍ତା ଅବରୋଧ କରାଯାଇଥିଲା । କେନ୍ଦ୍ର ସରକାର ଦିଲ୍ଲୀ କୃଷକ ଆନ୍ଦୋଳନ କ୍ଷେତ୍ରରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ଫସଲର ସହାୟକ ମୂଲ୍ୟ ପାଇଁ ଆଇନଗତ ବ୍ୟବସ୍ଥା ଗ୍ରହଣ ନ କରିବା, ଲକ୍ଷ୍ମୀପୁର ଖେରୀ କୃଷକ ହତ୍ୟାକାରୀଙ୍କୁ ଦଣ୍ଡ ବିଧାନ କରିବା ପରିବର୍ତ୍ତେ କୃଷକମାନଙ୍କ ବିରୋଧରେ ମାମଲା ରୁଜୁ କରିବା, କର୍ପୋରେଟ ସପକ୍ଷବାଦୀ ବିଦ୍ୟୁତ୍ ବିଲ-୨୦୨୦କୁ ପ୍ରତ୍ୟାହାର ନ କରିବା ବିରୋଧରେ ଏହି ଆନ୍ଦୋଳନ କରାଯାଇଥିଲା । ୧୦ଜଣ ସତ୍ୟାଗ୍ରହୀଙ୍କୁ ପୋଲିସ ଗିରଫ କରି ପରେ ଛାଡି ଦେଇଛି । ସଙ୍ଗଠନର ନେତା ବିଶ୍ୱନାଥ ମହାପାତ୍ର, ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍, ଭୋଗେଇ ଦାଶ, ସହଦେବ ଡାକୁଆ,କୁଳମଣି ପୃଷ୍ଟି, ଜ୍ୟୋତିପ୍ରଭା ଜେନା ପ୍ରମୁଖ ଏହି ଆନ୍ଦୋଳନ ନେତୃତ୍ୱ ନେଇଥିଲେ ।

### ଗୋରୁ ହଷ୍ଟେଲ ପରିଦର୍ଶନ କଲେ ବିଏମ୍‌ସି କମିଶନର

**ବ୍ରହ୍ମପୁର ଅଫିସ,୩୧।୭:** ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ସହର ଉପକଣ୍ଠସ୍ଥ ହୁଗୁଲାପଟ୍ଟାଠାରେ ନିର୍ମାଣାଧୀନ ଗୋରୁ ହଷ୍ଟେଲକୁ ଶନିବାର ବିଏମ୍‌ସି କମିଶନର ଜେ.ସୋନାଲ ପରିଦର୍ଶନ କରିଛନ୍ତି । ଅଗଷ୍ଟ ୩୧ ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରିବାକୁ କମିଶନର ଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧି ଓ ରଞ୍ଜନ କୁମାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୮୦ଲକ୍ଷ ଟଙ୍କା ବ୍ୟୟରେ ପ୍ରାୟ ୨ ଏକର ପରିମିତ ଜାଗାରେ ଏହି ହଷ୍ଟେଲ ନିର୍ମାଣ ହେଉଛି । ହଷ୍ଟେଲରେ ୧୦୦ ଗୋରୁ ରହିବା ଭଳି ବ୍ୟବସ୍ଥା ରହିଛି । ଏଠାରେ ଖାଦ୍ୟ ଦେବା ସହ ଚିକିତ୍ସା ସୁବିଧା ମଧ ରହିବ । ସହରରେ ଗୋରୁଙ୍କ ଅବାଧ ବିଚରଣକୁ ଦୃଷ୍ଟିରେ ରଖି ଏହି ହଷ୍ଟେଲ ନିର୍ମାଣ କରାଯାଇଛି । ସହରରେ ବୁଲୁଥିବା ଗୋରୁଙ୍କୁ ଉଠାଯାଇ ଉକ୍ତ ହଷ୍ଟେଲରେ ରଖାଯିବ । ଏଥିସହ ପ୍ରଥମ ଥର ପାଇଁ ମାଲିକଙ୍କଠାରୁ କମ୍ ପରିମାଣର ଜରିମାନା ଆଦାୟ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ଜରିମାନା ଆଦାୟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

### ଆଶାଟିଏକୁ ଗଛଟିଏ କାର୍ଯ୍ୟକ୍ରମ

**ପୁରୁଷୋତ୍ତମପୁର,୩୧।୭(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରିବେଶ ସୁରକ୍ଷା ଲାଗି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଡାକ୍ତର ରବୀନ୍ଦ୍ର ନାଥ ଗନ୍ତାୟତଙ୍କ ସଂଯୋଜନାରେ ଆଶାଟିଏକୁ ଗଛଟିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଆଶାକର୍ମୀମାନଙ୍କ ମାଧମରେ ଚାରା ରୋପଣ ଲାଗି ଜନସଚେତନତା ଅଭିଯାନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଭଜମନ ବେହେରା ଓ ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ବନ ବିଭାଗୀୟ କର୍ମଚାରୀ ଲିଜା ନାୟକ ଯୋଗଦେଇ ପ୍ରତ୍ୟେକ ଆଶାକର୍ମୀଙ୍କୁ ଗୋଟିଏ ଚାରାପ୍ରଦାନ କରି ଶିଶୁଙ୍କ ଭଳି ଯତ୍ନ ନେଇ ବଢାଇବା ଲାଗି ପରାମର୍ଶ ଦେଇଥିଲେ । ଏହାସହ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଯାଇ ଜନସଚେତନତା କରିଥିଲେ । ଏହାକୁ ସ୍ୱାସ୍ଥ୍ୟ ସୁପରଭାଇଜର ଅର୍ଜୁନ ନାୟକ, ସ୍ୱାସ୍ଥ୍ୟକର୍ମୀ ବିଜୟଲକ୍ଷ୍ମୀ ସାହୁ, ମନ୍ଦାକିନୀ ଦେବତା, ବନିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ୨ମାସ ହେଲା ଜଳ ଯୋଗାଣ ବନ୍ଦ

- ଦୂଷିତ ପାଣିରେ ଲୋକଙ୍କ ଶୋଷ ମେଣ୍ଟୁଛି
- ବକେୟା ବିଦ୍ୟୁତ୍ ବିଲ୍ ୭ ଲକ୍ଷ
- ଟ୍ରାନ୍ସଫର୍ମର ପୋଡ଼ିଯାଇଛି

**ଖଣ୍ଡପଡ଼ା, ୩୧।୭ (ସ୍ୱ.ପ୍ର.)**

ବକେୟା ବିଦ୍ୟୁତ୍ ବିଲ ୭ ଲକ୍ଷ ଟଙ୍କା ପଇଠ କରାଯାଉନି । ତା ସହ ଟ୍ରାନ୍ସଫର୍ମରଟି ପୋଡ଼ି ଯିବାର ୨ମାସରୁ ଅଧିକ ଦିନ ହେଲାଣି ମରାମତି କରାଯାଉନି । ସେଥିପାଇଁ ଜଳ ଯୋଗାଣ ବନ୍ଦ ରହିଛି । ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତବାସୀ ଏହି କାରଣରୁ ପାନୀୟ ଜଳ ମୁନ୍ଦେ ପାଇଁ ତହଲ ବିକଳ ହେଉଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧିମାନେ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

ସମ୍ପ୍ରତି ବର୍ଷା ଋତୁ ଥିବାରୁ ବିଭିନ୍ନ ଜଳଉତ୍ସରେ ପାଣି ଭରି ରହିଛି । ହେଲେ ସେ ପାଣି ବ୍ୟବହାର ଉପଯୋଗୀ ନୁହେଁ । ସରକାର ପାନୀୟ ଜଳର ସୁବଣ୍ଟନ ପାଇଁ ଜଳ ପରିମଳ ମିଶନ ଭଳି ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ବାର୍ଷିକ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି । ଗାଁରେ ସ୍ୱଜଳଧାରା ଯୋଜନା ମାଧ୍ୟମରେ ପ୍ରତି ପରିବାରକୁ ପାନୀୟ ଜଳ ଯୋଗାଣର ସୁବିଧା କରାଯାଇଛି । ହେଲେ ବିଭାଗୀୟ ଅଧିକାରୀମାନେ ଏ ସଂକ୍ରାନ୍ତରେ ଖାମଖିଆଲ ପଦକ୍ଷେପ ଗ୍ରହଣ କରୁଥିବାରୁ ସରକାରଙ୍କ ସବୁ ବ୍ୟବସ୍ଥା ଫେଲ ମାରିଛି ବୋଲି ଅଭିଯୋଗ ହୋଇଛି । ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଧୀନ ବେଣାଗାଡିଆ ପଞ୍ଚାୟତ ବେଣାଗାଡିଆ ଗ୍ରାମର ୪ ୱାର୍ଡରେ ଏହି ସମସ୍ୟା ଲାଗି ରହିଛି । ଲୋକେ ନିକଟସ୍ଥ ନଦୀ ଓ ପୋଖରୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି । ଗ୍ରାମରେ ଥିବା ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିବାରୁ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି ।


ପାଣି ନାହିଁ, ନଳକୂପ ପାଖରେ ଗରା,ବାଲ୍‌ଟି ରଖାଯାଇଛି ।

ଅପରପକ୍ଷେ ବେଣାଗାଡିଆ ପଞ୍ଚାୟତ ଅଧୀନରେ ଥିବା ମାଧବେରେଣି, କାଦୁଆ, ତେନ୍ତୁଳିଆପଲ୍ଲୀ, ପଥରଦ୍ୱାର ଓ ବେଣାଗାଡିଆରେ ଥିବା ୫ ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ ବକେୟା ବିଲ ୭ ଲକ୍ଷରୁ ଊର୍ଦ୍ଧ୍ୱ ରହିଛି । ବିଦ୍ୟୁତ୍ ବିଲ ପୈଠ କରା ନ ଗଲେ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ବଦଳାଯାଇ ପାରିବନି ବୋଲି ବିଦ୍ୟୁତ୍ ବିଭାଗ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଛନ୍ତି । ଏ ସମ୍ପର୍କରେ ବେଣାଗାଡିଆ ସରପଞ୍ଚ ବଳରାମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ବିଦ୍ୟୁତ ବିଲ ପୈଠ କରାଯିବ । ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଲ ପୈଠ ହେବା ସହ ନୂତନ ଟ୍ରାନ୍ସଫର୍ମର ବସାଯାଇ ପ୍ରକଳ୍ପକୁ ସ୍ୱାଭାବିକ କରାଯିବ ବୋଲି କଣ୍ଟିଲେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ କୁମାର ସାହୁ ପ୍ରକାଶ କରିଛନ୍ତି । ୨ ବୋରୱେଲ ମାଧ୍ୟମରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି ।



ଦଶପଲ୍ଲା ବ୍ଲକ୍ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି ।

## ସଂଯୁକ୍ତ କିଷାନ ମୋର୍ଚ୍ଚାର ଗଣ ଧାରଣା

**ଦଶପଲ୍ଲା,୩୧।୭ (ଡି.ଏନ.ଏ.)**

ସର୍ଦ୍ଦାର ଉଦ୍ଧାମ ସିଂହଙ୍କ ଶହୀଦ ଦିବସରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ଚାଲିଛି । ଏହି ପରିପ୍ରେକ୍ଷୀରେ ରବିବାର ଶତାଧିକ ଚାଷୀ ଦଶପଲ୍ଲା ବ୍ଲକ ସମ୍ମୁଖରେ ଧାରଣା ଦେବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ଚାଷୀମାନେ ମୋଦୀ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ବିଶେଷ କରି ସମସ୍ତ କୃଷିଜାତ ଦ୍ରବ୍ୟର ଏମ୍ଏସ୍‌ପି ନିର୍ଦ୍ଧାରଣ ନିମନ୍ତେ ଆଇନ ପ୍ରଣୟନ କରିବା, ଆନ୍ଦୋଳନ ବେଳେ ଚାଷୀମାନଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର,ଲକ୍ଷ୍ମୀପୁର ଖେରି ଘଟଣାର ଦୋଷୀଙ୍କୁ କଠୋର ଦଣ୍ଡ ବିଧାନ ଓ ବିଦ୍ୟୁତ୍ ସଂଶୋଧନ ବିଲ-୨୦୨୦କୁ ପ୍ରତ୍ୟାହାର ଉପରେ ଚାଷୀମାନେ ଗୁରୁତ୍ୱାରୋପ କରିଥିଲେ । ଏହି ଆନ୍ଦୋଳନ ଦିନ ୧୧ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ଯାଏ ଚାଲିଥିଲା । କୃଷକ ନେତା ଶରତ ଚନ୍ଦ୍ର ବେହେରା,ଗଣେଶ୍ୱର ନାୟକ,ବ୍ରଜବନ୍ଧୁ ପ୍ରଧାନ ଓ ମହିଳା ନେତ୍ରୀ ଜୟନ୍ତୀ ଦାଶ ପ୍ରମୁଖ ଉକ୍ତ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ଖଣ୍ଡପଡ଼ାରେ ଝାଡ଼ାବାନ୍ତି, ଜ୍ୱର ବ୍ୟାପୁଛି

**ଖଣ୍ଡପଡ଼ା,୩୧।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଶତାଧିକ ବ୍ୟକ୍ତି ଝାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ଦୈନିକ ଖଣ୍ଡପଡ଼ା ଓ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପରୋକ୍ତ ରୋଗୀମାନେ ଚିକିତ୍ସା ପାଇଁ ଆସୁଛନ୍ତି । ଗାଁଗଣ୍ଡାରେ ଦୂଷିତ ପାଣି ସେବନ ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । କରୋନା ମହାମାରୀର ଭୟ ଅପେକ୍ଷା ଏବେ ଝାଡ଼ାବାନ୍ତି ଓ ଜ୍ୱର ରୋଗର ଭୟ ଜନସାଧାରଣଙ୍କୁ ଘାରିଛି । ଘରେ ଘରେ ଏବେ ଜ୍ୱରରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ନକଲି ସାମଗ୍ରୀର ବେପାର ବଢୁଛି

- ଭାପୁରରେ ନକଲି ଗୁଆଘିଅ ବେପାରୀ
- ଠକାମିର ଶିକାର ହେଲେ ବହୁ ଗ୍ରାହକ

**ଭାପୁର,୩୧।୭ (ଡି.ଏନ.ଏ.)**

କଟକ ସମେତ ବଡ଼ ବଡ଼ ସହରରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ଅପମିଶ୍ରଣ ଚାଲିଛି । ବିଭାଗୀୟ ଅଧିକାରୀମାନେ ଚଢ଼ାଉ କରି ଏପରି ସାମଗ୍ରୀକୁ ଜବତ କରୁଛନ୍ତି । ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ତଥାପି ସେହି ଅପମିଶ୍ରଣ ସମ୍ପୂର୍ଣ୍ଣ ବନ୍ଦ ହୋଇପାରିନାହିଁ । ଗୋଟିଏ ସ୍ଥାନରେ ଚଢ଼ାଉ ହେଲେ ଅନ୍ୟ ସ୍ଥାନରେ ସେହି କାରବାର ଚାଲିଛି । ଏବେ ନୟାଗଡ଼ ଜିଲା ଭାପୁର ବ୍ଲକରେ ସେମିତି କେତେଜଣ ଅସାଧୁ ବ୍ୟବସାୟୀ ଅପମିଶ୍ରିତ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ବିଶେଷ କରି ନକଲି ଗୁଆ ଘିଅ ବ୍ୟବସାୟ ବହୁ ମାତ୍ରାରେ ବଢ଼ିଛି ।

ଅଭିଯୋଗ ଅନୁଯାୟୀ, କେତେଜଣ ବ୍ୟକ୍ତି ବାଇକ୍ ଓ ସାଇକେଲରେ ଆସି ବିଭିନ୍ନ ଗାଁ ବୁଲୁଛନ୍ତି । ସେମାନେ ଗ୍ରାହକମାନଙ୍କ ମନରେ ବିଶ୍ୱାସ ଜମାଇ ନକଲି ଗୁଆଘିଅ ବିକ୍ରି କରୁଛନ୍ତି । ପ୍ରକୃତରେ ସେହି ବ୍ୟକ୍ତିମାନେ ଯେଉଁ ଗୁଆଘିଅ ବିକ୍ରି କରୁଛନ୍ତି ତାହା ରିଫାଇନ ତେଲରେ ତିଆରି । ସେଥିରେ କିଛି କେମିକାଲ, ରଙ୍ଗ ସହିତ ଗୁଆଘିଅ ବାସ୍ନା ପରି ଅତର ମିଶ୍ରଣ କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ୪ ଦିନ ତଳେ ୨ବେପାରୀ ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗ୍ରାମକୁ ଗୁଆଘିଅ ବେପାର ପାଇଁ ଆସିଥିଲେ । ବଜାରରେ ଗୁଆଘିଅ ଦର କେଜି ପ୍ରତି ୧ ହଜାର ଟଙ୍କାରେ ବିକ୍ରି ହେଉଥିବା ବେଳେ ସେମାନେ ୮ଶହ ଟଙ୍କାରେ ଦେଇଥିଲେ । ଫତେଗଡ଼ ଗଡଡସାହିରେ ଆମ ଘର କହି ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇଥିଲେ । ପାଖରେ ରଖିଥିବା ଏକ ଡବାରୁ ଦେଖିବା ପାଇଁ କିଛି ଘିଅ ଗ୍ରାହକମାନଙ୍କୁ ଦେଇଥିଲେ । ତାହା ଭଲ ଗୁଆଘିଅ ବୋଲି ବିଶ୍ୱାସ ଆସିବା ପରେ ସୁନାଖଳା ଗ୍ରାମର ପ୍ରମୋଦ କୁମାର ବରାଡ,ଅର୍ଜୁନ ବରାଡ ଆଦି କେତେଜଣ ବ୍ୟକ୍ତି ଦେଢ କେଜି ଲେଖାଏ ଗୁଆଘିଅ ରଖିଥିଲେ । ୨ ବେପାରୀ ଟଙ୍କା ନେଇ ଯିବା ପରେ ସେମାନେ ଠକାମୀର ଶିକାର ହୋଇଥିବା ଜଣାପଡିଥିଲା । ପରେ ସମ୍ପୃକ୍ତ ବେପାରୀମାନଙ୍କୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ସେମାନଙ୍କ କୌଣସି ସନ୍ଧାନ ମିଳି ନ ଥିଲା ।

## ଗୋଶାଳା ପାଲଟିଛି ସରୀସୃପଙ୍କ ଆଶ୍ରୟସ୍ଥଳ


ଅବହେଳିତ ଅବସ୍ଥାରେ ଥିବା ଗୋଶାଳା ।

**ଖଣ୍ଡପଡା,୩୧।୭(ସ୍ୱ.ପ୍ର.)**

ରାଜ୍ୟ ସରକାର ଖଣ୍ଡପଡା ବ୍ଲକ ଅଧିନ ଶାଳଝରିଆ ଗ୍ରାମ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଗୋଶାଳା ନିର୍ମାଣ କରିଥିଲେ । କିଛି ବର୍ଷ ବ୍ୟବହୃତ ହେବା ପରେ ଗୋଶାଳାଟି ଏବେ ଅଲୋଡା ହୋଇ ପଡିଛି । ରକ୍ଷଣାବେକ୍ଷଣ ଅଭାବ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଗୋଶାଳା ଚତୁଃପାର୍ଶ୍ୱରେ ଅନାବନା ଗଛଲତା ଭରି ରହିଛି । ସେଠାରେ ବିଷଧର ସରୀସୃପମାନେ ଆଶ୍ରୟ ନେଇଛନ୍ତି । ଭୟରେ ସେଠାକୁ କେହି ଯାଉ ନ ଥିବା ଗ୍ରାମବାସୀ କହିଛନ୍ତି । ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବା ସାର ହୋଇଛି । ବନ୍ୟା ପ୍ରବଣ ଶାଳଝରିଆ ଗ୍ରାମରେ ଅବସ୍ଥିତ ଏହି ଗୋଶାଳାର ପୁନରୁଦ୍ଧାର ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଖଣ୍ଡପଡ଼ା-ନୟାଗଡ଼ ରାସ୍ତା ବିପଦସଙ୍କୁଳ

**ଖଣ୍ଡପଡ଼ା,୩୧।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଦୁରାବସ୍ଥାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଉକ୍ତ ରାସ୍ତାରେ ୭୦ରୁ ଊର୍ଦ୍ଧ୍ୱ ହମ୍ପସ ଥିବା ବେଳେ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇରହିଛି । ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ବିପଦ ସୃଷ୍ଟି ହେଉଛି । ଉକ୍ତ ରାସ୍ତା ଦେଇ ଭାରି ଯାନବାହନଗୁଡିକ ଚଳାଚଳ କଲାବେଳେ ରାସ୍ତା ଉପରେ ଜମି ରହିଥିବା ପାଣି ଛିଟିକି ପଥଚାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଦୈନିକ ଉକ୍ତ ରାସ୍ତାରେ ୧ଶହରୁ ଊର୍ଦ୍ଧ୍ୱ ବାଲି ବୋଝେଇ ହାଇୱା ଚଳାଚଳ କରୁଥିବାରୁ ସ୍ୱଳ୍ପ ଦିନ ମଧ୍ୟରେ ରାସ୍ତା ଦବି ଯାଇ ନଷ୍ଟ ହେବାରେ ଲାଗିଛି ।


ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ବର୍ଷା ପାଣି ଜମି ରହିଛି ।

କଣ୍ଟିଲୋ ଓ ସିଧାମୂଳା ମହାନଦୀ ଘାଟରୁ ଦିନ ଓ ରାତିରେ ହାଇୱା ବାଲି ବୋଝେଇ କରି ଆଖପାଖ ଅଞ୍ଚଳକୁ ଚାଲାଣ କରୁଥିବା ବେଳେ ଭାରିଯାନ ଚଳାଚଳ ଯୋଗୁ ଏହା ରାସ୍ତା ଦବିବାର ପ୍ରମୁଖ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି । ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ମରାମତି ଉପରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଖଣ୍ଡପଡା ଅଞ୍ଚଳବାସୀ ଦାବି କରିଛନ୍ତି ।

## ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ

**ଦଶପଲ୍ଲା,୩୧।୭ (ଡି.ଏନ.ଏ.)**

ସ୍ଥାନୀୟ ରାଧାମୋହନ ଜୀୟୁ ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଇ.ପୁନମ ପ୍ରିୟଦର୍ଶିନୀ ଏବଂ ଦଶପଲ୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ସହିତ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇଥିଲେ । ଓମ୍ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଶିକ୍ଷାକମିଟିର ସମସ୍ତ ସଭ୍ୟ, ବହୁ କାଉନସିଲର ଯୋଗଦାନ କରିଥିଲେ । ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ବେହେରା ଉଦ୍‌ବୋଧନ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍କୁଲର ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ।

# ମନୋଜଙ୍କ ପରିବାଚାଷ ନିଷ୍ଠା

**ଭାପୁର,୩୧।୭ (ଡି.ଏନ.ଏ.)**

ବେକାରୀ ଓ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଆଜିର ଯୁବପିଢି ହତୋତ୍ସାହିତ ହେଉଛନ୍ତି । ଉଚ୍ଚ ଶିକ୍ଷିତ ଯୁବତୀ,ଯୁବକମାନେ ବି ଚାକିରୀ ନ ପାଇ ଘରେ ବସୁଛନ୍ତି । ସ୍ୱାବଲମ୍ବୀ ହେବା ଯେମିତି ସେହି ଯୁବପିଢି ପାଇଁ ପ୍ରତିବନ୍ଧକ ସୃଷ୍ଟି କରିଛି । ହେଲେ ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ଗ୍ରାମର ମନୋଜ ମହାପାତ୍ର (୩୮) ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । କରୋନା କଟକଣା ତଥା ଆର୍ଥିକ ମାନ୍ଦାବସ୍ଥା ସମୟରେ ସେ ହାରିଯାଇ ନାହାନ୍ତି, ବରଂ ଜଣେ ସଫଳ ପରିବା ଚାଷୀ ରୂପେ ପରିଚିତ ହୋଇଛନ୍ତି ।

ଏବେ ପନିପରିବା ଦର ଆକାଶଛୁଆଁ ରହିଛି । ଚାଷୀ ବିଭିନ୍ନ ସାର ପ୍ରୟୋଗ କରି ପନିପରିବା ଚାଷ କରୁଛନ୍ତି । କିନ୍ତୁ ମନୋଜ ବଳକା ସମୟରେ ଘରେ ନ ବସି ପନିପରିବା ଚାଷ ପାଇଁ ଅଣ୍ଟା ଭିଡିଛନ୍ତି । ନିଜର ଅଢ଼େଇ ଗୁଣ୍ଠ ଜମିରେ ସେ ଅମୃତଭଣ୍ଡା, ସଜନା ଗଛ, ବାଇଗଣ, କାକୁଡି, କଲରା, କଖାରୁ, ଖମ୍ବଆଳୁ ଆଦି ପନିପରିବା ଗଛ ଲଗାଇଛନ୍ତି । ସେଥିରେ ସେ ରାସାୟନିକ ସାର ବଦଳରେ ଗୋବର ଖତ ପ୍ରୟୋଗ କରି ଚାଷ କରୁଛନ୍ତି । ଏହାଦ୍ୱାରା ସେ ପରିବାରର ଅବଶ୍ୟକତା ମେଣ୍ଟାଇବା ସହିତ ସ୍ୱାବଲମ୍ବୀ ମଧ ହୋଇପାରିଥିବା କହିଛନ୍ତି । ମନୋଜଙ୍କ କହିବା କଥା, ଚାଷ କରିବା ପାଇଁ ଜଳର ନିହାତି ଆବଶ୍ୟକତା ରହିଛି । ତାଙ୍କୁ ବି ପନିପରିବା ଚାଷ ପାଇଁ ବହୁ ଦୂରରୁ ପାଣି ବୋହି ଆଣିବାକୁ ପଡିଥାଏ । ପରିଶ୍ରମ ପରେ ଯେତେବେଳେ ଗଛରେ ପନିପରିବା ଫଳେ ଖୁବ୍ ଆନନ୍ଦ ମିଳେ । ସେଥିରୁ କିଛି ପନିପରିବା ଘରେ ବ୍ୟବହାର ହୁଏ, ଆଉକିଛି ପରିବା ବିକ୍ରି ହୁଏ । ଫତେଗଡ଼ ନିକଟରେ ମହାନଦୀ, ପାଟ, ପୋଖରୀ, ନାଳ ଆଦି ରହିଛି । କିନ୍ତୁ ପ୍ରଶାସନର ଆନ୍ତରିକତା ଅଭାବରୁ ଚାଷୀ ଚାଷ କରି ପାରୁନାହାଁନ୍ତି । ବିଶେଷକରି ଜଳସେଚନର ସୁବିଧା ମିଳିଲେ ଅନ୍ୟ ଚାଷୀମାନେ ଲାଭ ପାଇପାରିବେ ବୋଲି ସେ କହିଛନ୍ତି ।


ସୂର୍ଯ୍ୟମୁଖୀ କିଆରିରେ ପାଣି ମଡ଼ାଉଛନ୍ତି ମନୋଜ ।

ପ୍ରତିବର୍ଷ ଫତେଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ମନୋଜ ବିଭିନ୍ନ କିସମର ଚାରା ରୋପଣ କରିଥାନ୍ତି । ୪୮ନଂ. ରାଜ୍ୟ ରାଜପଥପାର୍ଶ୍ୱରେ ବହୁ ଛାଇ ପ୍ରଦାନକାରୀ ବୃକ୍ଷ ଥିଲା । ବାଟୋଇମାନେ ସେହି ଗଛ ଛାଇରେ ଯାତାୟାତ କରୁଥିଲେ, ଥକ୍କା ମେଣ୍ଟାଉ ଥିଲେ । ମାତ୍ର ରାସ୍ତାର ପ୍ରଶସ୍ତୀକରଣ ଯୋଗୁ ଉଭୟପାର୍ଶ୍ୱରୁ ସମସ୍ତ ଗଛ କାଟି ଦିଆଯାଇଥିଲା । ଆଜି ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଚାରା ରୋପଣ କରାଗଲା ନାହିଁ ବୋଲି ମନୋଜ ଚିନ୍ତାବ୍ୟକ୍ତ କରିଛନ୍ତି । ଯଦି ପ୍ରଶାସନ ମାଗଣାରେ ଚାରା ଯୋଗାଇ ଦିଅନ୍ତେ ସେ ବିଜିପୁରଠାରୁ ଫତେଗଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ରୋପଣ କରିପାରିବେ ବୋଲି କହିଛନ୍ତି । ମନୋଜଙ୍କ ଏଭଳି ନିଆରା ପ୍ରୟାସକୁ ଫତେଗଡ଼ର ସାମାଜିକ କର୍ମୀ ସନ୍ତୋଷ ତ୍ରିପାଠୀ ପ୍ରଶଂସା କରିଛନ୍ତି ।

## ପୃଥକ୍ ଦୁର୍ଘଟଣା: ୪ କାଉଡ଼ିଆ ଆହତ

ଗୋପ,୩୧।୭(ଡି.ଏନ୍.ଏ.): ଗୋପ-ଚାରିଛକ ରାସ୍ତାର ପାଣିଛତ୍ର ନିକଟରେ ରବିବାର ବାଇକ୍ ଧକ୍କାରେ କାଉଡ଼ିଆ ଅଚ୍ୟୁତ ଲେଙ୍କା ଗୁରୁତର ଆହତ ହୋଇଛନ୍ତି। ସେହିପରି ଗୋପ-କୋଣାର୍କ ରାସ୍ତାର ତହସିଲ ଅଫିସ ନିକଟରେ ବାଇକ୍ ଧକ୍କାରେ କୈଳାସ ମଲ୍ଲିକ ଗୁରୁତର ହୋଇଥିବା ବେଳେ ସୁବାସ ମଲ୍ଲିକ ଓ ଟୁଟୁ ମଲ୍ଲିକ ଆହତ ହୋଇଛନ୍ତି। ସୂଚନା ମୁତାବକ, ଶ୍ରାବଣ ମାସର ତୃତୀୟ ସୋମବାର ଲାଗି ଗୋପ ବ୍ଲକର କର୍ମଚାରୀ ଲେଙ୍କା ପାଣି ଭାର ନେଇ ଯାଉଥିବା ବେଳେ ପାଣିଛତ୍ର ନିକଟରେ ବାଇକ୍ ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ନିକଟ କୃଷିକଟା ଗ୍ରାମର ୩ଜଣ ପାଣିଭାର ନେଇ ଯାଉଥିବା ବେଳେ ସେମାନଙ୍କୁ ମଧ ବାଇକ୍ ଧକ୍କା ଦେବାରୁ ଜଣେ ଗୁରୁତର ଓ ଦୁଇ ଜଣ ଆହତ ହୋଇଛନ୍ତି। ଏମାନଙ୍କୁ ମଧ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ରାସ୍ତାସାରା ଖାଲ, ମରାମତି ହେଉନି

## ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ବିଞ୍ଝାରପୁର,୩୧।୭(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତର ତାଡ଼ଁତରାଠାରୁ ଗୁହାଳି ପଞ୍ଚାୟତର ଇଞ୍ଜନପୁର ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ତେବେ ଦୀର୍ଘଦିନ ହେବ ରାସ୍ତା ମରାମତି ନ ହୋଇ ପଡ଼ିରହିବା ଫଳରେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଶାସନ୍ଦା ଓ ଗୁହାଳି ପଞ୍ଚାୟତର ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ନିଜର ଦୈନନ୍ଦିନ ଜୀବନରେ କିଣାବିକାଠାରୁ ଆରମ୍ଭ କରି ବ୍ୟବସାୟ ବାଣିଜ୍ୟ ନିମନ୍ତେ ଏହି ରାସ୍ତା ଉପରେ ନିର୍ଭରଶୀଳ ହୋଇଥାନ୍ତି। ହେଲେ ମରାମତି ଅଭାବରୁ ରାସ୍ତାସାରା ଖାଲଖମାରେ ଭରିଯାଇଛି। ଫଳରେ ଯାତାୟାତରେ ଲୋକେ ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଓ ପ୍ରଶାସନିକ ଅବହେଳା ଯୋଗୁ ରାସ୍ତା ମରାମତି ହୋଇପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ୨ ପଞ୍ଚାୟତବାସୀ ଦାବି କରିଛନ୍ତି।



ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି।

# ରାଶନ କାର୍ଡ ନାହିଁ, ଆବାସ ମିଳୁନି

## ଭଙ୍ଗାଘରେ ପରିବାର

ବାଲିଚନ୍ଦ୍ରପୁର,୩୧।୭(ସ୍ୱ.ପ୍ର.)

କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ତାହା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ନଳିପୁର ପଞ୍ଚାୟତ ଅନ୍ତର୍ଗତ ସେକ୍ ମହଲା ଗ୍ରାମର ଜମୁରୁନ୍ ବିବିଙ୍କ କ୍ଷେତ୍ରରେ। ଭଙ୍ଗା ଚାଳଛପର ଘରେ ଜମୁରୁନ୍‌ଙ୍କ ପରିବାରର ଚାରି ପ୍ରାଣୀ କୁଟୁମ୍ବ ଅତି ଦୟନୀୟ ଅବସ୍ଥାରେ ରହି ମୁଲ ଲାଗି ଚଳୁଛନ୍ତି। ଗତ ଫନି ବାତ୍ୟାରେ ତାଙ୍କ ଘର ଭାଙ୍ଗିଯିବା ପରେ ସେ ମାଗିଯାଚି ଆଣି ଘରଟି ମରାମତି କରିଥିଲେ। କିନ୍ତୁ ପକ୍କା ଘରଟିଏ ପାଇଁ ବ୍ଲକ ପ୍ରଶାସନ ନିକଟରେ ହୋଇଥିବା ଆବେଦନକୁ ଦୁଇ ବର୍ଷ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ ତାହା ମିଳିନାହିଁ। ରାଶନକାର୍ଡ ମଧ ନାହିଁ। ୨୦୨୦ରେ ବ୍ଲକ ଯୋଗାଣ ଅଧିକାରୀ ଆସି ତଦନ୍ତ କରିବା ସହ ଉକ୍ତ ପରିବାର ରାଶନ କାର୍ଡ ପାଇବାକୁ ଯୋଗ୍ୟ ବୋଲି ରିପୋର୍ଟ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଜମୁରୁନ୍‌ଙ୍କୁ କୌଣସି ସହାୟତା ମିଳି ପାରିନାହିଁ। ଫଳରେ ଏହାକୁ ନେଇ ତାଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ଅଜିତ୍ ନାରାୟଣ ପ୍ରସାଦ ଗିରିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ। ଯାଜପୁର ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।



ଭଙ୍ଗାଘର ସମ୍ମୁଖରେ ଜମୁରୁନ୍ ବିବି।

# ଭ୍ରାମ୍ୟମାଣ ପାଠାଗାର ଉଦ୍‌ଘାଟନ, ପୁସ୍ତକ ଉନ୍ମୋଚନ



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୩୧।୭(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତାରିଣୀ ମଣ୍ଡପଠାରେ ଶନିବାର ପୂର୍ବାହ୍ନରେ ଭ୍ରାମ୍ୟମାଣ ପାଠାଗାର ଉଦ୍‌ଘାଟନ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନକୁ କଳାମାଣିକର ସମ୍ପାଦକ ଡ. ରବିନାରାୟଣ ସାହୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଅଧ୍ୟାପକ ଦେବୀଲାଲ ମିଶ୍ର ଓ ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ ଭ୍ରାମ୍ୟମାଣ ପାଠାଗାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ସାହୁ ଅତିଥି ପରିଚୟ ଓ ସଭାର ଆଭିମୁଖ୍ୟ ସମ୍ପର୍କରେ କହିଥିବାବେଳେ ଡ. ରଶ୍ମିକାନ୍ତ ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କୁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଓ କବି ରାମଚନ୍ଦ୍ର ଦାଶ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ସଙ୍ଘମିତ୍ରା ସାହୁ ଓ ପ୍ରକାଶିକା ଅରୋଲିତା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ଭବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ବ୍ରହ୍ମବରଦା କଲେଜ ଅଧକ୍ଷ ମହେଶ୍ୱର ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ 'ଜୀବନର କିଛି କଥା' 'ଧନ ଅର୍ଜନେ ଧର୍ମ କରି'ପୁସ୍ତକକୁ ଉନ୍ମୋଚନ କରିବା ସହ ଭ୍ରାମ୍ୟମାଣ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ କବି ରକ୍ଷକ ନାୟକ, ଗୀତିକାର ବିଜୟ ମଲ୍ଲ, ନାଇଜରର କୁଳପତି ଡ. ଅଭୟ ନାୟକ, ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ପୁସ୍ତକର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅଧ୍ୟାପକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, କଥାକାର ଅର୍ଜୁନ ପୃଷ୍ଟି ଉନ୍ମୋଚିତ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ସାଇକୃପା ଓ ଋତୁପର୍ଣ୍ଣା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କୁ କବୟିତ୍ରୀ ପଦ୍ମଜା ଶରଣ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବରଜାକାନ୍ତ ତ୍ରିପାଠୀ, ଅଧ୍ୟାପକ ଗଣେଶ ସ୍ୱାଇଁ, ଅଧକ୍ଷ ତପନ କୁମାର ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଏକତରଫା ପ୍ରେମ: ଯୁବକ ଗିରଫ

ଅସ୍ତରଙ୍ଗ,୩୧।୭(ଡି.ଏନ୍.ଏ.): ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ବାଦଲ ଦାସ(୨୧)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାବାଳିକା ଟ୍ୟୁଶନ ଯାଉଥିବା ବେଳେ ବାଟରେ ବାଦଲ ତାଙ୍କୁ ଅଟକାଇ ପ୍ରେମ ନିବେଦନ କରିଥିଲେ। ତେବେ ନାବାଳିକ ଚିତ୍କାର କରିବାରୁ ବାଦଲ ତାଙ୍କୁ ମାଡ଼ ମାରିବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ନାବାଳିକା ଟ୍ୟୁଶନରେ ପହଞ୍ଚି ଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଶିକ୍ଷକଙ୍କ ଠାରୁ ଖବରପାଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ରତ୍ନାକର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ କରିବା ସହିତ ବାଦଲଙ୍କୁ ଗିରଫ କରିଥିଲା। ଏହି ଘଟଣା ଗତ ବର୍ଷ ଘଟିଥିବା ବେଳେ ଗ୍ରାମବାସୀଙ୍କ ହସ୍ତକ୍ଷେପ ଯୋଗୁ ଲିଖିତ ଭାବେ ଆପୋସ ସମାଧାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବାଦଲ ପୁଣି ନାବାଳିକାଙ୍କୁ ପ୍ରେମ ନିବେଦନ କରିବା ସହ ହଇରାଣ କରିଥିଲେ।

## ନନ୍ଦନକାନନରେ ଗୁରାଣ୍ଡି ମୃତ

ବାରଙ୍ଗ,୩୧।୭(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ରବିବାର ଏକ ମାଈ ଗୁରାଣ୍ଡିର ମୃତ୍ୟୁ ଘଟିଛି। ଏନକ୍ଲୋଜର ୩୭ସି ରେ ଗୁରାଣ୍ଡିଟି ବିଚରଣ କରୁଥିବା ବେଳେ ଅପରାହ୍ନରେ ମୃତ୍ୟୁ ହୋଇଥିଲା। ତେବେ ହଠାତ୍ ଗୁରାଣ୍ଡିର ମୃତ୍ୟୁ ଘଟିବାରୁ କର୍ମଚାରୀଙ୍କଠାରୁ ଆରମ୍ଭ କରି ଡାକ୍ତରମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବ୍ୟବଚ୍ଛେଦ କରାଯାଇଛି। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩୨ରେ ପହଞ୍ଚିଥିବା ଜଣାପଡିଛି।

# ଫାଇନାନ୍ସ କର୍ମଚାରୀଙ୍କୁ ହତ୍ୟା

ବାଲିଗୁଡ଼ା,୩୧।୭(ସ୍ୱ.ପ୍ର.)

ବାଲିଗୁଡା ଥାନା ଅନ୍ତର୍ଗତ ମଦୁରା ମାଇକ୍ରୋ ଫାଇନାନ୍ସ କମ୍ପାନୀ ଶାଖାର ସହକାରୀ ପରିଚାଳକ ଜିତେନ୍ଦ୍ର ଚମ୍ପତି (୨୫)ଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଭଡ଼ାଘରୁ ଜବତ କରିଛି। ପୁଅକୁ ହତ୍ୟା କରାଯାଇଛି ବୋଲି ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୩୯/୨୨) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଜିତେନ୍ଦ୍ରଙ୍କ ଘର ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଚୁପୁରିଙ୍ଗି ଗାଁରେ। ସେ ୩ ବର୍ଷ ହେବ ଏହି ଫାଇନାନ୍ସ କମ୍ପାନୀରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ବାଲିଗୁଡାରେ ଏକ ଘର ଭଡ଼ା ନେଇ କମ୍ପାନୀ ତାର ଅଫିସ ଖୋଲିଥିବା ବେଳେ ଚମ୍ପତି ଏହି ଘରର ଉପର ମହଲାର ଏକ ଘରକୁ ଭଡ଼ା ନେଇ ରହୁଥିଲେ। ଅନ୍ୟ କୋଠରିରେ କମ୍ପାନୀର କେତେଜଣ ସହକର୍ମୀମାନେ ରହୁଥିଲେ। ଶନିବାର ରାତିରେ ଜଣେ ସହକର୍ମୀଙ୍କର ଜନ୍ମଦିନ ଥିଲା। ଏନେଇ ଚମ୍ପତି ସମସ୍ତଙ୍କ ସହ ମିଶି ସମ୍ପୃକ୍ତ ସହକର୍ମୀଙ୍କ ଜନ୍ମଦିନ ପାଳିବା ସହ ଭୋଜି କରିଥିଲେ। ଏହାପରେ ସମସ୍ତେ ନିଜ କୋଠରିକୁ ଚାଲିଯାଇଥିଲେ। ରବିବାର ସକାଳେ ଚମ୍ପତି ନିଦରୁ ନ ଉଠିବାରୁ ସହକର୍ମୀମାନେ ଆସି ତାଙ୍କ ଘରର କବାଟ ବାଡ଼େଇଥିଲେ। ପରେ ସ୍କାଇଲାଇଟ ବାଟେ ଦେଖିବାରୁ ସେ ପଙ୍ଖାରେ ଏକ ଗାମୁଛାରେ ଝୁଲୁଥିବା ଜଣାପଡ଼ିଥିଲା। ଏନେଇ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ପରିବାର ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

**MILK UNION SAMBALPUR**
**VEHICLE REQUIRED ON HIRE**
TATA ACE or similar type of vehicle required on hire for Khuntbandh- Dangapada Milk Route running both morning and evening covering 160 K.M.
Interested Parties may purchase and submit Tenders by **10.08.2022**,
Tender Paper Cost- **Rs. 200/- + GST, EMD- Rs. 2,000/-**

यूनियन बैंक ऑफ़ इंडिया Union Bank of India
ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ ମୁଖ୍ୟ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କଟକ ମୁଖ୍ୟ ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ:(୧)ମେସର୍ସ ଦାସ ଏଜେନ୍ସିସ୍, ସତ୍ତ୍ୱାଧିକାରୀ: ଶ୍ରୀ ରମେଶ ଚନ୍ଦ୍ର ଦାସ, ପିତା: ୰ବିନୋଦ ବିହାରି ଦାସ, ଠିକଣା :ମାର୍ଫତ ଅଜିତ୍ ଚନ୍ଦ୍ର ଦାସ, ପ୍ରଫେସରପଡା, କେନାଲ ରୋଡ, କଟକ-୭୫୩୦୦୩, ଏବଂ ଯୋବ୍ରା ରୋଡ, କଲେଜ ଛକ, କଟକ-୭୫୩୦୦୩, (୨)ଶ୍ରୀ ରମେଶ ଚନ୍ଦ୍ର ଦାସ, ପିତା: ୰ବିନୋଦ ବିହାରି ଦାସ, ଠିକଣା: ସା-ବଡେଇସାହି, ପୋ.-ବକ୍ସିବଜାର, କଟକ-୭୫୩୦୦୧, ଜାମିନ୍‌ଦାରମାନେ: (୧)ଶ୍ରୀ ହରିଶ ଚନ୍ଦ୍ର ଦାସ, ପିତା: ୰ବିନୋଦ ବିହାରି ଦାସ, (୨)ଶ୍ରୀ ରାମ ଚନ୍ଦ୍ର ଦାସ, ପିତା: ୰ବିନୋଦ ବିହାରି ଦାସ, ଉଭୟଙ୍କ ଠିକଣା: ସା-ବଡେଇସାହି, ପୋ.-ବକ୍ସିବଜାର, କଟକ-୭୫୩୦୦୧। | ତା.୩୦.୦୪.୨୦୨୨ସୁଦ୍ଧା ଟ.୩୬,୨୩,୮୨୬.୦୧ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୨୪.୦୫.୨୦୨୨ / ୨୯.୦୭.୨୦୨୨ | ଶ୍ରୀ ରାମ ଚନ୍ଦ୍ର ଦାସ, ଶ୍ରୀ ହରିଶ ଚନ୍ଦ୍ର ଦାସ ଏବଂ ଶ୍ରୀ ରମେଶ ଚନ୍ଦ୍ର ଦାସ, ପିତା: ବିନୋଦ ବିହାରି ଦାସ ଙ୍କ ନାମରେ ଥିବା ବାସେପୋଯୋଗି ଜମି ଯାହାର ଖାତା ନଂ.୫୬୬/୨୩୭, ପ୍ଲଟ ନଂ.୧୮୮/୧୯୫୬, ଏରିଆ: ଏ୦.୦୭୬ ଡିସିମିଲି, ମୌଜା: ଚମ୍ପତି, ଥାନା: ସାଲେପୁର, ଥାନା ନଂ.୧୦, ତହସିଲି: ସାଲେପୁର, ତହସିଲି ନଂ.୫୧୫, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- କୁହକ ସେଠିଙ୍କ ପ୍ଲଟ, ପୂର୍ବ- ପୂର୍ଣ୍ଣଚନ୍ଦ୍ର ବେହୁରାଙ୍କ ପ୍ଲଟ, ପଶ୍ଚିମ- ସ୍ୱର୍ଣ୍ଣଲତା ମଣ୍ଡଳଙ୍କ ପ୍ଲଟ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୦୭.୨୦୨୨ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ହଳଦିଆପଦର ଶାଖା/ ଋଣଗ୍ରହୀତା: ସନ୍ ଆଗ୍ରୋ ଇଞ୍ଜିନିୟରିଂ ୱାର୍କ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସନ୍ଧ୍ୟାରାଣୀ ମହାନ୍ତି, ସା: ରାଳଭ ରୋଡ୍, ରାଜୁଭାଇ ମାର୍ଗ, ସାଇରାମ ନଗର, ହଳଦିଆପଦର-୭୬୦୦୦୩ | ଟ.୧୮,୮୯,୩୨୬.୭୭ + ସେବାବଦ ସୁଧ | ୨୩.୦୩.୨୦୨୨ / ୨୯.୦୭.୨୦୨୨ | ଶ୍ରୀ ଆଲୋକମୟ ମହାନ୍ତିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦/୩୧୯୨, ଖାତା ନଂ.: ୪୩୫/୪୮୫୩, ପରିମିତ କ୍ଷେତ୍ର: ଏକର ୦.୦୨୨ ଡିସିମିଲି, ରେଭିନ୍ୟୁ ମୌଜା: ରାଳଭ, ତହସିଲ: କନିସି, ସା: ସାଇ ନଗର, ହଳଦିଆପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଜମି ସମ୍ପର୍କିତ ପ୍ଲଟ୍ ନଂ.: ୧୦, ଉତ୍ତର: ଇ ରାମ ମୂର୍ତ୍ତିଙ୍କ ଜମି, ଦକ୍ଷିଣ: ଜମି ସମ୍ପର୍କିତ ପ୍ଲଟ୍ ନଂ.: ୧୦ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି |
| ପୋଲସରା ଶାଖା/ ଋଣଗ୍ରହୀତା: ମେସର୍ସ ଶୁଭଜୀ ପାୱାର ଲାଇନ୍ ସିଷ୍ଟମ, ସ୍ୱତ୍ତ୍ୱାଧିକାରୀ: ଭଗବାନ ବେହେରା | ଟ.୧୪,୪୯,୬୮୧.୭୦ + ସେବାବଦ ସୁଧ | ୦୭.୦୫.୨୦୨୨ / ୨୯.୦୭.୨୦୨୨ | ୧) ଶ୍ରୀ ଭଗବାନ ବେହେରା, ପିତା: ୰ ଭୂୟାଁ ବେହେରା, ୨) ଶ୍ରୀ ହରିହର ବେହେରା, ପିତା: ୰ ଭୂୟାଁ ବେହେରା, ସା: ପାଟଣା ପଦର ସାହି, ଏସ୍‌ଆରଓ/ଥାନା/ତହସିଲ: ପୋଲସରା, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୦୨୮ଡିସିମିଲି, ପ୍ଲଟ୍ ନଂ.: ୫୬୩୪, ଖାତା ନଂ.: ୫୩୭, ଏନ୍‌ଏସି ହୋଲ୍ଡିଂ ନଂ.: ୮୪, ୱାର୍ଡ ନଂ.: ୪/୬, ଗ୍ରାମ/ମୌଜା: ପାଟଣା ପଦର ସାହି, ଏସ୍‌ଆରଓ/ଥାନା/ତହସିଲ: ପୋଲସରା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବୃନ୍ଦାବନ ସାହୁଙ୍କ ଗୃହ ସମ୍ପତ୍ତି, ପଶ୍ଚିମ: ଅଭିମନ୍ୟୁ ମହାରଣାଙ୍କ ଗୃହ ସମ୍ପତ୍ତି, ଉତ୍ତର: ମୁଖ୍ୟ ରାସ୍ତା, ଦକ୍ଷିଣ: ମୁଖ୍ୟ ରାସ୍ତା |
| ପୋଲସରା ଶାଖା/ ଋଣଗ୍ରହୀତା: ଶ୍ରୀ ପି. ରାଜେଶ୍ୱର ପାତ୍ର | ଟ.୬,୮୮,୨୮୩.୫୦ + ସେବାବଦ ସୁଧ | ୦୮.୦୪.୨୦୨୨/ ୨୯.୦୭.୨୦୨୨ | ଶ୍ରୀ ପି. ରାଜେଶ୍ୱର ପାତ୍ର, ପିତା: ବୃନ୍ଦାବନ ପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୦୧୨ଡିସିମିଲି, ପ୍ଲଟ୍ ନଂ.: ୫୦୪୩, ଖାତା ନଂ.: ୭୪୩, ଗ୍ରାମ/ମୌଜା: ପୋଲସରା, ମେନ୍ ରୋଡ୍, ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ବ୍ଲକ୍: ପୋଲସରା, ଥାନା/ତହସିଲ/ ଏସ୍‌ଆରଓ: ପୋଲସରା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗାନ୍ଧୀ ବେହେରାଙ୍କ ଗୃହ, ଉତ୍ତର: ଏ ପ୍ରଶାନ୍ତ କୁମାର ଗୁପ୍ତାଙ୍କ ଗୃହ, ଦକ୍ଷିଣ: ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ |
| ଗୋସାଣୀନୂଆଗାଁ ଶାଖା/ ଋଣଗ୍ରହୀତା: ଭୈରବୀ ଇଞ୍ଜିନିୟରିଂ ୱାର୍କ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବସନ୍ତ କୁମାରୀ ମହାରଣା, ସା: ଜଗନ୍ନାଥ ବିହାର, ଅଟୋ ନଗର, ପ୍ରଥମ ଗେଟ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ଟ.୫,୮୯,୭୯୮.୬୬ + ସେବାବଦ ସୁଧ | ୦୬.୦୭.୨୦୨୧ / ୨୯.୦୭.୨୦୨୨ | ଶ୍ରୀମତୀ ବସନ୍ତ କୁମାରୀ ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୦୩/୧୪୮୧, ଖାତା ନଂ.: ୫୧୮/୩୧୨, ପରିମିତ କ୍ଷେତ୍ର: ୪୯୨ ବର୍ଗଫୁଟ, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବ୍ରହ୍ମପୁର, ସା: କାଲୁଆ ଷ୍ଟ୍ରିଟ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପୂର୍ଣ୍ଣ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ରାସ୍ତା, ଉତ୍ତର: ନାରାୟଣ ରାଉତଙ୍କ ଗୃହ, ଦକ୍ଷିଣ: ଆଦି ଲକ୍ଷ୍ମୀଙ୍କ ଗୃହ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି |
| ଗୋସାଣୀନୂଆଗାଁ ଶାଖା/ ଋଣଗ୍ରହୀତା: ମେସର୍ସ ଭୁବନେଶ୍ୱରୀ ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ର, ପିତା: ଶ୍ରୀ ଦଣ୍ଡପାଣି ମହାପାତ୍ର, ସା: ସାନ ବଜାର ମେନ୍ ରୋଡ୍, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୦୨ | ଟ.୨୦,୧୬,୬୦୫.୮୫ + ସେବାବଦ ସୁଧ | ୨୧.୦୫.୨୦୨୨ / ୩୦.୦୭.୨୦୨୨ | ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧୪, ଖାତା ନଂ.: ୧୧୦୩/୪୪, ପରିମିତ କ୍ଷେତ୍ର: ଏକର ୦.୦୦୫ ଡିସିମିଲି, ରେଭିନ୍ୟୁ ମୌଜା: ମାଧବପୁର, ତହସିଲ୍: ବ୍ରହ୍ମପୁର, ସା: ସାନ ବଜାର ମେନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜେ ଇନ୍ଦିରାଙ୍କ ଗୃହ, ପଶ୍ଚିମ: ଜେ.ସୂର୍ଯ୍ୟ ରାଓଙ୍କ ଗୃହ, ଉତ୍ତର: ପ୍ରଫୁଲ୍ଲ ସାହୁଙ୍କ ଗୃହ, ଦକ୍ଷିଣ: ମେନ୍ ରୋଡ୍ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି |

ସ୍ଥାନ: ବ୍ରହ୍ମପୁର
ତାରିଖ: ୩୦.୦୭.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE PRINCIPAL, GOVT. COLLEGE OF PHYSICAL EDUCATION SAMBALPUR, KULUNDI**
Letter No.516, Dt.30.07.2022
**TENDER CALL NOTICE**
Sealed Tenders are invited from authorised suppliers/ Dealers and registered farms having valid TIN/VAT/OST and GST Clearance Certificate for supply of sports uniforms for use of the students of Govt. college of Physical Education Sambalpur, Kulundi during the session of 2021-23 batch. The detail Information will be obtained through Tenders paper. The Tender papers will be available In the college office from 01.07.2022 to 05.08.2022 between 11 AM to 4 PM on every working day on payment of Rs.100/-(Rupees one hundred) only each .The last date for receive tender documents is fixed on dtd.06.08.2022 by 12AM and open on dtd. 06.08.2022 at 12.30. PM .The undersign reserves the right to accept or reject this tender in fully or partly without assigning any reason thereof.
**Sd./- Principal**

**OFFICE OF THE DISTRICT JUDGE, RAYAGADA**
No.02/Rect./2022
**ADVERTISEMENT**
**Dated, the 28th days of July, 2022**
Applications in the prescribed format are invited from intending candidates for filling up of the following posts of Junior Clerk/Copyist, Junior Typist and Junior Stenographer Grade-III in the scale of pay as noted against each category of posts per month with usual D.A. and other allowances as admissible by Government from time to time on regular basis in accordance with the provisions contained in Orissa District and Subordinate Courts' Non-Judicial Staff Services [Method of Recruitment and Conditions of Service] Rules, 2008 and amendment Rules, 2010 subject to result of W.P.(C) No. 1273/2014 pending before the Hon'ble High Court of Orissa, Cuttack:

**Category-wise Vacancy position**

| Name of Post | Scale of Pay | Scheduled Tribe | Scheduled Caste | S.E.B.C. | UR | Total |
|---|---|---|---|---|---|---|
| Junior Clerk/ Copyist | Rs.19,900/- in Level-04 in the pay Matrix under ORSP Rules, 2017 | 8 (3-W) | 2 (1-W) | -- | 6 (2-W) | **16** |
| Junior Typist | | 2 (1-W) | -- | -- | 1 (W) | **3** |
| Stenographer Grade-III | Rs.25,500/- in Level-07 in the pay Matrix under ORSP Rules, 2017 | 1 | 1 (W) | 1 (W) | 1 | **4** |
| Grand Total | | 11 | 3 | 1 | 8 | **23** |

Reservation and age relaxation in respect of reserved categories of candidates shall be in accordance with the provisions of the Acts, Rules, Orders or Instructions for the time being in force, for the respective reserved categories. The vacancies against ST & SC category advertised above include backlog vacancies. The number of above vacancies in different categories of the post may increase or decrease. The reservation for Women, person with disabilities/Ex-Servicemen/Sports person shall be in accordance with the Orders/Rules issued from time to time.

The other condition of service shall be guided by the relevant provisions of Orissa District and Subordinate Courts' Non-Judicial Staff Services (Method of Recruitment and Conditions of Service) Rules, 2008 and amendment Rules, 2010 subject to result of W.P.(C) No. 1273/2014 pending before the Hon'ble High Court of Orissa, Cuttack

The decision of the District Judge, Rayagada as to the result of the examination shall be final and in no case shall liable to be challenged.

The last date of receipt of application is fixed on **27.08.2022.** The application shall be sent to the **REGISTRAR, CIVIL COURTS, RAYAGADA, AT/PO-RAYAGADA, PIN-765001, DIST-RAYAGADA on or before 27.08.2022 by 5.00 P.M** through Speed Post/Registered Post only. Applicants may also drop their applications in the **Drop Box** kept in front of Nizarat Section, Civil Courts, Rayagada during the office hours on the working days only. Applications received in the office after the due date & time shall be summarily rejected.

For details of Advertisement, application form, eligibility criteria, scheme of examination and method of selection are available in the District Court's website.
**https://districts.ecourts.gov.in/rayagada**
**BY ORDER OF THE DISTRICTJUDGE**
**Sd./- Registrar, Civil Courts, Rayagada**

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**ଜଗନ୍ନାଥପ୍ରସାଦ,୩୧।୭(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ବାଇକ ଦୁର୍ଘଟଣାରେ ରବିବାର ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବାଲେଶ୍ୱର ଜିଲାର ଜିତେନ୍ଦ୍ରନାଥ ବେହେରା। ବାଇକ ପଛରେ ବସିଥିବା ଜି.ଉଦୟଗିରିର ସନାତନ ପ୍ରଧାନ ଆହତ ହୋଇଛନ୍ତି। ୨୧ନଂ ରାଜ୍ୟ ରାଜପଥ ପଞ୍ଚଭୁତି ନିକଟ ମୁଣ୍ଡିଆଠାରେ ରବିବାର ମଧ୍ୟାହ୍ନରେ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜିତେନ୍ଦ୍ର ବିଦ୍ୟୁତ ବିଭାଗର ଲାଇନମ୍ୟାନ ଭାବରେ ଜି.ଉଦୟଗିରରେ କାର୍ଯ୍ୟ କରୁଥିଲେ। ସେ ରବିବାର ବାଇକରେ ସାଙ୍ଗ ସନାତନଙ୍କ ସହ ଭୁବନେଶ୍ୱର ଆସୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଜିତେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ମେଡିକାଲକୁ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ଥାନାକୁ ଆଣିଥିବା ଏସଆଇ ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି।

### ଶିକ୍ଷକଙ୍କ ମାଡ଼ରେ ପ୍ରଥମ ଶ୍ରେଣୀ ଛାତ୍ର ଅସୁସ୍ଥ

**କବିସୂର୍ଯ୍ୟନଗର, ୩୧।୭(ଡି.ଏନ.ଏ.):** ଶିକ୍ଷକଙ୍କ ମାଡ଼ରେ ଶନିବାର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ (ଏ)ବରିଡ଼ା ଗ୍ରାମର ଏକ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ର ଅସୁସ୍ଥ ହୋଇଛନ୍ତି। ସେ ହେଲେ ନିଳାଞ୍ଚଳ ମହାରଣାଙ୍କ ପୁଅ ଗୋପାଳ (୫)। ଗୋପାଳଙ୍କ ବାପା ଦୁବାଇରେ କାମ କରୁଥିବା ବେଳେ ସେ ମା' ସହ ବରିଡ଼ା ଗ୍ରାମରେ ରହୁଥିଲେ। ଶନିବାର ଗୋପାଳ ବିଦ୍ୟାଳୟକୁ ଯାଇଥିଲେ। ଶିକ୍ଷକ ଜଣକ ପାଠ ପଢ଼ାଇଲା ବେଳେ ଗୋପାଳ ମିଳନ ପ୍ରଶ୍ନରେ ଭୁଲ୍‌ରେ ଦୁଇଥର ଗାର ଟାଣିଦେଇଥିଲେ। ଏଥିରେ ରାଗିଯାଇ ଶିକ୍ଷକ ଏକ ବେତରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଛାତ୍ର ଜଣକ ଅସୁସ୍ଥ ହେବାରୁ ତାଙ୍କୁ ବରିଡ଼ା ମେଡିକାଲ ନିଆଯାଇଥିଲା। ବର୍ତ୍ତମାନ ଛାତ୍ର ଘରେ ଥିବା ବେଳେ ସମ୍ପୃକ୍ତ ଶିକ୍ଷକ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏବିଇଓ ବିଷ୍ଣୁପ୍ରିୟା ନାୟକ ଓ ବିଇଓ ଅକ୍ଷରତିବାଳା ପଟ୍ଟନାୟକଙ୍କୁ ପଚାରିବାରୁ ସୋମବାର ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଅସାମ୍ବିଧାନିକ

- ପରାଜିତ ଦଳୀୟ ପ୍ରାର୍ଥୀଙ୍କୁ ନେଇ ବୈଠକକୁ ବିରୋଧ
- ପ୍ରତିବାଦ କଲେ ନୟାଗଡ଼, ରଣପୁର ବିଧାୟକ
- ପୁନରାବୃତ୍ତି ହେଲେ କରାଯିବ ବିରୋଧ

**ନୟାଗଡ଼ ଅଫିସ, ୩୧।୭**

ଶନିବାର ଖାଉଟି କଲ୍ୟାଣ, ଖାଦ୍ୟ, ସାଧାରଣ ବଣ୍ଟନ ଓ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ରଣପୁରଠାରେ କରିଥିବା ସମୀକ୍ଷା ବୈଠକ ଅସାମ୍ବିଧାନିକ ବୋଲି ଓଡ଼ଗାଁଠାରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ କହିଛନ୍ତି । ଉଭୟ ବିଧାୟକ ଗଣମାଧ୍ୟମକୁ କହିଛନ୍ତି,ସମୀକ୍ଷା ବୈଠକରେ ଦଳୀୟ ପରାଜିତ ପ୍ରାର୍ଥୀଙ୍କୁ ନେଇ କରିବା ସଂଘୀୟ ବ୍ୟବସ୍ଥାରେ ନାହିଁ । ଏହାର ପୁନରାବୃତ୍ତି ହେଲେ ବିରୋଧ କରାଯିବ ।

ଖବରଦାତା ସମ୍ମିଳନୀରେ ବିଧାୟକ ସାହୁଙ୍କ କହିଥିଲେ, କେନ୍ଦ୍ରମନ୍ତ୍ରୀମାନଙ୍କ ସମୀକ୍ଷା ବୈଠକ ସ୍ୱାଗତଯୋଗ୍ୟ । ତେବେ ସମୀକ୍ଷା ବୈଠକକୁ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ଡାକିବା ଆବଶ୍ୟକ ।



ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ ସାହୁ ଓ ସତ୍ୟନାରାୟଣ ପ୍ରଧାନ ।

ଶନିବାର ରଣପୁରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ଚେୟାରମ୍ୟାନଙ୍କୁ ସମୀକ୍ଷା ବୈଠକ ସମ୍ପର୍କରେ ସୂଚନା ଦିଆଯାଇ ନ ଥିଲା। ଏହି ବୈଠକରେ ଦଳୀୟ ପରାଜିତ ପ୍ରାର୍ଥୀମାନେ ସାମିଲ ଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକ୍ରମ ସଂଘୀୟ ବିରୋଧି ବୋଲି ସେ ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ଏପରି ନ କରିବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଆଗକୁ ଏପରି ପୁନରାବୃତ୍ତି ହେଲେ ବିରୋଧ କରାଯିବ ବୋଲି ଅରୁଣ କହିଛନ୍ତି । ଅନ୍ୟପକ୍ଷେ ଶନିବାର କେନ୍ଦ୍ରମନ୍ତ୍ରୀ ରଣପୁରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗଡବଡ ଚାଲିଛି। ଏଠାରେ ଆବାସ ଯୋଜନାକୁ ବିଜୁ ପକ୍କାଘର ଯୋଜନାରେ ନାମିତ କରାଯାଇ ଲୋକଙ୍କୁ ଭ୍ରମିତ କରାଯାଉଛି । ଓଡ଼ିଶାରେ ଏପରି ଅବ୍ୟବସ୍ଥା ଗଣତନ୍ତ୍ର ପାଇଁ ଠିକ୍ ନୁହେଁ । ୨୦୧୬ରୁ ପ୍ରଧାନମନ୍ତ୍ରୀ ଗରୀବଙ୍କୁ ଆବାସ ଯୋଗାଇବା ପାଇଁ ଗୁରୁତ୍ୱ ଦେଉଥିବାବେଳେ ଏଠାରେ ବାଟବଣା ସରକାର କରି ଚାଲିଛନ୍ତି । ଏନେଇ ଗଣମାଧ୍ୟମ ସମ୍ମୁଖରେ କେନ୍ଦ୍ରମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ । ହେଲେ ଏ ସଂକ୍ରାନ୍ତରେ ଅରୁଣ କି ସତ୍ୟ ନାରାୟଣ କୌଣସି ପ୍ରତିକ୍ରିୟା ରଖି ନ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ପ୍ରୋଗ୍ରାମ ଅଫିସ ଓ ସଂଯୋଜକମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

**ନୟାଗଡ଼ ଅଫିସ,୩୧।୭**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କାର୍ଯ୍ୟରତ ପ୍ରୋଗ୍ରାମ ଅଫିସର ଓ ସଂଯୋକମାନଙ୍କୁ ନିୟମିତ କରିବାକୁ ନୟାଗଡ଼ ଜିଲାପାଳଙ୍କ ଜରିଆରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପ୍ରୋଗ୍ରାମ ଅଫିସର ଓ ସଂଯୋଜଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଦୀର୍ଘ ବର୍ଷ ଧରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅସ୍ଥାୟୀ ଭାବେ କାମ କରି ଆସୁଛନ୍ତି । ହେଲେ ସେମାନଙ୍କୁ ଅଣଦେଖା କରାଯାଉଛି । ଏଣୁ ସରକାର ଆଉ ଅଣଦେଖା ନ କରି ସେମାନଙ୍କ ଚାକିରୀକୁ ସ୍ଥାୟୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଏଥିରେ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟ କରୁଥିବା ପ୍ରୋଗ୍ରାମ ଅଫିସର ଓ ସଂଯୋଜକମାନେ ଭାଗ ନେଇଥିଲେ ।





ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# ନିର୍ବାଚନୀ ପ୍ରତିଶ୍ରୁତି ରଖିଲେ ଦମ୍ପତି

### ବାଣ୍ଟିଲେ ଝିଅ ବାହାଘର ସହାୟତା ରାଶି

**ନୟାଗଡ଼ ଅଫିସ,୩୧।୭**

ନିର୍ବାଚନରେ ଜିତିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ନ ଭୁଲି ସରପଞ୍ଚ ଓ ସମିତି ସଭ୍ୟ ଦମ୍ପତି ନୟାଗଡ଼ ବ୍ଲକର ଭାଟସାହି, ମୁଗାଡିଆ ଓ ଚଣ୍ଡିବସ୍ତ ପଞ୍ଚାୟତର ଗରିବ ଲୋକଙ୍କ ଝିଅ ବାହାଘର ଉଦ୍ଦେଶ୍ୟରେ ସହାୟତା ରାଶି ରବିବାର ପ୍ରଦାନ କରିଛନ୍ତି। ୩ ପଞ୍ଚାୟତର ୩୦ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ନିଜସ୍ୱ ପାଣ୍ଠିରୁ ଦେଇ ଏହି ଦମ୍ପତି ଚର୍ଚ୍ଚାକୁ ଆସିଛନ୍ତି । ପୂର୍ବରୁ ଏହି ଦମ୍ପତି ନିଜ ପଞ୍ଚାୟତରେ ମାଗଣା ଆମ୍ବୁଲାନ୍ସ ସେବା ଯୋଗାଇ ଦେଇ ଚର୍ଚ୍ଚାରେ ଥିଲେ । ସୂଚନା ଅନୁଯାୟୀ, ଭାଟସାହିରେ ସରପଞ୍ଚ ପ୍ରାର୍ଥୀ ଭାବେ ସାରଦା କୁମାରୀ ସାହୁ ଓ ତାଙ୍କ ସ୍ୱାମୀ କିଶୋର ଚନ୍ଦ୍ର ସାହୁ ଚଣ୍ଡିବସ୍ତ ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିଲେ । ନିର୍ବାଚନରେ ବିଜୟୀ ହେଲେ ନୟାଗଡ଼ ବ୍ଲକର ଭାଟସାହି, ମୁଗାଡିଆ ଓ ଚଣ୍ଡିବସ୍ତ ପଞ୍ଚାୟତରେ ଝିଅ ବାହା ଘର ପାଇଁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ନିଜସ୍ୱ ଫଣ୍ଡରୁ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଉଭୟ ନିର୍ବାଚନରେ ବିଜୟୀ ହୋଇଥିଲେ । ଅନ୍ୟପକ୍ଷେ କିଶୋର ନୟାଗଡ଼ ବ୍ଲକର ଅଧ୍ୟକ୍ଷ ଅଛନ୍ତି । ନିର୍ବାଚନ ପରେ ୪ ମାସ ମଧ୍ୟରେ ଭାଟସାହି, ମୁଗାଡିଆ ଓ ଚଣ୍ଡିବସ୍ତ ପଞ୍ଚାୟତରେ ୩୦ ଜଣ ଝିଅ ବିବାହ କରିଛନ୍ତି । ବିବାହ କରିଥିବା ଝିଅଙ୍କ ପିତାମାତାଙ୍କୁ ଚିହ୍ନଟ କରି ଏହି ସହାୟତା ପ୍ରଦାନ କରାଯାଇଛି । ଏ ଅବସରରେ ନୟାଗଡ଼ ଜିଲା ବିଜେଡି କାର୍ଯ୍ୟାଳୟରେ ଏକ ସଭା ହୋଇଥିଲା । ଏଥିରେ ମୁଖ୍ୟଅତିଥି ରୂପେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ୩୦ ପରିବାରକୁ ବିବାହ ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ପୌରାଧକ୍ଷା ନିରୁପମା ଖଟେଇ, ନୟାଗଡ ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ କୁମାର ମହାପାତ୍ର, ମୁଆଗାଡିଆ ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ, ଚଣ୍ଡିବସ୍ତ ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ, ଭାଟସାହି ସରପଞ୍ଚ ସାରଦା କୁମାରୀ ସାହୁ, ନୟାଗଡ ବ୍ଲକ ବିଜେଡି ସଭାପତି ଅଜିତ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ

### ପ୍ରବୀର ସଭାପତି, ବାସୁଦେବ ସମ୍ପାଦକ

**ନୟାଗଡ଼ ଅଫିସ,୩୧।୭**

ନୟାଗଡ଼ ରୋଟାରୀ କ୍ଲବର ୩୩ ତମ ଅଧିଷ୍ଠାନ ଦିବସ ରବିବାର ସନ୍ଧ୍ୟାରେ ରୋଟାର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ସମ୍ମାନିତ ଅତିଥି ରୂପେ ସହକାରୀ ଗଭର୍ଣ୍ଣର ରୋଟାରିଆନ ରବୀନ୍ଦ୍ର କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ଧିରେନ୍ଦ୍ର କୁମାର ପଟ୍ଟନାୟକ ୨୦୨୨-୨୩ ବର୍ଷ ପାଇଁ ସଭାପତି ଭାବେ ପ୍ରବୀର କୁମାର ପୃଷ୍ଟିଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ । ସେହିପରି ବାସୁଦେବ ସାହୁଙ୍କୁ ସମ୍ପାଦକ ମିହିର ରଞ୍ଜନ ନାୟକ ଅନୁରୂପ ଭାବେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସେହିପରି ଅନ୍ୟ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**MILK UNION SAMBALPUR**
**VEHICLE REQUIRED ON HIRE**
TATA ACE or similar type of vehicle required on hire for Khuntbandh- Dangapada Milk Route running both morning and evening covering 160 K.M.
Interested Parties may purchase and submit Tenders by **10.08.2022**,
Tender Paper Cost- **Rs. 200/- + GST, EMD- Rs. 2,000/-**

# ସୁରଟରେ ମୃତ ଶ୍ରମିକଙ୍କ ପରିବାରକୁ ୬ଲକ୍ଷ ୮୭ ହଜାର ସହାୟତା

**ପୋଲସରା,୩୧।୭(ଡି.ଏନ.ଏ.)**

ନିଜର ପେଟପାଟଣା ଓ ପରିବାରର ଆର୍ଥିକ ସ୍ଥିତିକୁ ସ୍ୱଚ୍ଛଳ ଆଣିବା ପାଇଁ ନିଜ ଭିଟାମାଟି ଛାଡ଼ି ଗଞ୍ଜାମ ଜିଲା ପୋଲସରା ବ୍ଲକ କେନ୍ଦୁବାଡି ଗ୍ରାମର ଯୋଗୀ ମଳିକ ଏବଂ ତାଙ୍କ ସ୍ତ୍ରୀ ସୁନୀତା ମଳିକ ୧୦ ମାସ ପୂର୍ବେ ସୁରଟ ଯାଇଥିଲେ। ସେଠାରେ ଏକ ନିର୍ମାଣାଧୀନ ଚାରି ମହଲା କୋଠା ଘରେ କାମ କରୁଥିବା ବେଳେ ସୁନୀତା ତଳେ ପଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ପୂରା ପରିବାର ଶୋକାକୁଳ ଅବସ୍ଥାରେ ନିରାଶ୍ରୟ ହୋଇପଡିଥିବା ବେଳେ ମୃତ ସୁନୀତାଙ୍କ ୧୫ ବର୍ଷର ଝିଅ ଓ ୧୩ ବର୍ଷର ପୁଅ ଶାରୀରିକ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ହେଲେ ସୁରଟ ସହରରେ ବହୁ ପୂର୍ବରୁ ପ୍ରବାସୀ ଓଡ଼ିଆମାନଙ୍କୁ ନେଇ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରବାସୀ ଓଡ଼ିଆ ସମାଜ ଟ୍ରଷ୍ଟ ଗଠନ ହୋଇଥିଲା। ଯିଏକି ସୁରଟରେ କାମ କରୁଥିବା ଶହ ଶହ ଓଡ଼ିଆ ଶ୍ରମିକଙ୍କ ସମସ୍ୟା ନେଇ କାମ କରୁଥିଲା। ଏଭଳି ସ୍ଥିତିରେ ମୃତ୍ୟୁବରଣ କରିଥିବା ସୁନୀତାଙ୍କ ପରିବାର ସମ୍ପର୍କରେ ଅବଗତ ହୋଇଥିଲେ ଟ୍ରଷ୍ଟର ସଦସ୍ୟ। ପରେ ପ୍ରବାସୀ ଓଡ଼ିଆ ସମାଜ ଟ୍ରଷ୍ଟ ସଭାପତି ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ସମ୍ପାଦକ ଜୟରାମ ଦଳେଇ ଓ ମହିଳା ମଣ୍ଡଳ ସଦସ୍ୟ ଓ ଅନ୍ୟ ଓଡ଼ିଆ ଭାଇମାନେ ନିର୍ମାଣ ସଂସ୍ଥା ମାଲିକଙ୍କ ସହ ଆଲୋଚନା କରି ଆର୍ଥିକ ସହାୟତା ଦେବା ପାଇଁ ଦାବି କରିଥିଲେ। ଯାହାକି ୩୦ ତାରିଖରେ ଆଇନ ଅନୁଯାୟୀ ମୃତ ସୁନୀତାଙ୍କ ୧୫ ବର୍ଷର ଝିଅ ଓ ୧୩ ବର୍ଷର ପୁଅଙ୍କ ନାମରେ ୬ ଲକ୍ଷ ୮୭ ହଜାର ଟଙ୍କାର ଏକ ବ୍ୟାଙ୍କ ଚେକ୍ ପ୍ରଦାନ କରିଥିଲେ। ଯାହାକୁ ନେଇ ମୃତ ସୁନୀତାଙ୍କ ପରିବାର ସମେତ ପୋଲସରା ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ ପ୍ରବାସୀ ଓଡ଼ିଆ ସମାଜ ଟ୍ରଷ୍ଟକୁ ପ୍ରଶଂସା କରିଛନ୍ତି।

**OFFICE OF THE PRINCIPAL,**
**GOVT. COLLEGE OF PHYSICAL EDUCATION**
**SAMBALPUR, KULUNDI**
Letter No.516, Dt.30.07.2022
**TENDER CALL NOTICE**
Sealed Tenders are invited from authorised suppliers/ Dealers and registered farms having valid TIN/VAT/ OST and GST Clearance Certificate for supply of sports uniforms for use of the students of Govt. college of Physical Education Sambalpur, Kulundi during the session of 2021-23 batch. The detail Information will be obtained through Tenders paper. The Tender papers will be available In the college office from 01.07.2022 to 05.08.2022 between 11 AM to 4 PM on every working day on payment of Rs.100/-(Rupees one hundred) only each .The last date for receive tender documents is fixed on dtd.06.08.2022 by 12AM and open on dtd. 06.08.2022 at 12.30. PM .The undersign reserves the right to accept or reject this tender in fully or partly without assigning any reason thereof.
**Sd./- Principal**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]
ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ହଳଦିଆପଦର ଶାଖା/ ଋଣଗ୍ରହୀତା: ସନ୍ ଆଗ୍ରୋ ଇଞ୍ଜିନିୟରିଂ ୱାର୍କ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସନ୍ଧ୍ୟାରାଣୀ ମହାନ୍ତି,** ସା: ରାଳଭ ରୋଡ୍, ରାଜୁଭାଇ ମାର୍ଗ, ସାଇରାମ ନଗର, ହଳଦିଆପଦର-୭୬୦୦୦୩ | ଟ.୧୮,୮୯,୩୨୬.୭୭ + ସେବାବଦ ସୁଧ | ୨୩.୦୩.୨୦୨୨ / ୨୯.୦୭.୨୦୨୨ | ଶ୍ରୀ ଆଲୋକମୟ ମହାନ୍ତିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଶଂବିଶେଷ ଯାହାର ପ୍ଲଟ୍ ନଂ.: ୧୦/୩୧୯୨, ଖାତା ନଂ.: ୪୩୫/୪୮୫୩, ପରିମିତ କ୍ଷେତ୍ର: ଏକର |
| ୦.୦୨୨ ଡିସିମିଲି, ରେଭିନ୍ୟୁ ମୌଜା: ରାଳଭ, ତହସିଲ: କନିସି, ସା: ସାଇ ନଗର, ହଳଦିଆପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଜମି ସମ୍ପର୍କିତ ପ୍ଲଟ୍ ନଂ.: ୧୦, ଉତ୍ତର: ଇ ରାମ ମୂର୍ତ୍ତିଙ୍କ ଜମି, ଦକ୍ଷିଣ: ଜମି ସମ୍ପର୍କିତ ପ୍ଲଟ୍ ନଂ.: ୧୦ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି | | | |
| **ପୋଲସରା ଶାଖା/ ଋଣଗ୍ରହୀତା: ମେସର୍ସ ଶୁଭଜୀ ପାୱାର ଲାଇନ୍ ସିଷ୍ଟମ, ସ୍ୱତ୍ତ୍ୱାଧିକାରୀ: ଭଗବାନ ବେହେରା** | ଟ.୧୪,୪୯,୬୮୧.୭୦ + ସେବାବଦ ସୁଧ | ୦୭.୦୫.୨୦୨୨ / ୨୯.୦୭.୨୦୨୨ | **୧) ଶ୍ରୀ ଭଗବାନ ବେହେରା,** ପିତା: ୰ ଭୂୟାଁ ବେହେରା, **୨) ଶ୍ରୀ ହରିହର ବେହେରା,** ପିତା: ୰ ଭୂୟାଁ ବେହେରା, |
| ସା: ପାଟଣା ପଦର ସାହି, ଏସ୍‌ଆରଓ/ଥାନା/ତହସିଲ: ପୋଲସରା, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଶଂବିଶେଷ ଯାହାର କ୍ଷେତ୍ର: ଏକର ୦.୦୨୮ଡିସିମିଲି, ପ୍ଲଟ୍ ନଂ.: ୫୬୩୪, ଖାତା ନଂ.: ୫୩୭, ଏନ୍‌ଏସି ହୋଲ୍ଡିଂ ନଂ.: ୮୪, ୱାର୍ଡ ନଂ.: ୪/୬, ଗ୍ରାମ/ମୌଜା: ପାଟଣା ପଦର ସାହି, ଏସ୍‌ଆରଓ/ଥାନା/ତହସିଲ: ପୋଲସରା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବୃନ୍ଦାବନ ସାହୁଙ୍କ ଗୃହ ସମ୍ପତ୍ତି, ପଶ୍ଚିମ: ଅଭିମନ୍ୟୁ ମହାରଣାଙ୍କ ଗୃହ ସମ୍ପତ୍ତି, ଉତ୍ତର: ମୁଖ୍ୟ ରାସ୍ତା, ଦକ୍ଷିଣ: ମୁଖ୍ୟ ରାସ୍ତା | | | |
| **ପୋଲସରା ଶାଖା/ ଋଣଗ୍ରହୀତା: ଶ୍ରୀ ପି. ରାଜେଶ୍ୱର ପାତ୍ର** | ଟ.୬,୮୮,୨୮୩.୫୦ + ସେବାବଦ ସୁଧ | ୦୮.୦୪.୨୦୨୨/ ୨୯.୦୭.୨୦୨୨ | **ଶ୍ରୀ ପି. ରାଜେଶ୍ୱର ପାତ୍ର,** ପିତା: ବୃନ୍ଦାବନ ପାତ୍ରଙ୍କ ନାମରେ ଥିବା |
| ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଶଂବିଶେଷ ଯାହାର କ୍ଷେତ୍ର: ଏକର ୦.୦୧୨ଡିସିମିଲି, ପ୍ଲଟ୍ ନଂ.: ୫୦୪୩, ଖାତା ନଂ.: ୭୪୩, ଗ୍ରାମ/ମୌଜା: ପୋଲସରା, ମେନ୍ ରୋଡ୍, ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ବ୍ଲକ୍: ପୋଲସରା, ଥାନା/ତହସିଲ/ ଏସ୍‌ଆରଓ: ପୋଲସରା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗାନ୍ଧୀ ବେହେରାଙ୍କ ଗୃହ, ଉତ୍ତର: ଏ ପ୍ରଶାନ୍ତ କୁମାର ଗୁପ୍ତାଙ୍କ ଗୃହ, ଦକ୍ଷିଣ: ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ | | | |
| **ଗୋସାଣୀନୂଆଗାଁ ଶାଖା/ ଋଣଗ୍ରହୀତା: ଭୈରବୀ ଇଞ୍ଜିନିୟରିଂ ୱାର୍କ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବସନ୍ତ କୁମାରୀ ମହାରଣା,** ସା: ଜଗନ୍ନାଥ ବିହାର, ଅଟୋ ନଗର, ପ୍ରଥମ ଗେଟ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ଟ.୫,୮୯,୭୯୮.୬୬ + ସେବାବଦ ସୁଧ | ୦୬.୦୭.୨୦୨୧ / ୨୯.୦୭.୨୦୨୨ | **ଶ୍ରୀମତୀ ବସନ୍ତ କୁମାରୀ ମହାରଣାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଶଂବିଶେଷ ଯାହାର ପ୍ଲଟ୍ ନଂ.: ୪୦୩/୧୪୮୧, ଖାତା ନଂ.: ୫୧୮/୩୧୨, ପରିମିତ କ୍ଷେତ୍ର: |
| ୪୯୨ ବର୍ଗଫୁଟ, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବ୍ରହ୍ମପୁର, ସା: କାଲୁଆ ଷ୍ଟ୍ରିଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପୂର୍ଣ୍ଣ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ରାସ୍ତା, ଉତ୍ତର: ନାରାୟଣ ରାଉତଙ୍କ ଗୃହ, ଦକ୍ଷିଣ: ଆଦି ଲକ୍ଷ୍ମୀଙ୍କ ଗୃହ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି | | | |
| **ଗୋସାଣୀନୂଆଗାଁ ଶାଖା/ ଋଣଗ୍ରହୀତା: ମେସର୍ସ ଭୁବନେଶ୍ୱରୀ ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ର,** ପିତା: ଶ୍ରୀ ଦଣ୍ଡପାଣି ମହାପାତ୍ର, ସା: ସାନ ବଜାର ମେନ୍ ରୋଡ୍, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୦୨ | ଟ.୨୦,୧୬,୬୦୫.୮୫ + ସେବାବଦ ସୁଧ | ୨୧.୦୫.୨୦୨୨ / ୩୦.୦୭.୨୦୨୨ | **ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଶଂବିଶେଷ ଯାହାର ପ୍ଲଟ୍ ନଂ.: ୫୧୪, ଖାତା ନଂ.: ୧୧୦୩/୪୪, ପରିମିତ କ୍ଷେତ୍ର: ଏକର |
| ୦.୦୦୫ ଡିସିମିଲି, ରେଭିନ୍ୟୁ ମୌଜା: ମାଧବପୁର, ତହସିଲ୍: ବ୍ରହ୍ମପୁର, ସା: ସାନ ବଜାର ମେନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜେ ଇନ୍ଦିରାଙ୍କ ଗୃହ, ପଶ୍ଚିମ: ଜେ.ସୂର୍ଯ୍ୟ ରାଓଙ୍କ ଗୃହ, ଉତ୍ତର: ପ୍ରଫୁଲ୍ଲ ସାହୁଙ୍କ ଗୃହ, ଦକ୍ଷିଣ: ମେନ୍ ରୋଡ୍ ଏବଂ ଆପଣଙ୍କ ଦ୍ୱାରା ବ୍ୟାଙ୍କ ସପକ୍ଷରେ ବନ୍ଧକ ଦିଆଯାଇଥିବା ସ୍ଥାବର କିମ୍ବା ଅସ୍ଥାବର ଅନ୍ୟାନ୍ୟ ସମ୍ପତ୍ତି | | | |

ସ୍ଥାନ: ବ୍ରହ୍ମପୁର
ତାରିଖ: ୩୦.୦୭.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India
**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩
**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]
ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ ମୁଖ୍ୟ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| କଟକ ମୁଖ୍ୟ ଶାଖା - ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ:(୧)ମେସର୍ସ ଦାସ ଏଜେନ୍ସିସ୍, ସତ୍ତ୍ୱାଧିକାରୀ: ଶ୍ରୀ ରମେଶ ଚନ୍ଦ୍ର ଦାସ,** ପିତା: ୰ବିନୋଦ ବିହାରି ଦାସ, ଠିକଣା :ମାର୍ଫତ ଅଜିତ୍ ଚନ୍ଦ୍ର ଦାସ, ପ୍ରଫେସରପଡା, କେନାଲ ରୋଡ, କଟକ-୭୫୩୦୦୩, ଏବଂ ଯୋବ୍ରା ରୋଡ, କଲେଜ ଛକ, କଟକ-୭୫୩୦୦୩, **(୨)ଶ୍ରୀ ରମେଶ ଚନ୍ଦ୍ର ଦାସ,** ପିତା: ୰ବିନୋଦ ବିହାରି ଦାସ, ଠିକଣା: ସା-ବଡେଇସାହି, ପୋ.-ବକ୍ସିବଜାର, କଟକ-୭୫୩୦୦୧, **ଜାମିନ୍‌ଦାରମାନେ: (୧)ଶ୍ରୀ ହରିଶ ଚନ୍ଦ୍ର ଦାସ,** ପିତା: ୰ବିନୋଦ ବିହାରି ଦାସ, **(୨)ଶ୍ରୀ ରାମ ଚନ୍ଦ୍ର ଦାସ,** ପିତା: ୰ବିନୋଦ ବିହାରି ଦାସ, ଉଭୟଙ୍କ ଠିକଣା: ସା-ବଡେଇସାହି, ପୋ.-ବକ୍ସିବଜାର, କଟକ-୭୫୩୦୦୧ । | ତା.୩୦.୦୪.୨୦୨୨ସୁଦ୍ଧା ଟ.୩୬,୨୩,୮୨୬.୦୧ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୨୪.୦୫.୨୦୨୨ / ୨୯.୦୭.୨୦୨୨ | ଶ୍ରୀ ରାମ ଚନ୍ଦ୍ର ଦାସ, ଶ୍ରୀ ହରିଶ ଚନ୍ଦ୍ର ଦାସ ଏବଂ ଶ୍ରୀ ରମେଶ ଚନ୍ଦ୍ର ଦାସ, ପିତା: ବିନୋଦ ବିହାରି ଦାସ ଙ୍କ ନାମରେ ଥିବା ବାସେପୋଯୋଗି ଜମି ଯାହାର ଖାତା ନଂ.୫୬୬/୨୩୭, ପ୍ଲଟ ନଂ.୧୮୮/୧୯୫୬, ଏରିଆ: ଏ୦.୦୭୬ ଡିସିମିଲି, ମୌଜା: ଚମ୍ପତି, ଥାନା: ସାଲେପୁର, ଥାନା ନଂ.୧୦, ତହସିଲି: ସାଲେପୁର, ତହସିଲି ନଂ.୫୧୫, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- କୁହକ ସେଠିଙ୍କ ପ୍ଲଟ, ପୂର୍ବ- ପୂର୍ଣ୍ଣଚନ୍ଦ୍ର ବେହୁରାଙ୍କ ପ୍ଲଟ, ପଶ୍ଚିମ- ସ୍ୱର୍ଣ୍ଣଲତା ମଣ୍ଡଳଙ୍କ ପ୍ଲଟ । |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୦୭.୨୦୨୨
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE DISTRICT JUDGE, RAYAGADA**
No.02/Rect./2022
**ADVERTISEMENT**
**Dated, the 28th days of July, 2022**

Applications in the prescribed format are invited from intending candidates for filling up of the following posts of Junior Clerk/Copyist, Junior Typist and Junior Stenographer Grade-III in the scale of pay as noted against each category of posts per month with usual D.A. and other allowances as admissible by Government from time to time on regular basis in accordance with the provisions contained in Orissa District and Subordinate Courts' Non-Judicial Staff Services [Method of Recruitment and Conditions of Service] Rules, 2008 and amendment Rules, 2010 subject to result of W.P.(C) No. 1273/2014 pending before the Hon'ble High Court of Orissa, Cuttack:

**Category-wise Vacancy position**

| Name of Post | Scale of Pay | Scheduled Tribe | Scheduled Caste | S.E.B.C. | UR | Total |
|---|---|---|---|---|---|---|
| Junior Clerk/ Copyist | Rs.19,900/- in Level-04 in the pay Matrix under ORSP Rules, 2017 | 8 (3-W) | 2 (1-W) | -- | 6 (2-W) | **16** |
| Junior Typist | | 2 (1-W) | -- | -- | 1 (W) | **3** |
| Stenographer Grade-III | Rs.25,500/- in Level-07 in the pay Matrix under ORSP Rules, 2017 | 1 | 1 (W) | 1 (W) | 1 | **4** |
| Grand Total | | 11 | 3 | 1 | 8 | **23** |

Reservation and age relaxation in respect of reserved categories of candidates shall be in accordance with the provisions of the Acts, Rules, Orders or Instructions for the time being in force, for the respective reserved categories. The vacancies against ST & SC category advertised above include backlog vacancies. The number of above vacancies in different categories of the post may increase or decrease. The reservation for Women, person with disabilities/Ex-Servicemen/Sports person shall be in accordance with the Orders/Rules issued from time to time.

The other condition of service shall be guided by the relevant provisions of Orissa District and Subordinate Courts' Non-Judicial Staff Services (Method of Recruitment and Conditions of Service) Rules, 2008 and amendment Rules, 2010 subject to result of W.P.(C) No. 1273/2014 pending before the Hon'ble High Court of Orissa, Cuttack

The decision of the District Judge, Rayagada as to the result of the examination shall be final and in no case shall liable to be challenged.

The last date of receipt of application is fixed on **27.08.2022.** The application shall be sent to the **REGISTRAR, CIVIL COURTS, RAYAGADA, AT/PO-RAYAGADA, PIN-765001, DIST-RAYAGADA on or before 27.08.2022 by 5.00 P.M** through Speed Post/Registered Post only. Applicants may also drop their applications in the **Drop Box** kept in front of Nizarat Section, Civil Courts, Rayagada during the office hours on the working days only. Applications received in the office after the due date & time shall be summarily rejected.

For details of Advertisement, application form, eligibility criteria, scheme of examination and method of selection are available in the District Court's website.

**https://districts.ecourts.gov.in/rayagada**

**BY ORDER OF THE DISTRICTJUDGE**
**Sd./- Registrar, Civil Courts, Rayagada**

# ଗଞ୍ଜାମରେ ବର୍ଷାଭାବ, ଚାଷ ବାଧାପ୍ରାପ୍ତ

**ଛତ୍ରପୁର,୩୧।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଚଳିତ ବର୍ଷ କମ୍ ବର୍ଷା ହୋଇଛି। ଫଳରେ ଜିଲାର ଅଧିକାଂଶ ସ୍ଥାନରେ ଖରିଫ୍ ଧାନତଳି ପୋଡ଼ିବାକୁ ଲାଗିଲାଣି । ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଜିଲାର କେତେକ ସ୍ଥାନରେ ତଳି ରୁଆ ହୋଇଥିଲେ ମଧ୍ୟ ଜଳସେଚନର ଅଭାବ ରହିଛି । ଫଳରେ ଏହା ନଷ୍ଟ ହେବାର ଆଶଙ୍କା ଚାଷୀଙ୍କୁ ଘାରିଛି । ଧାନତଳିର ସୁରକ୍ଷା ସହ ରୁଆ ଧାନକୁ ତୁରନ୍ତ ଜଳସେଚନର ସୁବିଧା ନ କଲେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିବା ଏକପ୍ରକାର ନିଶ୍ଚିତ । ଏହାର ପ୍ରତିକାର ଲାଗି ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ମହାସଭା ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ବର୍ଷା ଅଭାବରୁ ଅଧିକାଂଶ ଅଞ୍ଚଳରେ ଧାନ ତଳି ପୋଡ଼ିଗଲାଣି । ଚାଷଜମି ପାଣି ଅଭାବରୁ ଫାଟିଗଲାଣି। ଏପରି ସ୍ଥିତିରେ ଚାଷୀମାନଙ୍କୁ ସୁରକ୍ଷା ଦେବା ଲାଗି ମହାସଭା ପକ୍ଷରୁ ଅନୁରୋଧ କରାଯାଇଥିବା ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି। ଧାନତଳି ଓ ରୁଆ ଧାନ ନଷ୍ଟ ହେବାକୁ ଯାଉଥିବାରୁ ତୁରନ୍ତ ସମସ୍ତ ଘରୋଇ ଓ ସରକାରୀ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରି ପାଣି ଯୋଗାଇ ଦିଆଯାଉ ବୋଲି ଅନୁରୋଧ କରାଯାଇଛି । ଏଥିସହ ଜୟମଙ୍ଗଳ, ହୀରାଧାରବାଟୀ, ଋଷିକୁଲ୍ୟା ଆଦି କେନାଲରେ ପାଣି ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେବା, ବର୍ଷାଜଳକୁ ସଂରକ୍ଷଣ କରିବା ଉପରେ ଗୁରୁତ୍ୱ ଏବଂ କୃଷି ଓ ଜଳସେଚନ କର୍ମଚାରୀମାନେ ଚାଷୀମାନଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି ।

> ଧାରା ଶ୍ରାବଣରେ ବର୍ଷାର ଅଭାବ। ଗଞ୍ଜାମ ଜିଲାର ଚାଷୀଙ୍କୁ ଯେମିତି ପ୍ରକୃତି ଦାଉ ସାଧିଛି। ଗତ କିଛି ଦିନ ପୂର୍ବରୁ ଲଗାଣ ବର୍ଷା ଚାଷୀଙ୍କୁ ଆଶ୍ୱସ୍ତି ଆଣିଦେଇଥିଲା। କିନ୍ତୁ ଏବେ ଶ୍ରାବଣ ମାସରେ ବର୍ଷାର ଅଭାବ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ପାଣିର ଅଭାବ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅନେକ ଜାଗାରେ ଧାନ ରୁଆ ହୋଇପାରିନଥିବା ବେଳେ ଅଧିକାଂଶ ସ୍ଥାନରେ ତଳି ଖରାରେ ପୋଡ଼ି ନଷ୍ଟହେବାକୁ ବସିଲାଣି। ଚାଷ କାର୍ଯ୍ୟ କେମିତି କରାଯିବ ସେ ନେଇ ଚାଷୀ ଏବେ ଚିନ୍ତାରେ ପଡ଼ିଛି।

### ବର୍ଷାଭାବ, ପୋଡ଼ିଲାଣି ଧାନତଳି



ପୋଡ଼ିଯାଇଥିବା ଧାନତଳି।

## ପାଣି ପାଇଁ ହାହାକାର

**ହିଞ୍ଜିଳିକାଟୁ, ୩୧।୭(ଡି.ଏନ୍.ଏ)**

### ଜୟ ମଙ୍ଗଳରେ ପାଣି ଆସିଲା

ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳରେ ଗତ ୧୮ ତାରିଖରୁ ବର୍ଷା ହୋଇନାହିଁ। ରୁଆ କାର୍ଯ୍ୟ ହୋଇପାରୁନାହିଁ। ତଳି ପୋଡ଼ଯିବା ଅବସ୍ଥା ହେଲାଣି। ବର୍ଷା ଅଭାବରୁ ଚାଷୀଙ୍କ ମଧ୍ୟରେ ଭାଳେଣୀ ପଡ଼ିଛି। ଚାଷ ପାଇଁ ଜୀବନରେଖା ସଦୃଶ ଜୟମଙ୍ଗଳ କେନାଲରେ ଦିଗପହଣ୍ଡି ଘୋଡ଼ାହାଡ଼ ଡ୍ୟାମରୁ ପାଣି ଛାଡ଼ିବାକୁ ଦାବି ହୋଇଥିଲା। ୫ଦିନ ପାଇଁ ପାଣି ଛାଡ଼ିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ଡ୍ୟାମରୁ ପାଣି ଛଡ଼ା ଯାଇଛି। ରବିବାର ପୂର୍ବାହ୍ନରେ ଏହି ପାଣି ହିଞ୍ଜିଳିକାଟୁ ଅଞ୍ଚଳରେ ପହଞ୍ଚିଛି। କେନାଲରେ ପାଣି ଦେଖି ଚାଷୀଙ୍କ ମନରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଜୟମଙ୍ଗଳ କେନାଲ ଉପରେ ନିର୍ଭର କରି ହିଞ୍ଜିଳିକାଟୁ ବ୍ଲକର ପ୍ରାୟ ୪ ହଜାର ହେକ୍ଟର ଚାଷ ଜମିରେ ଜଳ ସେଚନ ହୋଇପାରିବ ବୋଲି ଅଶା କରାଯାଉଛି। ପ୍ରକାଶ ଯେ, ଜୁଲାଇ ମାସରେ ଗଞ୍ଜାମ ଜିଲାରେ ହାରାହାରି ୨୪୪ମିମି ବର୍ଷା ରେକର୍ଡ଼ ହୋଇଛି। ହିଞ୍ଜିଳିକାଟୁ ବ୍ଲକରେ ଜୁଲାଇ ମାସରେ ମାତ୍ର ୧୯୩ମିମି ବର୍ଷା ହୋଇଥିବା ରେକର୍ଡ଼ ହୋଇଛି। ଗତ ୧୮ରୁ ଅଞ୍ଚଳରେ ଆଦୌ ବର୍ଷା ହୋଇନାହିଁ। ରୁଆ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ତଳି ପାକଳ ହୋଇ ପୋଡିଯିବା ଅବସ୍ଥା ହେଲାଣି। ଆଗକୁ ପରିସ୍ଥିତ ସଙ୍ଗୀନ ହେବବୋଲି ଆଶଙ୍କା ପ୍ରକାଶ ପାଇଛି। ତଳି ରକ୍ଷା ପାଇଁ ବହୁ ଚାଷୀ ବିଭିନ୍ନ ଉତ୍ସରୁ ମୋଟରରେ ପାଣି ଆଣି ଜମିରେ ପକାଇଛନ୍ତି। ବର୍ଷା ନହେବା ପର୍ଯ୍ୟନ୍ତ ଜୟମଙ୍ଗଳ କେନାଲ ଜରିଆରେ ଡ୍ୟାମରୁ ପାଣି ପ୍ରଦାନ କରିବାକୁ ଚାଷୀ ତରୁଣ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ସଦାନନ୍ଦ ସ୍ୱାଇଁ , ସୀମାଞ୍ଚଳ ଦାଶ ପ୍ରମୁଖ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଶୈବପୀଠକୁ କାଉଡ଼ିଆଙ୍କ ଲମ୍ବାଧାଡ଼ି

**ବାଲିଗୁଡା,୩୧।୭(ଡି.ଏନ.ଏ.):** କନ୍ଧମାଳ ଜିଲାର ବିଭିନ୍ନ ଶୈବପୀଠକୁ ଶହ ଶହ କାଉଡ଼ିଆଙ୍କ ଧାଡ଼ି ଛୁଟିଛି। ଉଭୟ ପୁରୁଷ ଓ ମହିଳା ଭକ୍ତମାନେ ଚକାପାଦରେ ଥିବା ଶୈବପୀଠକୁ ଗସ୍ତ କରିବା ଆରମ୍ଭ କରିଛନ୍ତି। ରୀତିନୀତି ପ୍ରକାରେ ନଦୀରୁ ଜଳ ଉଠାଇ ଶୈବପୀଠ ଅଭିମୁଖେ ଯାତ୍ରା କରିଛନ୍ତି। ଫୁଲବାଣୀ ହନୁମାନ ମନ୍ଦିର ସାହିର କାଉଡିଆମାନେ ଏକତ୍ରିତ ହୋଇ ଏକ ଭାର ନେଉଥିବାର ଦେଖାଯାଇଛି। ଏହିସବୁ କାଉଡ଼ିଆମାନେ ଏଫସିଆଇ ଛକ ସ୍ଥିତ ଜଳେଶ୍ୱର ମନ୍ଦିରରେ ପୂଜାକର୍ମ ପରେ ଚକାପାଦ ଅଭିମୁଖେ ବାହାରିଛନ୍ତି। ଜାଲେଶପଟାର ଜଳେଶ୍ୱର, ଦଣ୍ଡପଦରର ଧବଳେଶ୍ୱର, ବାଲିଗୁଡାର ବିରୁପାକ୍ଷ, ରାମେଶ୍ୱର ମନ୍ଦିର ଭଳି ବହୁ ଶୈବପୀଠକୁ ଗସ୍ତ କରିଥିବା ବେଳେ ସୋମବାର ଜଳଲାଗି କରିବେ ବୋଲି ଜଣାପଡିଛି।

### ଝାଡ଼ାବାନ୍ତି ସ୍ଥିତି ସମୀକ୍ଷା କଲେ ଉପଜିଲାପାଳ

**ଆର୍.ଉଦୟଗିରି,୩୧।୭(ଡି.ଏନ.ଏ.):** ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଉପଜିଲାପାଳ ଆଲୋକ କୁମାର ପ୍ରଧାନ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପରିଦର୍ଶନରେ ଆସି ପି.ଗୋବିନ୍ଦପୁର ଗ୍ରାମରେ ଝାଡ଼ାବାନ୍ତି ସ୍ଥିତି ସମୀକ୍ଷା କରିଛନ୍ତି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କୋଠରି ବୁଲି ଦେଖିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଡାକ୍ତର ନମିତା ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲାପାଳ ଡାକ୍ତରମାନଙ୍କ ଉପସ୍ଥାନ ଓ କିଛି ନଥିପତ୍ର ତନଖି କରିଥିଲେ।

### ସିପିଆଇର ଆଞ୍ଚଳିକ ସମ୍ମିଳନୀ

**ଆସିକା, ୩୧।୭ (ଡି.ଏନ୍.ଏ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଆସିକା ଆଞ୍ଚଳିକ ସମ୍ମିଳନୀ ରବିବାର କାଳଷଣ୍ଡପୁରସ୍ଥିତ ମେରୁମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ମହେଶ୍ୱର ନାହାକ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ସନ୍ୟାସୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଓଡ଼ିଶା ଯୁବ ସଂଘର ସଭାପତି ପ୍ରଦୀପ କୁମାର ସେଠୀ, ଛାତ୍ର ସଂଘର ସଭାପତି କାମଦେବ ନାହାକ, ଧରାକୋଟ ଆଞ୍ଚଳିକ ସମ୍ପାଦକ ବିଦେଶୀ ନାହାକ ପ୍ରମୁଖ ଯୋଗଦେଇ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଦଳୀୟ ସାଂଗଠନିକ ଅଭିବୃଦ୍ଧି ଦିଗରେ ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯିବା ସହ ବିଶେଷ କରି ଛାତ୍ରମାନଙ୍କୁ ଦଳୀୟ ଭାବଧାରାରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଚଳିତ ବର୍ଷ ଲାଗି କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ଦାସଙ୍କୁ ସମ୍ପାଦକ ଓ ରୁଦ୍ର ପ୍ରସାଦ ଆଚାରୀଙ୍କୁ ସହସଂପାଦକ ରୂପେ ନିର୍ବାଚିତ କରାଯାଇଥିଲା ବେଳେ ୧୧ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଶେରଗଡ ଆଞ୍ଚଳିକ କମିଟି ସମ୍ପାଦକ ପଞ୍ଚାନନ ସ୍ୱାଇଁ, ଶରତ ଚନ୍ଦ୍ର ପଣ୍ଡା, ଉପେନ୍ଦ୍ର ଭଞ୍ଜ, ଭଜରାମ ଲେଙ୍କା, ସନ୍ୟାସୀ ସାହାଣି, ପ୍ରଫୁଲ୍ଲ ନାହାକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠା ଉତ୍ସବ

**ଫୁଲବାଣୀ ଅଫିସ, ୩୧।୭:** ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଜନ୍ମ ବାର୍ଷିକ ଉତ୍ସବ ତଥା ଫୁଲବାଣୀ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଖ୍ୟଅତିଥି ଭାବେ ଅନୁଷ୍ଠାନର ଛାତ୍ର ତଥା ଗଜପତି ସହକାରୀ ଜିଲାପାଳ କିରଣ କୁମାର ମହାନ୍ତି ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ବରଗଡ ପଞ୍ଚାୟତ କଲେଜ ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଆଡଭୋକେଟ ବିଜୟକୃଷ୍ଣ ପଟ୍ଟନାୟକ, ପଣ୍ଡିତ ଅନନ୍ତ ଚରଣ ମିଶ୍ର, ଅରବିନ୍ଦ ପାଠଚକ୍ର ଫୁଲବାଣୀ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବନାନୀରାଣୀ ପଟ୍ଟନାୟକ, ପ୍ରିନ୍ସିପାଲ ଉଷାମଣି ମହାନ୍ତି ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ବିନୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ତଥା ଚିତ୍ରାଙ୍କନ, ନୃତ୍ୟ, ବକ୍ତୃତାରେ ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ନାଚ ଗୀତ ଗାଇ ପାଠ ପଢ଼ାଇଲେ ଅଙ୍ଗନୱାଡି କର୍ମୀ



ନାଚ ଗୀତ ଗାଇ ପଢ଼ାଉଛନ୍ତି ଅଙ୍ଗନୱାଡି କର୍ମୀ

**ଦିଗପହଣ୍ଡି,୩୧।୭(ଡି.ଏନ.ଏ.)**

ନାଚି ନାଚି, ଗୀତ ଗାଇ ପାଠ ପଢ଼ାଉଛନ୍ତି ଅଙ୍ଗନୱାଡ଼ି କର୍ମୀ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରିବୁଲୁଛି। ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହା ଦେଖିବାକୁ ମିଳିଛି। ଅଙ୍ଗନୱାଡ଼ି କର୍ମୀ ଗୀତାଞ୍ଜଳି ଲେଙ୍କା ଏବଂ କେନ୍ଦ୍ର -୨ର ରାଜଲକ୍ଷ୍ମୀ ସ୍ୱାଇଁ ପିଲାମାନଙ୍କୁ ନାଚ ଗୀତ ମାଧ୍ୟମରେ ଶିକ୍ଷାଦାନ କରୁଛନ୍ତି। ପିଲାମାନେ ନିୟମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିବା ଓ ପାଠ ପଢା ପ୍ରତି ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଭଳି ନାଚ ଗୀତ ଜରିଆରେ ପାଠ ପଢ଼ାଉଥିବା କହିଛନ୍ତି। ଏଭଳି ନିଆରା ପ୍ରୟାସ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ନାଚ ଗୀତରେ ପାଠ ପଢାଯିବା ଦ୍ୱାରା ପିଲାମାନେ କେନ୍ଦ୍ରକୁ ରୀତିମତ ଆସିବା ସହ ପାଠ ପଢିବାରେ ଆଗ୍ରହ ଦେଖାଉଛନ୍ତି ବୋଲି ବହୁ ଅଭିଭାବକ ଓ ଗ୍ରାମବାସୀ କହିଛନ୍ତି। ଭିଡିଓରେ ଅଙ୍ଗନୱାଡ଼ି କେନ୍ଦ୍ରରେ କୁନି କୁନି ଛୁଆଙ୍କୁ ଅଙ୍ଗନୱାଡ଼ି କର୍ମୀ ଦ୍ୱୟ ନାଚ ଗୀତ ମାଧ୍ୟମରେ ଦେଉଛନ୍ତି ଗୁଣାତ୍ମକ ଶିକ୍ଷା, ନୈତିକତା, ପରିବେଶ ସୁରକ୍ଷା ଭଳି ଅନେକ ଶିକ୍ଷା। କରୋନା ସମୟରେ ଏହି ଦୁଇ ଜଣ ଅଙ୍ଗନୱାଡ଼ି କର୍ମୀ ଲୋକଙ୍କୁ ସାହାଯ୍ୟ କରି ଚର୍ଚ୍ଚାରେ ଥିଲେ।

## ବନ୍ଦ କୋଠରିରୁ ନବବଧୂଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ପାରଳାଖେମୁଣ୍ଡି: ୩୧।୭ (ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ଥାନା ଯାଜପୁର ଗାଁର ରଘୁନାଥ ବେହେରାଙ୍କ ସ୍ତ୍ରୀ ମୀନା ବେହେରାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଏକ ବନ୍ଦ କୋଠରୀରୁ ଉଦ୍ଧାର କରାଯାଇଛି। ଘରେ କେହି ନଥିବା ବେଳେ ମୀନା ନିଜ ଦେହରେ କିରାସିନି ଢାଳି ପୋଡ଼ି ହୋଇଥିବା ପରିବାର ଲୋକେ କହିଛନ୍ତି। ପାରଳାଖେମୁଣ୍ଡି ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ। ଘଟଣାର ଅଧିକ ଅନୁଧ୍ୟାନ କରିବା ପାଇଁ ସାଇଣ୍ଟିଫିକ ଟିମର ସହାୟତା ଲୋଡ଼ା ଯାଇଥିବା ପୋଲିସ ସୂଚନା ଦେଇଛି। ମୃତ ମହିଳା ଜଣକ ଗତ ଫେବୃଆରୀ ୧୪ରେ ବିବାହ ହୋଇଥିଲେ। ମୃତକଙ୍କ ପରିବାରର ଅଭିଯୋଗ କ୍ରମେ ପାରଳାଖେମୁଣ୍ଡି ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ସ୍ୱାମୀଙ୍କୁ ଅଟକ ରଖିଛି। ଯୌତୁକ ଜନିତ କାରଣରୁ ମହିଳାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ମୃତକଙ୍କ ଦାଦା ବଳରାମ ବେହେରା। ପୋଲିସ ୧୫୨/୨୨ରେ ହତ୍ୟା ମାମଲା ରୁଜୁ କରିଛି।

## ପିଆର୍ ମେମ୍ବରଙ୍କ ସ୍କୁଲ ପରିଦର୍ଶନ

**ଫୁଲବାଣୀ ଅଫିସ, ୩୧।୭**

ଶିକ୍ଷାକୁ ସରକାର ଗୁରୁତ୍ୱ ଦେଉଛନ୍ତି । ଶିକ୍ଷାରେ ଭିତ୍ତିଭୂମି ବାଧକ ନ ହେବା ପାଇଁ ସରକାର ସ୍ମାର୍ଟ ସ୍କୁଲ କରିଛନ୍ତି । ସେଠାରେ କିପରି ପାଠପଢ଼ା ଚାଲିଛି ତାହାର ତଦାରଖ ଏବେ ପିଆର୍ ମେମ୍ବର ତଥା ସ୍ଥାନୀୟ ସରପଞ୍ଚମାନେ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷମାନେ କରୁଛନ୍ତି । ଏହି କ୍ରମରେ ଖଜୁରିପଡ଼ା ବ୍ଲକର ଦୂତୀପଡା, ପିରିକୁଡି ସ୍କୁଲ ବୁଲି ଦେଖି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି । ଏଥିସହ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି । ଏହି ଗସ୍ତରେ ଖଜୁରିପଡ଼ା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର, ବିଡିଓ ରବୀନ୍ଦ୍ର କହଁର, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ସନ୍ତୋଷିନୀ ସାହୁ, ପିଇଓ ମହେଶ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ । ଏହି ଅଭିଯାନକୁ ଅଭିଭାବକ ପ୍ରଶଂସା କରିଛନ୍ତି।

## ଜରାଜୀର୍ଣ୍ଣ କୋଠାରେ ଆଡାରି ପ୍ରାଥମିକ ବିଦ୍ୟାଳୟ



ଆଡାରି ପ୍ରାଥମିକ ବିଦ୍ୟାଳୟ।

**କୋଟଗଡ଼,୩୧।୭(ଡି.ଏନ.ଏ.)**

### କୋଟଗଡ଼ ବ୍ଲକ

କନ୍ଧମାଳ ଜିଲା କୋଟଗଡ ବ୍ଲକ ଅନ୍ତର୍ଗତ ମଧ୍ୟବର୍ତ୍ତୀ ଓରା ପଞ୍ଚାୟତ ଆଡାରୀ ପ୍ରାଥମିକ ବିଦ୍ୟାଳୟ ଜରାଜୀର୍ଣ୍ଣ କୋଠାରେ ଚାଲୁଛି। ଏହି ବିଦ୍ୟାଳୟରେ ପଢୁଛନ୍ତି ୩୧ ଛାତ୍ରୀଛାତ୍ର। ପଢ଼ାଉଛନ୍ତି ୨ ଜଣ ଶିକ୍ଷକ। ହେଲେ ଦୀର୍ଘ ବର୍ଷ ପରେ ମଧ୍ୟ ଉକ୍ତ ସ୍କୁଲ ବିକାଶର ସୂର୍ଯ୍ୟ ଦେଖିନାହିଁ। ଯେଉଁ କୋଠାରେ ପଢୁଛନ୍ତି ତାହା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସମସ୍ତେ ପଢିବେ, ସୁସ୍ଥ ପରିବେଶ ଭିତରେ ସମସ୍ତ ସୁବିଧା ଥାଇ ସ୍କୁଲ କୋଠା, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ସରକାର କରୁଥିବା ବେଳେ ଆଡାରି ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ଏହି ସବୁର ସମ୍ପୂର୍ଣ୍ଣ ବ୍ୟତିକ୍ରମ। ପିଲାଏ ଭଙ୍ଗା କୋଠା ତଳେ ମଶା ଡାଆଁସରେ ଇଟା ଉପରେ ବସି ପାଠ ପଢୁଥିବା ବେଳେ ସ୍କୁଲକୁ ଯିବାକୁ ଅଛି ଗୋଟିଏ ମାଟି ରାସ୍ତା। ଯେଉଁଠିକି ବର୍ଷା ଦିନେ ପିଲା କ'ଣ ଶିକ୍ଷକ ବି ଯିବାକୁ ଅମଙ୍ଗ ହେଉଛନ୍ତି। ସରକାର ସ୍ମାର୍ଟ ସ୍କୁଲ କରୁଥିବା ବେଳେ ଏହି ପିଲାଙ୍କ ଭବିଷ୍ୟତ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ କୋଟଗଡ ବିଡିଓଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ନିୟମିତ ଏହି ବିଦ୍ୟାଳୟ ରାସ୍ତା ଦେଇ ଯାଉଥିଲେ ମଧ୍ୟ ସମସ୍ୟା ପ୍ରତି କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଏହି ସମସ୍ୟା ସମାଧାନ ତୁରନ୍ତ କରା ନ ଗଲେ ଅଭିଭାବକ ସମୂହ ଏବଂ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବ୍ଲକ କଂଗ୍ରେସ ସଭାପତି ସରୋଜ ବେହେରାମାଝି ଚେତାବନୀ ଦେଇଛନ୍ତି।

## ସଂଯୁକ୍ତ କିଷାନ ମୋର୍ଚ୍ଚାର ଚକାଜାମ୍ ଆନ୍ଦୋଳନ

**ଭଞ୍ଜନଗର, ୩୧।୭(ଡି.ଏନ୍.ଏ)**

କେନ୍ଦ୍ର ସରକାର କୃଷକମାନଙ୍କ ପ୍ରତି କରୁଥିବା ବିଶ୍ୱାସଘାତକତା ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରବିବାର ଭଞ୍ଜନଗର ବସଷ୍ଟାଣ୍ଡରେ ଚକାଜାମ ଆନ୍ଦୋଳନ କରାଯାଇଛି। ଭାରତ କୃଷକ ସଭା, ଓଡିଶା କୃଷକ ସଭା, ଅଖିଳ ଭାରତ କ୍ଷେତ ମଜଦୁର କିଷାନ ସଭା ମିଳିତ ଭାବେ ଭାରତ ସଂଯୁକ୍ତ କିଷାନ ମୋର୍ଚ୍ଚାର ଡାକରାରେ ଏହି ଆନ୍ଦୋଳନ ହୋଇଥିଲା। ଅଖିଳ ଭାରତ କୃଷକ ସଭାର୍‌ର ପୂର୍ବତନ ଜିଲା ସଭାପତି ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ ନେତୃତ୍ୱ ନେଇଥିଲେ। ଅଖିଳ ଭାରତ କ୍ଷେତମଜଦୁର କିଷାନ ସଭାର ନିରାକାର ନାୟକ, ଓଡିଶା କୃଷକ ସଭାର ସ୍ଥାନୀୟ ଶ୍ରମିକ ନେତା ହରେକୃଷ୍ଣ ସାହୁ ଯୋଗଦେଇଥିଲେ।



ଆନ୍ଦୋଳନରତ କୃଷକ ।

## ଧରାକୋଟରେ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ଧରାକୋଟ,୩୧।୭(ଡି.ଏନ୍.ଏ.)**

ଧରାକୋଟରେ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ଘୁମୁସର ଜିଲା ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଦଳର ବରିଷ୍ଠ ନେତା ପ୍ରଦୀପ କୁମାର ପତ୍ରିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ରହି ୨୦୨୪ ମସିହାର ନିର୍ବାଚନ ପାଇଁ ବ୍ଲକସ୍ତରୀୟ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଆଲୋଚନା କରିଥିଲେ। ବୈଠକରେ କର୍ମୀମାନେ ଏକତ୍ରିତ ହୋଇ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁମନ୍ତ୍ର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ମାର୍କ ରଖିଥିବା ବ୍ଲକସ୍ତରର ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ବାଲ୍ମୀକିଶ୍ୱର ଅନାଥ ଆଶ୍ରମର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ସେଠାରେ ଚାରା ରୋପଣ କରାଯାଇଥିଲା। ସମ୍ମିଳନୀରେ ବରିଷ୍ଠ ନେତା ବିନାୟକ ତ୍ରିପାଠୀ, ଅରୁଣ ପଣ୍ଡା, ନାରାୟଣ ବେହେରା, ଦୁର୍ଗା ଚରଣ ପଟ୍ଟନାୟକ, ନୀଳମାଧବ ପାତ୍ର, ଗଦାଧର ସ୍ୱାଇଁ, ମାଧବ ଗୌଡ଼, ପ୍ରଶାନ୍ତ ଚର୍ଚି, ହରପ୍ରସାଦ ମହାନ୍ତି, ବିଜୟ ପଣ୍ଡା, ସୀମାଞ୍ଚଳ ପରିଡ଼ାଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।



ସମ୍ମିଳନୀରେ ମଞ୍ଚାସୀନ ନେତୃବୃନ୍ଦ

## କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ

**ଆର୍.ଉଦୟଗିରି,୩୧।୭(ଡି.ଏନ୍.ଏ.)**

ମୋହନା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆର୍. ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ପଞ୍ଚାୟତ କୁଶପଲିଠାରେ ରବିବାର କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁନ୍ନତ ଅଞ୍ଚଳରେ ସହରୀ ଶିକ୍ଷା ପ୍ରଦାନ ପାଇଁ ଦୁର୍ଗମ ଅଞ୍ଚଳର ଗରିବ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ସହ ଉନ୍ନତମାନର ଶିକ୍ଷା ନିମନ୍ତେ ବର୍ତ୍ତମାନ ସୁଦ୍ଧା ୬୦୦ ଛାତ୍ରାବାସ ନିର୍ମାଣ କରି ୬ ଲକ୍ଷ ଛାତ୍ରୀଛାତ୍ରଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଶିକ୍ଷା ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରିଥିଲେ।



କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ।

ଏଥିସହ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଓଡ଼ିଶାର ଜଣେ ଆଦିବାସୀ ମହିଳାଙ୍କୁ ଦେଶର ପ୍ରଥମ ନାଗରିକ ରୂପେ ସର୍ବୋଚ୍ଚ ଆସନରେ ବସାଇ ଦେଶର ଟେକ ସହ ଆଦିବାସୀଙ୍କ ସମ୍ମାନ ରଖି ଲୋକଙ୍କ ମନ ଜିଣିଥିବା ବକ୍ତବ୍ୟରେ କହିଥିଲେ। ତତ୍ ସଙ୍ଗେସଙ୍ଗେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ନିଜ ନିର୍ବାଚନମଣ୍ଡଳୀ ମୋହନାର ମହେନ୍ଦ୍ରଗଡ଼ଠାରେ ୧୭ କୋଟି ଟଙ୍କା ବ୍ୟୟରେ କଳିଙ୍ଗ ଆଦର୍ଶ ବିଦ୍ୟାଳୟ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ଜିଲାପାଳଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀଙ୍କ ସମେତ ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଜିଲାପାଳ, ଆର.ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଜିଲା ପରିଷଦ ସଭ୍ୟ ଯମୁନା ଦଳବେହେରା, ସାଂସଦ ପ୍ରତିନିଧି ଜଗବନ୍ଧୁ ଦାସ, ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ସୁନୀଲ ବିଷୋୟୀଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ଜିଲାର ସମସ୍ତ ବ୍ଲକ ଅଧ୍ୟକ୍ଷଙ୍କ ସମେତ ଓଡ଼ିଶା ଖଦି ବୋର୍ଡ ଅଧ୍ୟକ୍ଷ ପୃଥ୍ୱୀରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମନ୍ତ୍ରୀ ଏବଂ ଏମ୍‌ପି ଦୁହେଁ ମୋହନା, ଅଡ଼ବା ଏବଂ ଲୁହାଗୁଡିଠାରେ ହାଇମାଷ୍ଟ ଲାଇଟ୍‌ଗୁଡିକୁ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହିସବୁ କାର୍ଯ୍ୟକ୍ରମରେ ବ୍ଲକ ଅଧିକାରୀମାନେ ସହଯୋଗ କରିଥିଲେ।